Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୨ ଶ
ସଂ ୨୦ ସଂଖ୍ୟା

ତା ୧୯ ଋଷ ମାହେ ମଇ ସନ ୧୮୭୭ ମସିହା । ମୂ । ଜ୍ୟେଷ୍ଠ ବ ୮ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଇଁ ଡାକମାସୁଲ ଟ୧।୵

ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ବଙ୍ଗଳାଗବର୍ଣ୍ଣମେଣ୍ଟଙ୍କୁ ଖାଲ ପ୍ରଭୃତିର ହିସାବସମ୍ବନ୍ଧୀୟ ଯେଉଁ ପତ୍ରଖଣ୍ଡିଏ ଲେଖିଥିଲେ ତାହା ଗତଥର ଇଣ୍ଡିଆ ଗେଜେଟରେ ପ୍ରକାଶିତ ହୋଇଅଛି ଅମ୍ଭେମାନେ ସେହି ହିସାବଟିକୁ ତଳେ ପ୍ରକାଶିତ କଲୁଁ ।

ଖାଲ କଟାଇବାନିମିତ୍ତ ଖର୍ଚ୍ଚ ।

| | ୧୮୬୫-୬୬ | ୧୮୬୬-୬୭ | ୧୮୬୭-୬୮ |
|---|---|---|---|
| ନିୟମିତ | ୧୪୬୪୦୦୦ | ୧୫୪୫୦୦୦ | ୧୫୪୫୦୦୦ |
| ଅତିରିକ୍ତ | ୩୯୨୧୨୦୦୦ | ୪୩୦୧୨୦୦୦ | ୪୫୬୭୨୦୦୦ |
| ଖାଲନିମିତ୍ତ ଭୂମି କ୍ରୟ | ୫୧୦୦୦ | ୫୧୦୦୦ | ୫୧୦୦୦ |
| ମୋଟ | ୪୦୬୨୨୬୦୦୦ | ୪୪୬୦୮୦୦୦ | ୪୬୩୫୮୦୦୦ |

ଷ୍ଟେଟ ରେଲଓଏ ନିମିତ୍ତ ଖର୍ଚ୍ଚ ।

| | | | |
|---|---|---|---|
| ନିୟମିତ | ୭,୬୦,୦୦୦ | ୬,୭୮,୦୦୦ | ୮,୪୭,୦୦୦ |
| ଅତିରିକ୍ତ | ୧୬୧୬୦୦୦ | ୧୨୧୧୯୫୦୦୦ | ୫୪୦୦୦ |
| ମୋଟ | ୧୦୩୭୭୦୦୦ | ୧୭୨୭୩୦୦୦ | ୨୦୨୦୦୦୦ |

କେବଳ ଖାଲ କଟାଇବାର ଖର୍ଚ୍ଚ ସୁଧସହିତ ୨୨,୧୯,୦୦୦ ଟଙ୍କା । ଷ୍ଟେଟ ରେଲଓଏୟେ ୮, ପାଇଁ ଋଣ ହୋଇଥିବା ଟଙ୍କାର ସୁଧ ୨୧,୦୦୦ ଟଙ୍କା । ପଣ୍ୟଦ୍ରବ୍ୟାଦି ଘେନି ଯିବା ହିସାବଦ୍ୱାରା ପ୍ରାପ୍ତ ୨,୩୬,୦୦୦ ଟଙ୍କା ବାଦ ଯାଇ ଷ୍ଟେଟ ରେଲଓଏୟେ ପାଇଁ ଗବର୍ଣ୍ଣମେଣ୍ଟଙ୍କର ଖର୍ଚ୍ଚ ଟ ୫,୨୮,୦୦୦ ଙ୍କା । ଖାଲ କଟାଇବାର ଖର୍ଚ୍ଚ ସୁଧ ସହିତ ଓ ଷ୍ଟେଟ ରେଲଓଏୟେ ନିମିତ୍ତ ଖର୍ଚ୍ଚ ସୁଧ ସହିତ ମୋଟ ଟ ୨୭,୪୭,୦୦୦ ଙ୍କା ଏହି ଟଙ୍କା ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କର ଦେୟ ଅଟଇ । ଏହି ଦେୟ ଟଙ୍କା ନିମନ୍ତେ ନୂତନ ସେସ୍ ବଲ ଜାରି ହୋଇଅଛି । ନୂତନ ସେସ୍ ସଂସ୍ଥାପନଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଆନୁମାନିକ ତେରଶ ଲକ୍ଷ ଟଙ୍କା ଆୟ ହେବାର ସମ୍ଭାବନା ଅଛି ।

---

ଶ୍ରୀଯୁକ୍ତ ଟୈଏନବୀସାହେବଙ୍କ କର୍ମରେ ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ନର୍ମାନସାହେବ ନିଯୁକ୍ତ ହୋଇଥିବାର ସଂବାଦ ଗତସପ୍ତାହର କଲିକତା ଗେଜେଟରେ ବାହାରି ଥିଲା । ମାତ୍ର ତାହାଙ୍କର ଆସିବାର ହେଲା ନାହିଁ ଶୁଣାଯାଏ ଯେ ସେ ଏଠାକୁ ଆସିବାକୁ ଅନିଚ୍ଛୁକ ହେଲେ । ସମ୍ପ୍ରତି ଅମ୍ଭେମାନେ ଅବଗତ ହେଲୁ ଯେ ଏଚ୍, ଏସ୍, ବିଡଲସାହେବ କଟକର ମାଜିଷ୍ଟ୍ରେଟ କଲେକ୍ଟର ପଦରେ ନିଯୁକ୍ତ ହୋଇ ଆସୁଅଛନ୍ତି ଓ ଆଗାମୀ ସୋମବାର ଏଠାରେ ପ୍ରବେଶ ହେବେ । ଏ ମହାଶୟ ଜଣେ ବି, ଏ, ଉପାଧିଧାରୀ ଅଟନ୍ତି ଏବଂ ମେଦନୀପୁର ଜିଲାର ବନ୍ଦୋବସ୍ତ କର୍ମରେ ନିଯୁକ୍ତ ଥିଲେ । ଏକ ସମୟରେ ଏ ମହାଶୟ ବଙ୍ଗଳା ଗବର୍ଣ୍ଣମେଣ୍ଟର ସାନ ସେକ୍ରେଟରୀ ହୋଇଥିଲେ । ଏଥିରୁ ବୋଧ ହୁଅଇ ଲୋକଟି ବିଚକ୍ଷଣ ହେବେ । ନର୍ମାନସାହେବଙ୍କ ବଦଳ ସଂବାଦ ଶୁଣି ଉତ୍କଳଦର୍ପଣ ବଡ଼ ଦୁଃଖିତ ହୋଇଥିଲେ ମାତ୍ର ବାଲେଶ୍ୱରର ସୌଭାଗ୍ୟକୁ ତାହାଙ୍କର ସେଠାରେ ରହିବାର ହେଲା ।

ଶ୍ରୀଯୁକ୍ତ ଟୈଏନବୀସାହେବଙ୍କୁ ଯେପରି ବିଶେଷ କାର୍ଯ୍ୟରେ ଗବର୍ଣ୍ଣମେଣ୍ଟ ପଠାଉଅଛନ୍ତି ତାହା ୫।୬ ମାସର ଊଣାରେ ସମ୍ପୂର୍ଣ୍ଣ ହେବାର ବୋଧ ହେଉ ନାହିଁ ଓ ଏତେ ଦୀର୍ଘକାଳ ଉତ୍ତାରୁ ଏ ମହାଶୟ ପୁନର୍ବାର ଏଠାର କଲେକ୍ଟର ହେବେ ଏଥିର ଅଳ୍ପ ସମ୍ଭାବନା ଦେଖାଯାଏ । ଏ ଘଟନା ଅତି ଶୋଚନୀୟ ଅଟଇ କାରଣ ଏଞ୍ଚଳ ଲୋକଙ୍କର ଏକାନ୍ତ ବାସନା ଯେ ସେ ପୁନର୍ବାର ଏଠାର ଭାର ଗ୍ରହଣ କରନ୍ତେ ଓ ସେ ବାସନା ପୂର୍ଣ୍ଣ ହେଲେ ବଡ଼ ସୁଖର ବିଷୟ ହେବ ।

---

ସମ୍ପ୍ରତି ରୁଷିୟା ଓ ତୁରଷ୍କ ଦେଶର ଯୁଦ୍ଧାର୍ଥ ପ୍ରସ୍ତୁତ ସୈନ୍ୟ ସଂଖ୍ୟାର ଯେରୂପ ବିବରଣ ଆସିଅଛି, ନିମ୍ନେ ତାହା ପ୍ରକଟିତ କରାଗଲା ।

ଇଉରୋପର ଯୁଦ୍ଧକ୍ଷେତ୍ରରେ ରୁଷୀୟ ସୈନ୍ୟ ।

ସୈନ୍ୟାଧ୍ୟକ୍ଷ ଗ୍ରାଣ୍ଡଡ୍ୟୁକ ନିକସାଲ ।

ଗ୍ୟୁରପୁଞ୍ଜ ସୈନ୍ୟ ପ୍ରତ୍ୟେକ ଦଳରେ

| | |
|---|---|
| ପଦାତିକ .. .. .. | ୨୮୦୦୦ |
| ଅଶ୍ୱାରୋହୀ .. ... .. | ୨୫୦୦ |
| ଆର୍ଟିଲରି ବା ଗୋଲନ୍ଦାଜ .. | ୨୦୦୦ |
| ତୋପ ୧୦୮ | |
| | ୩୨,୫୦୦ |
| ଗ୍ୟୁରପଞ୍ଚାରେ .. ... | ୧,୩୦,୦୦୦ |

ଏହାଭିନ୍ନ ବନ୍ଧୁକଧାରୀ, କସାକ ରେଜିମେଣ୍ଟ ମାଉଣ୍ଟେନ୍ ବ୍ୟା-

Digitized by srujanika@gmail.com

| | |
|---|---|
| ଟାର ପ୍ରଭୃତିରେ .. .. .. | ୬୮୦୦୦ |
| ଟରପିଡୋରସହିତ ତୋପସୈନ୍ୟ | ୨୦୦୦ |
| ମୋଟ .. .. | ୭୦,୦୦୦ |
| ତୋପ ୪୬୪ | |
| ଯାନ | ୪୦୦୦ |

ଉପକୂଳସ୍ଥ ସୈନ୍ୟ--ଓଡେସାରେ ଦଫାଏ ଏବଂ ଆକରମାନରେ ଦଫାଏ ।

ଦକ୍ଷିଣଭାଗରେ ରିଜାର୍ଭ ଅର୍ଥାତ୍ ମୌଜୁଦ ସୈନ୍ୟ ତିନିପଞ୍ଜା ।

ବର୍ତ୍ତମାନ ଯୁଦ୍ଧରେ ଇଉରୋପରେ ରୁଷିଆର ତିନିଲକ୍ଷରୁ ଅଧିକ ସୈନ୍ୟ ନିଯୁକ୍ତ ହୋଇଅଛନ୍ତି । ତଭିନ୍ନ ଆଶିଆରେ ମଧ୍ୟ ତାହାଙ୍କର ଲକ୍ଷେ ସୈନ୍ୟ ଯୁଦ୍ଧାର୍ଥ ପ୍ରସ୍ତୁତ ଅଛନ୍ତି ।

ଏହା ଭିନ୍ନ ରୁଷିଆର ନାନାସ୍ଥାନରେ ଆହୁର ସୈନ୍ୟ ଅଛନ୍ତି । ପ୍ରୟୋଜନ ହେଲେ ସେମାନେ ଯୁଦ୍ଧରେ ନିଯୁକ୍ତ ହେବେ ।

ତୁରୁଷ୍କର ମଧ୍ୟ ସମାନ ସଂଖ୍ୟକ ସୈନ୍ୟ ପ୍ରସ୍ତୁତ ଅଛନ୍ତି ।

ସୈନ୍ୟାଧ୍ୟକ୍ଷ ଅବଦୁଲକରିମ ପାଶା ।

| | |
|---|---|
| ୭ ପଞ୍ଜା ପଦାତି | ୧,୨୦,୦୦୦ |
| ଅଶ୍ୱାରୋହୀ ୨୫ ରେଜିମେଣ୍ଟ | ୧୮,୦୦୦ |
| ଗୋଲନ୍ଦାଜ | ୯,୦୦୦ |
| ତୋପ ୫୪୦ | |
| ମୋଟ | ୧,୫୨,୦୦୦ |
| ମଉଜୁଦ ଥିବା ସୈନ୍ୟ ଅନୁମାନିକ | ୧,୫୦,୦୦୦ |
| ମୋଟ ଯୋଦ୍ଧା | ୩,୦୦,୦୦୦ |
| ଇରେଗୁଲର ବଶୀବାଦକ ପ୍ରଭୃତି | ୧,୦୦,୦୦୦ |
| ଇଜିପ୍ଟ ଏବଂ ଟିଉନିସରୁ | ୩୦,୦୦୦ |
| ମୋଟ | ୧,୩୦,୦୦୦ |
| ଏସିଆରେ | ୭୦,୦୦୦ |
| ତୋପ ୧୫୦ | |

---

ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ଯେ ଶ୍ରୀଯୁକ୍ତ ଟଏନବୀସାହେବ ଜଳକର ସମ୍ପର୍କରେ ବିଶେଷ ଅନୁସନ୍ଧାନ କରିବାନିମିତ୍ତ ନିଯୁକ୍ତ ହୋଇଅଛନ୍ତି । ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାରୁ ଜଣାଗଲା ଯେ ସାହେବପ୍ରଶଂସିତ ଶ୍ରୀଯୁକ୍ତ ରେବନସାସାହେବଙ୍କ ଅଧୀନରେ ଉକ୍ତ ବିଶେଷ ଅନୁସନ୍ଧାନ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ଏବଂ ଅନୁକ୍ଷଣେ ତାହାଙ୍କ ସହିତ ଚିଠୀପତ୍ର ଦ୍ୱାରା ସମ୍ପୂର୍ଣ୍ଣ ଯୋଗ ରଖି କର୍ମ କରିବେ । ଶ୍ରୀଯୁକ୍ତ ରେବନସା ସାହେବଙ୍କ ପ୍ରସ୍ତାବମତେ ତଲଲିଖିତ ବିଷୟମାନଙ୍କରେ ଅନୁସନ୍ଧାନ କରିବା ନିକାଶେ ଶ୍ରୀଯୁକ୍ତ ଟଏନବୀସାହେବଙ୍କୁ ଗବର୍ଣ୍ଣମେଣ୍ଟରୁ ଆଦେଶ ହୋଇଅଛି । ଯଥା;—

୧ । ଏକାକସମର ଜମି ମଧ୍ୟରେ ନାଲଜଳ ମଡା ହୋଇ ନ ଥିବା ଜମି ଅପେକ୍ଷା ନାଲଜଳ ମଡା ହୋଇଥିବା ଜମିରେ ଉତ୍ପନ୍ନ ହୋଇଥିବା ଫସଲର ମୂଲ୍ୟ କେତେ ଅଧିକ ହୋଇଅଛି ତହିଁର ଠିକ ଅନୁମାନ କରିବାକୁ ହେବ ।

୨ । ଜଳସେଚନ କାର୍ଯ୍ୟ ନିର୍ମାଣ ହୋଇଥିବା ଦେଶଖଣ୍ଡର ଭିନ୍ନ୨ ଅଂଶରେ କ୍ଷେତ ମଧ୍ୟଦେଇ ଯେଉଁ ମାହାଗ କଟାଯିବ ତହିଁର ଆନୁମାନିକ ବ୍ୟୟ କେତେ ପଡିବ । ସାଧାରଣ ଅବସ୍ଥାରେ ମାହାଲ ଓ ଯୋତର ଆୟତନ ଦୃଷ୍ଟିରେ ଏକ୨ ସ୍ଥଳରେ ଜମିଦାର ଓ ପ୍ରଜାମାନେ ଯେଉଁ ମାହାଗମାନ ନିର୍ମାଣ କରିବେ ତହିଁର ହାରହାରି ଲମ୍ବା କେତେ ହେବ ତାହା ଯଥାସମ୍ଭବ ସ୍ଥିର କରିବାକୁ ହେବ ।

୩ । ବର୍ତ୍ତମାନ କ୍ଷେତରେ ଜଳ ଦେବାନିକାଶେ ଯେ ସମସ୍ତ ସ୍ଥାନୀୟ ଉପାୟମାନ ଯଥା ପୋଖରୀ, କୂଅ, ଜଳଭଣ୍ଡାର ଇତ୍ୟାଦି ଅଛି ସେ ସମସ୍ତଦ୍ୱାରା କିପରିମାଣରେ ଦୁର୍ଭିକ୍ଷ ନିବାରଣ ହୋଇପାରେ ବୁଝିବାକୁ ହେବ ଏବଂ ନାଲସମ୍ପର୍କୀୟ ବନ୍ଧମାନ କ୍ଷେତ ରକ୍ଷା ନିକାଶେ ପ୍ରଚୁର ଥିବା ବିଷୟ ମଧ୍ୟ ଅନୁସନ୍ଧାନ କରିବାକୁ ହେବ ।

୪ । କ୍ଷେତ ଓ ଗ୍ରାମର ମାହାଗମାନ ସ୍ଥାନୀୟ ରୀତିକୁ ଅନୁସରି କିପ୍ରକାରରେ ଜମିଦାର ଓ ପ୍ରଜାଙ୍କଦ୍ୱାରା ପୃଥକ୍ ବା ଐକ୍ୟରୂପେ ନିର୍ମାଣ ହେବ ଏଥିର ପ୍ରସ୍ତାବ କରିବାକୁ ହେବ ଏବଂ ଗ୍ରାମ୍ୟମାହାଗର ମାଲିକ ତହିଁର ବ୍ୟବହାର ନିମିତ୍ତ ଖଜଣା ବସାଇ ପାରିବାର ଗୋଟିଏ ଶୃଙ୍ଖଳା ମଧ୍ୟ ପ୍ରସ୍ତାବ କରିବାକୁ ହେବ । ଏପ୍ରକାର ମାହାଗମାନ ପ୍ରସ୍ତୁତ କରିବାକୁ କେତେଦିନ ଲାଗିବ ତାହାମଧ୍ୟ ସ୍ଥିର କରିବାକୁ ହେବ ।

୫ । ଭିନ୍ନ୨ ରୀତିରେ କର ଧାର୍ଯ୍ୟ ହୋଇ ପାରିବା ବିଷୟରେ କଛି ସମ୍ବାଦ ପ୍ରାପ୍ତ ହୋଇ ପାରେ କି ନା ତହିଁର ବିଚାର ହେବେ ଓ ଯେବେ ତାହା ହୁଅଇ ତେବେ ମାଣପ୍ରତି ଏକସମାନ ହାର ଦୁଇଟଙ୍କା ସମାନରେ ନାନା କିସମର ଜମି ଉପରେ କର ବସାଇଲେ କେତେ ହେବ ଓ ନାନାପ୍ରକାର ଫସଲ ଉପରେ କର ବସାଇଲେ କେତେ ହେବ ।

୬ । ପ୍ରଜାମାନେ ଜମିଦାରକୁ କେଉଁ ସମୟରେ ଏବଂ ଜମିଦାର ଗବର୍ଣ୍ଣମେଣ୍ଟଙ୍କୁ କେଉଁ ସମୟରେ କର ଦେଲେ ସୁବିଧା ହେବ ।

୭ । ସ୍ଥାନୀୟ କର୍ମଚାରୀଙ୍କ ସଙ୍ଗେ ପରାମର୍ଶ କରି ଜମିଦାରଙ୍କ ଦାଖଲକିଆ ତାଲିକାସମସ୍ତର ଶୁଦ୍ଧତା ଜାଣିବାର ଗୋଟିଏ ଉପାୟ ସ୍ଥିର କରିବାକୁ ହେବ ।

ଉପରଲିଖିତ କଥାମାନ ବାହୁଲ୍ୟରୂପେ ଲେଖିବାର ଉଦ୍ଦେଶ୍ୟ ଏହି ଯେ ଜମିଦାର ଓ ପ୍ରଜାମାନେ ଏଥିରୁ ସମ୍ପୂର୍ଣ୍ଣରୂପେ ଅବଗତ ହୋଇ ଶ୍ରୀଯୁକ୍ତ ଟଏନବୀ ସାହେବଙ୍କ ସହିତ ଏହିସମସ୍ତ ବିଷୟରେ ତର୍କ ବିତର୍କ କରିବାକୁ ସକ୍ଷମ ହେବେ । ଆମ୍ଭେମାନେ ଜମିଦାରମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଆପଣା ଜମିଦାରୀର ଅବସ୍ଥା ଦୃଷ୍ଟିରେ ଏସମସ୍ତ ବିଷୟରେ ପ୍ରକୃତ ଯାହା ଜାଣିଅଛନ୍ତି ଅଥବା ଅନୁଭବ କରିପାରନ୍ତି ତାହା ସାହେବ ପ୍ରଶଂସିତଙ୍କର ଜ୍ଞାତସାରରେ ଆଣନ୍ତୁ ଓ ଆପଣା୨ ସମ୍ପୂର୍ଣ୍ଣ ମତାମତ ତାହାଙ୍କ ନିକଟରେ ପ୍ରକାଶ କରନ୍ତୁ ତାହା ହେଲେ ସେମାନଙ୍କର କୌଣସି ବିଷୟରେ ମନୋଦୁଃଖ ରହିବ ନାହିଁ ଏବଂ ଟଏନବୀ ସାହେବ ଯେପ୍ରକାର ନ୍ୟାୟ ଓ ଦୟାସହିତ ପ୍ରଜାଙ୍କ ସହିତ ବ୍ୟବହାର କରୁଅଛନ୍ତି ତହିଁରୁ ସମସ୍ତଙ୍କର ହୃଦୟଙ୍ଗମ ହୋଇପାରିବ ଯେ ତାହାଙ୍କର ଯଥାର୍ଥ ଆପତ୍ତିମାନ ସେ ଆଦରପୂର୍ବକ ଶୁଣି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ଓ ତଦ୍ୱାରା ସେମାନଙ୍କର ଅବଶ୍ୟ ମଙ୍ଗଳ ହେବ ।

---

## ବିଦ୍ୟାଳୟର ବାର୍ଷିକ ପାରିତୋଷିକ ଦାନ ସଭା ।

ଗତ ଶନିବାର କଟକ କଲେଜର ବାର୍ଷିକ ପାରିତୋଷିକ ବିତରଣ ଉପଲକ୍ଷରେ ସଭା ହୋଇଥିଲା ଓ ଆମ୍ଭମାନଙ୍କ ନୂତନ କମିଶନର ଶ୍ରୀଯୁକ୍ତ ଟାମସ୍ ସାହେବ ସଭାପତି ହୋଇ ସଭାର କାର୍ଯ୍ୟ ନିର୍ବାହ କରିଥିଲେ । ଦର୍ଶକମଣ୍ଡଳୀ ମଧ୍ୟରେ ଦୁଇ ତିନିଜଣ ଇଂରାଜ ଏବଂ ୧୫।୧୬ ଜଣ ଦେଶୀୟ ଭଦ୍ରଲୋକ ଥିଲେ । ଶ୍ରୀଯୁକ୍ତ ଏଜର ସାହେବ ପ୍ରିନ୍ସିପଲ ସଂକ୍ଷେପରେ ବିଦ୍ୟାଳୟର ଅବସ୍ଥା ଜଣାଇ କହିଲେ ଯେ ଗତ ବର୍ଷରେ ଛାତ୍ରସଂଖ୍ୟା ଅନେକ ବୃଦ୍ଧି ହୋଇ ଡ ୩୦୦ ଶରୁ ଅଧିକ ହୋଇଅଛି ଓ ସ୍କୁଲଫିସ ଜରିମାନା ଇତ୍ୟାଦିରେ ପ୍ରାୟ ପାଞ୍ଚହଜାର ଟଙ୍କା ଆୟ ହୋଇଅଛି ଏପ୍ରକାର ଆୟ ହେବାରୁ

Digitized by srujanika@gmail.com

ଅନୁମାନ ହୁଅଇ ଅଳ୍ପଦିନରେ ଏ ବିଦ୍ୟାଳୟର ଆୟରୁ ଏଥିର ଖର୍ଚ୍ଚ ଚଳିବ ଗବର୍ଣ୍ଣମେଣ୍ଟଙ୍କୁ କିଛି ଦେବାକୁ ପଡ଼ିବ ନାହିଁ । ପରୀକ୍ଷାର ଫଳ ସମ୍ପର୍କରେ ସେ କହିଲେ କି ଫାଷ୍ଟଆର୍ଟସ ପରୀକ୍ଷା ସକାଶେ ପାଞ୍ଚଜଣ ବାହାରିଥିଲେ ଦୁଇଜଣ ଉତ୍ତୀର୍ଣ୍ଣ ହେଲେ ଆଉ ଦୁଇଜଣ ସାହିତ୍ୟ ଓ ଗଣିତ ବିଦ୍ୟାରେ ଭଲ ପରୀକ୍ଷା ଦେଇଥିଲେ ଅନ୍ୟ ଶାଖାରେ ଅପାରଗ ହେବାରୁ ଉତ୍ତୀର୍ଣ୍ଣ ହେଲେ ନାହିଁ ସୁତରାଂ ଦୁଇ ପ୍ରଧାନ ଶାଖାରେ ଭଲ ଶିକ୍ଷା ହୋଇଥିବାରୁ ଶିକ୍ଷାର ଫଳ ସନ୍ତୋଷଜନକ ବୋଲିବାକୁ ହେବ । ପ୍ରବେଶିକା ପରୀକ୍ଷାର ଫଳ ଅତ୍ୟୁତ୍ତମ ହୋଇଥିଲା ଏବଂ ସ୍କୁଲ ଡିପାର୍ଟମେଣ୍ଟ ଅନ୍ୟାନ୍ୟ ଶ୍ରେଣୀର ପରୀକ୍ଷା ମଧ୍ୟ ଭଲ ହୋଇଥିବାରୁ ଶିକ୍ଷକମାନେ ସମସ୍ତେ ଆପଣା୨ କାର୍ଯ୍ୟ ଉତ୍ତମ କରୁଅଛନ୍ତି ଅବଶ୍ୟ ସ୍ୱୀକାର କରିବାକୁ ହେବ ।

ଶ୍ରୀ ଏଜରସାହେବଙ୍କ କଥା ଶେଷ ହୁଅନ୍ତେ ଶ୍ରୀଯୁକ୍ତ ସଭାପତି ଗୋଟିଏ୨ ବାଳକକୁ ଆପଣା ନିକଟକୁ ଡାକି ସ୍ୱହସ୍ତରେ ପାରିତୋଷିକ ବଣ୍ଟନ କଲେ । ଏ କାର୍ଯ୍ୟ ଶେଷ ହେଲା ଉତ୍ତାରୁ ଫାରସୀ, ଉର୍ଦ୍ଦୁ, ବଙ୍ଗଳା, ଓଡ଼ିଆ ଓ ଇଂରାଜୀ ଏରୂପ ପାଞ୍ଚଭାଷାରେ କେତେଜଣ ଛାତ୍ର ପୂର୍ବରୁ ମୁଖସ୍ଥ କରିଥିବା କବିତାମାନ ପଢ଼ି ଶୁଣାଇଲେ ଏଥିରେ ପୂର୍ବେ ଯେମନ୍ତ ଦର୍ଶକମାନଙ୍କ କୌତୁକ ହେଉଥିଲା ତେମନ୍ତ ହୋଇ ନାହିଁ ଓ ବୋଧ ହୁଅଇ ତାହା ଶିକ୍ଷକମାନଙ୍କ ଅନବଧାନତା ହେତୁରୁ ହୋଇଥିବ ।

ପରଶେଷରେ ସଭାପତି ମହାଶୟ ଗାତ୍ରୋତ୍ଥାନ କରି ବକ୍ତୃତା କଲେ । ଏ ବକ୍ତୃତାଟି ଶୁଣିବାକୁ ସୁଖ ଲାଗିଥିଲା କାରଣ ସାହେବ ପ୍ରଶଂସିତ ଲକ୍ଷଣ ଇଂରାଜୀ ଭାଷାରେ ସମ- ଏମନ୍ତ ପରିଷ୍କାର କରି କହିଥିଲେ ଯେ ସମବେତ ହୋଇଥିବା ସମସ୍ତଲୋକ ତାହା ଶୁଣି ବୁଝି ପାରିଥିଲେ ବକ୍ତୃତାର ଭାବ ଏହି ଯେ ଛାତ୍ରମାନେ ବିଦ୍ୟା ଶିଖି କେବଳ ଚାକିରୀ ଲୋଡ଼ନ୍ତି ଆଉ କିଛି କରନ୍ତି ନାହିଁ । ଏତେ ଲୋକଙ୍କୁ ଚାକିରୀ ଦେବା ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ଅସମ୍ଭବ ଅଟଇ ଛାତ୍ରମାନେ ଚାକିରିର ଆଶା ନ କରି ବିଦ୍ୟାଲାଭ କରି ଆପଣା ମଧ୍ୟରେ ଐକ୍ୟତା ସ୍ଥାପନ କରନ୍ତୁ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ଐକ୍ୟତାର ଭାରି ଅଭାବ ଦେଖାଯାଏ । ପ୍ରତ୍ୟେକ ଛାତ୍ର ଯେବେ ସ୍କୁଲରେ ଶିକ୍ଷା ଲାଭ କରି ଆପଣା୨ ଗ୍ରାମକୁ ଫେରି ଯାଇ ଆପଣା ପୈତୃକ ବ୍ୟବସାୟ ବା ଜମିଦାରୀ ବୁଝିବା କାର୍ଯ୍ୟରେ ନିଯୁକ୍ତ ହେବେ ଏବଂ ଆପଣାର ଉଚ୍ଚ ଶିକ୍ଷାର ଫଳ ଆପଣା ପ୍ରତିବାସୀଙ୍କୁ ଦେଖାଇ ସେମାନଙ୍କ ଆଦରର ପାତ୍ର ହେବେ ତାହା ହେଲେ ସେମାନଙ୍କ ଶିକ୍ଷାଦ୍ୱାରା ଦେଶର ଉନ୍ନତି ହେବ କେବଳ ଚାକିରିକୁ ଚାହିଁ ବସିଲେ କିଛି ହେବ ନାହିଁ । ବର୍ତ୍ତମାନ ଛାତ୍ରଙ୍କ ବ୍ୟବହାର ଦେଖି ସ୍ପଷ୍ଟ ଜଣାଯାଏ ଯେ ଏମାନେ କେବଳ ଚାକିରୀ ପାଇବା ଆଶାରେ ଶିକ୍ଷା ଲାଭ କରନ୍ତି ନୋହିଲେ କେବଳ ବିଦ୍ୟାଲାଭ ସକାଶେ ଏମାନେ ଶିକ୍ଷା କରନ୍ତି ନାହିଁ । ଛାତ୍ରମାନଙ୍କର ଏ ଗୋଟିଏ ମହତ ଦୋଷ ଅଟଇ ତାହା ଜଣାଇ ଦିଆଗଲାବୋଲି ସେମାନେ ବିରକ୍ତ ହେବେ ନାହିଁ କାରଣ ସେମାନଙ୍କୁ ଜାଣିବାର ଉଚିତ ଯେ ଯେଉଁ ବ୍ୟକ୍ତି ଦୋଷ ଦେଖାଇ ଦିଅଇ ସେ ପରମବନ୍ଧୁ ଅଟଇ । ଛାତ୍ରମାନଙ୍କର ଆଉ ଗୋଟିଏ ଦୋଷ ଏହି ଯେ ଇଂରାଜୀଭାଷା ଏମାନେ ଭଲରୂପେ ଶିକ୍ଷା କରନ୍ତି ନାହିଁ । ପ୍ରକୃତ ଇଂରାଜ ମୁଖରେ ଯେମନ୍ତ ଇଂରାଜୀଭାଷା ଉଚ୍ଚାରିତ ହୁଅଇ ଛାତ୍ରମାନେ ସେରୂପ ଉଚ୍ଚାରଣ କରି ପାରନ୍ତି ନାହିଁ ଓ ସେମାନଙ୍କର ଘରୁଆଭାଷା ବୁଝିପାରନ୍ତି ନାହିଁ । ଛାତ୍ରମାନେ ଇଂରାଜୀଭାଷାକୁ ବଙ୍ଗଳା ରୀତିରେ ଉଚ୍ଚାରଣ କରନ୍ତି । ଏ ଦୋଷଟି ତ୍ୟାଗ କରିବା ସକାଶେ ଛାତ୍ରଙ୍କର ବିଶେଷ ମନୋଯୋଗୀ ହେବାର ଉଚିତ ।

ବକ୍ତୃତା ଶେଷ ହେଲାରୁ ସଭା ଭଙ୍ଗ ହେଲା ଓ ସଭାପତିଙ୍କ ମତ ଘେନି ଦର୍ଶକଙ୍କ ମଧ୍ୟରେ ପଶ୍ଚାତ କେତେକ ତର୍କବିତର୍କ ହୋଇଥିଲା ତହିଁରୁ ଜଣାଗଲା ଯେ ସଭାପତିଙ୍କ ମତରେ ଅନେକ ଲୋକ ଐକ୍ୟ ହୋଇ ନାହାନ୍ତି । ଆମ୍ଭେମାନେ ଅବକାଶମତେ ଏ ବିଷୟରେ କିଛି କହିବୁଁ ।

ଗତ ମଙ୍ଗଳବାର କଟକ ନର୍ମ୍ମାଲସ୍କୁଲର ବାର୍ଷିକ ପାରିତୋଷିକ ଦାନ ହୋଇଥିଲା । ସଭାପତି ଓ ଦର୍ଶକମଣ୍ଡଳୀ ଉପରଲିଖିତ ପ୍ରାୟ ଥିଲେ ଓ ଏ ସେହି ଶୃଙ୍ଖଳାରେ ସବୁକାର୍ଯ୍ୟ ଚାଲିଥିଲା ଗୋଟିଏ ଓଡ଼ିଆ ଓ ଗୋଟିଏ ଉର୍ଦ୍ଦୁ ଭାଷାରେ ନବରଚିତ କବିତା ପାଠ ହୋଇଥିଲା ଉଭୟରେ ବମ୍ସସାହେବଙ୍କ ପ୍ରଶଂସା ଥିଲେହେଁ ଉର୍ଦ୍ଦୁ କବିତାଟି ନିତାନ୍ତ ଖୋସାମଦ ପୂର୍ଣ୍ଣ ଥିବାରୁ ସଭାପତି ବିରକ୍ତ ହୋଇ ତାହା ପାଠ କରିବାକୁ ନିଷେଧ କଲେ ଓ ଛାତ୍ରମାନଙ୍କୁ ପିଲାଦିନରୁ ଖୋସାମଦିଆ କଥା ଶିଖାଇବା ଅତ୍ୟନ୍ତ ମନ୍ଦ ବୋଲି ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ବୁଝାଇ ଦେଲେ । ଗୋଟିଏ ଛାତ୍ର ବୈଦେହୀଶବିଳାସର ଏକଛାନ୍ଦ ଶିକ୍ଷା କରି ପଢ଼ୁଥିଲା ମାତ୍ର ତାହାର ସ୍ୱର ଅତ୍ୟନ୍ତ କର୍କଶ ହେବାରୁ ତାହାକୁ ମଧ୍ୟ ପଢ଼ିବାକୁ ବାରଣ କଲେ । ପରଶେଷରେ ସଭାପତି ବକ୍ତୃତା କରିବାକୁ ଆରମ୍ଭ କରି ଚାକିରୀ ସକାଶେ ଛାତ୍ରମାନେ ସ୍କୁଲରେ ପଢ଼ନ୍ତି ବୋଲି ନିନ୍ଦା କରିବାକୁ ଆରମ୍ଭ କରିଥିଲେ ମାତ୍ର ସତ୍ୱର ତାହାଙ୍କ ମନରେ ପଡ଼ିଗଲା ଯେ ନର୍ମାଲ ବିଦ୍ୟାଳୟଟି ଏକଶ୍ରେଣୀର ଚାକର ଅର୍ଥାତ ଶିକ୍ଷକ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ସ୍ଥାପିତ ହୋଇଅଛି ସୁତରାଂ ତାହାଙ୍କ ମତ ଖଟିଲା ନାହିଁ ଦେଖି ଆଉ କିଛି ନ କହି ତୁନି ହେଲେ ଓ ସଭା ଭଙ୍ଗ ହେଲା ।

---

## ସାପ୍ତାହିକସଂବାଦ ।

କଟକ ଜେଲଖାନାର ହିସାବପତ୍ର ର ଗୋଲମାଲ ହେବାର ଶୁଣାଯାଏ । ଶ୍ରୀଯୁକ୍ତ ହାଣ୍ଡଲସାହେବ ତହିଁର ଅନୁସନ୍ଧାନ କରୁଅଛନ୍ତି । ଫଳ ଜଣା ପଡ଼ି ନାହିଁ । ଆମ୍ଭେମାନେ ଭରସା କରୁଁ ଯେ କୌଣସି ଗୁରୁତର ବ୍ୟାପାର ହୋଇ ନାହିଁ ।

କୋର୍ଟ ଅବ୍ ୱାର୍ଡସର ଆଇନ ଅପ୍ରେଲମାସରେ ବିଧିବଦ୍ଧ ହୋଇଗଲା କିନ୍ତୁ ଉକ୍ତ ଆଇନର ପାଣ୍ଡୁଲିପି ଏହି ମାସର ଓଡ଼ିଆ ଗେଜେଟରେ ପ୍ରକାଶିତ ହୋଇଅଛି । ଅନର୍ଥକ ଏତେ ବ୍ୟୟ ଓ ପରିଶ୍ରମ କରିବାର ପ୍ରୟୋଜନ କି ? ଯେବେ ସମୟରେ ହୋଇ ନ ପାରିଲା ତେବେ ପାଣ୍ଡୁଲିପି ବାହାର ନ କରି ଏକାବେଳକେ ଆଇନକୁ ଛପା କରିଥିଲେ କି ମନ୍ଦ ହୋଇଥାନ୍ତା ।

ତେଲଙ୍ଗାବଜାରର ଖୁନ ମୋକଦ୍ଦମାରେ ଅପରାଧିକୁ ଚିରକାଳ ଦ୍ୱୀପାନ୍ତର ଦଣ୍ଡ ଭୋଗ କରିବାର ଆଜ୍ଞା ହୋଇଅଛି । ଅପରାଧୀ ବାତୁଳ ଅଥବା ମୃଗୀରୋଗାକ୍ରାନ୍ତ ଥିବାର ପ୍ରକାଶ କରିଥିଲା କିନ୍ତୁ ଡାକ୍ତରଙ୍କର ପରୀକ୍ଷାରେ ତାହା ପ୍ରମାଣ ହେଲା ନାହିଁ ।

ଶ୍ରୀମତୀ ଭାରତେଶ୍ୱରୀଙ୍କ ଉପାଧି ଗ୍ରହଣ ଉତ୍ସବ ସମ୍ବନ୍ଧରେ ମୟୂରଭଞ୍ଜର ମହାରାଜା ଦରିଦ୍ରମାନଙ୍କୁ ମିଷ୍ଟାନ୍ନ ଭୋଜନ ଓ ବସ୍ତ୍ର ଦେବା ନିମିତ୍ତ ଟ ୧୫୦୦୯ ଙ୍କା ଦାନ କରିଥିଲେ । ଏହି ସପ୍ତା-

Split by PDF Splitter



ହରେ ଉକ୍ତ ଟଙ୍କା ବାବୁ ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାରଣରେ ତୁଳସୀପୁର ମଠରେ ବ୍ୟୟ ହେଲା । ଅନେକ କଙ୍ଗାଳୀ ବସ୍ତ୍ର ଓ ଭୋଜନ ପାଇଥିଲେ ଓ ଅକ୍ଷମ ବ୍ୟକ୍ତିଙ୍କୁ ଲୁଗା ଦିଆଯାଇଥିଲା । ମାତ୍ର ଆମ୍ଭମାନଙ୍କ ବିବେଚନାରେ ଏପରି ଦାନରେ ଉପକାର ଅପେକ୍ଷା ଅପକାର ଅଧିକ । ବରଂ ଅନ୍ନଛତ୍ର ଫଣ୍ଡରେ ଟଙ୍କା ଜମା କରିଥିଲେ ଭଲ ହୋଇଥାନ୍ତା ।

ବେହାରର ଜଣେ ଭଦ୍ର ମୁସଲମାନ ଯୁବା ବାରିଷ୍ଟରୀ କର୍ମର ଶିକ୍ଷା ନିମିତ୍ତ ବିଲାତକୁ ଯାଇଅଛନ୍ତି । ବେହାରରେ ଏଥିପୂର୍ବେ ଏପରି ସାହସ ଆଉ କେହି କରି ନ ଥିଲା ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ରଙ୍ଗପୁରର ଜଜ ବେବରିଜ ସାହେବ ଉକ୍ତ ସ୍ଥାନର ଦେଶୀୟ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ଏକଦିନ ବୈକାଳ ବେଳେ ତାହାଙ୍କ ସହିତ ଆମୋଦ ପ୍ରମୋଦ କରିଥିଲେ । ବେବରିଜ ସାହେବଙ୍କ ବ୍ୟବହାରରେ ଆମନ୍ତ୍ରିତ ବ୍ୟକ୍ତିମାନେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।

ନେଟିବ ପବଲିକଓପିନିୟନ ଲେଖନ୍ତି ଯେ ଇଂରାଜଙ୍କ ଅଧିକୃତ ବ୍ରହ୍ମଦେଶର ଜଣେ ବାରିକମାଷ୍ଟରୀ ମହକୁମାର ନିମ୍ନ ଶ୍ରେଣୀର କର୍ମଚାରୀ କୋଡିଏ ବର୍ଷ ଚାକିରୀ ଉତ୍ତାରୁ ଅଶୀହଜାର ଟଙ୍କା ଜମା କରି ମରି ଯାଇଅଛି । ଅନୁସନ୍ଧାନ କଲେ ଏପରି ଶତ୨ ଉଦାହରଣ ମିଳିବ ତଥାଚ ବାରିକମାଷ୍ଟରୀ ଟଙ୍କା କେଉଁଆଡେ ଯାଉଅଛି ଗବର୍ଣ୍ଣମେଣ୍ଟ ଜାଣିପାରୁ ନାହାନ୍ତି ।

ପଶ୍ଚିମ ଭାରତବର୍ଷର ପଥର କୋଇଲା ଖଣୀ ସବୁର ଅବସ୍ଥା ଭଲ ଦେଖାଯାଏ ଗୋଟିଏ ରେଲବେ କମ୍ପାନୀ ପ୍ରତିମାସ ଦୁଇହଜାର ଟନ କୋଇଲା ପ୍ରତିଟନ ଟ ୫୯ଙ୍କା ଲେଖାଏ ଦରରେ ନେବାକୁ ସମ୍ମତ ହୋଇଅଛି ଓ ଏକା ବରୋରା ଖଣିରେ ପ୍ରତି ଦିନ ଏକଶତ ଟନ କୋଇଲା ଉତ୍ପନ୍ନ ହେଉଅଛି ।

କଲିକତାରେ ଜଣେ ଦେଶୀୟ ସ୍ତ୍ରୀ ଅଧିକ ଆପୁ ଖାଇ ମରି ଯାଇଅଛି । ଜଣାଯାଏ ଯେ ସେ ଆପୁ ଖାଇବାର ଅଭ୍ୟାସ କରିଥିଲା ମାତ୍ର ତାହାର ଜ୍ୱର ହୋଇଥିବାରୁ ଶୀଘ୍ର ଆରୋଗ୍ୟ ହେବା ବିଶ୍ୱାସରେ ସେଦିନ ନିୟମିତ ମାତ୍ରାରୁ ଅଧିକ ପରିମାଣରେ ଆପୁ ସେବା କଲା ଓ ମୃତ୍ୟୁ ତହିଁର ଫଳ ହେଲା । ଅପୁଆମାନଙ୍କର ସ୍ଥିର ବିଶ୍ୱାସ ଏହି ଯେ ଆପୁ ସେବା କଲେ ସବୁ ରୋଗ ନାଶ ହୁଅଇ ମାତ୍ର ସେମାନଙ୍କର ଉଚିତ ଯେ ସର୍ବଦା ମାତ୍ରା ପ୍ରତି ଦୃଷ୍ଟି ରଖିବେ । ଆରୋଗ୍ୟ ହେବାକୁ ଯାଇ ଯେମନ୍ତ ପ୍ରାଣହରାଇ ନ ବସନ୍ତି ।

ଇଷ୍ଟପତ୍ରିକାରେ ଲେଖାଅଛି ଯେ ଢାକାର ନବାବ ଆସାନୁଲ୍ଲା ଆପଣା ଘରଠାରୁ ବାଗୁଣବାଡ ଜମିଦାରୀ ପର୍ଯ୍ୟନ୍ତ ଟେଲିଗ୍ରାଫ ବସାଇବା ପାଇଁ ଗବର୍ଣ୍ଣମେଣ୍ଟରେ ଦରଖାସ୍ତ କରିଅଛନ୍ତି । ମଞ୍ଜୁର ହେଲେ ବାଖରଗଞ୍ଜ ଜମିଦାରୀରେ ମଧ୍ୟ ଏହିରୂପ କରିବେ । ଏ ଗୋଟିଏ ନୂଆ କାରଖାନା ଅଟଇ ।

ସୁଲଭରୁ ଜଣାଗଲା ଯେ ବରିଶାଲର ବନ୍ୟାପୀଡିତ ଜମିଦାରଙ୍କୁ ଗବର୍ଣ୍ଣମେଣ୍ଟ ଏକଲକ୍ଷ ପଚିଶହଜାର ଟଙ୍କା ରାଜସ୍ୱ କ୍ଷମା ଦେଇଅଛନ୍ତି ଏ ଛଡା ବାର୍ଷିକ ଟ ୬ । ଶତକରା ସୁଧରେ ପ୍ରାୟ ଚାଳିଶହଜାର ଟଙ୍କା ପ୍ରଜାମାନଙ୍କୁ ଋଣ ଦେଇଅଛନ୍ତି । ଅବସ୍ଥା ବିଶେଷରେ ରାଜସ୍ୱ କ୍ଷମା ଦେବା ନିତାନ୍ତ ଅନିବାର୍ଯ୍ୟବୋଲି ଗବର୍ଣ୍ଣମେଣ୍ଟ ଏତେ କାଳରେ ବୁଝି ପାରିଲେ ।

ବଙ୍ଗଳାର ଲେପ୍ଟନାଣ୍ଟଗବର୍ଣ୍ଣର ଦାର୍ଜିଲିଂକୁ ଯିବା ପୂର୍ବ ଏକଦିନ କଲିକତାର ଦେଶୀୟ ଓ ବିଦେଶୀୟ ଭଦ୍ରଲୋକଙ୍କୁ ଆପଣା ବଗିଚାକୁ ଆମନ୍ତ୍ରଣ କରି ଆମୋଦ ପ୍ରମୋଦ କରିଥିଲେ । ଏ ବିଷୟରେ ସର୍ ଟେମ୍ପଲ ସାହେବ ଯେମନ୍ତ ତତ୍ପର ଥିଲେ ତେମନ୍ତ ଅନ୍ୟ କେହି ଶାସନକର୍ତ୍ତାଙ୍କୁ ଦେଖାଯାଉ ନାହିଁ ।

କଲିକତାର ଭାରତବର୍ଷୀୟ ସଭା ଏ ବର୍ଷ ଅନେକ ଗୁଡିଏ ଆବେଦନପତ୍ର ନାନା ଆଇନ ଓ ଗବର୍ଣ୍ଣମେଣ୍ଟ ଆଜ୍ଞା ବିରୁଦ୍ଧରେ କରିଅଛନ୍ତି ମାତ୍ର ଦୁଃଖର ବିଷୟ ଯେ କୌଣସି ଗୋଟିଏ ଅବେଦନପତ୍ର ସୁଦ୍ଧା ସଫଳ ହୋଇ ନାହିଁ ।

କାଶ୍ମିରର ସୀମା ସେ ପାଖରେ ଥିବା ଚଙ୍ଗାଲୋକମାନେ ଗୋଳମାଳ ଉପସ୍ଥିତ କରିବାରୁ ମହାରାଜା ତାହାଙ୍କୁ ଦମନ କରିବା କାରଣ ଗିଲଗିଟ ନଗରକୁ ଅନେକ ସୈନ୍ୟ ପଠାଇଅଛନ୍ତି । କାବୁଲର ଅମିରଙ୍କର ଏଥିରେ ଯୋଗଥିବାର କେହି କେହି କହନ୍ତି ।

ସୁଲଭସମାଚାରରୁ ଜ୍ଞାତହେଲୁଁ କୌଣସି ଜିଲାର ଏକ ରାଜପୁରୁଷ ଛୋଟଲାଟସାହେବଙ୍କ ନିକଟରେ ଓଜର କରିଥିଲେ ଯେ ମୋଫସଲର ମୁନସଫମାନେ ଆମ୍ଭ ନିକଟରେ ଉପସ୍ଥିତ ହୋଇ ଆମ୍ଭଙ୍କୁ ସମ୍ମାନ କରନ୍ତି ନାହିଁ । ଛୋଟଲାଟ ତହିଁର ଉତ୍ତମ ଉତ୍ତର ଦେଇଅଛନ୍ତି । ସେ କହିଲେ ବଳପୂର୍ବକ ସମ୍ମାନ ନିଆଯାଏ ନାହିଁ, ଏହା ସ୍ୱାଭାବିକ, ଆପଣାଠାରୁ ପ୍ରକାଶପାଏ । ମୁନସଫମାନେ ଯଦି ତୁମ୍ଭ ପାଖକୁ ନ ଆସନ୍ତି ସେମାନଙ୍କ ବ୍ୟବହାରରେ କୌଣସି ଅକର୍ଷଣ ନାହିଁ । କିନ୍ତୁ ତୁମ୍ଭେ ଯଦି ସମ୍ମାନ ପାଇବାକୁ ଇଚ୍ଛା ରଖ ତେବେ ସେଭଳି ଉପଯୁକ୍ତ ହେବାର ଚେଷ୍ଟା କର । ଆମ୍ଭେମାନେ କହୁଁ ଧରିଲେ ବାନ୍ଧିଲେ କେବେ ପ୍ରେମ ହୁଏ ନାହିଁ । ସେଦିନ ଢାକାର ଜଣେ ଭଦ୍ରଲୋକର ସନ୍ତାନ ଅଡିଷ୍ଣେଲ ମାଜିଷ୍ଟ୍ରେଟ ଏଲେନସାହେବଙ୍କୁ ଦେଖି ନ ଉଠିବାରୁ ସେ ତାହାକୁ ହାରମଜାଦା, ପାଜି ବଜ୍ଜାତ ଇତ୍ୟାଦି ସଭ୍ୟ ଭାଷାରେ ତିରସ୍କାର କରିଅଛନ୍ତି । ଏରୂପେ ଯେଉଁମାନେ ସମ୍ମାନ ଚାହାନ୍ତି ସେମାନେ ଘୃଣାର ପାତ୍ର ହୁଅନ୍ତି ।

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ ବର୍ତ୍ତମାନ ମେଓକଲେଜର ଜ୨୩ଣ ଛାତ୍ର ଅଧ୍ୟୟନ କରୁ ଅଛନ୍ତି ଛାତ୍ରମାନେ ପ୍ରାୟ ସମସ୍ତେ ରାଜସ୍ଥାନାର ରାଜପୁତ୍ର ଅଟନ୍ତି ସମ୍ପ୍ରତି ଝାଲୋୟାରର ରାଜପୁତ୍ର ସେଠାରେ ଭର୍ତ୍ତି ହୋଇ ଅଛନ୍ତି ।

୨ । ଗତ ମାର୍ଚ୍ଚମାସରେ ବୋମ୍ବାଇ ବନ୍ଦରରୁ ଭାରତବର୍ଷୀୟ ଏବଂ ଅନ୍ୟାନ୍ୟ ବିଦେଶୀୟ ବନ୍ଦର ସମୂହରେ ୧,୯୭,୩୪,୩୧୦ ଟଙ୍କାର ତୁଳା ରପ୍ତାନୀ ହୋଇଅଛି ।

୩ । ମହାରାଜା ହୋଲକାରଙ୍କର ଇନ୍ଦୋରସ୍ଥ ଲୁଗାକଲରେ ଗତବର୍ଷ ୫୬,୭୩୯ ଥାନ ଲୁଗା ଏବଂ ୧୩,୨୧୪ ଯୋଡ଼ା ଯୋଗି ପ୍ରସ୍ତୁତ ହୋଇଅଛି । ୪,୨୬,୮୦୩ ପୌଣ୍ଡ ସୂତା ପ୍ରସ୍ତୁତ ହୋଇଥିଲା । ସମୁଦାୟ ବିକ୍ରୟ ହୋଇ ଯାଇଅଛି । ଲୁଗାର ଏତେ ବରାତ ଆସୁଅଛି ଯେ କଲ ସେସମସ୍ତ ଯୋଗାଇ ପାରୁ ନାହିଁ । ବର୍ତ୍ତମାନ ମଧ୍ୟ ୪୦ ହଜାର ଥାନ ଦେବାର ବକ୍ରାୟ ରହିଅଛି ।

## ବିଜ୍ଞାପନ ।

ଇରିଗେସନ ଅର୍ଥାତ ନାଳ ଏଲକାର କାର୍ଯ୍ୟ ସମ୍ପର୍କରେ ଯେ କୌଣସି ବ୍ୟକ୍ତି କିଛି କହିବାକୁ ଇଚ୍ଛା କରିବ ସେ ଆଗାମୀ ବୁଧବାର ଓ ତହିଁ ଉତ୍ତାରୁ ସକାଳ ଘ ୮ ଘାଠାରୁ ଅପରାହ୍ନ ଘ ୫ ଘା ପର୍ଯ୍ୟନ୍ତ ସମୟ ମଧ୍ୟରେ ଆମ୍ଭ କୋଠିକୁ ଆସି ଦେଖା କରିପାରିବ ।

କଟକ } G. Toynbee.
୧୭।୫।୭୨ } ଏକଟିଂ କଲେକ୍ଟର

ଏହି ଉତ୍କଳଦୀପିକା ପତ୍ର କଟକ ଚଉଧୁରୀବଜାର ଦେଓ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୬ ଗ
ସଂ ୨୧ ଖ୍ୟା

ତା ୨୭ ରିଖ ମାହେ ମଇ ସନ ୧୮୭୭ ମସିହା । ମୁ । ଜ୍ୟେଷ୍ଠ ଦ ୧୫ ନ ସନ ୧୨୮୪ ସାଲ ଶୁକ୍ରବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୬୦
ମଫସଲପାଁଇ ଡାକମାସୁଲ ଟ୦।୵

ଶ୍ରୀମତୀ ଭାରତେଶ୍ୱରୀଙ୍କ ଜନ୍ମଦିନ ପ୍ରଚଳିତ ନିୟମାନୁସାରେ ଗତ ଗୁରୁବାର ପ୍ରତିପାଳନ ହେବାର ଥିଲା ମାତ୍ର କଲିକତାରୁ ତାରସମ୍ବାଦ ଆସିଲା ଯେ ଏବର୍ଷ ଉକ୍ତ ଉତ୍ସବ ଆଗାମୀ ଶନିବାର ଜୁନମାସ ତା୨ରିଖରେ ହେବ କାରଣ ଏହିଦିନ କଲିକତାରେ ଉକ୍ତ ପର୍ବ ପ୍ରତିପାଳିତ ହେବାର ସ୍ଥିର ହୋଇଅଛି । ଅତଏବ ସରକାରୀ କଚେରୀମାନ ଆଗାମୀ ସୋମବାର ବନ୍ଦ ହେବ । କେଉଁ କାରଣରୁ ଏପରି ପରିବର୍ତ୍ତନ ହେଲା କିଛି ଜଣା ପଡ଼ େନାହିଁ ।

---

ବାଲେଶ୍ୱରସମ୍ବାଦବାହିକାରୁ ଜଣାଗଲା ଯେ ଓଡ଼ିଆ ତାଳପତ୍ର ସାହିତ୍ୟ ଉଦ୍ଧାରଣ କମ୍ପାନୀ-ନାମରେ ଗୋଟିଏ ନୂତନ କମ୍ପାନୀ ଏ ନଗରରେ ସ୍ଥାପିତ ହେବାର କଳ୍ପନା ହୋଇଅଛି । ଏଥିର ମୂଳଧନ ଟ ୫୦୦୦୲ଙ୍କା ଓ ପ୍ରତ୍ୟେକ ଅଂଶ ଟ୨୫ଙ୍କା ଲେଖାଁଏ ହେବ । ଶ୍ରୀଯୁକ୍ତ ବୀମ୍ସସାହେବ ଏ କମ୍ପାନିର ସହାୟ ବାବୁ କାଳୀପଦବାନର୍ଜ୍ୟା ମୂଳାଧାର ଏବଂ ବାବୁ ବୈଦ୍ୟନାଥପଣ୍ଡିତ ରାୟବାହାଦୁର ଏ କମ୍ପାନିର ଅଧ୍ୟକ୍ଷ ସମାଜର ସଭାପତି । ଓଡ଼ିଆଭାଷାର ଯେ ସମସ୍ତ ପ୍ରାଚୀନଗ୍ରନ୍ଥ ତାଳପତ୍ରରେ ଲେଖାଅଛି ସେ ସବୁକୁ ଛାପା କରି ବିକ୍ରୟ କରିବା ଏବଂ ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ପୁସ୍ତକ ମଧ୍ୟ ମୁଦ୍ରିତ କରିବା ଏ କମ୍ପାନିର ଉଦ୍ଦେଶ୍ୟ ଅଟଇ । କାରଖାନାଟି ବଡ ଧୁମଧାମର ଦିଶୁଅଛି କାର୍ଯ୍ୟ କିପରି ଚଳିବ ଓ ଅଂଶୀମାନଙ୍କର କି ଲାଭ ହେବ କମ୍ପାନିର ନିୟମାବଳୀ ଦେଖି ନ ଥିବାରୁ କହି ନ ପାରୁଁ ଓ ମଧ୍ୟ ଆମ୍ଭମାନଙ୍କର ଏ ସମ୍ପର୍କରେ କିଛି କହିବାର ପ୍ରାୟ ଉଚିତ ନୁହଇ କାରଣ ବିଲକ୍ଷଣ ସମ୍ଭବ ହୁଅଇ ଯେ ଆମ୍ଭେମାନେ ପ୍ରକୃତ କଥା କହିଲେହେଁବା କେତେଲୋକ ତହିଁର ଭିନ୍ନଭାବ ଗ୍ରହଣ କରିବେ । ଏହି ହେତୁରୁ ଏ ପ୍ରସ୍ତାବର ମୂଳାଧାର ସୁବିବେଚନାପୂର୍ବକ ତାହା ଆମ୍ଭମାନଙ୍କ ନିକଟକୁ ପଠାଇ ନାହାନ୍ତି ।

---

ଚୌଧୁରୀ ବିଶ୍ୱନାଥ ଦାସ ଏବଂ ତାହାଙ୍କ ପୁତ୍ର ଚୌଧୁରୀ ହରେକୃଷ୍ଣ ଦାସ ଯଥାକ୍ରମେ ବିନା ପରିଶ୍ରମ ଏକସପ୍ତାହ ଓ କଠିନ ପରିଶ୍ରମ ସହିତ ତିନସପ୍ତାହ କାରାବାସର ଦଣ୍ଡ ପାଇଅଛନ୍ତି ପୁରୀର କଲେକ୍ଟର ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂ ସାହେବ ଦଣ୍ଡବିଧିର ୪୨୭ ଧାରାମତେ ଅପକାର କରିବା ଏବଂ ୧୦୯ ଧାରାମତେ ସହାୟତା କରିବା ଅପରାଧରେ ଉକ୍ତ ଦଣ୍ଡ ଦେଇଅଛନ୍ତି । ଗତ ବୁଧବାର ତାରଡାକଦ୍ୱାରା ଏଠା ଜଜ ସାହେବଙ୍କ ଯୋଗେ ହାଇକୋର୍ଟକୁ ଯାମିନରେ ଖଲାସ ଦେବା ପ୍ରାର୍ଥନାରେ ଆବେଦନପତ୍ର ଯାଇ ଥିଲା ମାତ୍ର ତାରଡାକ ଦରଖାସ୍ତ ହାଇକୋର୍ଟରେ ପେଶ ହେଲା ନାହିଁ । ଚୌଧୁରୀଙ୍କ ପକ୍ଷରୁ ଯାମିନ ଓ ଖଲାସି ପକ୍ଷରେ ଅନେକ ଉପାୟ ଓ ଟଙ୍କା ବ୍ୟୟ ହେଉଅଛି ପରିଣାମରେ କି ହେବ ବୋଲି ଯାଇ ନ ପାରେ ମକଦ୍ଦମାର ସବିଶେଷ ଅବସ୍ଥା ଜଣା ଗଲେ ଆଗାମୀ ସପ୍ତାହରେ ଲେଖିବୁଁ ସମ୍ପ୍ରତି ଏତିକି ବୋଲିବାର ଯଥେଷ୍ଟ ଯେ ଏହାଙ୍କ ବିପଦରେ ଏଠା ହାକିମ ଓ ବଡ ଲୋକମାନେ ଦୁଃଖିତ ହୋଇଅଛନ୍ତି ବିଶେଷ ପାଞ୍ଚମାସ ହେଲା ଏହାଙ୍କୁ ଗବର୍ଣ୍ଣମେଣ୍ଟରୁ ପ୍ରଶଂସାପତ୍ର ମିଳିବା ସମୟରେ ଆମ୍ଭମାନଙ୍କର ପୁରୁଣା କମିଶ୍ନର ସାହେବ କହିଥିଲେ କି "ଏ ଜଣେ ସମ୍ଭ୍ରାନ୍ତ ଜମିଦାର, ଧନୀ ଓ ଅବସ୍ଥାପନ୍ନ ବ୍ୟକ୍ତି ଅଟନ୍ତି । ଏକ ଉତ୍ତମ ଭୂମ୍ୟଧିକାରୀ ଓ ସ୍ଥାନୀୟ କମିଟୀର ମେମ୍ବରପଦରେ ଥିବାରୁ ଅନେକ ସାହାଯ୍ୟ କରିଅଛନ୍ତି ଏବଂ ସର୍ବସାଧାରଙ୍କ ଉନ୍ନତିଜନକ ପ୍ରତ୍ୟେକ ବିଷୟରେ ବଦାନ୍ୟତା ପୂର୍ବକ ଚାନ୍ଦା ପ୍ରଦାନ କରନ୍ତି" ଏତେ ପ୍ରଶଂସନୀୟ ବ୍ୟକ୍ତିର ହଠାତ୍ ଏପରି ଅପମାନ ଅଧିକ ଦୁଃଖର କଥା ହୋଇଅଛି ।

---

ସଭାପତିଙ୍କ ବକ୍ତୃତାର ସମାଲୋଚନା ।

କଟକ କଲେଜରେ ଶ୍ରୀଯୁକ୍ତ ବୀମସ୍ ସାହେବ ସଭାପତି ସ୍ୱରୂପ ଯେଉଁ ବକ୍ତୃତା କରିଥିଲେ ତହିଁର ସଂକ୍ଷେପ ବିବରଣ ଗତ ସପ୍ତାହରେ ଆମ୍ଭେମାନେ ପ୍ରକାଶ କରିଥିଲୁଁ ଓ ସେଥିରେ ତିନୋଟି ଦୋଷର ଉଲ୍ଲେଖ ହୋଇଥିଲା । ଯଥା;—୧ ମ ପ୍ରକୃତ ଇଂରାଜ ପରି ଇଂରାଜୀ ଭାଷାର ଶିକ୍ଷା ହୁଅଇ ନାହିଁ, ୨ ୟ ଶିକ୍ଷିତ ମାନଙ୍କ ମଧ୍ୟରେ ଐକ୍ୟତାର ଅତ୍ୟନ୍ତ ଅଭାବ

Digitized by srujanika@gmail.com

ଦେଖାଯାଏ ଓ ଏଥି ଶିକ୍ଷିତମାନେ କେବଳ ଶୂକର ଖୋଜ ବୁଲନ୍ତି ଅନ୍ୟ କଷ୍ଟ କରନ୍ତି ନାହିଁ । ଏକଦେଶୀୟ ଲୋକର ମାତୃଭାଷା ଅପରଦେଶୀୟ ଲୋକ ଯଥାର୍ଥରୂପେ ଶିକ୍ଷା କରିବା ସହଜ ବ୍ୟାପାର ନୁହଇ । ଦ୍ୱିବିଧଦେଶୀୟଲୋକ ସର୍ବଦା ଏକତ୍ର ହୋଇ କଥାବାର୍ତ୍ତା କଲେ କଥଞ୍ଚିତ ହୋଇପାରେ କେବଳ ପୁସ୍ତକ ପାଠଦ୍ୱାରା ତାହା ଲାଭ ହେବା ବିଷୟରେ ଅମ୍ଭମାନଙ୍କର ସନ୍ଦେହ ବୋଧ ହେଉଅଛି ଓ ଅନୁମାନ ହେଉଅଛି ଯେ ଏପରି ଶିକ୍ଷା ଯେବେ ହେଉ ନାହିଁ ତେବେ ସେ ଦୋଷ ଛାତ୍ରଙ୍କର ନୁହଇ ଶିକ୍ଷାପ୍ରଣାଳୀର ଅଟଇ । ବକ୍ତା ମହାଶୟ ଛାତ୍ରଙ୍କୁ ଏଥିପାଇଁ ନିନ୍ଦା ନ କରି ଶିକ୍ଷାବିଭାଗର କର୍ତ୍ତୃପକ୍ଷଙ୍କୁ ଉପଦେଶ ଦେଇଥିଲେ ଭଲ ହୋଇଥାନ୍ତା । ପରନ୍ତୁ ସେପ୍ରକାର ଭାଷା ଶିକ୍ଷାରେ କୌଣସି ଅଧିକ ଲାଭ ଥିବାର ଅମ୍ଭେମାନେ ବିବେଚନା କରୁ ନାହୁଁ । ଇଂରାଜମାନେ ଅମ୍ଭମାନଙ୍କର ରାଜା, ତାହାଙ୍କର ଭାଷା ବୁଝିବା ଅମ୍ଭମାନଙ୍କର ନିତାନ୍ତ କର୍ତ୍ତବ୍ୟ, ନ ଜାଣିଲେ ନାନାକାର୍ଯ୍ୟରେ କ୍ଲେଶ ଓ ବ୍ୟାଘାତ ଘଟିବ । ସେହିପରି ଇଂରାଜ କର୍ମଚାରିମାନେ ଏଦେଶୀୟ ପ୍ରଚଳିତ ଭାଷାମାନ ନ ଜାଣିଲେ ଦକ୍ଷେ ସୁଚାରୁରୂପେ କାର୍ଯ୍ୟ କରି ପାରିବେ ନାହିଁ ଅତଏବ ଯେତେ ଦୂର ଇଂରାଜମାନେ ଏଦେଶୀୟ ଭାଷାଶିକ୍ଷା କରି ନିର୍ବାହ ହେଉଅଛନ୍ତି ଏଠା କେତେକ ତେତିକ ଇଂରାଜୀ ଭାଷା ଶିଖିଲେ ଯଥେଷ୍ଟ ହୁଅନ୍ତା ମାତ୍ର କାର୍ଯ୍ୟତଃ ଏଠା ଲୋକମାନେ ତହିଁରୁ ଅଧିକ ଇଂରାଜୀ ଭାଷା ଶିଖୁଅଛନ୍ତି ଓ ତହିଁର ହେତୁ ଏହି ଯେ କେବଳ ଇଂରାଜଙ୍କ ସଙ୍ଗେ କାରବାର କରିବା ଉଦ୍ଦେଶ୍ୟରେ ଅମ୍ଭମାନଙ୍କର ଇଂରାଜୀ ଶିକ୍ଷା ହେଉ ନାହିଁ ଇଂରାଜୀରେ ନାନାପ୍ରକାର ବିଜ୍ଞାନ ଓ ବ୍ୟବହାର ବିଷୟରେ ଉତ୍କୃଷ୍ଟ ପୁସ୍ତକମାନ ହୋଇଅଛି ଓ ମହା୨ ପଣ୍ଡିତ ଓ ଅଧ୍ୟାପକମାନେ ଉକ୍ତ ଦେଶରେ ଅବତୀର୍ଣ୍ଣ ହୋଇଅଛନ୍ତି ସେପ୍ରକାର ଅଧ୍ୟାପକଙ୍କଠାରୁ ଉଚ୍ଚ ଅଙ୍ଗର ବିଜ୍ଞାନାଦି ଶିକ୍ଷା ଲାଭ ସକାଶେ ଇଂରାଜୀ ଭାଷା ଶିକ୍ଷା କରିବାକୁ ହେଉଅଛି । ସେ ସମସ୍ତ ପୁସ୍ତକ ଓ ସେ ସବୁର ଉପଦେଷ୍ଟାଙ୍କୁ ବୁଝି ପାରିବା ସକାଶେ ଯେପର୍ଯ୍ୟନ୍ତ ଭାଷା ଜାଣିବାର ଆବଶ୍ୟକ ତେତିକ ହେଲେ ଯଥେଷ୍ଟ ହେଲା ତାହା ଯେ ଛାତ୍ରମାନେ ଶିକ୍ଷା କରୁ ନାହାନ୍ତି ଏମନ୍ତ ବୋଲି ଯାଇ ନ ପାରେ । ଯେତେବେଳେ ଦେଶୀୟ ଓ ଇଂରାଜମାନେ ସମସର ହୋଇ ସାମାଜିକ ବ୍ୟାପାରରେ ମିଶାମିଶି ହେବେ ତେତେବେଳେ ସମ୍ବାଦ ଭାଷା ଶିଖିବାର ପ୍ରୟୋଜନ ହେବ ଓ ତାହା ଅଭ୍ୟାସଦ୍ୱାରା ଆପେ ଶିଖା ଯିବ ।

ଶିକ୍ଷିତ ଲୋକଙ୍କ ମଧ୍ୟରେ ଐକ୍ୟତା ସ୍ଥାପନ ହୋଇ ନ ଥିବାର ଯାହା ଶ୍ରୀଯୁକ୍ତ କାମ୍ପ ସାହେବ କହିଅଛନ୍ତି ତାହା ବାସ୍ତବରେ ସତ୍ୟ ଅଟଇ ଏବଂ ଅମ୍ଭେମାନେ ଦୁଃଖିତ ହୋଇ ସ୍ୱୀକାର କରୁଅଛୁଁ ଯେ ଏଠା ଲୋକମାନେ ଅଦ୍ୟାପି ପ୍ରକୃତରୂପେ ଶିକ୍ଷିତ ହୋଇ ନାହାନ୍ତି । ଶିକ୍ଷାଲାଭ କରିବା ପ୍ରକୃତରୂପେ ମନୁଷ୍ୟ ହେବା ସକାଶେ । ଯଥାର୍ଥ ଶିକ୍ଷିତ ବ୍ୟକ୍ତିର ସ୍ୱଭାବ ଭିନ୍ନ ପଡ଼ିବ ନାହିଁ ସୁତରାଂ ସେମାନଙ୍କ ମଧ୍ୟରେ ଐକ୍ୟତା ହେବ । ଭାବର ବିଭିନ୍ନତା ହେତୁ ଐକ୍ୟତା ହୋଇ ପାରୁ ନାହିଁ । ଅନେକସ୍ଥଳେ ଦେଖାଯାଏ ଯେ ଏଠା ଲୋକମାନେ କେତେକ ଶିକ୍ଷାଲାଭ କରି ସେହି ଶିକ୍ଷା ହେତୁରୁ ଆପଣାକୁ ବଡ ମଣନ୍ତି ଓ ନାନାଦି କୌଶଳରେ ଆପଣାକୁ ବଡ ବୋଲାଇବାକୁ ଯତ୍ନ ପାନ୍ତି । ଏଥିପାଇଁ ନାନାପ୍ରକାର ପ୍ରତାରଣା ଓ ନୀତିବିରୁଦ୍ଧ ଆଚରଣକୁ ମଧ୍ୟ କେହି୨ ଦୂଷଣୀୟ ଜ୍ଞାନ କରନ୍ତି ନାହିଁ । ଆପଣାର ଯଶ ଓ ପ୍ରତିପତ୍ତି ବଢାଇବାକୁ ଇଚ୍ଛାଜ୍ଞାନ କରନ୍ତି ଓ ଏଥିରେ ସାଧାରଣର ଯେତେ କ୍ଷତି ହେଉ ତହିଁପ୍ରତି ଦୃଷ୍ଟି କରନ୍ତି ନାହିଁ । ଏପ୍ରକାର ଲୋକମାନେ ଅବଶ୍ୟ ଭିନ୍ନ୨ ମାର୍ଗରେ ଯିବେ ସେମାନଙ୍କ ମଧ୍ୟରେ କଦାଚ ଐକ୍ୟତା ହେବାର ସମ୍ଭବ ନୁହଇ ମାତ୍ର ଯଦ୍ୟପି ଶିକ୍ଷିତ ବ୍ୟକ୍ତିମାନେ ପ୍ରକୃତ ଶିକ୍ଷିତ ବ୍ୟକ୍ତିର ଆଚରଣକୁ ଅନୁକରଣ କରି ଜ୍ଞାନ, ଧର୍ମ୍ମ ଓ ନୀତି ଶିକ୍ଷା କରିବେ ଓ ତାହା ସର୍ବସାଧାରଣରେ ବିସ୍ତାର କରିବା ଓ ତଦ୍ଦ୍ୱାରା ସ୍ୱଦେଶ ଓ ଜନସାଧାରଣର ହିତ କରିବାକୁ ପ୍ରବୃତ୍ତ ହେବେ ତେବେ ସେମାନଙ୍କ ମଧ୍ୟରେ ଐକ୍ୟତା ଅବଶ୍ୟ ଜାତ ହେବ । ଅଦ୍ୟାପି ଯେତେ ଶିକ୍ଷିତ ଲୋକଙ୍କୁ ଦେଖୁଅଛୁଁ ସେମାନଙ୍କ ମଧ୍ୟରୁ ଅଧିକାଂଶ ପରକୁ ଛାଡ ଆପଣାର ପ୍ରତିପତ୍ତି ଲାଭ କରିବାକୁ ବ୍ୟସ୍ତ ଯେତେବେଳେ ପରକୁ ସେବା ତାହା କରିବେ ତେତେବେଳେ ଏମାନଙ୍କ ମଧ୍ୟରେ ଅନୈକ୍ୟତା ରହିବ ନାହିଁ । ଏହି ଅନୈକ୍ୟତା ହେତୁରୁ ଶିକ୍ଷିତ ଲୋକଙ୍କ ଦ୍ୱାରା ସାଧାରଣ ଉପକାର କିଛି ହେଉ ନାହିଁ ଓ ବର୍ତ୍ତମାନ ଅବସ୍ଥାରେ ହେବାର ମଧ୍ୟ ସମ୍ଭବ ନୁହଇ । ଅମ୍ଭେମାନେ ସମୟ୨ରେ କେତେ ସାଧାରଣ ହିତ ସକାଶେ ସଭା ଅନୁଷ୍ଠିତ ହେବାର ଦେଖିଅଛୁଁ ମାତ୍ର ପ୍ରାୟ କେହି ଦୀର୍ଘକାଳ ସ୍ଥାୟୀ ହୋଇ ନାହିଁ । ଅମ୍ଭେମାନେ କେବଳ ଓଡିଶାର କଥା କହୁ ନାହୁଁ, କଲିକତା କି ଯେଉଁଠାରେ ପ୍ରାୟ ସର୍ବାପେକ୍ଷା ଅଧିକ ଶିକ୍ଷିତ ଲୋକ ଅଛନ୍ତି ସେଠାର ଅବସ୍ଥା ମଧ୍ୟ ଇତର ଭିନ୍ନ ନୁହେ । ସେଠାରେ ଦୁଇ ଏକ ସଭା ଭିନ୍ନ ଆଉ ସମସ୍ତ ଯେମନ୍ତ ଅନୁଷ୍ଠିତ ତେମନ୍ତ ତାହା ପରେ୨ ଲୋପ ହୋଇଅଛି ଓ ଯେଉଁ ଦୁଇଟି ଗୋଟିଏ ସଭା ଅଛି ତହିଁପ୍ରତି ମଧ୍ୟ ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କର ଭାବ ଉତ୍ତମ ନୁହଇ । ଯେବେ ଶିକ୍ଷିତ ବ୍ୟକ୍ତିଙ୍କର ମନ ସରଳ ହୋଇଥାନ୍ତା ତେବେ ସେମାନେ ସେହି ସଭାଭୁକ୍ତ ହୋଇ ଆପଣା ଅପରିମାନ ପ୍ରକାଶ କରନ୍ତେ ଓ ତାହା ଭଲ ହେଲେ ସଭାର ଉପକାର ହୁଅନ୍ତା ଓ ମନ୍ଦ ହେଲେ ସଭାଦ୍ୱାରା ତାହାଙ୍କର ଭ୍ରମ ଭାଙ୍ଗି ଯାନ୍ତା । ମାତ୍ର ଦୁଃଖର ବିଷୟ ଯେ ସେପରି ସରଳ ଭାବ ଅତ୍ୟଳ୍ପ ଦେଖାଯାଏ ।

(କ୍ରମଶଃ)

---

## ଓଡିଶା ଗଡ଼ଜାତ ମହାଲ ।

(ଗତ ପ୍ରକାଶିତ ଉତ୍ତାରୁ)

ଓଡିଶା ଗଡ଼ଜାତ ମହାଲମାନଙ୍କର ଉନ୍ନତି ନିମିତ୍ତ ଗ୍ରନ୍ଥକର୍ତ୍ତା ନିମ୍ନଲିଖିତ ଉପାୟମାନ ପ୍ରଧାନ ବୋଲି ସ୍ଥିର କରିଅଛନ୍ତି । ଯଥା;—

୧ । ରାଜାଙ୍କର ପୁତ୍ର ଏବଂ ଜ୍ଞାତିବର୍ଗଙ୍କ ଶିକ୍ଷା ନିମିତ୍ତ କଟକ ନଗର ଅଥବା ଗଡ଼ଜାତର କୌଣସି ସ୍ଥାନରେ ଗୋଟିଏ କଲେଜ ସ୍ଥାପନ କରିବା ।

୨ । ପ୍ରଜାଙ୍କର ଉପକାର ନିମିତ୍ତ ପ୍ରତ୍ୟେକ ମହାଲରେ କେତେ ଗୋଟିଏ ଦେଶୀୟ ଭାଷାର ବିଦ୍ୟାଳୟ ସ୍ଥାପନ କରିବା ।

୩ । ରାଜାଙ୍କ ଦେବାନ ପଦରେ ବୁଦ୍ଧିମାନ୍ ଓ ସୁଶିକ୍ଷିତ ଲୋକ ନିଯୁକ୍ତ କରିବା ।

୪ । ଗବର୍ଣ୍ଣମେଣ୍ଟଙ୍କ ବ୍ୟୟରେ ଯେସମସ୍ତ ସଡକ ନିର୍ମାଣ ହୋଇଅଛି ତାହା ଛଡା ଆଉ କେତେ ଗୋଟିଏ ସଡକ ନିର୍ମାଣ କରିବା ।

୫ । ବାଣିଜ୍ୟର ଉତ୍ସାହ କାରଣ ସୁବିଧା ମତେ କେତେକ ସ୍ଥାନରେ ହାଟ ବସାଇବା ଏବଂ ପଥିକ ଓ ବ୍ୟବସାୟିଙ୍କ ସୁଯୋଗ ନିମିତ୍ତ ସଡକ ଉପରେ ପ୍ରତ୍ୟେକ ୧୦ କି ୧୨ ମାଇଲ ଛଡାରେ ଗୋଟିଏ ଲେଖାଏଁ ଚଟି ନିର୍ମାଣ କରିବା ।

Split by PDF Splitter

Digitized by srujanika@gmail.com

୬ । ମହାଲରୁ ଅପର ମହାଲକୁ ଚିଠିପତ୍ର ଯାତାୟାତ ସକାଶେ ଡାକଘରମାନ ବସାଇବା ।

୭ । ସମସ୍ତ ଗଡ଼ଜାତ ମହାଲ ସକାଶେ ଗୋଟିଏ ପୃଥକ୍ ପଲିଟିକଲ ଏଜେଣ୍ଟଙ୍କ ମହକୁମା ସୃଷ୍ଟି କରିବା ।

ବିବେଚନା କରି ଦେଖିଲେ ପ୍ରଥମ ଉପାୟ ଉପରେ ଦ୍ୱିତୀୟ ଓ ତୃତୀୟ ଉପାୟ ନିର୍ଭର କରଇ । ଯେବେ ରାଜା ସୁଶିକ୍ଷିତ ହେବେ ତେବେ ସେ ଆପଣା ପ୍ରଜାଙ୍କୁ ଶିକ୍ଷା ଦେବା କାରଣ ଅବଶ୍ୟ ଯତ୍ନବାନ୍ ହେବେ ଏବଂ ବିଚକ୍ଷଣ ଲୋକଙ୍କୁ ଦେବାନ ପଦରେ ମଧ୍ୟ ନିଯୁକ୍ତ କରିବେ । ଏଥିର ଉଦାହରଣର ସ୍ଥଳ ଢେଙ୍କାନାଳ ଅଟଇ । ବିଗତ ମହାରାଜା ସ୍ୱୟଂ ବିଦ୍ୱାନ୍ ଓ ବୁଦ୍ଧିମାନ ହେବାରୁ ବନମାଳୀ ବାବୁଙ୍କପରି ଯୋଗ୍ୟ ବ୍ୟକ୍ତିଙ୍କୁ କେତେ ଟଙ୍କା ବ୍ୟୟ କରି ସରକାରୀ ଚାକିରିରୁ ଛଡାଇ ଆପଣା ଦେବାନ ନିଯୁକ୍ତ କଲେ ଏବଂ ଏହି ମହାରାଜା ପ୍ରଥମେ ଗଡ଼ଜାତରେ ବିଦ୍ୟାଳୟ ବସାଇ ତହିଁର ଅବସ୍ଥା ମଫସଲବନୀ ବିଦ୍ୟାଳୟ ତୁଲ୍ୟ କରିଦେଲେ ଗବର୍ଣ୍ଣମେଣ୍ଟ ଅନୁଗୁଳ ଓ ବାଙ୍କି ହସ୍ତବୁଦରେ ରଖି ଯେମନ୍ତ ଶିକ୍ଷାର ଫଳ ଦେଖାଇ ପାରି ନ ଥିଲେ ଢେଙ୍କାନାଳ ସ୍କୁଲ ଅଳ୍ପଦିନରେ ତାହା ଦେଖାଇ ଦେଲା । ପକ୍ଷାନ୍ତରେ ରାଜାର ଶିକ୍ଷା ଭଲ ନ ହେଲେ ତାହାଙ୍କ ନିକଟରେ ଉତ୍ତମ ଦେବାନ ରହି ପାରିବ ନାହିଁ କିମ୍ବା ପ୍ରଜାଙ୍କର ଶିକ୍ଷାଲାଭର ଉପାୟ ହେବ ନାହିଁ । ଏଥିର ଉଦାହରଣ ମଧ୍ୟ ପ୍ରତ୍ୟକ୍ଷ ଦେଖାଯାଏ ପ୍ରତ୍ୟେକ ଗଡ଼ଜାତ ରାଜାଙ୍କୁ ଚିହ୍ନାଇ ଦେବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହଇ କିନ୍ତୁ ଆମ୍ଭେମାନେ ସାଧାରଣରୂପେ କହି ପାରୁଁ ଯେ ଶ୍ରୀଯୁକ୍ତ ରେବିନ୍‌ସା ସାହେବ ରାଜାମାନଙ୍କୁ ଆପଣା୨ ଗଡ଼ଜାତରେ ସ୍କୁଲ ବସାଇବା ପାଇଁ କେତେ ଅନୁରୋଧ କଲେ ତଥାଚ ଅନେକ ଗଡ଼ଜାତରେ ଅବଧି ଗୋଟିଏ ସୁଦ୍ଧା ସ୍କୁଲ ବସି ନାହିଁ ଓ ଯେଉଁ ଗଡ଼ଜାତ ରାଜାର କିଛି ବିଦ୍ୟା ବୁଦ୍ଧି ଅଛି ତାହାଙ୍କ ଗଡରେ ଗୋଟିଏ ହେଲେ ସ୍କୁଲ ରହିଅଛି । କେଉଁଝର ଆଠଗଡ ମୟୂରଭଞ୍ଜ ପ୍ରଭୃତି ଏଥିର ଉଦାହରଣ ଅଟଇ । ଉପଯୁକ୍ତ ଦେବାନ ନିଯୁକ୍ତ କରିବା ବିଷୟ ମଧ୍ୟ ଏହିରୂପ ଅଟଇ । ନିତାନ୍ତ ପକ୍ଷରେ ଆମ୍ଭେମାନେ ଗୋଟିଏ ଉଦାହରଣ ଜାଣୁ ଯେ ଏକ ରାଜା ନିକଟରେ ଜଣେ ଉପଯୁକ୍ତ ବ୍ୟକ୍ତି ଦେବାନ ପଦରେ ରହିଲେ ମାତ୍ର ରାଜାଙ୍କ ଅଯୋଗ୍ୟତା ହେତୁ ତାହାଙ୍କୁ ଶୀଘ୍ର ଇସ୍ତଫା ଦେଇ ଆସିବାକୁ ହେଲା । ରାଜା ପକ୍ଷକେ ଅଶିକ୍ଷିତ ହେଉ ଯେବେ ସ୍ୱାଭାବିକ ବୁଦ୍ଧିମାନ୍ ଥିବ ତେବେ ତାହା ନିକଟରେ ଉପଯୁକ୍ତ ଦେବାନ ନିର୍ବାହ ହୋଇପାରିବ ନୋହିଲେ ରାଜା ଅଯୋଗ୍ୟ ହେଲେ ସେ ଚାଟୁକାର ଓ ଅମ୍ବଗରଜୀ ବ୍ୟକ୍ତିଙ୍କ କଥାରେ ବାଟ ଚାଲିବେ ଉପଯୁକ୍ତ ଦେବାନ ସେଠାରେ ସ୍ଥାନ ପାଇବେ ନାହିଁ ସୁତରାଂ ତାହାଙ୍କୁ କର୍ମତ୍ୟାଗ କରିବାକୁ ହେବ । ଆମ୍ଭମାନଙ୍କର ଏ ମତ ଆନୁମାନିକ ନୁହଇ ପ୍ରତ୍ୟକ୍ଷ ଘଟନା ଦେଖି ହୋଇଅଛୁ । ଅତଏବ ରାଜାଙ୍କ ଶିକ୍ଷା ଉପରେ ଏ ସମସ୍ତ ନିର୍ଭର କରଇ । ଏଥର ଦେଖିବାକୁ ହେବ ଯେ ରାଜାମାନେ କିପରି ଶିକ୍ଷିତ ହୋଇ ପାରିବେ ଗ୍ରନ୍ଥକାର ଇଜାନଗରର ମହାରାଜାଙ୍କ ପ୍ରସ୍ତାବିତ କଲେଜ ପରି ଗୋଟିଏ କଲେଜ ଏ ନଗରରେ ବସାଇବାକୁ ଚାହାନ୍ତି ମାତ୍ର ଉକ୍ତ ପ୍ରସ୍ତାବଟି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦୋଷରୁ ନିଷ୍ଫଳ ହୋଇ ନାହିଁ । ରାଜାମାନେ ଆପଣା୨ ପିଲାଙ୍କୁ କଟକ ପଠାଇବାକୁ ଅନିଚ୍ଛୁକ ଏବଂ ଅନ୍ୟର ଦାତବ୍ୟ ବିଦ୍ୟାଳୟରେ ପଢାଇବାକୁ ଅସ୍ୱୀକୃତ ଥିବାର ଜଣା ଯିବାରୁ ଉକ୍ତ ପ୍ରସ୍ତାବଟି ସଫଳ ନ ହେଲା ଓ ଏଥିରେ ବିଚିତ୍ର କିଛି ନାହିଁ । ଆମ୍ଭମାନଙ୍କ ବିବେଚନାରେ ଢେଙ୍କାନାଳର ନାବାଳଗକୁ ପଢାଇବାର ଯେଉଁ ନିୟମ ହୋଇଅଛି ସବୁ ଗଡଜାତରେ ସେହିପରି ଯେବେ ସମସ୍ତ ରାଜା ଆପଣା୨ ପିଲାମାନଙ୍କ ଶିକ୍ଷା ନିମିତ୍ତ ଜଣେ ଲେଖାଏ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ କରନ୍ତି ତାହା ହେଲେ ଏମାନଙ୍କର ଶିକ୍ଷା ଭଲ ହୋଇ ପାରିବ । ଶିକ୍ଷକ ଅନୁକ୍ଷଣେ ଏମାନଙ୍କ ସଙ୍ଗେ ଥାଇ କେବଳ ବିଦ୍ୟା ପଢାଇବେ ଏମନ୍ତ ନୁହେ ନୀତିଶିକ୍ଷା ଦେଉଥିବେ । ପିଲାମାନେ ଆପଣା୨ ବଳାନୁସାରେ କେହି ଏକ ବା ତିନି ଚାରି ବିଦ୍ୟା ଶିଖି ପାରିବେ କେବଳ ଆପଣା ମାତୃଭାଷା ପକ୍ଷକେ ଶିଖନ୍ତୁ ତହିଁରେ କ୍ଷତି ନାହିଁ କିନ୍ତୁ ଯେପରି ସେମାନଙ୍କର ଜ୍ଞାନ ବୃଦ୍ଧି ହେବ ଏବଂ ଧର୍ମାଧର୍ମର ବିଚାର କରି ପାରିବେ ଏମନ୍ତ ଶିକ୍ଷା ଦେବାର ଉଚିତ । ସବୁ ଗଡଜାତର ପିଲାଙ୍କୁ ଏକ କଲେଜରେ ଆଣି ପଢାଇଲେ ତାହା ହେବାର ସମ୍ଭବ ନୁହଇ ଓ କଟକରେ ରହି ସମସ୍ତେ ସମାନ ଶିକ୍ଷିତ ବା ସଚ୍ଚରିତ୍ର ହେବାରମଧ୍ୟ ଆଶା ହୋଇ ନ ପାରେ ଢେଙ୍କାନାଳ ନୟାଗଡ ଓ କେଉଁଝରର ରାଜାମାନେ ସମସ୍ତେ କଟକରେ ଶିକ୍ଷା ପାଇଥିଲେ କିନ୍ତୁ ଫଳ କେମନ୍ତ ହେଲା ତାହା ସମସ୍ତେ ପ୍ରତ୍ୟକ୍ଷ କରିଅଛନ୍ତି । ବିଦ୍ୟାଳୟରେ କେବଳ ବିଦ୍ୟାଶିକ୍ଷା ହୁଅଇ ନୀତି ଓ ଧର୍ମାଧର୍ମର ଶିକ୍ଷା ହୋଇ ପାରୁ ନାହିଁ । ଏକ ରାଜପୁତ୍ରଙ୍କ ସକାଶେ ବିଶେଷ ଶିକ୍ଷକ ରହିଲେ ସମସ୍ତ ପ୍ରକାର ଶିକ୍ଷା ହୋଇ ପାରିବ । ଏଥିରେ ରାଜାଙ୍କର ବ୍ୟୟ ଅଧିକ ପଡିବାର ସମ୍ଭାବନା ମାତ୍ର ଲାଭ ଅନେକ ଓ ଏପ୍ରକାର ବ୍ୟୟ ତିନି ଚାରି ବର୍ଷରୁ ଅଧିକ ପଡିବ ନାହିଁ ରାଜପୁତ୍ରମାନେ ବ ୧୩।୧୪ ର୍ଷ ପର୍ଯ୍ୟନ୍ତ ଅଳ୍ପବେତନର ଶିକ୍ଷକଦ୍ୱାରା ପାଠ ଶିଖିବେ ତହିଁ ଉତ୍ତାରୁ ଯେବେ ବ ୧୮ ର୍ଷ ବୟସ ପର୍ଯ୍ୟନ୍ତ ତାହାଙ୍କୁ ଉପଯୁକ୍ତ ଶିକ୍ଷକର ସଙ୍ଗରେ ରଖାଯାଏ ତେବେ ଆଶାନୁରୂପ ଉପକାର ହେବ । ଜ୍ୟେଷ୍ଠତ୍ୱର ପ୍ରଥା ସଙ୍ଗେ ଗୁଣର ସାମଞ୍ଜସ୍ୟ ରଖିବା ବଡ କଠିନ ବ୍ୟାପାର ଅଟେ । ରାଜାର ଜ୍ୟେଷ୍ଠପୁତ୍ର ରାଜା ହେବ କିନ୍ତୁ ଜ୍ୟେଷ୍ଠପୁତ୍ର ଯେ ଅବଶ୍ୟ ଗୁଣବାନ୍ ହେବ ଏରୂପ ଆଶା କରିବା ଅତି କଠିନ ବ୍ୟାପାର ତେବେ ଏତିକି ଭରସା ଯେ ସାଧୁ ସଙ୍ଗରେ ଅତ୍ୟନ୍ତ ମୂଢର ସୁଦ୍ଧା କିଛି ବ୍ୟୁତ୍ପତ୍ତି ହୋଇଥାଏ ଏମନ୍ତ ବିଶ୍ୱାସ ପରମ୍ପରା ହୋଇ ଆସୁଅଛି ଅତଏବ ଭରସା କରୁଅଛୁ ଯେ ସୁଯୋଗ୍ୟ ଶିକ୍ଷକର ସଙ୍ଗରେ ଅନୁକ୍ଷଣେ ରହିଲେ ଅବଶ୍ୟ କିଛି ଫଳ ହେବ ଏବଂ ଗବର୍ଣ୍ଣମେଣ୍ଟ ଯେବେ ସମସ୍ତ ରାଜାଙ୍କୁ ତାଗିଦ କରିବେ କି ସେମାନେ ଆପଣା୨ ପୁତ୍ରଙ୍କୁ ଶିକ୍ଷା ନ ଦେଲେ ତାହାଙ୍କୁ ରାଜଗିର ସମସ୍ତ କ୍ଷମତା ଦିଆ ଯିବ ନାହିଁ ତେବେ ଅବଶ୍ୟ ସେମାନେ ଶିକ୍ଷା ପ୍ରତି ଯତ୍ନବାନ୍ ହେବେ ।

---

## ସାପ୍ତାହିକସଂବାଦ ।

ଗତ ମଙ୍ଗଳବାର ସକାଳେ ଶ୍ରୀଯୁକ୍ତ ବିଡନ ସାହେବ ଏ ନଗରରେ ପ୍ରବେଶ ହୋଇ ତହିଁ ଆରଦିନ ସକାଳେ ଶ୍ରୀଯୁକ୍ତ ଟେଏନବି ସାହେବଙ୍କଠାରୁ କଲେକ୍ଟରୀ ମାଜିଷ୍ଟ୍ରେଟି ପ୍ରଭୃତି କଚେରିମାନଙ୍କର ଚାର୍ଯ୍ୟ ନେଲେ । ସାହେବ ପ୍ରଶଂସିତ ଦେଖିବାକୁ ଦୀର୍ଘାକାର ଏବଂ ତେଜସ୍ୱର । ଯେମନ୍ତ ସାବଧାନ ହୋଇ ଖଜଣାଖାନାର ତହବିଲ ବୁଝି ନେଲେ ତହିଁରୁ ଜଣାଯାଏ ଯେ ଆପଣା ଦାୟିର ଗୁରୁତ୍ୱ ପ୍ରତି ଯଥାର୍ଥ ଆସ୍ଥା ଅଛି ଏବଂ ଯେଉଁମାନେ ଏହାଙ୍କୁ ଦେଖି ଛନ୍ତି ସେମାନଙ୍କ ମନରେ ବିଶ୍ୱାସ ହୋଇଅଛି ଯେ ସାହେବ ବିଚକ୍ଷଣ ଅଟନ୍ତି ।

Split by PDF Splitter

Digitized by srujanika@gmail.com

ଶ୍ରୀଯୁକ୍ତ ଟୈଏନବୀସାହେବ ଆଗାମୀ ବୁଧବାର କଲିକତାକୁ ଯାତ୍ରା କରିବେ । କେତେ ଦିନରେ ଫେରି ଆସିବେ ବୋଲାଯାଇ ନ ପାରେ ସେ ଏ ଜିଲ୍ଲାର ଭାରରୁ ଅଳ୍ପଦିନ ସକାଶେ ହେଉ ପଛକେ ଅନ୍ତର ହେବାରେ ଏଠା ଲୋକେ ଦୁଃଖିତ ଅଛନ୍ତି ମାତ୍ର ବଳପୂର୍ବକ ଜଳକର ନେବାର ବ୍ୟବସ୍ଥା ସମ୍ପର୍କୀୟ ବିଶେଷ ଅନୁସନ୍ଧାନ କାର୍ଯ୍ୟ ତାହାଙ୍କ ହାତରେ ଅର୍ପିତ ହେବାରେ ସମସ୍ତେ ଆଶା କରନ୍ତି କି ତାହାଙ୍କ ଯୋଗେ ପ୍ରଜାଙ୍କର କୌଣସି ଅନିଷ୍ଟ ନ ହୋଇ ସାକ୍ଷାତ୍ ମଙ୍ଗଳ ହେବ ।

ଗତସପ୍ତାହରେ ତିନି ଚାରିଦିନ ଏଠାରେ ଏମନ୍ତ ବୃଷ୍ଟି ହୋଇଥିଲା ଯେ ଠିକ ବର୍ଷାକାଳ ଆରମ୍ଭ ହେବାପରି ଜଣାଗଲା ମାତ୍ର ଏସପ୍ତାହରେ ତହିଁର ଠିକ ବିପରୀତ ହୋଇଅଛି । ଦିବାଭାଗର କଥା ତେଣିକି ଥାଉ ରାତ୍ରରେ ସୁଦ୍ଧା ଗ୍ରୀଷ୍ମ ହେତୁ ଲୋକେ ଘରେ ଶୋଇ ପାରୁ ନାହାନ୍ତି ।

ଓଡ଼ିଶା ବନ୍ଦରମାନଙ୍କର ରକ୍ଷକ ଶ୍ରୀଯୁକ୍ତ ହାରିସ୍‌ସାହେବ ଗତମାସ ତା ୮ ରିଖରେ ବଡଘର୍‌ବନ୍ଦରଠାରେ ବୁଡ଼ିମରିଅଛନ୍ତି । ଉକ୍ତ ଦିନ ସାମାନ୍ୟ ତୋଫାନ ହୋଇଥିବାରୁ ସରକାରୀଡାକ ଘେନି ଆସୁଥିବା ଷ୍ଟିମ୍ ଥୂଁ ଆକଲ ଜାହାଜ ବୁଡ଼ିଯିବାର ଦେଖି ସେ ଜାଲିବୋଟରେ ବସି ତହିଁ ନିକଟକୁ ଯାଉଥିଲେ । ତୋଫାନରେ ଜାଲିବୋଟ ଓଲଟି ପଡ଼ିଲା । ସେଠାରେ ଛଅଫୁଟ ମାତ୍ର ପାଣି ଥିଲା ଓ ମାଝିମାନେ ବାଉଁଶ ବଢ଼ାଇ ଦେଇ ତାହା ଧରିବା ସକାଶେ ସାହେବଙ୍କୁ ସଙ୍କେତ କଲେ ମାତ୍ର ସେ ଆପଣା ପରାକ୍ରମ ଉପରେ ନିର୍ଭର କରି ଓ ଆଉ ଖଣ୍ଡେ ଜାଲିବୋଟ ତାହାଙ୍କ ନିକଟକୁ ଆସୁଥିବାର ଦେଖି ପହଁରିବାରେ ରହିଲେ । ଅଳ୍ପକ୍ଷଣ ମଧ୍ୟରେ ସେ ଅବଶ ହୋଇ ପିଠିଭରା ଦେଲେ ଓ ଜାଲିବୋଟରେ ତାହାଙ୍କୁ ଘେନିଯାଇ ଅନେକ ଚେଷ୍ଟା କଲେହେଁ ଆଉ ଚେତନା ହେଲା ନାହିଁ । ସାହେବଙ୍କ ସ୍ୱଭାବ ବଡ ଭଲ ଥିଲା ଓ ତାହାଙ୍କର ଏମନ୍ତ ଶୋଚନୀୟ ମୃତ୍ୟୁରେ ଅନେକ ଲୋକ ଦୁଃଖିତ ଅଛନ୍ତି ।

ଦାଖଲଖାରଜର ନୂତନ ଆଇନ କାରଣରୁ ଏ ବର୍ଷ କେତେ ଅଧିକା ଷ୍ଟାମ୍ପ ଫିସ ଆଦାୟ ହେବ ତହିଁର ଅନୁମାନିକ ତାଲିକା କଲେକ୍ଟରମାନଙ୍କଠାରୁ ଗବର୍ଣ୍ଣମେଣ୍ଟବଙ୍ଗାଳ ତଲବ କରିଅଛନ୍ତି । ହିନ୍ଦୁପେଟ୍ରିଅଟ ଅନୁମାନ କରନ୍ତି ଓଡ଼ିଶାରୁ ଏକା ଚାରିଲକ୍ଷ ଟଙ୍କାର ଅଧିକ ଆୟ ହେବ ମାତ୍ର ଆମ୍ଭେମାନେ ଯାହା ଦେଖୁଅଛୁଁ ତହିଁରେ ସେପ୍ରକାର ଅନୁମାନ ହେଉ ନାହିଁ । ସମସ୍ତ ଓଡ଼ିଶାରେ ବହୁତ ହେଲେ ଦୁଇଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ । ତେବେ ଦେବାଣୀ ଅଦାଲତ ପର୍ଯ୍ୟନ୍ତ ଦାଖଲଖାରଜ ମୋକଦ୍ଦମାର ଶେଷ ଧରି ଅନୁମାନ କଲେ ଚାରିଲକ୍ଷ ଟଙ୍କା ହେବା ବିଚିତ୍ର ନୁହଇ ମାତ୍ର ସେ ସମସ୍ତ ଏହି ବର୍ଷରେ ହେବାର ଆଶା ନାହିଁ ।

ଏନଗରରେ ଥିବା ମାନ୍ଦ୍ରାଜଦେଶୀ ପଲଟନର କର୍ଣ୍ଣେଲ ନିକଲସ୍‌ସାହେବ ଗତ ସୋମବାର ଏ ସଂସାରରୁ ପ୍ରସ୍ଥାନ କଲେ । ତାହାଙ୍କୁ କବର ଦେବା ସକାଶେ ଅନେକ ଇଂରାଜ ଓ ଦେଶୀୟ ଲୋକ ଏକତ୍ରିତ ହୋଇ ଥିଲେ । ଏହାଙ୍କର ସ୍ତ୍ରୀ ପୁତ୍ର କେହି ନାହିଁ କେବଳ ଗୋଟିଏ ଅବିବାହିତା ଦୁହିତା ଅଛି ।

ବଣୀଘରର ସୁପରିଣ୍ଟେଣ୍ଡେଣ୍ଟ ଗୀଏସ୍‌ସାହେବ କପ୍ତାନ ହାରିସ୍‌ସାହେବଙ୍କ କର୍ମରେ ଅର୍ଥାତ୍ ଓଡ଼ିଶାର ବନ୍ଦରମାନଙ୍କର ରକ୍ଷକ ପଦରେ ଏକ୍ଟିଂ ନିଯୁକ୍ତ ହୋଇଅଛନ୍ତି ।

ବାବୁ ରାସବିହାରୀ ଘୋଷ ପୁନର୍ବାର ଓଡ଼ିଶାକୁ ବଦଳି ହୋଇ ଆସିଅଛନ୍ତି । ଏଥର ପୁରୀ ସଦର ମୁକାମରେ ନିଯୁକ୍ତ ହୋଇଅଛନ୍ତି ।

ନୂତନ ପ୍ରଦେଶୀୟ କର ଆଇନ ବିରୁଦ୍ଧରେ କଲିକତାର ଭାରତବର୍ଷୀୟ ସଭା ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ଆବେଦନପତ୍ର ପଠାଇଅଛନ୍ତି । ମାତ୍ର ବିଲାତକୁ ନ ଗଲେ ଏଠାରେ କିଛି ଫଳ ହେବ ଏମନ୍ତ ଜଣାପଡୁ ନାହିଁ ।

ତୁରସ୍କଯୁଦ୍ଧର ବିଶେଷ ସମ୍ବାଦ କିଛି ଏସପ୍ତାହରେ ଆସି ନାହିଁ । ଅଦ୍ୟାପି ପ୍ରକୃତରୂପେ ଯୁଦ୍ଧ ହୋଇ ନାହିଁ କେବଳ ଉଭୟ ରାଜ୍ୟର ସୀମାସ୍ଥିତ ଏକ ୨ ସ୍ଥାନରେ ସାମାନ୍ୟ ଯୁଦ୍ଧ ହୋଇଅଛି ତହିଁରେ କୌଣସି ପକ୍ଷ ବିଶେଷ ଫଳ ପାଇ ନାହାନ୍ତି ।

ଅସ୍ମମାନଙ୍କର ପୂର୍ବ ଲାଟସାହେବ ଲର୍ଡ ନର୍ଥବ୍ରୁକ ଭାରତବର୍ଷଜାତ ଦ୍ରବ୍ୟ ସବୁ ପାରିସ ନଗରର ପ୍ରଦର୍ଶନ ସଭାକୁ ନେଇ ଯିବାର ବ୍ୟୟ ନିର୍ବାହ ନିମିତ୍ତ ତିରିଶହଜାର ଟଙ୍କା ଦାନ କରିଅଛନ୍ତି । ଏଥିରୁ ଦେଖାଯାଏ ଯେ ଲର୍ଡ ମହୋଦୟ ଭାରତବର୍ଷକୁ ପାସୋରି ନାହାନ୍ତି ।

ଦେଉଆଣୀ ଅପୀଲ ମକଦ୍ଦମାମାନ ହେଷ୍ଟଦ୍ୱାସ ବିସ୍ତର ହେବାର ଯେଉଁ ପ୍ରସ୍ତାବ କେତେ ଦିନରୁ ହୋଇଥିଲା ମାନ୍ୟବର ଇଡେନସାହେବ ତହିଁର ବ୍ୟୟ ନିର୍ବାହର ଉପାୟ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆରେ ଯାହା ପ୍ରସ୍ତାବ କରିଥିଲେ ତାହା ମନୋନୀତ ହୋଇଅଛି ଓ ଅଳ୍ପଦିନମଧ୍ୟରେ ଏ ବିଷୟ ମଞ୍ଜୁର କରିବାର ଆଇନ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହେବ ।

ଆମେରିକାରେ ଶବ ଦାହର ନିୟମ ପ୍ରଚଳିତ ହେଲାଣି । କଥିତ ହୁଅଇ ଯେ ବାସିଂଟନ ନଗରଠାରୁ ଏକମାଇଲ ଅନ୍ତର ଏକ ପାହାଡ଼ ଉପରେ ଗୋଟିଏ ଶବ ପୋଡ଼ାଇବାର ଭାଟି ପ୍ରସ୍ତୁତ ହୋଇଅଛି ଓ ଏମନ୍ତ କୌଶଳ ହୋଇଅଛି ଯେ ଶବକୁ ପୋଡ଼ି ତାହାର ପାଉଁଶ ଗୋଟିଏ ବାକସରେ ବନ୍ଦ କରି ଭାଟୀ ପାଖରେ ରଖିଦେବେ ଓ ଯାହାର ଯାହା ଲେଖିବାର ଇଚ୍ଛା ତାହା ସେ ସ୍ମରଣାର୍ଥ ଲେଖାଇ ଦେବ । ଆମ୍ଭେମାନେ ଚିରକାଳରୁ ଶବ ଦାହ କରି ଆସୁଅଛୁଁ କିଛି ପରିବର୍ତ୍ତନ ହୋଇ ନାହିଁ । ଦେଖି ଏ ମାନଙ୍କର ତାତ୍ପର୍ଯ୍ୟ ଛଡ଼ା କର୍ମ ନାହିଁ ।

ୟାରକନ୍ଦର ରାଜଦୂତ ସୟଦ ୟାକୁବ ଖାଁନ ତୁରା କାଶ୍ମୀରର ମହାରାଜାଙ୍କଠାରୁ ଅତି ମୂଲ୍ୟବାନ ଦାନ ପାଇଅଛନ୍ତି ତାହାଙ୍କର ମୌରସମାନେ ପାଇଥିବା ଜାଗିରକୁ ମହାରାଜା ତାହାଙ୍କୁ ଫେରାଇ ଦେଇଅଛନ୍ତି ଏଥିରୁ ବାର୍ଷିକ ଆୟ ଟ ୬୦୦୦୦ଙ୍କା । ଏ ପ୍ରଦେଶର ଓଡ଼ିୟ ରାଜାମାନେ ଆପଣା ପୂର୍ବ ପୁରୁଷଙ୍କ ଦାନ ସବୁ କିପରି ଫେରାଇ ନେବେ ଏହି ଚେଷ୍ଟାରେ ସଦା ରତ ରହିଅଛନ୍ତି ।

## ବିଜ୍ଞାପନ ।

ଶ୍ରୀ ଟଏନବୀ ସାହେବଙ୍କ [illegible] ଘୋଡ଼ା ଗାଡ଼ି ଏବଂ ଏକପ୍ରସ୍ଥ ସବାରଘୋଡ଼ାର ସାଜ ଆଗାମୀ ବୁଧବାର ସକାଳ ଘ ୮ ଟା ସମୟରେ କଲେକ୍ଟର କଚେରୀ ହତାରେ ନିଲାମ ହେବ ଯେଉଁମାନେ ଏ ଜିନିଷରେ କିଛି କ୍ରୟ କରିବାକୁ ଇଚ୍ଛା କରନ୍ତି ନିରୂପିତ ସମୟରେ ସେଠାରେ ଉପସ୍ଥିତ ହୋଇ ନିଲାମ ଡାକିବେ ।
୨୫ | ୪ | ୭୭

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଶ୍ରୀନାଥ ଘୋଷ | ବାଙ୍କି | ବକାୟା | ଟ ୭୯ |
| " ଜଗନ୍ନାଥ ହରିକାର | କଟକ | " | ଟ ୭୯ |
| " ରଘୁନାଥ ଘୋଷ | " | " | ଟ ୩୯ |
| ଶ୍ରୀ ଶ୍ରୀ ରାଜା କଣ୍ଠେ ନୃସିଂହ | | " | ଟ ୭୯ |
| " ରାଜା କଣ୍ଠେ ଢେଙ୍କାନାଳ | | " | ଟ ୬୦/ |
| ବାବୁ ଦକ୍ଷଣ ପାଣ୍ଡାଏଳ | ଅନଗୁଲ | " | ଟ ୧୬। |
| " ରାଜେନ୍ଦ୍ର ମିଶ୍ର | କଟକ | " | ଟ ୨୯ |
| " ଭୁବନେଶ୍ୱର ପାଣ୍ଡି | ବାଲେଶ୍ୱର | ଅଗ୍ରିମ | ଟ ୬୦/ |

ଏହି ଉତ୍କଳଦୀପିକା ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ ଶ
ସ ୨୨ ସଂଖ୍ୟା

ତା ୨ ରଶ ମାହେ ଜୁନ ସନ ୧୮୭୭ ମସିହା। ମୁ। ଜ୍ୟେଷ୍ଠ ଦ ୨୨ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୨॥
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୩
ମଫସଲପାଇଁ ଡାକମାସୁଲ ଟ ୧।୵

ବାବୁ ଅଘୋରନାଥ ଚଟ୍ଟୋପାଧ୍ୟାୟ ଯେ କି ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ ରସାୟନ ଶାସ୍ତ୍ରରେ ଡାକ୍ତର ଅଫ୍ ସାଏନସ ଉପାଧି ଲାଭ କରିଅଛନ୍ତି, ସେ ବୋମ୍ବାଇରେ ଆସି ପହଞ୍ଚି ଅଛନ୍ତି। ରସାୟନ ଶାସ୍ତ୍ର ପରୀକ୍ଷାରେ ସେ ପ୍ରଥମ ପଦବୀ ଲାଭ କରିଅଛନ୍ତି ଓ ବ୍ୟାକ୍‌ଷ୍ଟାର ନାମକ ବାର୍ଷିକ ଟ ୬୦୦୦ ପରିମାଣ ଛାତ୍ରବୃତ୍ତି ବ ୨ ବର୍ଷ ପାଇଁ ପ୍ରାପ୍ତ ହୋଇଥିଲେ। ସରସାଲାରଜଙ୍ଗ ନିଜାମ ବଂଶୀୟ ରାଜକୁମାରମାନଙ୍କର ଶିକ୍ଷା କାର୍ଯ୍ୟରେ ତାହାଙ୍କୁ ନିଯୁକ୍ତ କରିଅଛନ୍ତି, ସେ ଶୀଘ୍ର ସେହି କର୍ମରେ ପ୍ରବୃତ୍ତ ହେବେ।

---

ବାବୁ ନିଶିକାନ୍ତ ଚଟ୍ଟୋପାଧ୍ୟାୟ ନାମକ ପୂର୍ବ୍ବାଞ୍ଚଳବାସୀ ଏକଯୁବା ପୁରୁଷ ଅଧ୍ୟୟନ କରିବା ପାଇଁ ବିଲାତ ଯାଇଅଛନ୍ତି। ସେ ଲିପ୍‌ଜିଗ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସମ୍ପ୍ରତି ଶୁଣାଯାଉଅଛି, ସେ ସେଣ୍ଟପିଟର୍ସବର୍ଗର ବିଶ୍ୱବିଦ୍ୟାଳୟରେ ଭାରତବର୍ଷୀୟ ଭାଷା ସମ୍ପ୍ରଦାୟର ଅର୍ଥାତ୍ ସଂସ୍କୃତ, ବଙ୍ଗଳା ଓ ହିନ୍ଦୀଭାଷାର ଅଧ୍ୟାପକ ନିଯୁକ୍ତ ହୋଇଅଛନ୍ତି। ଘରଦ୍ୱାର ବେତନ ବ୍ୟତିରେକେ ସେ ମାସକୁ ତିନିଶ ମାର୍କ ବେତନ ପାଇବେ। ବାବୁ ନିଶିକାନ୍ତ ଜର୍ମନଭାଷାରେ ବୌଦ୍ଧ ଧର୍ମ, ରାମାୟଣ, ହିନ୍ଦୁମାନଙ୍କର କାଳଗଣନା ଓ ହିନ୍ଦୁମହିଳାମାନଙ୍କର ବର୍ତ୍ତମାନ ଓ ଅତୀତ କାଳର ଅବସ୍ଥା ଇତ୍ୟାଦି ବିଷୟରେ ଯେଉଁ ବକ୍ତୃତା କରିଥିଲେ ଇଷ୍ଟପତ୍ର କହନ୍ତି ଯେ, ଜର୍ମାନ ସମ୍ବାଦପତ୍ରରେ ତାଙ୍କର ଅତିଶୟ ପ୍ରଶଂସା ହୋଇଥିଲା। ସେଣ୍ଟପିଟର୍ସବର୍ଗକୁ ଯିବା ପୂର୍ବ୍ବରେ ବାବୁ ନିଶିକାନ୍ତ ୪।୫ ମାସ ପାରସ ନଗରରେ ଥାଇଁ ଫାରସୀ ଭାଷା ଅଧ୍ୟୟନ କରିବେ। ରୁସିୟା ଦେଶରେ ଇତିପୂର୍ବ୍ବରୁ ଭାରତବର୍ଷୀୟ ଭାଷା ସମୂହର ଚର୍ଚ୍ଚା ହୋଇ ଆସୁଅଛି। ତେବେ ବୋଧ ହୁଏ ଏହି ପ୍ରଥମରେ ତତ୍‌ଶିକ୍ଷାକାର୍ଯ୍ୟରେ ଜଣେ ଭାରତବାସୀ ନିଯୁକ୍ତ ହେବାର ଶୁଣାଗଲା।

---

ମାନ୍ଦ୍ରାଜ ଓ ବମ୍ବେଇରେ ଦୁର୍ଭିକ୍ଷ ଊଣା ନ ହୋଇ ବରଂ ପୂର୍ବ୍ବାପେକ୍ଷା ଅଧିକ ବୋଧ ହେଉଅଛି। କାରଣ ଯଦ୍ୟପି କି ଚାଉଳ ଓ ଅନ୍ୟାନ୍ୟ ଆହାରୀୟ ଶସ୍ୟ ସବୁର ଦର ଗତମାସମାନଙ୍କ ଅପେକ୍ଷା ଅଧିକ ବୃଦ୍ଧି ହୋଇ ନାହିଁ ଓ ପ୍ରଚୁର ପରିମାଣରେ କିଣିବାକୁ ମିଳୁଅଛି କିନ୍ତୁ ଲୋକମାନଙ୍କର କିଣିବାର ଶକ୍ତି ଦିନ୨ ଊଣା ହେଉଅଛି। ଅନେକ ଲୋକର ହାତରେ ଅତ୍ୟଳ୍ପ ଯାହା ପୁଞ୍ଜି ଥିଲା ତାହା କ୍ରମେ ଶେଷ ହୋଇ ଗଲାରୁ ଏବେ ସେମାନେ ଅନ୍ୟ ଉପାୟ ନ ଦେଖି ସାହାଯ୍ୟ କର୍ମରେ ମୂଲ ଲାଗିବାକୁ ଆସୁଅଛନ୍ତି। ଏହିପରି ମୂଲିଆଙ୍କ ସଂଖ୍ୟା ବୃଦ୍ଧି ହେଉଅଛି। ବୃଷ୍ଟି ହେବାରେ କୌଣସି ଅବସ୍ଥାର ବିଶେଷ ପରିବର୍ତ୍ତନ ହୋଇ ନାହିଁ ତେବେ ପାନୀୟ ଜଳକଷ୍ଟ ଯେଉଁଠାରେ ଅନୁଭବ ହେଉଥିଲା ତାହା ନିବାରଣ ହୋଇଅଛି ଓ କୃଷି କରିବାର ସୁଯୋଗ ମଧ୍ୟ ବିଶେଷ ହୋଇଅଛି। ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ କୁଲିମାନଙ୍କୁ ଆପଣା୨ ଗ୍ରାମକୁ ପଠାଇ ଦେବାର ସ୍ଥିର କରି ଏକ୨ କୁଲି ପରିବାରର କର୍ତ୍ତାବ୍ୟକ୍ତିଙ୍କୁ ଦଶଟଙ୍କା ନଗଦ ଓ ପୁରୁଷ ଓ ସ୍ତ୍ରୀମାନଙ୍କୁ ଖଣ୍ଡେ୨ ଲୁଗା ଦେବାକୁ ଆଜ୍ଞା ଦେଇଅଛନ୍ତି ଯେ ତାହା ନେଇ ସେମାନେ ଆପଣା୨ ଗ୍ରାମକୁ ଯାଇ କୃଷିବସ୍ତ କରିବେ।

---

ଗୌହୁଆରଠାରେ ଗତବର୍ଷ ଯେଉଁ ତମ୍ବାପଟ୍ଟା ସନନ୍ଦ ଗୋଟାଏ କ୍ଷେତରୁ ବାହାରି ଏଠା କଲେକ୍ଟରୀ କଚେରୀକୁ ଆସିଥିଲା, ବାବୁ ରଙ୍ଗଲାଲ ବାନୁର୍ଯ୍ୟା ଡେପୁଟୀକଲେକ୍ଟର ତାହାକୁ ପାଠ କରି ତହିଁର ବୃତ୍ତାନ୍ତ କଲିକତାର ଆସିୟାଟିକସୋସାଇଟୀ ନାମକ ସଭାକୁ ପଠାଇଥିଲେ। ତହିଁରୁ ଜଣାଯାଏ ଯେ ଉକ୍ତ ତମ୍ବାପଟ୍ଟାରେ କଟକର ଅନ୍ତଃପାତୀ ଖଣ୍ଡିଏ ଗ୍ରାମ ଦାନ ହୋଇଥିଲା। ଦାତାର ନାମ ଯଯାତି। ଏବ୍ୟକ୍ତି କେଶରୀବଂଶର ସ୍ଥାପନକର୍ତ୍ତା ଥିଲେ କି ସେ ଖ୍ରୀଷ୍ଟର ପଞ୍ଚଶତାବ୍ଦୀରେ ବୌଦ୍ଧମାନଙ୍କୁ ତଡି ଦେଇ ଓଡିଶାରେ ହିନ୍ଦୁଧର୍ମର ଅଧିକାର ପୁନର୍ବାର ସ୍ଥାପନ କରିଥିଲେ। ଏହାଙ୍କୁ ଏପର୍ଯ୍ୟନ୍ତ ସମସ୍ତେ ସ୍ୱାଧୀନରାଜା ଜ୍ଞାନ କରୁଥିଲେ ମାତ୍ର ପ୍ରସ୍ତାବିତ ସନନ୍ଦରେ ସେ ଆପଣାକୁ ମଗଧ ଦେଶର ଭବଗୁପ୍ତଙ୍କର ଅଧୀନ ବୋଲି ସ୍ୱୀକାର କରିଅଛନ୍ତି। ଅତଏବ ବୋଧ ହୁଅଇ କି ଯେଉଁ

Digitized by srujanika@gmail.com

Split by PDF Splitter



ବ୍ୟକ୍ତି ଓଡ଼ିଶାରେ ବୌଦ୍ଧଙ୍କ ଅଧିକାର ନାଶ କଲେ ସେ ମଗଧ ଦେଶର ଜଣେ ହିନ୍ଦୁରାଜା ଥିଲେ ଓ ଆପଣା ଅଧୀନ ସରଦାରଦ୍ୱାରା ଏ ପ୍ରଦେଶକୁ ଶାସନ କରୁଥିଲେ। ପୁରୁଷୋତ୍ତମର ମନ୍ଦିରରେ ଥିବା ବିବରଣରେ ବୌଦ୍ଧମାନଙ୍କୁ ଯବନ ବୋଲି ଲେଖା ଯାଇଅଛି । ଓଡ଼ିଶା ରାଜାଙ୍କର ସ୍ୱାଧୀନତା ଅଲୀକ ଥିବାର ଶୁଣି ଏଠାରେ ଅନେକେ ଆଶ୍ଚର୍ଯ୍ୟ ହେବେ ।

---

( ଗତ ପ୍ରକାଶିତ ଉତ୍ତାରୁ )

ସଭାପତିଙ୍କ ବକ୍ତୃତା ।

ଦ୍ୱିତୀୟ ବିଷୟଟି ଏହି ଯେ ଛାତ୍ରମାନେ ବିଦ୍ୟାଳୟରୁ ବାହାରିଲା ମାତ୍ରକେ ଏକହାତରେ ଦରଖାସ୍ତ ଓ ଅନ୍ୟ ହାତରେ ବିଦ୍ୟାଳୟର ସାର୍ଟିଫିକେଟ ଘେନି କଚେରୀକୁ ଯାଇ ଚାକିରୀ ସକାଶେ ହାକିମମାନଙ୍କୁ ବିରକ୍ତ କରନ୍ତି । ଏତେ ଲୋକଙ୍କୁ ଚାକିରୀ ଦେବା ଗବର୍ଣ୍ଣମେଣ୍ଟଙ୍କର ସାଧ୍ୟାତୀତ ଓ କେବଳ ସେହି କାମନାରେ ଛାତ୍ରମାନଙ୍କର ବିଦ୍ୟାଶିକ୍ଷା କରିବା ବିଡ଼ମ୍ବନାମାତ୍ର ଅତଏବ ସଭାପତି ମହାଶୟ ସେମାନଙ୍କୁ ଉପଦେଶ ଦେଲେ କି ସେମାନେ ଆପଣା ୨ ପୈତୃକ ଭୂମି ଚାଷ କରନ୍ତୁ ଜଙ୍ଗଲ ଆବାଦ କରନ୍ତୁ ଅଥବା ଜମିଦାରୀ କିଣନ୍ତୁ । ସ୍କୁଲର ଛାତ୍ରଙ୍କ ମଧ୍ୟରେ ଚାକିରୀ ରୋଗଟି ଅତି ପ୍ରବଳ ଏଥିରେ ସନ୍ଦେହ ନାହିଁ ଓ ସମସ୍ତେ ଚାକିରୀକୁ ଚାହିଁ ବସିଲେ କଦାଚ ଚଳିବ ନାହିଁ କାରଣ ଏତେ ଚାକିରୀ କେଉଁଠାରୁ ଆସିବ । ମାତ୍ର ଯେଉଁ ଭଙ୍ଗିରେ ସଭାପତି ମହାଶୟ ବକ୍ତୃତା କଲେ ତହିଁରୁ ଜଣାଗଲା ଯେମନ୍ତ ସେ ଛାତ୍ରମାନଙ୍କୁ ଏକାବେଳକେ ଚାକିରୀରୁ ନୈରାଶ ହେବାକୁ କହିଲେ । ଏଥିରେ ଛାତ୍ରମାନଙ୍କ ଉତ୍ସାହ ଭଙ୍ଗ ଭିନ୍ନ ଅନ୍ୟ କିଛି ଫଳ ନାହିଁ । ଛାତ୍ରମାନେ ଯେବେ ବିଦ୍ୟା ପଢି ଚାକିରୀ ଲୋଡ଼ନ୍ତି ତହିଁ ପାଇଁ ଏକା ସେମାନେ ଦୋଷୀ ନୁହନ୍ତି କାରଣ ପିତା ମାତା ବନ୍ଧୁ ପ୍ରତିବାସୀ ସମସ୍ତଙ୍କଠାରୁ ସେମାନେ ଏହି କଥା ଶୁଣି ଆସୁଅଛନ୍ତି ଯେ ଲେଖାପଢା ଭଲକରି ଶିଖିଲେ ଉଚ୍ଚ ବେତନର ଚାକିରୀ ହେବ ଓ ତହିଁରେ ସେମାନେ ସୁଖୀ ହେବେ । ଏହି ଆଶାରେ ସେମାନେ ବଦ୍ଧ ହୋଇ ନାନା କ୍ଳେଶ ଓ ଅସୁବିଧାମାନ ସହ୍ୟ କରି ଦିବାରାତ୍ର ପରିଶ୍ରମଦ୍ୱାରା ଶିକ୍ଷାର ଏକ ୨ ସୋପାନରେ ଅଗ୍ରସର ହେଲେ ଓ ଯେତେବେଳେ ତହିଁର ପାରିତୋଷିକ ପାଇବାକୁ ଚୂଡ଼ାନ୍ତ ତତ୍ତ୍ୱରେ ବାର୍ଷିକ ସଭାରେ ଉପସ୍ଥିତ ହେଲେ ସେତେବେଳେ ସର୍ବୋଚ୍ଚ ପ୍ରଦେଶୀୟ ହାକିମ ବା ଯାହାଙ୍କଠାରୁ ଶିକ୍ଷାର ଚରମ ଫଳ ପାଇବାକୁ ଆଶା କରିଅଛନ୍ତି ତାହାଙ୍କଠାରୁ ଶୁଣିଲେ ଯେ ଶିକ୍ଷିତ ହେଲେ ଚାକିରୀ ମିଳିବ ନାହିଁ ଚାଷ କରି ପେଟ ପାଳିବାକୁ ହେବ । ଏକଥା ଶୁଣିଲା ଉତ୍ତାରୁ ସେମାନଙ୍କର ମନ ମଧ୍ୟରେ କିପ୍ରକାର ଚିନ୍ତା ଓ ସଂଶୟ ଉଦିତ ହୋଇଥିବ ତାହା ସହଜରେ ଅନୁଭବ ହୋଇ ପାରେ ବାସ୍ତବରେ ତହିଁରେ ଉତ୍ସାହ ଭଙ୍ଗ ଭିନ୍ନ ଆଉ କିଛି ଫଳ ହେବାର ସମ୍ଭବ ନୁହଇ ଆମ୍ଭେମାନେ ପଚାରୁ ଯେବେ ଶିକ୍ଷିତମାନେ କେବଳ ଚାଷବାସ କରିବେ ତେବେ ଚାକିରୀ କିଏ କରିବ ? ଚାକିରୀ ସକାଶେ କି ଶିକ୍ଷିତ ଲୋକର ଲୋଡ଼ା ହୁଅଇ ନାହିଁ ? ତାହା କି ମୂର୍ଖଲୋକେ କରନ୍ତି ? ଇଙ୍ଗଲଣ୍ଡରୁ ଯେଉଁ ସୁଶିକ୍ଷିତ ଲୋକମାନେ ସାତସମୁଦ୍ର ପାର ହୋଇ ଭାରତବର୍ଷକୁ ଆସୁଅଛନ୍ତି ସେମାନେ କି ନଳାର ଯୋଗ୍ୟ ଅଟନ୍ତି । କେବଳ ସେହିମାନେ ଆପଣା ଦେଶ ଛାଡ଼ି ଏଦେଶରେ ଚାକିରୀ କରି ଏଠା ଧନ ବୋହି ନେଇ ଯିବେ ଓ ଆମ୍ଭେମାନେ ସୁଶିକ୍ଷିତ ହୋଇ ଜଙ୍ଗଲ କାଟିବା ଦ୍ୱାରା ଜୀବିକା ନିର୍ବାହ କରିବା ! ଆମ୍ଭେମାନେ ନିଶ୍ଚୟ ଜାଣୁ ଏପ୍ରକାର ବୋଲିବା ସଭାପତିଙ୍କର ଭାବ ନ ଥିଲା କିନ୍ତୁ ସେ ପୂର୍ବାପର ନ ବିଚାରି ଗୋଟାଏ କଥା କହି ଦେବାରେ ସମସ୍ତଙ୍କ ମନରେ ଅନିବାର୍ଯ୍ୟରୂପେ ଉକ୍ତ ଭାବର ସଞ୍ଚାର ହେଲା । ସଭାପତିଙ୍କ ଭାବ ଏହି ବୋଧ ହୁଅଇ ଯେ ସମସ୍ତେ ଚାକିରୀକୁ ଚାହିଁ ରହିଲେ ଶିକ୍ଷାର ବିଶେଷ ଫଳ କିଛି ହେବ ନାହିଁ ଅବଶ୍ୟ ଯୋଗ୍ୟ ଲୋକଙ୍କ ମଧ୍ୟରୁ ଏକ ଅଂଶ ଚାକିରୀ କରିବେ ମାତ୍ର ଅଧିକାଂଶ ଲୋକଙ୍କୁ ସ୍ୱାଧୀନ ବ୍ୟବସାୟ ଅବଲମ୍ବନ କରିବାର ଉଚିତ ତାହା ହେଲେ ଦେଶର ଉନ୍ନତି ହେବ ଓ ସେମାନଙ୍କର ଅଧିକ ଅର୍ଥଲାଭ ହେବ । ଏହା ନ କରି ଯେବେ ସମସ୍ତେ ଚାକିରୀ ଲୋଡ଼ିବେ ତେବେ ଗବର୍ଣ୍ଣମେଣ୍ଟ ଏତେ ଚାକିରୀ କାହୁଁ ଆଣିବେ । ଗବର୍ଣ୍ଣମେଣ୍ଟ କେବଳ ଏତିକି କରିପାରନ୍ତି କି ଯେତେବେଳେ ଜଣେ କର୍ମଚାରୀର ଲୋଡ଼ା ହେବ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରୁ ଯାହାକୁ ଉପଯୁକ୍ତ ଜାଣିବେ ତାହାକୁ ନିଯୁକ୍ତ କରିବେ । ଏପ୍ରକାର ସ୍ପଷ୍ଟ କରି କହିଥିଲେ ଛାତ୍ରମାନେ ଉତ୍ସାହିତ ହୋଇ ବିଦ୍ୱାନ୍ ଓ ସଚ୍ଚରିତ୍ର ହେବାକୁ ସମଧିକ ଚେଷ୍ଟା କରନ୍ତେ ଏବଂ କେହି ତାହାଙ୍କ ବକ୍ତୃତାରେ ଅସନ୍ତୁଷ୍ଟ ହୁଅନ୍ତା ନାହିଁ । ବାସ୍ତବରେ ସେ ଯାହା କହିଅଛନ୍ତି ତହିଁପାଇଁ ତାହାଙ୍କୁ ଦୋଷ ଦେଇ ନ ପାରୁଁ କାରଣ ଆମ୍ଭେମାନେ ନିଶ୍ଚୟ ଜାଣିପାରୁଅଛୁଁ ଯେ ସେ ବିରକ୍ତ ହୋଇ ତାହା କହିଅଛନ୍ତି । ସଭାପତି ମହାଶୟ ଅତ୍ୟନ୍ତ ଦୟାଳୁ, ଯେ ତାହାଙ୍କପାଖରେ ଚାକିରୀର ପ୍ରାର୍ଥନା କରେ ତାହାକୁ ନିଷେଧବାକ୍ୟ କହିବାକୁ କଷ୍ଟ ବୋଧ କରନ୍ତି, ଜଜର କଲେକ୍ଟର ଓ କମିଶନର ହୋଇ ଅନେକ ଉମେଦବାରଙ୍କୁ ଦେଖି ଅଛନ୍ତି ଓ ସେମାନଙ୍କର ଦୁଃଖର କାହାଣି ଶୁଣି ବ୍ୟସ୍ତ ହୋଇ ଯାହାକୁ ଯେମନ୍ତ ଚାକିରୀ ଦେଇ ଅଛନ୍ତି ଓ ସାଧ୍ୟାନୁସାରେ ଚାକିରୀର ସୃଷ୍ଟି କରିବାକୁ ତ୍ରୁଟି କରି ନାହାନ୍ତି ତଥାପି ସକାଳ ସନ୍ଧ୍ୟା ତାହାଙ୍କୁ ଉମେଦବାରମାନେ ବେଢି ରହିଅଛନ୍ତି ଦଣ୍ଡେ ସ୍ଥିର ହୋଇ ବସିବାକୁ ଦେଉ ନାହାନ୍ତି ପ୍ରତିଦିନ ଅପରାହ୍ନ କାଳରେ ଯେତେ ଲୋକ ତାହାଙ୍କ ସହିତ ସାକ୍ଷାତ କରିବାକୁ ଯାନ୍ତି ସେମାନେ ପ୍ରାୟ ସମସ୍ତେ ( ଦୁଇ ଏକଜଣର କଥା ଧର୍ତ୍ତବ୍ୟ ନୁହଇ ) ଚାକିରୀର ଉମେଦବାର, କେହି ଆପଣା ସକାଶେ ବା କେହି ଆପଣାର ଲୋକ ସକାଶେ । ଶ୍ରୀଯୁକ୍ତ ବିମ୍ସ ସାହେବ ଅତି ବିଚକ୍ଷଣ ଲୋକ ସେ ସେମାନଙ୍କ କଥା ଜାଣି ପାରନ୍ତି କିନ୍ତୁ ଉପରୋଧବଶରୁ କିଛି କହି ପାରନ୍ତି ନାହିଁ । ପୁନଃ ୨ ସେହିସମସ୍ତ ଲୋକଙ୍କୁ ଆପଣା ସମ୍ମୁଖରେ ଉପସ୍ଥିତ ହେବାକୁ ଅନୁମତି ଦିଅନ୍ତି ଏବଂ ପୁନଃ ୨ ମନରେ ବିରକ୍ତ ହେଉଥାନ୍ତି । ଏହି ପ୍ରକାରେ ତାହାଙ୍କର ବିଶ୍ୱାସ ଜନ୍ମିଅଛି ଯେ ଏଠା ଲୋକେ ଚାକିରୀ ଭିନ୍ନ ଆଉ କିଛି ଲୋଡ଼ନ୍ତି ନାହିଁ ଏବଂ ଏଥିପାଇଁ ସେ ବିରକ୍ତ ହୋଇ ଛାତ୍ରମାନଙ୍କୁ ଉକ୍ତ ପ୍ରକାର ଉପଦେଶ ଦେଇଥିଲେ । ଫଳତଃ ଯେଉଁମାନେ ଭଦ୍ରଲୋକ ହୋଇ କୋଠିରେ ସାହେବଙ୍କ ସହିତ ସାକ୍ଷାତ କରିବାଛଳରେ କେବଳ ଚାକିରୀ କଥା କହିବେ ସେମାନଙ୍କୁ ବିରକ୍ତ କିଏ ନ ହେବ ? ଶ୍ରୀଯୁକ୍ତ ରେଭେନସା ସାହେବ ଗୋଟିଏ ସୁନ୍ଦର ନିୟମ କରିଥିଲେ ଯେ କୋଠିକୁ ଯେ କେହି ତାହାଙ୍କ ସହିତ ସାକ୍ଷାତ କରିବାକୁ ଯିବ ସେ ଚାକିରୀ ଓ ଆପଣା ସମ୍ପର୍କୀୟ କଚେରୀର ମାମଲା କଥା କହିବ ନାହିଁ । ଚାକିରୀ କଥା କେହି କହିଲେ ତାହାକୁ ତତ୍‌କ୍ଷଣାତ୍ କୋଠିରୁ ତଡ଼ି ଦେଉଥିଲେ ସୁତରାଂ ଉମେଦବାରମାନେ ତାହାଙ୍କୁ ବିରକ୍ତ କରି ପାରୁ ନ ଥିଲେ ଓ

Digitized by srujanika@gmail.com

ତାହାଙ୍କର ସର୍ବଦା ବାସନା ଥିଲା ଯେ ସୁଶିକ୍ଷିତ ବ୍ୟକ୍ତିଙ୍କୁ ଚାକରୀ ଦେବେ । ତେବେ ସେ କାର୍ଯ୍ୟରେ ଅନେକ ଥର ଠକ ଯାଉଥିଲେ । ମାତ୍ର ଏଥି ସକାଶେ ତାହାଙ୍କର ନିୟମଟି ଯେ ପ୍ରଶଂସନୀୟ ନ ଥିଲା ଏମନ୍ତ ବୋଲାଯାଇ ନ ପାରେ ।

ପରିଶେଷରେ ବକ୍ତବ୍ୟ ଏହି ଯେ ସ୍କୁଲର ଛାତ୍ରମାନେ ଚାକରୀ ଲୋଭନ୍ତ ବୋଲି ଶ୍ରୀଯୁକ୍ତ ଟମସ୍ ସାହେବ ତାହାଙ୍କୁ ଘୃଣା ନ କରି ତାହାଙ୍କ ଅବସ୍ଥା ପ୍ରତି ଟିକିଏ ଦୃଷ୍ଟି କରନ୍ତୁ । ଉକ୍ତ ଛାତ୍ରମାନେ ଅଧିକାଂଶରେ ମଧ୍ୟମଶ୍ରେଣୀର ଲୋକ ଓ ଅମଲା ଜାତି ଅର୍ଥାତ୍ କରଣ କାୟସ୍ଥ ବ୍ରାହ୍ମଣ ଖଣ୍ଡାଏତ ଅଟନ୍ତି । ଦେଶର ପ୍ରାଚୀନରୀତି ଅନୁସାରେ ଏମାନେ ଚାକରୀ ଭିନ୍ନ ଅନ୍ୟ ବ୍ୟବସାୟ କରନ୍ତି ନାହିଁ । ଏହାଙ୍କ ମଧ୍ୟରେ ସଙ୍ଗତିପନ୍ନ ବ୍ୟକ୍ତିଙ୍କ ସଂଖ୍ୟା ଅତ୍ୟନ୍ତ ଅଳ୍ପ । ପାଣ୍ଠି ନାହିଁ ଯେ ବାଣିଜ୍ୟ କରିବେ ଓ ବାଲ୍ୟକାଳରୁ ଅଭ୍ୟାସ ହୋଇ ନାହିଁ ଯେ କୃଷି ବା ଅନ୍ୟ ବ୍ୟବସାୟ କରିବେ । ଆଇନ ଡାକ୍ତରୀ ଓ ଇଞ୍ଜିନିୟରୀ ଶିକ୍ଷା କରିବାର ଉପାୟ ଏଠାରେ ନାହିଁ ଯେ ତହିଁରେ ବଞ୍ଚି କରି ପାରିବେ । ଚାକରୀ ଭିନ୍ନ ଏପରି ଲୋକଙ୍କର ଗତି ନାହିଁ ଓ ତହିଁ ସକାଶେ ସେମାନେ ନାନାକଷ୍ଟ ପାଇ ବିଦ୍ୟା ଶିଖୁଅଛନ୍ତି । ଏମାନଙ୍କ ମଧ୍ୟରୁ ସୁଶିକ୍ଷିତ ଲୋକ ଦେଖି ସରକାରୀ କର୍ମରେ ନିଯୁକ୍ତ କରିବାର ନିୟମ କରନ୍ତୁ ଓ ସେ ନିୟମକୁ ଏମନ୍ତ ଦୃଢ଼ରୂପେ ପ୍ରତିପାଳନ କରନ୍ତୁ ଯେ ଲୋକେ ବୁଝି ପାରିବେ କି ଯେ ଉତ୍ତମ ଶିକ୍ଷା ଲାଭ କରିବ ଓ ସଚ୍ଚରିତ୍ର ହେବ ସେହି ଏକା ସରକାରୀ କର୍ମ ପାଇବ ତାହା ହେଲେ ବର୍ତ୍ତମାନ ଯେତେ ଅକର୍ମଣ୍ୟ ଲୋକ ତାହାଙ୍କ ନିକଟରେ ଉମେଦବାରୀ କରି ତାହାଙ୍କ ଶାନ୍ତିଭଙ୍ଗ କରୁଅଛନ୍ତି ଏବଂ ସୁଶିକ୍ଷିତବ୍ୟକ୍ତିଙ୍କ ସହିତ ତାହାଙ୍କର ବିଚ୍ଛେଦ ଜନ୍ମାଉଅଛନ୍ତି ସେମାନେ ଆଉ ତାହାଙ୍କୁ ବିରକ୍ତ କରିବାକୁ ସମର୍ଥ ହେବେ ନାହିଁ ।

## ସାପ୍ତାହିକସଂବାଦ ।

ଡେପୁଟୀକଲେକ୍ଟର ବାବୁ ଜଗନ୍ମୋହନ ରାୟ ନାଲଜମି ଜରିପ କରିବା ମହଲୁମାରୁ ଛୁଟୀ ପାଇ ଆପଣା ନିୟମିତ କର୍ମରେ ପୁନର୍ବାର ନିଯୁକ୍ତ ହୋଇ ଅଛନ୍ତି । ଭଲ ୨ ହାକମଙ୍କୁ ବାଜେ କର୍ମରେ ରଖିବାର ଉଚିତ ନୁହଇ ।

ଓଡ଼ିଶା ନାଲର ସୁପରିଣ୍ଟେଣ୍ଡେଣ୍ଟ ଓ୍ୱାଲ ସାହେବ ସରକାରୀ ଜମି ବଣିବା କଲେକ୍ଟରର କ୍ଷମତା ପାଇ ଅଛନ୍ତି ।

କେନ୍ଦ୍ରାପଡ଼ାର ଅସିଷ୍ଟାଣ୍ଟ ଫିଲିପ ସାହେବ ଓଡ଼ିୟା ଭାଷାରେ ପରୀକ୍ଷା ଦେବାପାଇଁ ଦ୧୨ନର ଛୁଟୀ ପାଇ ଅଛନ୍ତି । ଆଗାମୀ ମାସରେ ଏ ପରୀକ୍ଷା ହେବ ।

ଏ ସପ୍ତାହରେ ଥରେ ୨ ବୃଷ୍ଟି ହେବାରୁ ଗତ ସପ୍ତାହଠାରୁ ଗ୍ରୀଷ୍ମ କିଛି ଊଣା ଅଛି ତଥାଚ ଲୋକଙ୍କର ଯଥେଷ୍ଟ କ୍ଳେଶ ହେଉଅଛି ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ଶୁଣିଲୁଁ ଯେ ଚୌଧୁରୀଙ୍କ ମୋକଦ୍ଦମାରେ ହାଇକୋର୍ଟରୁ ଜାମିନ ନେବାର ଆଜ୍ଞା ଆସିଅଛି । ବଡ଼ ଚୌଧୁରୀଙ୍କର ଏକସପ୍ତାହ ଭୋଗ ହୋଇ ଯାଇଅଛି କିନ୍ତୁ ଚୌଧୁରୀ ହରେକୃଷ୍ଣଦାସ ଏ ଆଜ୍ଞାନୁସାରେ ଜାମିନରେ ଖଲାସ ହେବେ ।

ଆଗାମୀ ତା ୧୧ ରଖରେ ବାଲେଶ୍ୱରରେ ଶ୍ରୀଯୁକ୍ତ ଜଜସାହେବ ଦୌରା ମୋକଦ୍ଦମାର ବିଚାର ଆରମ୍ଭ କରିବେ ।

ଆଜିକାଲି ଏ ନଗରରେ କୁକୁର ମାରିବାର ଧୂମ ଲାଗିଅଛି ନଗରରେ ଏହାଙ୍କର ଦୌରାତ୍ମ୍ୟ ଭାରି ହୋଇଥିଲା ।

ଗତ ମାସରେ ଯେଉଁ ସମୟରେ ଏଠାରେ ତିନିଦିନ ପର୍ଯ୍ୟନ୍ତ ବର୍ଷାକାଳ ପ୍ରାୟ ବୃଷ୍ଟି ହେଲା ସେ ସମୟରେ ମାନ୍ଦ୍ରାଜରେ ଭାରି ବୃଷ୍ଟି ଓ ବତାସ ହୋଇ ଅନେକ ଘରଦ୍ୱାର ଭାଙ୍ଗି ଯାଇଥିଲା ଓ କେତେକ ଜାହାଜ ମଧ୍ୟ ଅସ୍ତବ୍ୟସ୍ତ ହୋଇ ଯାଇଥିଲା । ସମୁଦ୍ର ଭିତରେ ଏହି କାଳରେ ପ୍ରକୃତ ତୋଫାନ ହୋଇଥିଲା ଓ ଏସମସ୍ତଦେଶ ଖଣ୍ଡରେ କେବଳ ତାହାର ପ୍ରାନ୍ତସୀମା ଅନୁଭୂତ ହୋଇଥିଲା । ଏ ତୋଫାନର ସମ୍ପୂର୍ଣ୍ଣ ବିବରଣ ଅବଧି ପ୍ରକାଶ ହୋଇ ନାହିଁ କିନ୍ତୁ ଅନୁମାନ ହୁଅଇ ବାହାର ଦରିଆରେ ତାହା ଘଟିଥିଲା ଏବଂ ଅତ୍ୟନ୍ତ ପ୍ରବଳ ଥିଲା । ଏହା ମୁଖରେ କେତେଖଣ୍ଡ ଜାହାଜ ପଡ଼ି ମରି ଯାଇଥିବାର ଦେଖା ଯାଇଅଛି । ଏ ତୋଫାନ ସମୟରେ ମାନ୍ଦ୍ରାଜରେ ସର୍ବସୁଦ୍ଧା ଇ ୨୧ ଞ୍ଚ ବୃଷ୍ଟି ହୋଇଥିଲା ଓ ତହିଁର ଅଧିକାଂଶ ଏକରାତ୍ରରେ ପଡ଼ିଥିଲା ।

ଦାଖଲଖାରଜ ଆଇନର ଧା ୪୮ ଅନୁସାରେ ନୋଟିସ ବା ଇସ୍ତାହାର ଜାରିର ମିଆଦୀ ବା କିଛି ରସୁମ ନେବାର ଆଇନରେ ବିଧି ନାହିଁ କିନ୍ତୁ ପିଅଦା ଓ ଅମଲା କିଛି ୨ ରସୁମ ନେଉଥିବାର ବୋର୍ଡରେ ଶ୍ରୀଯୁତ ରାବେନସା ସାହେବଙ୍କ କ୍ଷାତସାରରେ ଆସିବାରୁ ସେ ଏକ ସରକ୍ୟୁଲର ଜାରି କରିଅଛନ୍ତି କି କଲେକ୍ଟରମାନେ ଆଇନରେ ନୋଟିସ ଜାରି ଇତ୍ୟାଦିର କିଛି ରସୁମର ବିଧି ନ ଥିବାର ସର୍ବସାଧାରଣଙ୍କୁ ବୁଝାଇ ଦେବେ ଓ ଯେପରି ଆମଲା ଓ ପିଅଦାମାନେ କିଛି ରସୁମ ଓ ରିସବତ ଦାଖଲଖାରଜ ପ୍ରାର୍ଥୀଙ୍କଠାରୁ ନ ନିଅନ୍ତି ତହିଁ ପକ୍ଷରେ ଦୃଷ୍ଟି ରଖିବେ । ବୋର୍ଡଙ୍କର ଏ ସରକ୍ୟୁଲରଟି ଉତ୍ତମ ଅଟଇ କିନ୍ତୁ ସରକ୍ୟୁଲର ଜାରିରେ ଯଦି ରିସବତ ବନ୍ଦ ହୁଅନ୍ତା ତେବେ କଣ ନ ହୁଅନ୍ତା ?

ବୋର୍ଡ ଆହୁରି ଏକ ସରକ୍ୟୁଲର ଜାରି କରିଅଛନ୍ତି କି ଯେଉଁମାନେ ଦାଖଲ ଖାରଜର ଦରଖାସ୍ତ ଦେଇ ନାହାନ୍ତି କଲେକ୍ଟରମାନେ ସେମାନଙ୍କର ତାଲିକା ଜୁନମାସ ତା୧ ରଖରେ ପ୍ରସ୍ତୁତ କରି ସେମାନଙ୍କ ଉପରେ ଜରିମାନା ଧାର୍ଯ୍ୟ ହେବାର ବିଜ୍ଞାପନ ଦେଇ ଶୀଘ୍ର ବାକି ଦରଖାସ୍ତ ଦେବା ସକାଶେ ଲୋକଙ୍କୁ ସତର୍କ କରାଇ ଦେବେ । କିନ୍ତୁ ଏ ସର୍କ୍ୟୁଲର ମଇମାସ ଶେଷକୁ ଏଠାରେ ପହୁଞ୍ଚିଲା ଓ ଅବଧି ବିଜ୍ଞାପନ ମୋଫସଲରେ ଜାରି ହୋଇଅଛି କି ନା ସନ୍ଦେହ । ବୋର୍ଡ ଲୋକଙ୍କୁ ବଡ଼ ସତର୍କ କରାଇ ଦେଲେ ।

ଯାଜପୁର ସବଡିଭିଜନର ସିରସ୍ତାଦାର ଓ ମୋହରରଙ୍କ ନାମରେ ଯେ ବେନାମି ଦରଖାସ୍ତମାନ ପଡ଼ିଥିଲା ତାହା ତଦନ୍ତରେ ପ୍ରମାଣ ନ ହେଲା ମାତ୍ର ନେତ୍ରାନନ୍ଦ ପଟ୍ଟନାୟକ ଓ ରସାନନ୍ଦରାୟ ମୋହରରମାନେ ସବଡିଭିଜନରେ ବହୁକାଳରୁ ଥାଇ ଅନ୍ୟାୟ ଆଧି ଚଳାଉଥିବାର ପ୍ରକାଶ ପାଇବାରୁ ନେତ୍ରାନନ୍ଦଙ୍କୁ ଖୋର୍ଦ୍ଧାକୁ ଓ ରସାନନ୍ଦଙ୍କୁ ଭଦ୍ରକକୁ ବଦଳ ହେବାର ଆଜ୍ଞା ହୋଇଅଛି ।

ଗତ ସପ୍ତାହରେ ତୁରଷ୍କର ଯୁଦ୍ଧ ସମ୍ପର୍କରେ କୌଣସି କାର୍ଯ୍ୟର ସମ୍ବାଦ ନ ଆସିବାର କେତେକ ହେତୁ ତଳଲିଖିତ ତାର ସମ୍ବାଦରୁ ଜଣା ଯାଉଅଛି । ଉକ୍ତ ସମ୍ବାଦଟି କନଷ୍ଟାଣ୍ଟିନୋପଲଠାରୁ ଗତ ମାସ ତା ୨୨ ଖରେ ଆସିଥିଲା । ତାହା ଏହି ଯେ "ରୋମାନିଆରେ ଭାରି ବୃଷ୍ଟି ହୋଇ ପୁଲ ଓ ରେଲ ସଡ଼କମାନ ପାଣିରେ ଭାସି ଯାଇଅଛି ।" ଏହି ବର୍ଷା ହେତୁରୁ ଯୁଦ୍ଧର ବ୍ୟାଘାତ ହୋଇଥିଲା ଏଣିକି ଯୁଦ୍ଧ ଆରମ୍ଭ ହେଲାଣି ମାତ୍ର ଏଥି ପରେ ଆସିଥିବା

Split by PDF Splitter



ତାରଡାକ ସମ୍ବାଦରୁ ଜଣାଯାଏ ଯେ ଡାନ୍ୟୁବନଦୀତୀରରେ ଅନେକ ରୁସୀୟ ସେନା ଏକତ୍ରିତ ହେଲେଣି କିନ୍ତୁ ଚଳିତ ମାସ ମଧ୍ୟଭାଗଯାଏ ଉକ୍ତ ନଦୀ ପାର ହେବାର ଚେଷ୍ଟା କରିବେ ନାହିଁ । ଏଣେ ତୁରଷ୍କରେ ସୋଫ୍ଟା ନାମକ ଏକ ଶ୍ରେଣୀର ପ୍ରଜା ତୁରଷ୍କର ରାଜସଭାରୁ କେତେଜଣ ମନ୍ତ୍ରିଙ୍କୁ ବାହାର କରିଦେବା ସକାଶେ କହିବା ଓ ଗବର୍ଣ୍ଣମେଣ୍ଟ ତହିଁରେ ସ୍ୱୀକୃତ ନ ହେବାରୁ ମେଳ କରି କନଷ୍ଟାଣ୍ଟିନୋପଲ ନଗରୀକୁ ଘେରି ରହିଅଛନ୍ତି । ଶତ୍ରୁ ସଙ୍ଗେ ଯୁଦ୍ଧ କରିବା ସମୟରେ ଏପରି ଆତ୍ମବିବାଦ ବଡ଼ ହରବରର କଥା ଅଟଇ । ଅନୁମାନ ହୁଅଇ ଏ ଗୋଳମାଳ ଶୀଘ୍ର ନିବାରଣ ହେବ ।

ବିଲାତର ଏକ ସଂବାଦପତ୍ରରେ ଲେଖାଅଛି କି ଜଣେ ରେଲବେର ମୋଟ୍ଟଥ ଶ୍ୱାସରୋଗରେ ପୀଡିତ ହୋଇ ମରିଗଲା । ଡାକ୍ତର ସାହେବ ଶବକୁ ଦେଖି ହଠାତ୍ ମୃତ୍ୟୁର ସାର୍ଟିଫିକଟ ଦେଲେ । ସେଠା ନିୟମାନୁସାରେ କାଠର ବାକ୍ସରେ ତାହାକୁ ଭରିକରି ରଖିଲେ । ଦୁଇଦିନ ଉତ୍ତାରୁ ସେ ବାକ୍ସରୁ ଉଠି ଆସି ଘର ମଧ୍ୟରେ ଏକ ଚୌକିରେ ବସିଲା ଘରର ଲୋକମାନେ ଏହା ଦେଖି ଚମତ୍କୃତ ହେଲେ । ଜଣାଗଲା ଯେ ତାହାର ମାଂତା ନିଦ୍ରାହେବାର କିଛି ଔଷଧ ଖାଇଥିବାରୁ ସେ ବ୍ୟକ୍ତି ଦୁଇଦିନ ନିଦ୍ରିତ ଥିଲା ମାତ୍ର ସେ ମରି ନ ଥିଲା । ଆମ୍ଭ ଦେଶରେ ଏମନ୍ତ ହୋଇଥିଲେ ଏହାକୁ ଜୀଅନ୍ତା ପୋଡି ପକାଇଥାନ୍ତେ ।

ଏଲାହାବାଦରେ ପ୍ରତିବର୍ଷ ଗୁଡି ଲଢାଇର ଏକ ଯାତ୍ରା ହୁଅଇ ହିନ୍ଦୁପେଟ୍ରିଅଟ ବୋଲନ୍ତି କି ଏବର୍ଷର ଯାତ୍ରା ଗତମାସ ତା ୭ ରଖରେ ହୋଇଥିଲା ଓ ସହସ୍ର ସହସ୍ର ଆବାଳବୃଦ୍ଧବନିତା ତାହା ଦେଖିବାକୁ ଏକତ୍ରିତ ହୋଇ ଥିଲେ କାଗଜର ଗୁଡି ଏତେ ଉଡୁ ଥିଲା ଯେ ଆକାଶ ଦିଶୁ ନ ଥିଲା ଓ କାହାର ଗୁଡି ଡୋରିରେ ଅପର ଗୁଡିର ଡୋରି କାଟିଗଲାମାତ୍ରକେ ଛୁଟିଯାଇ ପଡି ଯାଉ ଥିଲା । ପୂର୍ବେ ଏ ନଗରରେ ଗୁଡି ଲଢାଇର ବଡ଼ ଧୂମ ଥିଲା ବର୍ତ୍ତମାନ ଏକାବେଳକେ ରହିତ ହୋଇଅଛି ।

ପୋଷ୍ଟମାଷ୍ଟର ଜେନେରଲ ନୋଟ ପ୍ରେରଣ ସମ୍ବନ୍ଧେ ଗୋଟିଏ ନୂତନ ନିୟମ ପ୍ରଚାର କରିବା ଚେଷ୍ଟା କରୁଅଛନ୍ତି । ରେଜଷ୍ଟରୀ କରିବାକୁ ଟ° । ଅଣା ଖର୍ଚ୍ଚ ହୁଏ ତାହା ନ କରି ନୋଟ ପ୍ରେରକ ସ୍ଥାନୀୟ ପୋଷ୍ଟମାଷ୍ଟରଙ୍କୁ ନୋଟ ଦେଇ ଖଣ୍ଡିଏ ରସିଦ ନେବେ ଏବଂ ତାହା ଡାକରେ ପଠାଇ ଦେବେ । ତହିଁ ଉତ୍ତାରେ ଯାହା ନିକଟକୁ ତାହା ପଠାଯିବ ସେ ଆପଣା ଦେଶର ପୋଷ୍ଟମାଷ୍ଟର ନିକଟରୁ ସେହି ନୋଟ ନେବେ । ଏଥିରେ ଅଣାଏମାତ୍ର ଖର୍ଚ୍ଚ ହେବ । ନୋଟ ପାଇଁ ପୋଷ୍ଟମାଷ୍ଟରମାନେ ଦାୟୀ ଥିବେ । ଠିକ ହୁଣ୍ଡି ବା ମନିଅର୍ଡର ପରି ହେବ । ଏପରି ହେଲେ ଅନେକ ସୁବିଧା ହେବ ।

ସ୍କୁଲର ପାଠ୍ୟପୁସ୍ତକ ନିର୍ଣ୍ଣୟ କରିବା ସକାଶେ ସିମଲାଠାରେ ଯେଉଁ କମିଟି ବସିଅଛି ତହିଁରେ ଯୋଗ ଦେବା ପାଇଁ ମହାମାନ୍ୟ ଗବର୍ଣ୍ଣର ଜେନରଲସାହେବ ବମ୍ବେଇରୁ ରାୟ ବିଶ୍ୱନାଥ ମଣ୍ଡଳିକ ବଙ୍ଗରରୁ ରାୟସାହେବ ନାରାୟଣ ଭାଇ ଏବଂ କଲିକତାରୁ ମାନ୍ୟବର କୃଷ୍ଣଦାସ ପାଲଙ୍କୁ ଆହ୍ୱାନ କରିଅଛନ୍ତି ।

ତୁରଷ୍କର ସୁଲତାନ କାବୁଲକୁ ଏକ ଦୂତ ପଠାଇ ଅଛନ୍ତି ଯେ ସେ ଆଗାମୀ ଜାହାଜରେ ବମ୍ବେଇରେ ପହୁଞ୍ଚିବେ । ସେ ସୁଲତାନଙ୍କର ସ୍ୱହସ୍ତ ଲିଖିତ ଖଣ୍ଡିଏ ପତ୍ର କାବୁଲର ଅମିରଙ୍କ ନିକଟକୁ ଆଣିଅଛନ୍ତି ଓ ଉକ୍ତ ପତ୍ରରେ ସୁଲତାନ ଅମିରଙ୍କୁ ଅନୁରୋଧ କରିଅଛନ୍ତି କି ମଧ୍ୟଆସିଆରେ ରୁସିଆ ବିରୁଦ୍ଧରେ ସୈନ୍ୟ ପଠାଇବାଦ୍ୱାରା ଅମିରଙ୍କର ସାହାଯ୍ୟ କରିବେ ।

ସମ୍ପ୍ରତି ଭୂମିକମ୍ପ ହୋଇ ଆମେରିକାରେ ଗୋଟିଏ ନଗର ଏକାବେଳକେ ବିନଷ୍ଟ ହୋଇଯାଇଅଛି ।

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ଅଡିଟରଙ୍କୁ

ପ୍ରିୟମହାଶୟ !

ପୁରୁଷାର୍ଥ ପ୍ରଦାୟିନୀ ପତ୍ରିକାରୁ ଅବଗତ ହୋଇ ଲେଖୁଅଛି ଯେ ଆପଣଙ୍କ ପତ୍ରିକାରତ୍ନରେ ଏତନ୍ନିମ୍ନ ଲିଖିତ ପ୍ରସଙ୍ଗଦ୍ୱୟକୁ ସ୍ଥାନ ଦାନ କରି ପାଠକସମ୍ପ୍ରଦାୟଙ୍କୁ ପ୍ରମୋଦଜନିତ କରିବାକୁ ହେବେ ।

### ବଡିହସ୍ତ ।

କେପ୍ ( Cape cf good hope ) ଠାରୁ ଏକଶ୍ରେଣ୍ଠ ମାର୍ଗସ୍ଥ ଦୁଇଲକ୍ଷ ଅଶୀ ସହସ୍ର ଟଙ୍କା ମୂଲ୍ୟ ହେବା ଏକହୀରା ଆଣିଲା । ଅଫ୍ରିକା ହୀରାରେ ହାରଦ୍ରବର୍ଣ୍ଣ ଥିଲାପରି ନ ଥାଇ ଅତିନିର୍ମଳ ଶୁକ୍ଳବର୍ଣ୍ଣହୋଇ ଅତିବ ବଡ ହୋଇ ସେ ମହାରତ୍ନ ଉତ୍ସରୋତ୍ତର ପ୍ରଦେଶ ( Da vil's Table ) ସ୍ଥଳରେ ମିଳିଲା ପୁଣି ତହିଁ ପଡିଆରେ ମଧ୍ୟ ଉତ୍ତମଦ୍ରବ୍ୟମାନେ ଅଛନ୍ତି ।

### ସୁନାରଇଟା ।

କୃଷ୍ଣା ଡିଷ୍ଟ୍ରିକ୍ଟ ଇଲାକା ବାଘଟଲଗ୍ରାମରେ ଏକ କୃଷୀ ହଳ ଚଷୁଥିଲାବେଳେ କେତେ ସୁନାର ଇଟା ମିଳିଲା ପରି ଶ୍ରୀଯୁତ କଲେକ୍ଟରସାହେବ ସର୍କ୍ୟୁଟରେ ସେ ଗ୍ରାମରେ ଥାଇ ସେ ବାର୍ତ୍ତା ଶୁଣି ସେ ଚଷାର ଘର ତନଖି କରିବାରୁ ଗୋଟିକୁ ସାତସହସ୍ର ଟଙ୍କାର ଖରଚରେ ନ ଗୋଟି ସୁବର୍ଣ୍ଣଇଟା ମିଳିବାରୁ ସେ ଇଟାମାନଙ୍କୁ ମଛଲୀବନ୍ଦର କଚେରୀରେ ରଖିଲେ ସର୍କାରଙ୍କ ପରି ହେବାରୁ ଭୟ ନ ଥାଇ ସେ ଇଷ୍ଟମାନେ ବମୁକ୍ତ ହେବେ ହିନ୍ଦୁସ୍ଥାନରେ ଏପରି ଧନମାନେ ଲୁଚି କରି ପ୍ରାନ୍ତକୁ କୋଉଁଆଡେ ଯାଉଅଛନ୍ତି ଦେଖ ?

୧୦।୫।୭୭

ଆପଣଙ୍କ ସଦ୍ଭାବକୁ ବଧେୟ
ଶ୍ରୀ ନାରାୟଣ ବଡ଼ଯେନା ସାମନ୍ତ
ହେଡ ବର୍ଣ୍ଣ୍ୟାଲ୍ ଅଫ୍ ମଞ୍ଜୁଷା

## NOTICE.

The Cuttack College and Collegiate School will re-open, after the mid-summer vacation, on Wednesday the 13th proximo instead of, *on Monday the 4th.*

Cuttack,
The 30th May 1877.

S. AGER.
*Principal.*

## ବିଜ୍ଞାପନ ।

ମହାକବି କାଳିଦାସ ମହାମହୋପାଧ୍ୟାୟଙ୍କ ରଚିତା ଜ୍ୟୋତିର୍ବିଦ୍ୟୋପକାରିଣୀ ଅର୍ଣ୍ଣିନ୍ୟାଦ ସପ୍ତବିଂଶତିନକ୍ଷତ୍ର ପରିଗୃହିକା! କଟିପାୟାକୁ ଉତ୍କଳପଦ୍ୟାନୁବାଦ କରି ମୁଦ୍ରାଙ୍କନ କରଣରେ ପ୍ରବୃତ୍ତ ହୋଇଅଛୁଁ ଅପିଚ ଛାୟାପାଦଜନିତ ସମୟ ଜ୍ଞାନଦାୟକ ଏବଂ ମେଷାଦ ଲଗ୍ନକ୍ଷପକ କତିପୟ ସଂସ୍କୃତ ଓ ଭାଷା ପଦ୍ୟ ଏହା ସମେତ ସନ୍ନିବେଶ କରଣରେ ମାନସ କରି ସାଧାରଣଙ୍କୁ ଅନୁରୋଧ କରୁଅଛୁଁ ଯେ ଏ ବିଷୟରେ ଅନ୍ୟ କେହି ହସ୍ତାର୍ପଣ ନ କଲେ ଚରିତାର୍ଥ ହେବୁଁ ।

ଅଲମିତିବିସ୍ତରେଣ ।

୨୦।୫।୭୭ ଶ୍ରୀ ଘନଶ୍ୟାମମିଶ୍ର
ଶ୍ରୀ ବନମାଲୀଆଚାର୍ଯ୍ୟ
ବରପାଲି । ଯି । ସମ୍ବଲପୁର

☞ ଏହି ଉତ୍କଳଦୀପିକା ଝଙ୍କରଙ୍କର ଦରସାବନାରେ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୯ଗ
ସଂ ୨୩ ଖ୍ୟା

ତା ୯ ଋଷ ମାହେ ଜୁନ ସନ ୧୮୭୭ ମସିହା । ମୁ । ଜ୍ୟେଷ୍ଠ ବ ୨୧ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬°
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬°
ମଫସଲପାଁଇ ଡାକମାସୁଲ ଟ୧୷


ଶ୍ରୀଯୁକ୍ତ ଟେଏନଷୀସାହେବ ଅଲ୍‌ବଦନ କଲେକ୍ଟର ହୋଇ କେତେକ ହିତକାର୍ଯ୍ୟର ଅନୁଷ୍ଠାନ କରିଥିଲେ । ତହିଁମଧରେ ଗୋଟିଏ ପ୍ରଧାନ ଦୃଷ୍ଟାନ୍ତ ମୋଫସଲର ଗ୍ରାମ୍ୟରାସ୍ତାସବୁ ସୁଧରି-ବାର ପ୍ରସ୍ତାବ ଅଟଇ । ସେ ବିଷୟରେ ପ୍ରଧାନ ଜମିଦାରମାନଙ୍କ ନିକଟକୁ ଯେ ପତ୍ର ଲେଖି-ଅଛନ୍ତି ତାହା ନିମ୍ନେ ପ୍ରକାଶ କଲୁଁ ସେଥିରୁ ପାଠକମାନେ ପ୍ରସ୍ତାବିତ କାର୍ଯ୍ୟର ବିବରଣ ଓ ସାହେବଙ୍କର ହିତୋଦ୍ଦେଶ ବୁଝିପାରିବେ ।

ମହାଶୟ !

ଯେଉଁମାନେ ପଥକର ଦିଅନ୍ତି ସେମାନଙ୍କ ଉପକାର ନିମନ୍ତେ ଗ୍ରାମମଧ୍ୟରେ ଗ୍ରାମ୍ୟରାସ୍ତା ଓ ସଡ଼କ କରିବାରେ ପଥକର ଟଙ୍କା ଖର୍ଚ୍ଚ କରିବାକୁ ଇଚ୍ଛୁକ ହୋଇ ତୁମ୍ଭଙ୍କୁ ଲେ-ଖୁଅଛୁଁ ଯେ ତୁମ୍ଭେ ନିମ୍ନଲିଖିତ ଫାରମରେ ତୁମ୍ଭ ଜମିଦାରି ମଧ୍ୟରେ ଅଥବା ନିକଟରେ ଯେପ୍ରକାର କ୍ଷୁଦ୍ର ଗ୍ରାମ ରାସ୍ତା ଆବଶ୍ୟକ ହୁଏ ତହିଁର ଏକ ତାଲିକା ଅନୁଗ୍ରହପୂର୍ବକ ଏ କଚେରିକୁ ପଠାଇବ । ନୂତନ ରାସ୍ତା ତିଆର କରିବା ଅପେକ୍ଷା ବର୍ତ୍ତମାନ ଯେଉଁ ରାସ୍ତାମାନ ଅଛି ସେ ସମସ୍ତ ରାସ୍ତାକୁ ମରାମତ କରିବାର ଭଲ ଅଟେ ।

ଏ ପତ୍ର ପାଇବାର ଏକମାସ ମଧ୍ୟରେ ଏଥିଲେଖିତ ବିଷୟର ଉତ୍ତର ପଠାଇବ । କାରଣ, ଆଗତବର୍ଷର ବଜେଟ କମେଟିଙ୍କ ନିକଟରେ ଦାଖଲ ହେବା ପୂର୍ବେ ଯେ ବିଷୟମାନ ତଦନ୍ତ କରିବାକୁ ଆବଶ୍ୟକ ହେବ ସେ ବିଷୟ-ମାନ ତଦନ୍ତ କରସାଇ ପାରିବ ।

| ନାମ ଜମିଦାର ତାଲୁକର୍ତ୍ତ ପ୍ରଗଣା | ରାସ୍ତାର ତରତିବ ନମ୍ବର | ପ୍ରସ୍ତାବିତ ରାସ୍ତା |  | କେତେ ମାଇଲ ଲମ୍ବ | କେତେ ଖର୍ଚ୍ଚ ଲାଗିବ | ଏ ଘରେ ପ୍ରସ୍ତାବିତ ରାସ୍ତା ପ୍ରସ୍ତୁତ କାରଣ ଯାହା ଆବଶ୍ୟକ ତାହା ଲେଖିବାକୁ ହେବ । ରାସ୍ତାଭିନ୍ନ ଅନ୍ୟ ଯେଉଁ କର୍ମ ସର୍ବସାଧାର-ଣଙ୍କ ଉପକାର ନିମନ୍ତେ କରା-ଯିବାର ଥାଏ ତାହାମଧ୍ୟ ଏହି ଘରେ ଲେଖିବାକୁ ହେବ । |
|---|---|---|---|---|---|---|
|  |  | କେଉଁଠାରୁ | କେଉଁପର୍ଯ୍ୟନ୍ତ |  |  |  |
|  |  |  |  |  |  |  |

### ସଦାବର୍ତ୍ତମଠର ଶାସନ

ଗୋପାଳଜୀଉ ମଠର ମହନ୍ତ ନାମରେ ମକଦ୍ଦମା ହୋଇଥିବାର ଆମ୍ଭେମାନେ ଅନେକ ଦିନ ପୂର୍ବେ ଲେଖିଥିଲୁଁ । ଗତ ମଙ୍ଗଳବାର ଉକ୍ତ ମକଦ୍ଦମାର ନିଷ୍ପତ୍ତି ହୁକୁମ ଶ୍ରୀଯୁକ୍ତ ଜଜ ସାହେବ ଦେଲେ । ଏ ମକଦ୍ଦମା ଏ ଦେଶରେ ନୂତନ ପ୍ରକାରର ଅଟଇ ଏହାଦ୍ୱାରା ସଦା-ବର୍ତ୍ତ ମଠମାନଙ୍କର ସୁଶାସନ ସମ୍ପୂର୍ଣ୍ଣରୂପେ ହେବାର ସମ୍ଭାବନା ଥିବାରୁ ବର୍ତ୍ତମାନ ସମୟ-ରେ ଓଡ଼ିଶାରେ ଏବିଷୟଟି ସାଧାରଣଙ୍କ ଜାଣିବାର ଆବଶ୍ୟକ ଏଥିପାଇଁ ଆମ୍ଭେମାନେ ଜଜ ସାହେବଙ୍କ ନିଷ୍ପତ୍ତି ପ୍ରକାଶ କରିବାକୁ ଇଚ୍ଛା କରିଥିଲୁଁ ମାତ୍ର ନିଷ୍ପତ୍ତିଟି ଅତ୍ୟନ୍ତ ଦୀର୍ଘ ହେବାରୁ ସ୍ଥାନାଭାବ ହେତୁରେ ତହିଁରୁ କ୍ଷାନ୍ତ ହୋଇ କେବଳ ବିଷୟର ସାରାଂଶ ଏଠାରେ ପ୍ରକାଶ କରୁଅଛୁଁ ।

ମକଦ୍ଦମାଟି ସନ ୧୮୬୩ ମସିହାର ୨୦ ଆଇନ ଅନୁସାରେ ମଠର ଜଣେ କର୍ମଚାରୀ-ଦ୍ୱାରା ମହନ୍ତଙ୍କୁ ମାଜୁଲ କରିବା ସକାଶେ ହୋଇ-ଥିଲା ଏବଂ ଅରଜିରେ ୫ ୧୦୯ ଙ୍କା ମୂଲ୍ୟର ଷ୍ଟାମ୍ପ ଲାଗିଥିଲା । ମଠର ସମ୍ପତ୍ତି ଆତ୍ମସାତ୍ ବା ଅପବ୍ୟୟ କରି ଠାକୁରଙ୍କ ସେବା ଓ ସଦାବର୍ତ୍ତ କାର୍ଯ୍ୟ ନିୟମିତରୂପେ ଚଳାଉ ନ ଥିବାର ଅଭିଯୋଗ ମହନ୍ତଙ୍କ ଉପରେ ହୋ-ଇଥିଲା । ମହନ୍ତଙ୍କ ପକ୍ଷରୁ ଦସ୍ତୁରି ଆଇନ ଘଟିତ ଓ ବାକି ବୃତ୍ତାନ୍ତ ଘଟିତ ଆପତ୍ତି ହୋ-

Split by PDF Splitter

Digitized by srujanika@gmail.com

Split by PDF Splitter

94



ଉଥିଲ । ପ୍ରଥମ ଆପତ୍ତି ଏହି ଯେ ଏପ୍ରକାର ନାଲିଶ ୫ ୧୦୧ ଙ୍କା ମୂଲ୍ୟର ଷ୍ଟାମ୍ପରେ ହୋଇ ନ ପାରେ ଓ ଦ୍ୱିତୀୟ ଆପତ୍ତି ଏହି ଯେ ଗୋପାଳଜୀଉ ମଠ ସକାଶେ କମିଟୀ ନିଯୁକ୍ତ ହୋଇ ନ ଥିବାରୁ ତାହା ସନ ୧୮୬୩ ମସିହାର ୨୦ ଆଇନର ଅଧୀନ ନୁହଇ । ଏ ଦୁଇ ଆଇନ ଘଟିତ ଆପତ୍ତିକୁ ଜଜ ସାହେବ ଅଗ୍ରାହ୍ୟ କରିଅଛନ୍ତି । ପ୍ରଥମ ଆପତ୍ତି ସମ୍ପର୍କରେ ଜଜ ସାହେବଙ୍କ କହିବା ଏହିକି କେବଳ ମହନ୍ତଙ୍କ ଦୁଷ୍କର୍ମ ହେତୁ ତାହାଙ୍କୁ ବାହାର କରିଦେବାର ପ୍ରାର୍ଥନାରେ ନାଲିଶ ହୋଇଅଛି ଉକ୍ତ ପଦରେ ମୁଦ୍ଦଇ ନିଯୁକ୍ତ ହେବା କିମ୍ବା ସେ ସମ୍ପତ୍ତି ଲାଭ କରିବା ସକାଶେ ନାଲିଶ କରି ନାହିଁ । ସମ୍ପତ୍ତି ପାଇବାର ନାଲିଶ ହୋଇଥିଲେ ତହିଁର ମୂଲ୍ୟାନୁସାରେ କୋର୍ଟଫିସ ଲାଗିଥାନ୍ତା କେବଳ ମାରଫତଦାର ଅନ୍ୟାୟ କାର୍ଯ୍ୟହେତୁ ସାଧାରଣ ହିତ ଉଦ୍ଦେଶରେ ନାଲିଶ ହୋଇଥିବାରୁ ତହିଁ ପକ୍ଷରେ ୫ ୧୦୧ ଙ୍କା ମୂଲ୍ୟର ଷ୍ଟାମ୍ପ ପ୍ରଚୁର ଅଟଇ । ଦ୍ୱିତୀୟ ଆପତ୍ତି ସମ୍ପର୍କରେ ଏହି ବିଚାର ହୋଇଅଛି କି ଉକ୍ତ ଆଇନର ୧୪ ଧାରା ସାଧାରଣରୂପେ ସମସ୍ତ ସଦାବର୍ତ୍ତ ମଠପ୍ରତି ଖଟଇ । ଗୋପାଳଜୀଉଙ୍କ ମଠ ସକାଶେ କମିଟୀ ନିଯୁକ୍ତ ହେଉ ବା ନ ହେଉ ଓ ପୂର୍ବେ ଏହା ଲୋକେଲ ଏଜେଣ୍ଟଙ୍କ ଅଧୀନରେ ଥିଲା ବା ନ ଥିଲା ଏହା ବାସ୍ତବରେ ସଦାବର୍ତ୍ତ ମଠ ଅଟଇ ମହନ୍ତ ଆପଣାକୁ ମାରଫତଦାର ବୋଲି ପରିଚୟ ଦେଉଅଛି ମଠ ତାହାର ନିଜ ସମ୍ପତ୍ତି ବୋଲି କହୁ ନାହିଁ କିମ୍ବା ସେଥିର ପ୍ରମାଣ ଦେଇ ନାହିଁ ଏପରି ଏଥିପୂର୍ବେ ଏମଠର ଉତ୍ତରାଧିକାରୀ ନିଯୁକ୍ତ କରିବା ବିଷୟରେ ଲୋକେଲ ଏଜେଣ୍ଟରୁ ମଧ୍ୟ ହସ୍ତକ୍ଷେପଣ ହୋଇଥିଲା ଫଳତଃ ସଦାବର୍ତ୍ତ ମଠ ଥିବାରୁ ଉକ୍ତ ଆଇନ ଅନୁସାରେ ଏଥିର ବିଚାର ହେବାରେ କିଛି ବାଧା ନାହିଁ । ଏହିରୂପେ ଆଇନ ଘଟିତ ଆପତ୍ତିମାନ ଅଗ୍ରାହ୍ୟ କରି ଜଜ ସାହେବ ଏନ୍ତରବାସୀ ପଣ୍ଡିତ ଭଦ୍ରଲୋକଙ୍କ ସ୍ୱାକ୍ଷରପ୍ରାପ୍ତ ଦରଖାସ୍ତ ଓ ଅନ୍ୟାନ୍ୟ ପ୍ରମାଣ ଦୃଷ୍ଟି କରି ସ୍ଥିର କଲେ ଯେ ମଠର ବର୍ତ୍ତମାନ ଅବସ୍ଥା ଅତି ମନ୍ଦ ଅଟଇ ପୂର୍ବପ୍ରାୟ ସଦାବର୍ତ୍ତ ଦିଆଯାଉ ନାହିଁ ଅଥଚ ମଠର ଆୟ ପୂର୍ବେ ଯେପରି ଥିଲା ସେହିପରି ଅଛି ଏବଂ ଅନ୍ୟ ପ୍ରକାରରେ ଅନେକ ଟଙ୍କା ଆମଦାନି ହୋଇଅଛି । ମହନ୍ତ ସେସମସ୍ତ ଟଙ୍କା ଆତ୍ମସାତ୍ କରିଅଛି ଅଥବା ନଭାନ୍ତ ପକ୍ଷରେ ତହିଁର ସନ୍ତୋଷଜନକ ହିସାବ ଦେଇ ପାରି ନାହିଁ । ଏହିରୂପେ ମହନ୍ତ ମଠର ମାରଫତଦାର ସ୍ୱରୂପ କ୍ରମାଗତ ଆପଣା କର୍ତ୍ତବ୍ୟକର୍ମରେ ତ୍ରୁଟି ଓ ହେଳା କରି ଆସିଅଛି ଓ ଏ ସକାଶେ ସେ ଉକ୍ତ ମଠର ମହନ୍ତ ହେବାକୁ ଯୋଗ୍ୟ ନୁହଇ ଅତଏବ ତାହାକୁ ଉକ୍ତ ଘରରୁ ରହିତ କରି ମୁଦ୍ଦେଇକୁ ମକଦ୍ଦମାର ଖର୍ଚ୍ଚା ଦିଆଇବାର ଆଜ୍ଞା ଦେଇଅଛନ୍ତି । ମଠର କାର୍ଯ୍ୟ କିରୂପେ ଏଣିକି ଚଳିବ ତହିଁପକ୍ଷରେ ପୃଥକ୍ ହୁକୁମ ଦେବେ ବୋଲି କହିଅଛନ୍ତି ।

ଓଡ଼ିଶାର ଅନେକ ସଦାବର୍ତ୍ତ ମଠର ମହନ୍ତମାନେ ଯେରୂପ ଅପବ୍ୟୟ କରୁଅଛନ୍ତି ତାହା କାହାରିକୁ ଅବିଦିତ ନାହିଁ ମାତ୍ର ଏତେଦିନରେ ତହିଁର ଯଥାର୍ଥ ପ୍ରତୀକାର ପାସ୍ତାଗଲା । ମଠର ତତ୍ତ୍ୱାବଧିରେ ସମ୍ପର୍କ ରଖୁଥିବା କୌଣସି ବ୍ୟକ୍ତି ଏଥର ମଦନଇଶ୍ୱର ମହନ୍ତଙ୍କୁ ବାହାର କରିଦେବା କାରଣ ନାଲିଶ କରିପାରିବ ଓ ଯେତେକେତେ ମଠ ହେଉ ୫ ୧୦ ଙ୍କା ମୂଲ୍ୟର କୋର୍ଟଫିସ୍ ଖର୍ଚ୍ଚ ହେଲେ ତହିଁର ନାଲିଶ ହୋଇପାରିବ । ସାଧାରଣ ହିତାକାଙ୍କ୍ଷୀମାନେ ଅନାୟାସରେ ୫ ୧୦ ଙ୍କା ଯୁଟି ପାରିବେ ଓ ତାହା ହେଲେ ଦୁରାତ୍ମା ମହନ୍ତର ଯଥାର୍ଥ ଶାସନ କ୍ଷଣମାତ୍ରକେ ହୋଇପାରିବ । ଅମ୍ଭେମାନେ ଭରସା କରୁଁ ଯେ ସବୁ ସଦାବର୍ତ୍ତ ମଠର ମହନ୍ତମାନେ ଏ ମକଦ୍ଦମା ପ୍ରତି ଦୃଷ୍ଟି ରଖି ଆପଣା ଉପରେ ରହିଥିବା ଗୁରୁତର ଭାର ବହିବାକୁ ପ୍ରସ୍ତୁତ ହେବେ । ଏଥର ଲେଖକଙ୍କର ଅଣ୍ଟିଫିଟିଲ ଏଣିକି କେହି ସାଧାରଣ ଧନଦ୍ୱାରା ଆପଣାର କ୍ଷୁଦ୍ରବୃତ୍ତିକୁ ଚରିତାର୍ଥ କରିବାକୁ ଗଲେ ଉଦ୍ଧାର ମହାପାତକ ।

———

## ଓଡ଼ିଶା ଗଡ଼ଜାତ ମାହାଲ ।

( ସନ ୧୮୭୭ ମସିହା ତା ୨୭ ଇଖ ମଇର ପତ୍ରିକା ଉତ୍ତାରୁ )

ଗଡ଼ଜାତ ମହାଲମାନଙ୍କର ଉନ୍ନତିସକାଶେ ଉଚ୍ଚକର୍ତ୍ତା ଯେଉଁସମସ୍ତ ଉପାୟ ପ୍ରସ୍ତାବ କରିଅଛନ୍ତି ତାହା ଏଥିପୂର୍ବେ ଅମ୍ଭେମାନେ ପାଠକମାନଙ୍କୁ ଜଣାଇଅଛୁଁ । ତାହାଙ୍କ ପ୍ରସ୍ତାବିତ ସାତୋଟି ଉପାୟ ମଧ୍ୟରୁ ପ୍ରଥମ ଛଅଗୋଟିରେ ଅମ୍ଭମାନଙ୍କ ମତାମତ ପ୍ରକାଶ କରିଅଛୁଁ ସମ୍ପ୍ରତି ଅବଶିଷ୍ଟ ଗୋଟିଏ ଉପାୟ ସମ୍ପର୍କରେ ଯାହା ବକ୍ତବ୍ୟ ନିମ୍ନେ ପ୍ରକାଶ କରୁଅଛୁଁ ।

ଉକ୍ତ ଗୁରୁ ଉପାୟ ଏହି ଯେ ସଡ଼କମାନ ନିର୍ମାଣ କରିବା ନାନା ସ୍ଥାନରେ ହାଟ ଚଟିସବୁମାନ ଓ ଡାକଘର ବସାଇବା ଏବଂ ଗଡ଼ଜାତ ସକାଶେ ପୃଥକ୍ ଗୋଟିଏ ମହକୁମା ସ୍ଥାପନ କରିବା ।

ଗଡ଼ଜାତ ପ୍ରଜାମାନେ ସୁଶିକ୍ଷିତ ହେଲେ ଅମ୍ଭେମାନେ ଯେଉଁସବୁ ସୁଫଳ ପାଇବାର ପ୍ରତ୍ୟାଶା କରୁଁ ତହିଁ ମଧ୍ୟରେ ଉପରଲିଖିତ ଉପାୟମାନ ମଧ୍ୟ ଅନ୍ତର୍ଗତ ଅଛି ଅର୍ଥାତ୍ ପ୍ରଜା ଯେବେ ସୁଶିକ୍ଷିତ ହୋଇ ଆପଣା ରାଜ୍ୟର ମଙ୍ଗଳ ଲୋଡ଼ିବେ ତେବେ ସେ ପ୍ରଥମେ ବାଣିଜ୍ୟର ବିସ୍ତାର ନିମିତ୍ତ ସଡ଼କ ହାଟ ଚଟି ଡାକଘର ଇତ୍ୟାଦି ବସାଇବେ ଓ ଗଡ଼ଜାତ ସକାଶେ ସ୍ୱତନ୍ତ୍ର ମହକୁମା ବସାଇବାର ପ୍ରୟୋଜନ ହେବ ନାହିଁ । ମାତ୍ର ପ୍ରଜାମାନେ ସମସ୍ତେ ଏକାବେଳକେ ସୁଶିକ୍ଷିତ ଓ କାର୍ଯ୍ୟଦକ୍ଷ ହେବାର ଆଶା କରାଯାଇ ନ ପାରେ ଅଥବା ହେଲେ ମଧ୍ୟ ସେ କାଳ ଅନେକ ବିଲମ୍ବ ଅଛି ସୁତରାଂ କେବଳ ପ୍ରଜାଙ୍କୁ ଶିକ୍ଷା ଦେବାର ବନ୍ଦୋବସ୍ତ କରି ତୁନି ହୋଇ ରହିଲେ ଗଡ଼ଜାତର ଦୁରବସ୍ଥା ଶୀଘ୍ର ମେଣ୍ଟିବ ନାହିଁ । ଏଥିପାଇଁ ରାଜାଙ୍କର ଉନ୍ନତି ସଙ୍ଗେ ସଙ୍ଗେ ପ୍ରଜାଙ୍କର ଉନ୍ନତିର ଉପାୟ କରିବା ଉଚିତ । ଅମ୍ଭମାନଙ୍କ ବିବେଚନାରେ କେବଳ ବାଣିଜ୍ୟ ବିସ୍ତାରର ଉପାୟ କରି ଦେଲେ ପ୍ରଜାମାନଙ୍କର ଶୀଘ୍ର ମଙ୍ଗଳ ହେବାର ଆଶା ଅଛି ଅନ୍ୟ କୌଣସି ମତେ ତାହା ହୋଇ ନ ପାରେ । ବାଣିଜ୍ୟବିସ୍ତାର କିରୂପେ ହେବ ? ଉଚ୍ଚକର୍ତ୍ତାଙ୍କ କଥାରୁ ଜଣାଯାଏ ଯେ ସଡ଼କ ହାଟ ଚଟିସବୁ ଓ ଡାକଘର ବସିଲେ ତାହା ହେବ ମାତ୍ର ଏତେ ଯଥେଷ୍ଟ ନୁହଇ ସେ ଗୋଟିଏ ପ୍ରଧାନ ଅଙ୍ଗ ପାସୋରି ଯାଇଅଛନ୍ତି ତାହା ଏହି ଯେ ପୁଲିସ ବନ୍ଦୋବସ୍ତ । ସଡ଼କ ଇତ୍ୟାଦି ଅଧିକ ହେଲେ ବାଣିଜ୍ୟଦ୍ରବ୍ୟ ଗମନାଗମନର ସୁବିଧା ହେବ ମାତ୍ର ଧନଜନ ଓ ସମ୍ପତ୍ତି ରକ୍ଷା କରିବାର ଉପାୟ ନ ହେଲେ ଲୋକେ ଗଡ଼ଜାତ ବାଣିଜ୍ୟରେ ପ୍ରବୃତ୍ତ ହେବାକୁ ନିରାପଦ ଜ୍ଞାନ କରିବେ ନାହିଁ । ଅତଏବ ଗମନାଗମନର ସୁଯୋଗ କରି ଦେବା ଯେମନ୍ତ ପ୍ରୟୋଜନ ସମ୍ପତ୍ତି ରକ୍ଷା ସକାଶେ ପୁଲିସର ବନ୍ଦୋବସ୍ତ କରି ଦେବା ତଦ୍ରୂପ ପ୍ରୟୋଜନ ଅଟଇ ।

ଗମନାଗମନର ସୁଯୋଗ ପକ୍ଷରେ ଉଚ୍ଚକର୍ତ୍ତା କେତେଗୁଡ଼ିଏ ସଡ଼କର ପ୍ରସ୍ତାବ କରିଅଛନ୍ତି ।

Digitized by srujanika@gmail.com

ସେସମସ୍ତ ସଡ଼କ ସରକାରୀ ସଡ଼କ ଓ ନଦୀମାନଙ୍କ ସଙ୍ଗେ ଯୋଗ ହୋଇଥିବାରୁ ତଦ୍ଦ୍ୱାରା ଅବଶ୍ୟ ଅନେକ ଉପକାର ହେବ ଏବଂ ଏହି ବିଷୟରେ ଓ ସ୍ଥାନ ବିଶେଷର ବାଣିଜ୍ୟର ସମ୍ଭାବନା ଦେଖି ଆହୁରି ଅନେକ ସଡ଼କ କ୍ରମଶଃ ଫିଟାଇବାକୁ ହେବ । ସଡ଼କ ଫିଟିଲେ ଉତ୍ତାରୁ ତହିଁରେ କାରବାର ଚଳିଲେ ଚଟିଘର ବା ହାଟ ବସାଇବାକୁ କାହାରିକୁ କଷ୍ଟ କରିବାର ଆବଶ୍ୟକ ହେବ ନାହିଁ ସେ ସମସ୍ତ ପ୍ରୟୋଜନ ମତେ ଆପେ ଆପେ ବସିଯିବ । ସମ୍ବଲପୁର ସଡ଼କ ଏଥିର ଉଦାହରଣ ଅଟଇ । ସେଥିରେ ଯେମନ୍ତ ଗମନାଗମନ ଅଧିକ ହେଉଅଛି ତେମନ୍ତ ଚଟିମାନ ବୃଦ୍ଧି ହେଉଅଛି । ଡାକଘର ମଧ୍ୟ ଗଡଜାତର କେତେକ ସ୍ଥଳରେ ବସିଲାଣି ଓ ବାଣିଜ୍ୟର ବୃଦ୍ଧି ହେଲେ ରଜା ବା ପ୍ରଜାମାନେ ସେ ବିଷୟରେ ଆପେ ମନୋଯୋଗୀ ହେବେ ଅଥବା ଅଳ୍ପ ଆୟାସରେ ତାହା ସିଦ୍ଧ ହୋଇ ପାରିବ । ସୁତରାଂ ସଡ଼କ ନିର୍ମାଣ ଚିନ୍ତା ବାକି ସବୁ ସାମାନ୍ୟ କଥା । ମାତ୍ର ଗ୍ରନ୍ଥକର୍ତ୍ତାଙ୍କ ମତରେ ଯେ ଏକା ସଡ଼କ ନିର୍ମାଣଦ୍ୱାରା ଗଡଜାତର ସମସ୍ତ ଉନ୍ନତି ହୋଇ ପାରିବ ଏହା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ କାରଣ ସେ ସଡ଼କର ପ୍ରସ୍ତାବ ସଙ୍ଗେ ସଙ୍ଗେ ରେଲବେର ପ୍ରସ୍ତାବକୁ ନିନ୍ଦା କରିଅଛନ୍ତି । ଅଜିକାଲି ବାଣିଜ୍ୟ କିମ୍ବା ସଭ୍ୟତାର ଉନ୍ନତି ସଡ଼କ ବାଟେ ହେବାର ନୁହଇ ଧୂଆଁକଳ ନ ଚଳିଲେ ତାହା ପୂରା ହେଉ ନାହିଁ । ସଡ଼କ ଉପରେ ହେଉ ବା ନଦୀ ନାଳ ଉପରେ ହେଉ କୌଣସି ବାଟେ ଧୂଆଁକଳ ଚଳିବ ତେବେ ଦେଶର ଉପକାର ଓ ବାଣିଜ୍ୟର ଲାଭ ଅଛି ନୋହିଲେ ମୁଣ୍ଡରେ ହାତ ଦେଇ ବସିଥାଅ । ଏହି ବିଶ୍ୱାସ ସର୍ବସାଧାରଣଙ୍କ ମନରେ ଦୃଢ଼ ହେବାରୁ କୌଣସି ସ୍ଥାନର ଉନ୍ନତି ସାଧନ କରିବାକୁ ବାଞ୍ଛା ହେଲେ ରେଲବାଟ ବା ନାଳ ସଙ୍ଗେ ସେ ସ୍ଥାନକୁ ଯୋଗ କରିବାର ପ୍ରସ୍ତାବ ହେଉଅଛି । ଗ୍ରନ୍ଥକର୍ତ୍ତା ଗଡଜାତ ସକାଶେ ରେଲବାଟ କି ନାଳ ନିର୍ମାଣ କରିବାର ପ୍ରସ୍ତାବ କରି ନାହାନ୍ତି ଅଥଚ ଯେଉଁ ରେଲବାଟ ( ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ) ସକାଶେ ଏଠାର ରଜା ଜମିଦାର ଓ ସାଧାରଣ ବ୍ୟକ୍ତିମାନେ ଦୁଇବର୍ଷ ତଳେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ନିକଟରେ ଆବେଦନ କରିଥିଲେ ତହିଁର ବିରୁଦ୍ଧରେ ମତ ପ୍ରକାଶ କରିଅଛନ୍ତି । ସେ ବୋଲନ୍ତି ଯେ ପ୍ରସ୍ତାବିତ ରେଲବାଟଦ୍ୱାରା ଆବେଦନକାରୀମାନେ ବିସ୍ତୃତ ବାଟରେ ଲାଭର ଆଶା କରନ୍ତି ପ୍ରଥମ ପୁରୀର ଯାତ୍ରୀ ଓ ଦ୍ୱିତୀୟ ଗଡଜାତର ବାଣିଜ୍ୟର ଗମନାଗମନ ମାତ୍ର ଯାତ୍ରିଙ୍କ ସଂଖ୍ୟା ପ୍ରଥମେ ଅଧିକ ହେଲେହେଁ ଶୀଘ୍ର ସ୍ୱଭାବତଃ ଊଣା ହୋଇ ଯିବ ଓ ଓଡ଼ିଶାର ଅନ୍ୟାନ୍ୟ ଅଧିବାସୀ ପ୍ରତି ପ୍ରଥମେ ମନୋଯୋଗୀ ନ ହେଲେ ଅଧିକ ବାଣିଜ୍ୟଦ୍ରବ୍ୟ ମିଳିବ ନାହିଁ । ଗମନାଗମନର ଅଧିକ ସୁବିଧା ହେଲେ ଯେ କାହିଁକି ଯାତ୍ରୀ ସଂଖ୍ୟା ଅଳ୍ପଦିନରେ ଊଣା ପଡ଼ି ଯିବ ଆମ୍ଭେମାନେ ବୁଝି ପାରୁ ନାହୁଁ ଓ ଗ୍ରନ୍ଥକର୍ତ୍ତା ତହିଁର କିଛି ହେତୁ ଦର୍ଶାଇ ନାହାନ୍ତି । ବାସ୍ତବରେ ତହିଁର ବିପରୀତ ଅବସ୍ଥା ସର୍ବଦା ଦେଖାଯାଏ ଅର୍ଥାତ୍ ଯେଉଁ ଆଡ଼େ ଯେମନ୍ତ ଗମନାଗମନର ସୁଯୋଗ ହେଉଅଛି ସେ ଆଡ଼େ ପଥିକଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଅଛି । ଏପରି ରେଲବେ ବର୍ଷେ ଛମାସରେ ସମ୍ପୂର୍ଣ୍ଣ ହେବ ନାହିଁ ହେଲେ ଅବଶ୍ୟ ବ ୫।୭ ବର୍ଷ ନିର୍ମାଣ ହେବାକୁ ଲାଗିବ । ଯେତେ ଦୂର ବାଟ ଫିଟିଥିବ ତେତେ ଅଧିକ ବାଣିଜ୍ୟର ସୁବିଧା ହେଉଥିବ ଏହା ସାହସପୂର୍ବକ ବୋଲି ଯାଇ ପାରେ । ଫଳତଃ ବର୍ତ୍ତମାନ ଗଡଜାତ ଦ୍ରବ୍ୟରେ ବାଣିଜ୍ୟ କରିବାର ପ୍ରାୟ କୌଣସି ସୁଯୋଗ ନ ଥିବା ପ୍ରତ୍ୟକ୍ଷେ ଯେତେବେଳେ ମହାଜନମାନେ ନାନାକଷ୍ଟ ଓ ଆପଦ ସ୍ୱୀକାର କରି ଗଡଜାତ ସଙ୍ଗେ ବର୍ଷକୁବର୍ଷ ଅଧିକ ବାଣିଜ୍ୟ କରୁଅଛନ୍ତି ସେ ସ୍ଥଳେ ସୁବିଧା ହେଲେ ଯେ ଅଧିକ ଦିନ ଅପେକ୍ଷା କରିବାକୁ ହେବ ଏହା କଦାଚ ସମ୍ଭବ ନୁହଇ । ଗ୍ରନ୍ଥକର୍ତ୍ତା ଏମନ୍ତ କହି ନାହାନ୍ତି ଯେ ରେଲବାଟ ସକାଶେ ପ୍ରଚୁର ବାଣିଜ୍ୟ ଗଡଜାତରେ ମିଳିବ ନାହିଁ ସେ କେବଳ କହୁଅଛନ୍ତି କି ଆଗେ ଅନ୍ୟ ଉନ୍ନତିର ଉପାୟମାନ ଅବଲମ୍ବିତ ନ ହେଲେ ବାଣିଜ୍ୟ ବିସ୍ତାର ହେବ ନାହିଁ । ଏଥିକୁ ଆମ୍ଭେମାନେ କହୁଁ ଯେ ଏକା ରେଲବାଟ ହେଲେ ପ୍ରାୟ ଆଉ କିଛି ଉପାୟ କରିବାକୁ ହେବ ନାହିଁ ଓ ଦେଶର ଅବସ୍ଥା ଆପେ ଆପେ ଭଲ ହେବାକୁ ଆରମ୍ଭ ହେବ । ମାତ୍ର ଆମ୍ଭମାନଙ୍କର ସନ୍ଦେହ ହୁଅଇ ଯେ ଓଡ଼ିଶା ଓ ବଙ୍ଗଳାକୁ ଯୋଗ କରିବା କାରଣ ଗୋଟିଏ ରେଲବାଟର ପ୍ରସ୍ତାବ ହୋଇଥିଲେ ସେ ଉକ୍ତ ପ୍ରସ୍ତାବର ବିରୁଦ୍ଧରେ କିଛି କହନ୍ତେ ନାହିଁ । ସେପ୍ରକାର କଳ୍ପନା ନ ଥିଲେ ସେ କାହିଁପାଇଁ ବଙ୍ଗଳାସଙ୍ଗେ ଓଡ଼ିଶାର ନାନାପ୍ରକାରରେ ଐକ୍ୟତା ଓ ସଂଯୋଗ ଥିବାର ଉଲ୍ଲେଖ କରି କି ଉଦ୍ଦେଶରେ ତାହା ଲେଖିଲେ ସ୍ପଷ୍ଟ କରି ପ୍ରକାଶ କରିବାକୁ ସାହସ କରି ନାହାନ୍ତି । ଏଠାରେ ଗ୍ରନ୍ଥକର୍ତ୍ତା କେବଳ ଆପଣାର ସାମାଜିକ ପରିଚୟ ଦେଇଅଛନ୍ତି । ନୋହିଲେ ସେ ଅଳ୍ପ ଚିନ୍ତା କଲେ ଜାଣି ପାରିଥାନ୍ତେ ଯେ ଓଡ଼ିଶାକୁ ରେଲବାଟ ଆସିଲେ ତାହା ବଙ୍ଗଳା ଅପେକ୍ଷା ମଧ୍ୟପ୍ରଦେଶରୁ ଆସିବାର ବିସ୍ତର ଅଧିକ ସୁବିଧା ଓ ଲାଭର ସମ୍ଭାବନା ଅଛି । ଆମ୍ଭେମାନେ ବୋଧ କରୁଁ କି ସ୍ଥାନୀୟ ହାକିମଙ୍କ ଉଦ୍ୟମରେ ଗଡଜାତର ଯେପର୍ଯ୍ୟନ୍ତ ଉନ୍ନତି ହୋଇପାରେ କେବଳ ତହିଁ ପ୍ରତି ଲକ୍ଷ କରି ଗ୍ରନ୍ଥକର୍ତ୍ତା ଉପର ଲିଖିତ ପ୍ରସ୍ତାବମାନ କରିଅଛନ୍ତି ଓ ଏମନ୍ତ ସ୍ଥଳରେ ରେଲବାଟର ପ୍ରସଙ୍ଗ ଲେଖି ନ ଥିଲେ ଭଲ ହୋଇଥାନ୍ତା । ସେ ଯାହା ହେଉ ସ୍ଥାନୀୟ ହାକିମମାନେ କିପ୍ରକାର ଉଦ୍ୟମ କଲେ ସେ ପ୍ରସ୍ତାବମାନ ସଫଳ ହେବ ଏଥର ତାହା ଦେଖିବାର ଉଚିତ । ଗ୍ରନ୍ଥକର୍ତ୍ତା ଯଥାର୍ଥ ବିବେଚନା କରିଅଛନ୍ତି ଯେ କେବଳ ରଜାମାନଙ୍କୁ ସତ୍ପରାମର୍ଶଦ୍ୱାରା ଉକ୍ତ ହିତକର କାର୍ଯ୍ୟର ଅନୁଷ୍ଠାନରେ ପ୍ରବୃତ୍ତ କରିବାର ଏକମାତ୍ର ଉପାୟ ଅଛି ଓ ସେହି ହେତୁରେ ସେ ସପ୍ତମ ପ୍ରସ୍ତାବଟି କରିଅଛନ୍ତି । ମାତ୍ର ସେଥିପାଇଁ ପୃଥକ୍ ମହକୁମାର ପ୍ରୟୋଜନ ନାହିଁ ବର୍ତ୍ତମାନ ଗଡଜାତସକାଶେ ଏକଜଣ ଅସିଷ୍ଟାଣ୍ଟ ଅଛନ୍ତି ଆଉ ଜଣେ ହେଲେ ସଦର ମୋଫସଲର କର୍ମ ବିଲକ୍ଷଣରୂପେ ଚଳିବ ଓ ଗ୍ରନ୍ଥକର୍ତ୍ତାଙ୍କର ନିର୍ଦ୍ଦିଷ୍ଟମତେ ରଜାମାନଙ୍କୁ ସର୍ବଦା ସତ୍ପରାମର୍ଶ ଦେଇ ତାହାଙ୍କଦ୍ୱାରା ହିତକାର୍ଯ୍ୟମାନ କରାଇବା ଓ ତାହାଙ୍କର ଶାସନ କାର୍ଯ୍ୟ ପ୍ରତି ଯଥେଷ୍ଟ ଦୃଷ୍ଟି ରଖିବା ଏମାନଙ୍କର ପ୍ରଧାନ କାର୍ଯ୍ୟ ହେବ । ଏ ଉପାୟଟି ସର୍ବାପେକ୍ଷା ଅତ୍ୟନ୍ତ ପ୍ରୟୋଜନୀୟ ଅଟଇ ଏବଂ ଯେବେ ଗଡଜାତର ସୁପରିଣ୍ଟେଣ୍ଡେଣ୍ଟସାହେବ ଏଥି ପକ୍ଷରେ ବହୁତ ବିବେଚନା କରି ଦୁଇଜଣ ଯଥାର୍ଥ ଯୋଗ୍ୟ ବ୍ୟକ୍ତିଙ୍କୁ ଏ କର୍ମରେ ରଖନ୍ତି ତାହା ହେଲେ ଗଡଜାତର ଅବସ୍ଥା ଅଳ୍ପକାଳ ମଧ୍ୟରେ ଅନେକ ଉନ୍ନତ ହୋଇପାରିବ ସନ୍ଦେହ ନାହିଁ ।

---

Digitized by srujanika@gmail.com

Split by PDF Splitter



# ସାପ୍ତାହିକସଂବାଦ ।

ଏ ସପ୍ତାହରେ ପ୍ରାଯ୍ଯ ପ୍ରତିଦିନ ବର୍ଷା ହୋଇ ଥିବାରୁ ଗ୍ରୀଷ୍ମର କଷ୍ଟ ଅଧିକ ହୋଇ ନାହିଁ ଓ ଆକାଶର ଗତିରୁ ଜଣାଯାଏ ଯେ ବର୍ଷାକାଳ ଏକପ୍ରକାର ଆରମ୍ଭ ହୋଇଅଛି ।

ଶ୍ରୀଯୁକ୍ତ କମିଶ୍ନର୍‌ସାହେବ ଦୁଇ ଏକଦିନ ମଧ୍ୟରେ ବାଲେଶ୍ୱର ଗସ୍ତକୁ ବିରାଜମାନ ହେବାର ସ୍ଥିର କରି ଅଛନ୍ତି ।

ଏଥର ବାଲେଶ୍ୱରର ଦୌରାରେ କି ଯାହା ଆଗାମୀ ଶନିବାର ଆରମ୍ଭ ହେବ ଗୁନବାଲର ଜାହାଜର ପ୍ରଧାନ କର୍ମଚାରୀ ଗର୍ଡନ ସାହେବ-ଙ୍କର ବିଚାର ହେବ ସେ ଜଣେ ଓଡ଼ିଆକୁ ଗୋଇଠାମାରି ନଦୀରେ ପକାଇଦେବାରୁ ସେ ବ୍ୟକ୍ତି ମରି ଯାଇଅଛି । ସ୍ଥାନୀୟ ହାକିମଙ୍କ ବିଚା-ରରେ ପ୍ରଥମେ ଏ ମକଦମାଟି ଉଡ଼ିଯାଇଥିଲା ମାତ୍ର ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ କ୍ଷାତସାରରେ ଏହା ଆସିବାରୁ ସେଠାର ଆଜ୍ଞାକ୍ରମେ ଏ ମକଦମା ତଦାରଖ ହୋଇ ଦୌରାପର୍ଯ୍ୟନ୍ତ ଆସିଅଛି ।

ପୁରୀର କଲେକ୍ଟର ଶ୍ରୀଯୁକ୍ତ ଆର୍ମଷ୍ଟ୍ରାଂସାହେବ ଦ୍ୱିତୀୟଶ୍ରେଣୀର ଉନ୍ନତି ଲଭ ଅଛନ୍ତି । ଏଥି ପୂର୍ବେ ଏଠାରେ ଜନରବ ହୋଇଥିଲା ଯେ ସେ କଏଥମାଜିଷ୍ଟ୍ରେଟ ପଦକୁ ଅବନତି ଲଭ ଅଛନ୍ତି । ଅଶୁଭବାର୍ତ୍ତାରୁ ଏହିରୂପେ ଶୁଭଫଳ ମିଳଇ ।

ସମୁଦ୍ରରେ ଯୁଦ୍ଧଜାହାଜମାନଙ୍କର ବିନାଶ ସାଧନ ସକାଶେ ଗୋଟିଏ ନୂତନ ଅସ୍ତ୍ର ରମ୍‌ସ-ସାହେବ ନାମରେ ଏକ ବ୍ୟକ୍ତି ବାହାର କରି ଅଛନ୍ତି । ଅସ୍ତ୍ରଟି ଏମନ୍ତ କୌଶଳରେ ନିର୍ମିଣ ହୋଇଅଛି ଯେ ଯେଉଁଠାକୁ ଲକ୍ଷକରି ଗୁଳି-ହେବ ଠିକ ସେହିଠାରେ ପ୍ରବେଶ ହେବ ଓ ପାଣି ଉପରେ ଶୁନ୍ଦମାଇଲ ବାଟ ଗୁଳିଯାଇ ଲୁହାପଟିର ଯଡିତ ଜାହାଜ ସବୁକୁ ଭାଙ୍ଗିପକା-ଇବ । ଏହାର ଗତି ଏକ ଘଣ୍ଟାରେ ୨୭୫ ମାଇଲ । ମନୁଷ୍ୟ ମାରିବାପାଇଁ ଲୋକେ ଏତେ ଉପାୟ କରୁ ଅଛନ୍ତି !

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ତ୍ରିବାଙ୍କୁରର ମହାରାଜାଙ୍କ ଦୁର୍ଭିକ୍ଷ ସାହାଯ୍ୟ ବାବତ୍ ଦାନଟଙ୍କା ଅଧିକାଂଶରେ ବ୍ରାହ୍ମଣ ଭିକାରିଙ୍କୁ ପୋଷିବାରେ ବ୍ୟୟ ହେଉଅଛି ଓ ଅନ୍ୟଜାତିର ଦୁର୍ଭିକ୍ଷପୀଡିତ ବ୍ୟକ୍ତିଙ୍କପ୍ରତି ବିଶେଷ ହେଳା ହେଉଅଛି । ହିନ୍ଦୁମାନଙ୍କ ରାଜ୍ୟରେ ଏପରି ନ୍ୟାଯ୍ଯ ପ୍ରତ୍ୟକ୍ଷ ହେବା ବିଚିତ୍ର ନୁହଇ ଓ ଏହି ହେତୁରୁ ହିନ୍ଦୁ ଧର୍ମର ଗୌରବ ହ୍ରାସ ହେଉଅଛି ।

କାଗଜ ପ୍ରସ୍ତୁତ କରିବା ସକାଶେ ବାଉଁଶ ଜଙ୍ଗଲସବୁକୁ ରକ୍ଷାକରିବା କାରଣ ଯେଉଁ ନଗରରେ ଗୋଟିଏ ସ୍ୱତନ୍ତ୍ର ମହକୁମା ବସିବାର ସ୍ଥିର ହେଉଅଛି ଓଡ଼ିଶାର ଗଡ଼ଜାତରେ ଯେତେ ବାଉଁଶ ଅଛି ଏଠାରେ ସେପରି କାଗଜ ପ୍ରସ୍ତୁତ ହେଲେ ବଡ଼ ଲାଭ ହୁଅନ୍ତା ।

ଉତ୍ତରପଶ୍ଚିମର ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇ ଅଛନ୍ତି ଯେ କୌଣସି କର୍ମଚାରୀକୁ ମାକୁଲ କରିବା ପୂର୍ବେ ତାହାର ଜବାବ ନେବାକୁ ହେବ ଏବଂ ମାକୁଲ କରିବାର କାରଣମାନ ଖଣ୍ଡିଏ ରୋବକାରୀରେ ସ୍ପଷ୍ଟରୂପେ ଲେଖିବାକୁ ହେବ ସର୍ବତ୍ରରେ ଏପରି ନିୟମ ପ୍ରଚଳିତ ହେ-ବାର ଉଚିତ ।

ଗବର୍ଣ୍ଣମେଣ୍ଟଇଣ୍ଡିଆଙ୍କର ଗୋଟିଏ ନିର୍ଦ୍ଧାରଣରୁ ଜଣାଯାଏ ଯେ ସନ ୧୮୭୬।୭୭ ମସିହାରେ ଟ ୬୨,୬୯,୭୦,୮୧୫୯ ଙ୍କାର ନୋଟ ବାହାରି ଥିଲା ଏବଂ ଟ ୬୨,୧୭,୮୧,୬୫୫୯ ଙ୍କାର ନୋଟ ଖର୍ଚ୍ଚ ପଡିଥିଲା । ନୋଟର କାରବାର-ହାରୁ ଏବର୍ଷ ଗବର୍ଣ୍ଣମେଣ୍ଟଙ୍କର ଟ ୨୦,୩୨,୧୯୦ ଙ୍କା ଲାଭ ହୋଇଥିଲା ।

ମାନ୍ଦ୍ରାଜର ଗବର୍ଣ୍ଣମେଣ୍ଟ ବେଲ୍‌ସାହେବଙ୍କ ମୋକଦମାରେ ଯାହା ବିଚାର କରିଥିଲେ ବଙ୍ଗ-ଳର ସେକ୍ରେଟରୀ ତାହା ବାହାଲ ରଖି ଅଛନ୍ତି । ସୁତରାଂ ଏବର୍ଷ ଦୁଇଜଣ ସିବିଲସୃନ୍ ହାକିମ ଆପଣା୨ ମନ୍ଦକର୍ମର ଦଣ୍ଡ ପାଇ ଅଛନ୍ତି ।

ହୋଲ୍‌କର ରେବା ଓ ଭରତପୁରର ମହା-ରାଜାମାନେ ଗବର୍ଣ୍ଣର ଜେନରଲଙ୍କ ସହିତ ସାକ୍ଷାତ କରିବା ସକାଶେ ସିମଲାକୁ ଯିବାପାଇଁ ଅନୁମତି ଚାହିଅଛନ୍ତି । ବିନା ଅନୁମତିରେ କି ଏମାନେ କୌଣସିଆଡ଼େ ଯାଇ ପାରନ୍ତି ନାହିଁ ?

ଏଡୁକେଶନ ଗେଜେଟ ବୋଲନ୍ତି କି ମହା-ମାନ୍ୟ ଗବର୍ଣ୍ଣରଜେନରଲ କେବଳ ଶିକ୍ଷା କମିଟୀର କାର୍ଯ୍ୟ ସକାଶେ ବାବୁ କୃଷ୍ଣଦାସ ପାଲଙ୍କୁ ସିମଲାକୁ ତଲବ କରି ନେଇ ନାହାନ୍ତି ମାତ୍ର ଶ୍ରୀମତୀ ଭାରତେଶ୍ୱରୀଙ୍କ କନ୍ଦନରେ ତାହାଙ୍କୁ ଭାରତବର୍ଷର ନକ୍ଷତ୍ର ଉପାଧି ପ୍ରଦାନ କରିବେ ବୋଲି ଏତେଶୀଘ୍ର ତଲବ କରି ନେଇ ଅଛନ୍ତି ତାହା ହେଲେ କୃଷ୍ଣଦାସ ବାବୁଙ୍କର ବିଲକ୍ଷଣ ସମ୍ମାନ ହେବ ।

ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ ପାରସରେ ଏକ ବ୍ୟକ୍ତି ଥିଲେ ସମ୍ପ୍ରତି ତାହାଙ୍କର ମୃତ୍ୟୁ ହୋଇଅଛି । ସେ ମହାଜନ-ମାନଙ୍କର ହାତରୁ ମୁକ୍ତ ହେବାର ଏକ ଅଦ୍ଭୁତ ଉପାୟ କରିଥିଲେ । ସେ ନାନାପ୍ରକାର ଅଇନା ଦେଇ ଗୋଟିଏ ଘର ସଜାଇ ରଖିଥିଲେ । ଯେତେବେଳେ କୌଣସି ମହାଜନ ଆସେ, ସେ ସେହି ଗୃହ ମଧ୍ୟକୁ ତାକୁ ଘେନିଯାନ୍ତି । ସେ ଘରେ ଯାଇ ବସିଲେ ଅଇନା ଗୁଣରେ ଆପଣାର ମୂର୍ତ୍ତି ନାନାପ୍ରକାର ଦେଖାଯାଏ । ଥରେ ମୁଣ୍ଡଟି ବଡ ଜଣାଗଲା, ଥରେ ଆକା-ରଟି ଛୋଟ ପରି ଜଣାଗଲା, ଅନ୍ତର ଏପରି ବୋଧ ହେଲା, ଯେପରି ଶରୀର ନାହିଁ କେବଳ ମୁଣ୍ଡ ଅଛି । ପୁନଶ୍ଚ ଏପରି ବୋଧ ହେଲା ଗୋଟିଏ କ୍ଷୁଦ୍ର ବାମନ ବୃହତ ଦୈର୍ଘ୍ୟ ଗୋଡ଼ର ଯନ୍ତା ପିନ୍ଧିଅଛି । ସେ ଏହିସବୁ ଭୟାନକ କାଣ୍ଡ ଦେଖି ଉଠିଯାଇ ପାରିଲେ ବଞ୍ଚେ । ପାଏ-ଘଣ୍ଟାରୁ ଅଧିକ କାଳ ସେ ଘରେ ରହି ପାରଇ ନାହିଁ ।

---

## ବିଜ୍ଞାପନ ।

ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ନର୍ମାଲସ୍କୁଲର ପଣ୍ଡିତ ବିଭାଗରେ ୨ ଗୋଟି ବୃତ୍ତି ଖାଲିଅଛି । ଯେଉଁ ଛାତ୍ରମାନେ ୧୮୭୭ ସାଲ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ସେମାନେ ସ୍ୱ୨ ପ୍ରଶଂସାପତ୍ର ଘେନି ଆମ୍ଭ ନିକଟରେ ଶୀଘ୍ର ଉପସ୍ଥିତ ହେବେ । ଇତି ।

୭-୬-୭୭ } Dwarka nath Chakravarty
କଟକ } ସୁପରିଣ୍ଟେଣ୍ଡେଣ୍ଟ ନର୍ମାଲସ୍କୁଲ

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଭଗବତୀମହାନ୍ତି ଖୋରଧା | ବକେୟା | ୫ | ୭୪୵ |
| ,, ଗଦାଧର ମହାନ୍ତି ପୁରୀ | ଅଗ୍ରିମ | ୫ | ୬୪୵ |
| ଶ୍ରୀଶ୍ରୀମହାରାଜ କଲେକ୍ଟରେଟ୍ ଡ | ବକେୟା | ୫ | ୧୫୴ |
| ,, ରାଜା କଲେ ନୀଲଗିରି | ,, | ୫ | ୧୫ । |
| ବାବୁ ଦୀନବନ୍ଧୁପଟ୍ଟନାୟକ ଡ,ମା, | ଅଗ୍ରିମ | ୫ | ୬୪୵ |
| ,, ରମାଇଚରଣନେଉଗୀ କଟକ | ,, | ୫ | ୩ |
| ,, ଗଣେଶପ୍ରସାଦ ସିଂହ | ,, ବକେୟା | ୫ | ୩ |
| ଏଚ୍ ଫେଗ୍ରର ସାହେବ | ,, ଅଗ୍ରିମ | ୫ | ୨୪ |
| ଶ୍ରୀ ଶ୍ରୀ ମହାରାଜା ବଳେ ମୟୁରଭଞ୍ଜ | ବକେୟା | ୫ | ୩୪।୵ |
| ଏତନ | ଅଗ୍ରିମ | ୫ | ୫୯ |
| ବାବୁ ଗୌରଚରଣ ଘୋଷ ଜଗତ୍ସିଂହପୁର | ବକେୟା | ୫ | ୬୯ |

---

☞ ଏହି ଉତ୍କଳଦୀପିକା ସମ୍ବାଦପତ୍ର ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ ।

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ ଗ
ସଂ ୨୪ ଖ୍ୟା

ତା ୧୬ ଇଂରାଜୀ ମାହେ ଜୁନ ସନ ୧୮୭୭ ମସିହା । ମୁ । ଆଷାଢ଼ ବ ୪ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଇଁ ଡାକମାସୁଲ ଟ୧୫୬

ଗତଗମାସ ତା ୫ ରିଖରେ ଏଠା ମିଉନିସିପଲ କମିଶନରମାନଙ୍କର ଅଧିବେଶନ ହୋଇ ଥିଲା ଜନ୍ତୁ ଅମ୍ଭେମାନେ ଟେଏନସ ସାହେବଙ୍କ ସମ୍ବନ୍ଧରେ କମିଶନରମାନଙ୍କର ନିର୍ଦ୍ଧାରଣର ପ୍ରତିଲିପି ଯେପରି ପାଉଥିଲୁଁ ଏଥର ସେପରି ପାଇ ନାହୁଁ । ଅମ୍ଭେମାନେ ଶୁଣିଲୁଁ ଯେ ଟାକ୍ସର ନୂତନ ବନ୍ଦୋବସ୍ତ ସମ୍ବନ୍ଧରେ ଶେଷ ନ ହେବାରୁ ତାହା ଆଗାମୀ ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରହିଲା । ପୂର୍ବବର୍ଷର ଟାକ୍ସ ଏ ବର୍ଷ ପ୍ରଚଳ ରହିବ । ଘାଟ ସଙ୍କାନ୍ତରେ ଶ୍ରୀଯୁତ କମିଶନର ସାହେବ ଯେ ଆଜ୍ଞା ଦେଇଅଛନ୍ତି ତାହା ଅମ୍ଭେମାନେ ପୂର୍ବେ ପ୍ରକାଶ କରିଅଛୁଁ ସେ ବିଷୟରେ ତାଙ୍କର ଓ ମିଉନିସିପଲ କମିଶନରମାନଙ୍କର କେତେ ଦୂର କ୍ଷମତା ଏହା ନିର୍ଣ୍ଣୟ କରାଇବା କାରଣ ଗବର୍ଣ୍ଣମେଣ୍ଟରେ ଆବେଦନ ହେବ ।

---

ଅମ୍ଭମାନଙ୍କର ନୂତନ କଲେକ୍ଟର ଶ୍ରୀଯୁତ ବିଡନ ସାହେବ ଦାଖଲଖାରିଜ ସମ୍ପର୍କରେ ଗୋଟିଏ ବିଜ୍ଞାପନ ଦେଇଅଛନ୍ତି ତହିଁର ମର୍ମ ନିମ୍ନଲେଖିତ ପ୍ରକାର ଅଟଇ ।

୧ । ପ୍ରତ୍ୟେକ ସ୍ୱତ୍ୱ ସକାଶେ ପୃଥକ୍ ଦରଖାସ୍ତ ଆଇନ ମତେ ଆବଶ୍ୟକ ଅଟେ ।

୨ । ଅବରକ୍ତ ଉକ୍ତମାସ ସ୍ୱତ୍ୱରୁ ଏକସ୍ୱତ୍ୱ ଅଟେ ଓ ତହିଁର ଦାଖଲଖାରିଜ ଧା ୪୭ ଅନୁସାରେ ଏକଦରଖାସ୍ତରେ ହୋଇ ପାରେ ।

୩ । ଏକରୁ ଅଧିକ ସ୍ୱତ୍ୱର ରେଜେଷ୍ଟରୀ (ଦାଖଲଖାରିଜ) ସକାଶେ ଯେଉଁ ଦରଖାସ୍ତମାନ ଦାଖଲ ହୋଇଅଛି ତତ୍ସମ୍ପର୍କରେ ସରିକଦାରମାନଙ୍କଠାରୁ ପୃଥକ୍ ଦରଖାସ୍ତ ନିଆ ନ ହୋଇ ଏକ ଦରଖାସ୍ତରେ ଯେତେ ସରିକଦାର ଥିବେ ତେତେ ଖଣ୍ଡ ଆଠଅଣିଆ କୋର୍ଟଫିସ ଷ୍ଟାମ୍ପ ସେମାନଙ୍କଠାରୁ ନେଇ ସେହି ଦରଖାସ୍ତରେ ଲଗାଇ ଦେବାକୁ ହେବ (ବର୍ତ୍ତମାନ ବୋର୍ଡରୁ ମଧ୍ୟ ଏହିପରି ଆଦେଶ ହୋଇଅଛି) ।

୪ । ବୋର୍ଡ ଗତ ମାର୍ଚ୍ଚ ମାସରେ ଆଦେଶ କରିଅଛନ୍ତି କି ଏକ ମହାଲ ବା ଜମି ପକ୍ଷରେ ସକଳ ଦରଖାସ୍ତକୁ ଏକତ୍ର କରି ବିଚାର କରାଯିବ କିନ୍ତୁ ଏ ଆଜ୍ଞା ପ୍ରଚାର ପୂର୍ବେ ଯଦି କୌଣସି ଅଂଶର ଦାଖଲଖାରିଜ ହୋଇଥାଏ ଓ ତହିଁପ୍ରତି ବର୍ତ୍ତମାନ କାହାରି ଆପତ୍ତି ନ ଥାଏ ତେବେ ସେ ମକଦ୍ଦମା ପୁନରୁତ୍ଥାପନ ହେବ ନାହିଁ ।

୫ । ଯେଉଁଠାରେ ଏପରି କୌଣସି ମକଦ୍ଦମା ପୁନରୁତ୍ଥାପନ ହୋଇଥାଏ ସେଠାରେ ସେ ଦରଖାସ୍ତର ଷ୍ଟାମ୍ପ ଉପର୍ଯ୍ୟୁକ୍ତ ଧା ୩ ଅନୁଯାୟୀ ଖର୍ଚ୍ଚାରୁ କାଟି ଦିଆଯିବ ।

୬ । ଏଣିକି ପୃଥକ୍ ଦରଖାସ୍ତ ଅବଶ୍ୟ ନିଆଯିବ ।

---

ସମ୍ପ୍ରତି ଏନଗରକୁ କେତେଗୁଡ଼ିଏ ପହଲବାନ ପଞ୍ଜାବ ଓ ପଶ୍ଚିମ ପ୍ରଦେଶରୁ ଆସିଅଛନ୍ତି ଓ ଏନଗରର ଏକମାତ୍ର ଧନାଢ୍ୟ ମଲ୍ଲଯୁଦ୍ଧ ପ୍ରିୟ ବାବୁ ଗୋଲକଚନ୍ଦ୍ର ଘୋଷ ସେମାନଙ୍କୁ ବସାଖର୍ଚ୍ଚ ଦେଇ ରଖିଅଛନ୍ତି । ଏଥିମଧ୍ୟରେ ସର୍ବାପେକ୍ଷା ବଳବାନ୍ ବ୍ୟକ୍ତିକୁ ଆପଣାର ପହଲବାନ ସହିତ ଲଢାଇବେ ଓ ଆଉ କେତେଜଣଙ୍କୁ ପରସ୍ପର ଲଢାଇ କରାଇ ବିଦାୟ କରିବେ । ଗତ ଶନିବାର ଦୋବନ୍ଧାଠାରେ ନଦୀ ବାଲିରେ ଦୁଇଟା ମାଲର ଯୁଦ୍ଧ ହୋଇଥିଲା । କୌତୁକ ଦେଖିବାପାଇଁ ଅନ୍ୟୂନ ତିନିହଜାର ଲୋକ ଯାଇଥିଲେ । ସୂର୍ଯ୍ୟାସ୍ତ ସମୟକୁ କୁସ୍ତି ଆରମ୍ଭ ହୋଇ ଅର୍ଦ୍ଧଘଣ୍ଟା ପର୍ଯ୍ୟନ୍ତ ଲଗି ରହିଲା ମାତ୍ର ପରଶେଷରେ ଦୁଇ ଜଣଯାକ ସମାନ ହେଲେ । ଆଉ ଦିନେ ଏହାଙ୍କୁ ଲଢାଇବାର ଇଚ୍ଛା ଦେଇ ବାବୁ କୁସ୍ତି ବନ୍ଦ କରାଇଲେ । ଯେଉଁଠାରେ କୁସ୍ତି ହେଉଥିଲା ତାହା କୁସ୍ତି ଦେଖିବାର ଯଥାର୍ଥ ସ୍ଥାନ ଅଟଇ । ଲୋକମାନେ ପଥର ପାହାଚରେ ତଳୁ ଉପର ପର୍ଯ୍ୟନ୍ତ ବସି ନିଶ୍ଚିନ୍ତ ହୋଇ ଦେଖିଲେ ଓ ବାଲିରେ ଯେଉଁମାନେ ବସିଥିଲେ ତାଙ୍କାଙ୍କର ମଧ୍ୟ ଦେଖିବାର ଅସୁବିଧା ହେଲା ନାହିଁ । ସୁତରାଂ କେହି କିଛି ଗୋଳମାଳ ନ କରି ସମସ୍ତେ ସ୍ଥିର ହୋଇ ଆଦ୍ୟ ପ୍ରାନ୍ତ କୁସ୍ତି ଦେଖିଲେ ଓ ଶାନ୍ତିରକ୍ଷା ସକାଶେ ଯଦ୍ୟପି କି ପୁଲିସ ଉପସ୍ଥିତ ଥିଲେ ମାତ୍ର ତାହାଙ୍କୁ ବିଶେଷ କଷ୍ଟ ପାଇବାକୁ ହେଲା ନାହିଁ । ବାବୁ ଏସ୍ଥାନଟିକୁ କୁସ୍ତି ଦେଖାଇବାର ଯଥାର୍ଥ ସ୍ଥାନ ବୋଲି ମନୋନୀତ କରିବାରେ ଉତ୍ତମ କରିଅଛନ୍ତି । ଏଣିକି ଏହିଠାରେ କୁସ୍ତି ହେବ କେବଳ ନଦୀ ବଢିଲାବେଳେ ତାହା ହୋଇପାରିବ ନାହିଁ । ଏନଗରରେ କୁସ୍ତି ଦେଖିବାକୁ ଅନେକ ଲୋକର ଅନୁରାଗ ଓ କେବଳ ଗୋଲକ ବାବୁଙ୍କ ଯୋଗେ ତାହା ଚରିତାର୍ଥ ହେଉଅଛି ନୋହିଲେ ଏଠାକୁ ପହଲବାନମାନେ ବିଦେଶରୁ ଆସନ୍ତେ ନାହିଁ ।

---

Split by PDF Splitter

Digitized by srujanika@gmail.com

Split by PDF Splitter



ଡେଲିନିୟୁସରେ ପାଠକଙ୍କୁ ଯେ ମକ୍କାର ମୁଫ୍‌ତିମାନେ ଏହି ମର୍ମରେ ଏକ ଘୋଷଣାପତ୍ର ବାହାର କରି ପୃଥିବୀର ସମସ୍ତ ମୁସଲମାନଙ୍କୁ ବର୍ତ୍ତମାନ ସମୟରେ ତୁରଷ୍କର ସାହାଯ୍ୟ ନିମିତ୍ତ ଅନୁରୋଧ କରିଅଛନ୍ତି । ମକ୍କାକୁ ଯେଉଁ ଯାତ୍ରିମାନେ ଯାଇଅଛନ୍ତି ସେମାନଙ୍କୁ ଏ ଘୋଷଣା ନାନାସ୍ଥାନରେ ପ୍ରଚାର କରିବା ପାଇଁ ଆଦେଶ ହୋଇଅଛି । ଘୋଷଣାପତ୍ରର ଆରମ୍ଭରେ ସମସ୍ତ ମୁସଲମାନଙ୍କୁ ପ୍ରାର୍ଥନା ହୋଇଅଛି କି ଯେ ଯାହାର ସାଧ୍ୟାନୁସାରେ ଏ ଘୋଷଣାପତ୍ରକୁ ପୃଥିବୀର ସମସ୍ତ ଦେଶ ନଗର ଓ ଗ୍ରାମରେ ପ୍ରଚାର କରିବ । ଯେଉଁମାନେ ଏହାକୁ ପ୍ରଚାର କରିବାରେ ସାହାଯ୍ୟ କରିବେ ସେମାନଙ୍କର ମଙ୍ଗଳ ହେବ ଓ ଯେଉଁମାନେ ଏହାକୁ ଲୁଚାଇ ରଖିବେ ତାହାଙ୍କର ଅଧୋଗତି ହେବ । ଦରିଦ୍ରତା ଅଥବା ଅନ୍ୟ କୌଣସି କାରଣରୁ କୌଣସି ମୁସଲମାନ ଯୁଦ୍ଧ ସମୟରେ ଆପଣା ଧର୍ମାବଲମ୍ବୀ ଭାଇମାନଙ୍କୁ ସାହାଯ୍ୟରୁ ବଞ୍ଚିତ କରି ପାରିବ ନାହିଁ । ତାହା କଲେ ଅତ୍ୟନ୍ତ ଅନ୍ୟାୟ ହେବ ଓ ଘୋଷଣାର ଶେଷରେ ଏମନ୍ତ ଆଶା କରାଯାଇଅଛି ଯେ ମୁସଲମାନମାନେ ମଧ୍ୟ ଇଂରାଜ ଗବର୍ଣ୍ଣମେଣ୍ଟଙ୍କର କୃତଜ୍ଞତା ଲାଭ କରିବେ କାରଣ ରୁସିୟା ବିରୁଦ୍ଧରେ ଇଂଲଣ୍ଡର ଭାରତବର୍ଷ ବାଦସାହିକୁ ରକ୍ଷା କରିବା ସକାଶେ ତୁରଷ୍କ ରାଜ୍ୟ ପ୍ରଧାନ ଦୁର୍ଗ ତୁଲ୍ୟ ଅଟଇ । ଏ ଘୋଷଣାପତ୍ରଟି ଠିକ ଆମ୍ଭମାନଙ୍କ ଦେଶ ପ୍ରଚଳିତ ଆଜ୍ଞାପତ୍ରିକା ପ୍ରାୟ ଜଣାଯାଏ କାରଣ ତହିଁରେ ସେହିପରି ଧର୍ମର ଭୟ ଦିଆଯାଇଅଛି ଓ ପ୍ରଚାର କରିବାର ସେହି ରୀତି ମଧ୍ୟ ଅବଲମ୍ବିତ ହୋଇଅଛି । ଏଥିରେ କି ଫଳ ଫଳିବ ସମୟରେ ଜଣାପଡ଼ିବ । ସମ୍ପ୍ରତି ମୁସଲମାନଙ୍କ ମଧ୍ୟରେ ଐକ୍ୟଭାବ ଏପ୍ରକାର ପରିଚୟ ପାଇ ଆମ୍ଭେମାନେ ଆନନ୍ଦିତ ହେଉଅଛୁଁ । କାହିଁ ତୁରଷ୍କ ଓ କାହିଁ ଭାରତବର୍ଷ ଓ ଅନ୍ୟାନ୍ୟ ଦେଶ ମାତ୍ର ଦୂର ସ୍ଥାନର ମୁସଲମାନମାନେ ତୁରଷ୍କର କେବଳ ଶୁଭ ମନାସୁଅଛନ୍ତି ଏମନ୍ତ ନୁହଇ ଅର୍ଥ ଓ ପ୍ରାଣ ସମର୍ପଣ କରିବାକୁ ମଧ୍ୟ ପ୍ରସ୍ତୁତ ହୋଇଅଛନ୍ତି । ହିନ୍ଦୁମାନଙ୍କ ମଧ୍ୟରେ ଏପ୍ରକାର ହେବାର ସମ୍ଭବ କି ?

---

ଚୌଧୁରୀ ବିଶ୍ୱନାଥ ଦାସ ଓ ହରେକୃଷ୍ଣ ଦାସଙ୍କ ମକଦ୍ଦମା କି ଯହିଁରେ ପୁରୀର କଲେକ୍ଟର ଏମାନଙ୍କୁ କାରାବାସ ଦଣ୍ଡ ଦେଇଥିଲେ ସାନ୍ଧ ଜଜଙ୍କ ସକାଶେ ହାଇକୋର୍ଟକୁ ପଠାଇବା ନିମିତ୍ତ ଶ୍ରୀଯୁକ୍ତ ଜଜସାହେବଙ୍କ ନିକଟରେ ଆବେଦନ ହୋଇଥିବାରୁ ଗତ ଶନିବାର ସାହେବ ପ୍ରଶଂସିତ ତହିଁରେ ହୁକୁମ ଦେଲେ । ସାହେବଙ୍କ ରାୟରେ ମକଦ୍ଦମା ସାନ୍ଧ ଜଜଙ୍କୁ ପଠାଇବାର ଉପଯୁକ୍ତ କାରଣ ନ ଥିବାରୁ ସେ ଉକ୍ତ ପ୍ରାର୍ଥନା ଅଗ୍ରାହ୍ୟ କରି ଚୌଧୁରୀ ହରେକୃଷ୍ଣ ଦାସଙ୍କୁ ଜାମିନରୁ ରହିତ କରି ତାହାଙ୍କ କାରାଦଣ୍ଡର ଅବଶିଷ୍ଟ କାଳ ଭୋଗ କରିବା ସକାଶେ ଜେଲଖାନାକୁ ଯିବାକୁ ଆଜ୍ଞା ଦେଲେ ଜଜସାହେବ ଏହି ମର୍ମରେ ରାୟ ଲେଖିଅଛନ୍ତି କି କେବଳ ବେଆଇନ ଆଜ୍ଞା ହୋଇଥିଲେ ଅଥବା ଦଣ୍ଡ ଅତ୍ୟନ୍ତ ଅଧିକ କମ୍ଭା ଊଣା ହୋଇଥିଲେ ସାନ୍ଧ ଜଜଙ୍କୁ ପଠାଇବାର ବିଧି ଅଛି । ଆଜ୍ଞା ବେଆଇନ ହୋଇଅଛି କି ନାହିଁ ତାହା ପ୍ରମାଣ ଥିବା ନ ଥିବା ଉପରେ ନିର୍ଭର କରଇ । ସେ ବୋଲନ୍ତି କି ଏ ମକଦ୍ଦମାରେ ଆସାମିଙ୍କୁ ଦଣ୍ଡ ଦେବା ସକାଶେ ଅଧିକ ପ୍ରମାଣ ନ ଥିଲେହେଁ ପ୍ରମାଣ ନାହିଁ ବୋଲି ସେ କହି ନ ପାରନ୍ତି । ଅପୀଲ ବିଚାର କରିବାର ତାହାଙ୍କର କ୍ଷମତା ଥିଲେ ସେ ଆପଣା ଅଭିପ୍ରାୟ ଉକ୍ତ ବିଷୟରେ ସ୍ପଷ୍ଟ କରି ଲେଖନ୍ତେ । ମୁଦେଇମାନେ କହୁଅଛନ୍ତି କି ଚୌଧୁରୀଙ୍କ ଲୋକ ତାହାଙ୍କ କଲରା ବାଲୁଡ ଇତ୍ୟାଦି କ୍ଷେତ ନଷ୍ଟ କରି ତହିଁରେ ଧାନ ବୁଣିବାରୁ ଓ ସେମାନଙ୍କ ନିଷେଧ ନ ମାନିବାରୁ ସେମାନେ ଚୌଧୁରୀଙ୍କ ନିକଟରେ ଗୁହାରି କଲେ ! ଚୌଧୁରୀମାନେ ଦୃଢ଼େ କହିଲେ ଯେ ତାହାଙ୍କ କ୍ଷେତରେ ଧାନ ବୁଣାଯିବ ଓ ସେମାନେ ୭ ଅଇନମତେ ଯେତେ ଖଜଣା ଜମା କରିଅଛନ୍ତି ତାହା ଦେଲେ ଜମି ପାଇବେ ନୋହିଲେ ଯାହାଠାରେ ଖଜଣା ଜମା ଦେଉଅଛନ୍ତି ସେ ତାହାଙ୍କୁ ଜମି ଦେବେ । ମୁଦେଇମାନଙ୍କୁ ମାଜିଷ୍ଟ୍ରେଟ ବିଶ୍ୱାସ କରିଥାନ୍ତି କି ନାହିଁ ତାହା ବୋଲିବା ଜଜସାହେବଙ୍କର କ୍ଷମତା ନାହିଁ କାରଣ ଏ ମକଦ୍ଦମାର ଅପୀଲ ଆଇନମତେ ସେ ବିଚାର କରି ନ ପାରନ୍ତି । ଯେସ୍ଥଳେ ମାଜିଷ୍ଟ୍ରେଟ ଫରିୟାଦିଙ୍କୁ ବିଶ୍ୱାସ କରିଅଛନ୍ତି ଓ ତହିଁର ଊଣା ଅଧିକ ପ୍ରମାଣ ଅଛି ସେସ୍ଥଳେ ମାଜିଷ୍ଟ୍ରେଟଙ୍କ ଆଜ୍ଞା ବେଆଇନ ଥିବାର ବୁଝାଯାଇ ନ ପାରେ ସୁତରାଂ ସେ ଏ ମକଦ୍ଦମାକୁ ହାଇକୋର୍ଟକୁ ସାନ୍ଧ ଜଜଙ୍କ ସକାଶେ ପଠାଇ ନ ପାରନ୍ତି । ଆଉ କୌଣସି ଅପରାଧର କଥା ଅସମ୍ଭବ ଘଟନା ଦେଖି ତହିଁରୁ କେହି ବ୍ୟକ୍ତି ଜାଣିପାରିଲା ବୋଲି ସେ ବ୍ୟକ୍ତି ଉକ୍ତ ଅପରାଧରେ ସାହାଯ୍ୟ କରିଅଛି ଏମନ୍ତ ବୁଝାଯାଇ ନ ପାରେ ମାତ୍ର ଏ ମକଦ୍ଦମାରେ ଚୌଧୁରୀଙ୍କ ନିକଟରେ ଗୁହାରି ହେଲା ଉତ୍ତାରୁ ତାହାଙ୍କର ଚାକରମାନେ ଦୁଇଦିନ ପର୍ଯ୍ୟନ୍ତ ସେହି କାର୍ଯ୍ୟ କରିଥିଲେ ସୁତରାଂ ଚାକରଙ୍କର କାର୍ଯ୍ୟ ମୁନିବର କାର୍ଯ୍ୟ ତୁଲ୍ୟ ହେଲା । ଅତଏବ ଚୌଧୁରୀମାନେ ସ୍ୱୟଂ ଅପରାଧ ସ୍ଥଳକୁ ଯାଇ ନ ଥିଲେହେଁ ଦୋଷୀ ହୋଇଅଛନ୍ତି । ଏହିରୂପେ ଚୌଧୁରୀମାନେ ଜଜ ସାହେବଙ୍କ ନିକଟରେ ନିଷ୍ଫଳ ହୋଇ ହାଇକୋର୍ଟରେ ଅପୀଲ କରିଅଛନ୍ତି । ଫଳ କି ହେବ ଅଳ୍ପ ଦିନରେ ଜଣା ପଡ଼ିବ । ମକଦ୍ଦମା ବିଚାରାଧୀନରେ ଥିବାରୁ ଆମ୍ଭେମାନେ ସମ୍ପ୍ରତି ଏଥିରେ ମତାମତ ପ୍ରକାଶ କରି ନ ପାରୁଁ ।

---

ଗତ ପ୍ରକାଶିତ ଉତ୍କଳଦର୍ପଣରେ ପାଠକଙ୍କୁ ଯେ ଶ୍ରୀଯୁକ୍ତ ବିମ୍ସ ସାହେବ କମିଶ୍ନର ସ୍ୱରୂପ ବାଲେଶ୍ୱରକୁ ଗସ୍ତ କରିବାକୁ ଯାଇ ଥିବାରୁ ତାହାଙ୍କୁ ଉକ୍ତ ନଗରବାସିମାନେ କି ପ୍ରକାର ସମ୍ମାନ ସହିତ ଗ୍ରହଣ କରିବେ ତାହା ସ୍ଥିର କରିବା ସକାଶେ ଗୋଟିଏ ବୃହତ୍ ସଭା ଚଳିତ ମାସ ତା ୭ ରିଖରେ ଇଂରାଜୀ ସ୍କୁଲ ଗୃହରେ ହୋଇ ଥିଲା ଓ ବାବୁ ଜଗଦୀଶନାଥ ରାୟ ସଭାପତିର ଆସନ ଗ୍ରହଣ କରିଥିଲେ । ଶିକ୍ଷାବିଭାଗର ସବ୍ ଇନସ୍‌ପେକ୍ଟର ବାବୁ କୈଳାସନାଥ ଦାସ ଗୋଟିଏ ପ୍ରବନ୍ଧ ପ୍ରସ୍ତୁତ କରି ପାଠ କରିଥିଲେ ତହିଁରେ ସାହେବ ପ୍ରଶଂସିତଙ୍କୁ ସମ୍ମାନ କରିବାର କର୍ତ୍ତବ୍ୟତା ଓ ତାହାଙ୍କର ଗୁଣାବଳୀ ବର୍ଣ୍ଣନା ଉତ୍ତାରୁ ତାହାଙ୍କ ସମ୍ମାନ ନିମିତ୍ତ ଯାହା କରିବାକୁ ହେବ ତାହାଦ୍ୱାରା ତାହାଙ୍କ ନାମ ଚିରସ୍ମରଣ ସକାଶେ ଗୋଟିଏ ସ୍ଥାୟୀ କାର୍ଯ୍ୟ ଅର୍ଥାତ୍ ଗୋଟିଏ ପୁସ୍ତକାଗାର ସ୍ଥାପନ କରିବାର ପ୍ରସ୍ତାବ କଲେ । ସଭାରେ କି ସ୍ଥିର ହେଲା ଦର୍ପଣରେ ତାହା ଲେଖା ନ ଥିବାରୁ ଅମ୍ଭେମାନେ ମଧ୍ୟ କୌତୁହଳାକ୍ରାନ୍ତ ପାଠକଙ୍କୁ ସନ୍ତୋଷ କରି ପାରିଲୁଁ ନାହିଁ କେବଳ ଏତିକି ଲେଖାଅଛି ଯେ ସେଥିର ଉପାୟମାନ ସ୍ଥିର କରିବା ଓ ଚାନ୍ଦା ସଂଗ୍ରହ ଇତ୍ୟାଦି କାର୍ଯ୍ୟ ନିର୍ବାହ ସକାଶେ ଗୋଟିଏ ସବ୍‌କମିଟୀ ନିଯୁକ୍ତ ହୋଇଅଛି । ପାଠକମାନେ ପଚାରିପାରନ୍ତି ଯେ ଏଥିପୂର୍ବେ ଅନେକ କମିଶ୍ନର ଅନେକଥର ବାଲେଶ୍ୱରକୁ ଯାଇ ଥିଲେ କାହାରି ସକାଶେ ଏପରି କିଛି ଆୟୋଜନ ହୋଇ ନ ଥିଲା ଆଜି ଏତି-

Digitized by srujanika@gmail.com

ଅଣ କାହିଁକି ? ଭୋଳାନାଥବାବୁ ଏପରି ପ୍ରଶ୍ନ ହେବ ବୋଲି ସୂଚନା କରି ତହିଁର ଉତ୍ତର ଏହିପରି ଦେଇ ଅଛନ୍ତି ଯଥା;—“୧ମ ହୁଏତ ଅମ୍ଭେମାନେ ଶାସନକର୍ତ୍ତାମାନଙ୍କୁ ଏପରି ସମ୍ମାନ ସହିତ ଗ୍ରହଣ କରିବୁଁ ସେ ରୀତି ଜାଣି ନ ଥିଲୁଁ । ୨ ୟ ବଳେ ମାରି ଭକ୍ତି କରା ହୁଅଇ ନାହିଁ । ଭକ୍ତି ମନର କାର୍ଯ୍ୟ ଯାହାଙ୍କ ପ୍ରତି ଅମ୍ଭମାନଙ୍କର ସ୍ଵତଃ ମନରେ ଭକ୍ତି ଉଦୟ ହୁଏ ତାହାଙ୍କୁ ସମ୍ମାନ ଦେବାପାଇଁ ଅମ୍ଭେମାନେ ଅଗ୍ରସର ହେଉଁ ” ଏଥି ମଧ୍ୟରେ ପ୍ରଥମ କାରଣଟି ଅମ୍ଭମାନଙ୍କୁ ସଙ୍ଗତ ବୋଧ ହେଉଅଛି ଦ୍ଵିତୀୟ କାରଣଟି ଯେବେ ସତ୍ୟ ହୁଅନ୍ତା ତେବେ ଶ୍ରୀଯୁକ୍ତ ବିମସ୍‌ସାହେବ ସନ ୧୮୭୩ ମସିହାରେ କମିଶ୍ନର ହୋଇ ବାଲେଶ୍ଵରକୁ ଯାଇ ଥିଲେ ସେ ସମୟରେ ଏହି ଲୋକମାନେ ସେଠାରେ ଥିଲେ ଓ ବିମ୍‌ସସାହେବ ମଧ୍ୟ ବର୍ତ୍ତମାନ୍ ପରି ଏକଟିଂ ହୋଇ ଯାଇ ଥିଲେ ଅବଶ୍ୟ ତାହାଙ୍କର ଯଥାବିହିତ ସମ୍ମାନ ହୋଇଥାନ୍ତା । ମାତ୍ର ସେପରି କିଛି ଆୟୋଜନ ସେ ସମୟରେ ହୋଇ ନ ଥିଲା ଏଥିରୁ ଅବଶ୍ୟ ଅନିବାର୍ଯ୍ୟରୂପେ ତର୍କ ବାହାରୁ ଅଛି ଯେ ସେ ସମୟରେ ବାଲେଶ୍ଵରବାସିଙ୍କର ବର୍ତ୍ତମାନ ପରି ଭକ୍ତି ନ ଥିଲା ମାତ୍ର ଏକଥା ବଡ ଅସଙ୍ଗତ ଅଟଇ । କାରଣ ଶ୍ରୀଯୁକ୍ତ ବିମ୍‌ସସାହେବ ଯେତେବେଳେ ତାହାଙ୍କ ମଧ୍ୟରେ ଥାଇ ତାହାଙ୍କର ଅନେକ ଉପକାର ସାଧନ କରିଥିଲେ ଓ ଯେଥିର ପୁରସ୍କାର ସ୍ଵରୂପ ଉଚିତକର୍ମ ଲଭି ସେମାନଙ୍କୁ ଭେଟିଲେ ଯେବେ ସେତେବେଳେ ତାହାଙ୍କର ଭକ୍ତି ଉଦୟ ହୋଇ ନ ଥିଲା ତେବେ ବର୍ତ୍ତମାନ୍ ଭକ୍ତି କାହୁଁ ଆସିବ ? ସୁତରାଂ ବୋଲିବାକୁ ହେବ ଯେ ତାହାଙ୍କର ଭକ୍ତି ବରାବର ଥିଲା କେବଳ ସମ୍ମାନ କରିବାର ରୀତି ସେ ସମୟରେ ଶିକ୍ଷା କରି ନ ଥିବାରୁ ତାହା ଦେଖାଇ ପାରି ନ ଥିଲେ । ମାନ୍ୟବର ସରୁରିଚ୍ଚାର୍ଡ ଟେମ୍ପଲ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସନ ୧୮୭୪ ମସିହାରେ ଓଡିଶା ସନ୍ଦର୍ଶନକୁ ଆସିବାରୁ ଏଠାଲୋକେ ଶାସନକର୍ତ୍ତାଙ୍କୁ ସମ୍ମାନ କରିବାର ରୀତି ଶିଖିଲେ ତହିଁ ପୂର୍ବେ ମାନ୍ୟବର ହାଲିଡେ ଓ ବିଡନ-ସାହେବମାନେ ଆସିଥିଲେ ମାତ୍ର ତାହାଙ୍କର ସମ୍ମାନ ନିମିତ୍ତ ସର୍ବସାଧାରଣ କୌଣସି ଉତ୍ସବ କରି ନ ଥିଲେ । ସନ ୧୮୭୪ସାଲରେ କେବଳ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କୁ ସମ୍ମାନ କରିବାର ଶିକ୍ଷାଲାଭ ହୋଇ ଥିଲା । କ୍ରମଶଃ କମିଶନର ପର୍ଯ୍ୟନ୍ତ ସେ ରୀତି ବିସ୍ତାର ହୋଇ ଆସିଲା ଏଣିକି ବୋଧ ହୁଅଇ କଲେକ୍ଟର ଓ ସବ୍‌ଡିଭିଜନ ଡେପୁଟିକଲେକ୍ଟର ପର୍ଯ୍ୟନ୍ତ ଏହି ରୀତି ଚଳି ଆସିବ । ଏତେଗୁଡ଼ାଏ ଭଲ ନୁହଇ ଭକ୍ତି ଯେବେ ମନର କାର୍ଯ୍ୟ ତେବେ ତାହାକୁ ମନରେ ରଖିବାର ଉଚିତ ଭଣ୍ଡବୈଷ୍ଣବ ସୁଦ୍ଧା ଗୁଡାଏ ତିଳକଚିତା ଦେହରେ ଚିତ୍ରକରି ଭକ୍ତି ଦେଖାଇ ଥାଏ ଯାହା ହେଉ ଭୋଳାନାଥ ବାବୁ ଗୋଟିଏ ସାର ପ୍ରସ୍ତାବ କରି ଅଛନ୍ତି ଓ ଯେବେ ତାହାଙ୍କ ପ୍ରସ୍ତାବିତ ପୁସ୍ତକାଳୟଟି ସ୍ଥାପନ ହୋଇ ପାରେ ତେବେ ଅବଶ୍ୟ ବାଲେଶ୍ଵରବାସିଙ୍କର ଶ୍ରୀଯୁକ୍ତ ବିମ୍‌ସସାହେବଙ୍କ ପ୍ରତି ଅଟଳ ଭକ୍ତି ପ୍ରକାଶ ପାଇବ ଓ ତଦ୍ଵାରା ଶ୍ରୀଯୁକ୍ତ ବିମ୍‌ସସାହେବଙ୍କ ନାମ ଯେମନ୍ତ ଦୀର୍ଘକାଳ ଚିରସ୍ମରଣୀୟ ହେବ ତେମନ୍ତ ବାଲେଶ୍ଵରବାସିଙ୍କର ପ୍ରକୃତ ଉପକାର ହେବ ଓ ଅପର ସ୍ଥାନର ଲୋକମାନେ ସେମାନଙ୍କର ଭକ୍ତିର ପ୍ରଶଂସା କରି ଆନନ୍ଦିତ ହେଉଥିବେ ।

———

ଅମ୍ଭମାନଙ୍କର ଯାଜପୁରର ସମ୍ବାଦଦାତା ଲେଖିଅଛନ୍ତି । ଯଥା;—

ଆଜକୁ ପ୍ରାୟ ଛମାସ ହେବ ତସାଣିଆ ପ୍ରଗନା ଗୁହାଳୀ ମୌଜାର ସୁଦର୍ଶନ ଦାସ ଓ ରଘୁବର ଦାସ ନାମକ ବ୍ୟକ୍ତିମାନେ ଗଙ୍ଗା ଦାସ ନାମକ ଏକ ବୈଷ୍ଣବକୁ ଆମନ୍ତ୍ରଣ ଛଳନାରେ ଆହାରୀୟ ପଦାର୍ଥ ସଙ୍ଗେ ବିଷ ମିଶ୍ରିତ କରି ଖାଇବାକୁ ଦେବାରେ ବୈଷ୍ଣବ ମଜକୁର ବିଷ ଖାଇ ପ୍ରାଣ ତ୍ୟାଗ କଲା । ସୁଦର୍ଶନ ଦାସ ଓ ରଘୁବର ଦାସ ଆସାମିମାନେ ଶ୍ରୀ ବାବୁ ହରେକୃଷ୍ଣ ଦାସ ଜମିଦାରଙ୍କ ତରଫ ନାଏବ ବିମ୍ବାଧର ଦାସକୁ ଅର୍ଥଦ୍ଵାରା ବଶୀଭୂତ କରି ଉପର୍ଯ୍ୟୁକ୍ତ ଅପରାଧ ଗୋପନ କରିଥିଲେ କିନ୍ତୁ ଉକ୍ତ ଅପରାଧ ପ୍ରସଙ୍ଗ ଏକ ବେନାମୀ ଦରଖାସ୍ତ ଦ୍ଵାରା ତଦାରଖ ହୋଇ ପ୍ରମାଣ ହେବାରୁ ଆସାମିଙ୍କ ମଧ୍ୟରୁ ଏକବ୍ୟକ୍ତି ବିଷ ଖୁଆଇଥିବା ସ୍ଵୀକାର କରିଅଛି । ଆସାମିମାନେ ହାଜତରେ ଅଛନ୍ତି ମକଦ୍ଦମା ବିଚାରାଧୀନରେ ଅଛି । ବିମ୍ବାଧର ଦାସ ନାଏବ ରିସିବତ ନେଇ ଉପର୍ଯ୍ୟୁକ୍ତ ମକଦ୍ଦମା ଛପାଇଥିବା ପ୍ରସଙ୍ଗ ଏ ସବଡିଭିଜନ ଡେପୁଟୀ ମାଜିଷ୍ଟ୍ରେଟ ସରଜମିନରେ କିଛିକାଳ ରହି ତଦନ୍ତ କରି ପ୍ରମାଣ ପାଇବାରୁ ନାଏବକୁ ହାଜତରେ ରଖିଅଛନ୍ତି । ଶ୍ରୀଯୁତ ବାବୁ ହରେକୃଷ୍ଣ ଦାସ ମଧ୍ୟ ନାଏବର ଆଚରଣ ମନ୍ଦ ଥିବା ଜାଣି ପାରି ତାକୁ ନାଏବୀ କର୍ମରୁ ବରଖାସ୍ତ କରିଅଛନ୍ତି । ଏ ନାଏବ ଦୁଷ୍ଟବ୍ୟକ୍ତି ଥାଇ ବାବୁ ହରେକୃଷ୍ଣ ଦାସଙ୍କ ଜମିଦାରୀର ସମସ୍ତ ପ୍ରଜାମାନଙ୍କୁ ବିଶେଷ କ୍ଲେଶ ଦେଇ ଥିବାରୁ ତାହାର ବର୍ତ୍ତମାନ୍ ଦୁରବସ୍ଥାରେ ସେମାନେ ସନ୍ତୁଷ୍ଟ ହୋଇ ଅଛନ୍ତି ମକଦ୍ଦମା ତଦନ୍ତ ଶେଷ ହେଲାରୁ ଯେ ନିଷ୍ପତ୍ତି ହୁକୁମ ହେବ ଜଣାଇବି ଶ୍ରୀଯୁକ୍ତ ଅତୁଲଚନ୍ଦ୍ର ଚଟୋର୍ଯ୍ୟା ରାୟବାହାଦୁର ଡେପୁଟୀମାଜିଷ୍ଟ୍ରେଟ ଏ ସବ୍‌ଡିଭିଜନରେ ପଦାର୍ପଣ କଲା ତାରିଖରୁ ଏହିପରି କେତେକ ଦୁଷ୍ଟବ୍ୟକ୍ତିଙ୍କୁ ଦମନ କରି ଥିବାରୁ ସମସ୍ତ ଲୋକମାନେ ତାଙ୍କୁ ଧନ୍ୟବାଦ କରୁଅଛନ୍ତି । କ । ଦର୍ପଣ । ମୌ । ଚମ୍ପାପୁରରେ ଏକ ଚଷାର ବୟଃପ୍ରାପ୍ତ କନ୍ୟାର ସହିତ ଏକ ପାଣ ପାପ ପ୍ରଣୟ କରି ତାକୁ ପିତା ଗୃହରୁ ବହିଷ୍କୃତ କରି ନେଇ ଅଛି ଓ ସେହି ଦର୍ପଣ ଇଲାକାର ଅନ୍ୟ ଏକ ଗ୍ରାମରେ ଏକ ବ୍ୟକ୍ତି ଦଶବର୍ଷର ଗୋଟିଏ ବାଳିକା ସହିତ ବଳାତ୍କାର ବ୍ୟବହାର କରିବାରୁ ବାଳିକା ନାଲିଶ ମତେ ପୁଲିସ ସବ୍‌ଇନ୍‌ସ୍ପେକ୍ଟର ଆସାମିକୁ ଗିରଫ୍ତାର କରି ଚାଲାଣ କରିଅଛନ୍ତି ସୁକିନ୍ଦାରାଜା ତାଙ୍କ କଟା ଇଲାକା ଏକ ରୟତର ସପରିବାର ସହିତ ବେଜାଏ କଏଦ ରଖି ତାଙ୍କମାନଙ୍କୁ ଲୁହା ଦାଗ ଦେଇଥିବା ନାଲିଶ ହେବାରୁ ପୁଲିସଦ୍ଵାରା ତଦନ୍ତ ହେବାର ହୁକୁମ ହୋଇଅଛି ।

———

# ସାପ୍ତାହିକସଂବାଦ ।

ଏବର୍ଷ ରଜସଂକ୍ରାନ୍ତିଟା ଜଣାପଡିଲା ନାହିଁ । କାହିଁ ବର୍ଷାକାଳ ପରି ବୃଷ୍ଟି ହୁଅନ୍ତା ନା ବର୍ଷା ସଙ୍ଗେ ଆଦୌ ଦେଖା ନାହିଁ ଠିକ ଖରାଦିନ ପରି ପ୍ରଖର ଖରା ଓ ଅତ୍ୟନ୍ତ ଗ୍ରୀଷ୍ମ ଅନୁଭୂତ ହେଲା ।

ଶ୍ରୀ ଗୋପାଳଜୀଉ ମଠର କାର୍ଯ୍ୟ ନିର୍ବାହ ନିମିତ୍ତ ଶ୍ରୀଯୁକ୍ତ ଜଜ ସାହେବ ସରସରି ବନ୍ଦୋବସ୍ତ ସ୍ଵରୂପ ସାବିକ ସିରସ୍ତାଦାର ବାବୁ ଦୀନବନ୍ଧୁ ଦେଙ୍କୁ ମାନେଜର ନିଯୁକ୍ତ କରିଅଛନ୍ତି । ଏ ବନ୍ଦୋବସ୍ତଟି ଉତ୍ତମ ହୋଇଅଛି ସନ୍ଦେହ ନାହିଁ କାରଣ ଏପରି ଲୋକ ଅଧିକ ମିଳନ୍ତି ନାହିଁ । ତେବେ ଦୀନବନ୍ଧୁ ବାବୁ ପୀଡାବଶତଃ ଅବଧି ସବଳ ହୋଇ ନାହାନ୍ତି କିନ୍ତୁ ଶୀଘ୍ର ଆରୋଗ୍ୟ ହେବାର ଲକ୍ଷଣ ଦେଖାଯାଉଅଛି ।

ବାବୁ ଅନ୍ନଦାପ୍ରସାଦ ଘୋଷ ଡେପୁଟୀ କଲେକ୍ଟର ଗତ ମଙ୍ଗଳବାର କେନ୍ଦ୍ରାପଡାକୁ

Split by PDF Splitter
Digitized by srujanika@gmail.com

Split by PDF Splitter



ଗଲେ ସେଠା ସବ୍‌ଡିଭିଜନର ଭାର ଏକମାସ ରଖିବା ସକାଶେ ଯାଇଅଛନ୍ତି ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଗେଜେଟରେ ପାଠ କଲୁଁ ଯେ ଏ ନଗରବାସୀ ବାବୁ ସୁଦର୍ଶନ ଦାସ ଅନରେରି ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇଅଛନ୍ତି । ଏମହାଶୟ ଅନେକଦିନରୁ ଏପଦରେ ନିଯୁକ୍ତ ହୋଇଥାନ୍ତେ କିନ୍ତୁ ହାକିମଙ୍କ ଅମନୋଯୋଗରୁ ତାହା ହୋଇ ନ ଥିଲା । ଶ୍ରୀଯୁକ୍ତ ଟଏନବୀ ସାହେବ ଏହାଙ୍କୁ ନିଯୁକ୍ତ କରାଇ ଗୋଟିଏ ମହତ୍ତ୍ୱ କାର୍ଯ୍ୟ କରିଅଛନ୍ତି । ଏହାଙ୍କୁ ମିଉନିସିପଲ କମିଶ୍ନର କଲେ ଆମ୍ଭେମାନେ ଆହୁରି ଆନନ୍ଦିତ ହେବୁଁ । ଏହାଙ୍କ ପରି ଯୋଗ୍ୟ ଲୋକମାନେ ଉକ୍ତ ପଦମାନଙ୍କରେ ରହିଲେ ସିନା ଶୋଭା ଦିଶଇ ଓ ଗବର୍ଣ୍ଣମେଣ୍ଟଙ୍କ ଆଶା ପୂର୍ଣ୍ଣ ହୁଅଇ ।

କଲିକତାର ମୁସଲମାନ ସଭା ତୁରଷ୍କଦେଶ ଯୁଦ୍ଧରେ ମରି ପଡିଥିବା ସୈନ୍ୟଙ୍କ ପରିବାର ଏବଂ ଯୁଦ୍ଧରେ ଆଘାତ ପାଇଥିବା ବ୍ୟକ୍ତିଙ୍କ ସାହାଯ୍ୟ ନିମିତ୍ତ ଦଶହଜାର ଟଙ୍କା ଚେନ୍ଦା କରି ପଠାଇ ଅଛନ୍ତି ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଅଠେଇ ଲକ୍ଷ ଟଙ୍କା ଋଣ ଗ୍ରହଣ କରିବାର ଘୋଷଣା ଦେଇଅଛନ୍ତି । ଏ ଋଣ ସକାଶେ ବାର୍ଷିକ ଟଙ୍କା ସୁଧ ଦିଆଯିବ ଓ ସନ ୧୮୪୨।୪୩ ସାଲର ଋଣ ପତ୍ରରେ ଯେସମସ୍ତ ସର୍ତ୍ତ ଅଛି ସେହି ସର୍ତ୍ତରେ ଋଣପତ୍ର ଦିଆଯିବ । ପ୍ରତିବର୍ଷ ଫେବ୍ରୁଏରି ଓ ଅଗଷ୍ଟମାସ ତା ୧ ଋଖରେ ସୁଧ ମିଳିବ । ଯେଉଁମାନେ ଋଣ ଦେବାକୁ ଇଚ୍ଛା କରିବେ ଆଗାମୀ ଜୁଲାଇ ମାସ ତା ୯ ଋଖ ପର୍ଯ୍ୟନ୍ତ ସେମାନଙ୍କର ଆବେଦନପତ୍ର କଣ୍ଟ୍ରୋଲର ଜେନେରଲ ସାହେବ ଗ୍ରହଣ କରିବେ । ଯେତେ ଟଙ୍କା ଯାହାଠାରୁ ଋଣ ନେବାର ମଞ୍ଜୁର ହେବ ପାଞ୍ଚ କିସ୍ତରେ ତାହା ଦେବାକୁ ହେବ ଉକ୍ତ କିସ୍ତମାନ ଜୁଲାଇମାସ ଠାରୁ ନବେମ୍ବରମାସ ପର୍ଯ୍ୟନ୍ତ ପ୍ରତ୍ୟେକମାସର ତା ୨୩ ଋଖରେ ଦେଣ ହୋଇଅଛି ।

ମାନ୍ଦ୍ରାଜ ଓ ବମ୍ବେଇର ଦୁର୍ଭିକ୍ଷ ବେଳକୁ ବେଳ ବଢିବାର ଜଣାଯାଏ । ବେଲାରିଠାରୁ ଡେଲିନିୟୁସ ସଂବାଦ ପାଇଅଛନ୍ତି କି ଖାଇବାକୁ ନ ପାଇବା ବ୍ୟକ୍ତି ବିସ୍ତର ସେଠାରେ ଜମା ହୋଇଅଛନ୍ତି ଏଥିମଧ୍ୟରେ ସ୍ତ୍ରୀ ଓ ବାଳକଙ୍କ ସଂଖ୍ୟା ଅଧିକ । ସ୍ତ୍ରୀମାନେ ଆପଣା ପିଲାଙ୍କୁ ବିକି ବା ବିନାମୂଲ୍ୟରେ ଦେଉଅଛନ୍ତି ଓ ବୈଷ୍ଣବମାନେ ନେଉଅଛନ୍ତି । ଅନାହାରରେ ବିସ୍ତର ଲୋକ ମରୁଅଛନ୍ତି ।

ସୋଲାପୁରରେ ଏକ ବ୍ୟକ୍ତି କୂଅ ଖୋଳାଉଥିଲା । ଅନେକ ଗଭୀରରେ ସୁଦ୍ଧା ଜଳଟିର ନ ପଡିବାରୁ କେହି କହିଦେଲା ଯେ ମନୁଷ୍ୟ ବଳି ଦେଲେ ଜଳଟିର ପଡିବ ଏହି କଥାରେ ବିଶ୍ୱାସ କରି ଗୃହସ୍ଥର ଆଦେଶମତେ ଦୁଇଜଣ ମାହାର ଗୋଟିଏ ଚାରିବର୍ଷ ବୟସ୍କ ପିଲାକୁ କୂଅମଧ୍ୟରେ ପକାଇ ଦେଇ ତାହା ଉପରେ ଏମନ୍ତି ଗୋଟାଏ ପଥର ପକାଇ ଦେଲେ ଯେ ତାହାର ମୁଣ୍ଡ ଚୂନା ହୋଇ ସେ ତତ୍‌କ୍ଷଣାତ୍ ମରିଗଲା । ସେଠାରୁ ତାହାକୁ କୂଅ ଭିତରରୁ କାଢି ଏକ ଜଙ୍ଗଲରେ ପକାଇ ଦେଲେ ପୁଲିସ ପାଞ୍ଚଜଣ ଆସାମୀ ଗିରଫ୍ତାର କଲେଣି ଆହୁରି ଅନୁସନ୍ଧାନ ଲାଗିଅଛି । ହିନ୍ଦୁଙ୍କର ଏତାଦୃଶ କୁସଂସ୍କାରମାନ କେବେ ନାଶ ଯିବ !

ମାନ୍ଦ୍ରାଜରେ ଗତ ତୋଫାନରେ ଯେମନ୍ତ ବୃଷ୍ଟି ହୋଇଥିଲା ତହିଁ ପରେ ଖରାରେ ସେହିପରି ଜଳସବୁ ଶୁଖିଗଲା । ଏକ ୨ ପୋଖରୀରେ ୧୫ ଠାରୁ ୧୮ ଫିଟ ପର୍ଯ୍ୟନ୍ତ ଜଳ ହୋଇଥିଲା ମାତ୍ର ଦଶଦିନ ମଧ୍ୟରେ ଏପରି ପୋଖରୀରେ ଟୋପାଏ ପାଣି ରହିଲା ନାହିଁ । ଏଥିରେ ଫଳ ଏହି ହୋଇଅଛି ଯେ ୧ଙ୍କ ପକ୍ଷରେ ଜଳର ଅଭାବ ଘୁଞ୍ଚିଗଲା ଓ ପକ୍ଷାନ୍ତରରେ ଅକାଳବୃଷ୍ଟି ହେତୁ ଗୃଷର କୌଣସି ଅସୁବିଧା ହେଲା ନାହିଁ ।

## ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ବର୍ତ୍ତମାନ ଉତ୍କଳଦୀପିକା ଅଡିଟରଙ୍କ ସମୀପକୁ !

ମହାଶୟ ଏଭନ୍ନିମ୍ନଲିଖିତ ପଂକ୍ତିକୁ ଆପଣଙ୍କ ପତ୍ରିକାରଭ୍ନରେ ସ୍ଥାନଦାନ କରିବାକୁ ବାଧିତ ହେବେ ।

ଆଜକୁ ଚବିଶଦିନ ଭଲେ ଏପ୍ରଦେଶରେ ପାଞ୍ଚଦିନ ପର୍ଯ୍ୟନ୍ତ ଘୋରବୃଷ୍ଟି କରି ତଡ଼ାଗ, ଓ ଦେବଖାତ, ଏବଂ ପୁଷ୍କରିଣୀ କୂପ ସମ୍ପୂର୍ଣ୍ଣ କରି ଦେଲ ନଦୀମାନେ ବୃଦ୍ଧି ହୋଇ ତଟମାନଙ୍କରେ ଥିବା ମହା ବୃକ୍ଷମାନଙ୍କୁ ଉପାଡ଼ି ନିମିତ୍ତ ଧରି ସମୁଦ୍ରକୁ ଗଲେ, ଏପରି ହେଲେହେଁ ବର୍ଷା ଗଲ ଅଲ୍ପଦିନ ଠାରୁ ଏମନ୍ତ ଅତପ କିରଣର ଆଧିକ୍ୟ ହେଲା ଯେ, ଅଛଶୟରେ ପୂର୍ଣ୍ଣ ହୋଇଥିବା ପୋଖରୀର ଜଳ ଓ ଧାନ ବର୍ଷିବା ପ୍ରାୟ ଦିନ, ଓ ନଦୀ, ତାତ ରହିଥାଉଛି, ମନୁଷ୍ୟମାନେ ସ୍ନାନ କରିବାର ଥାଉ, ହତ ବାଟେ ଚାଲି ଗଲେ ପାଣିର ବାଫରେ ଦେହ ତାଉ ଯାଉଛି, ଲୋକମାନେ କୂପୋଦକ ଏକା ସ୍ନାନ କରନ୍ତି, ପୋଖରୀ ହଡ଼କୁ ଯାଇପାରୁ ନାହାନ୍ତି, ମାଛ, କଇଁଛମାନେ ସ୍ୱେଚ୍ଛାରେ ମରି ଭାସୁଅଛନ୍ତି ଖରା ଯେଉଁ ଦିନରେ ମନୁଷ୍ୟମାନେ ଦାଣ୍ଡରେ ଚାଲିବାର ଥାଉ ପିଣ୍ଡାରେ ବସିବାକୁ ଅସମର୍ଥ ହୋଇ ରହିଲେଣି, ଶଙ୍କା କରନ୍ତି କି ବୋମ୍ବାଇର ମହର୍ଗ ଚାଲି ଆସିବାରୁ ହେତୁ ଏହି ସଂରକ୍ଷକ ହେବା ଈଶ୍ୱରଙ୍କ କରୁଣା କିରୂପରେ ଅଛି ଜାଣି ନ ପାରୁଁ ।

କମଧିକଂ ୨୨ । ୫ । ୭୭ ।

ଆପଣଙ୍କ ସଭାବକୁ ଇଚ୍ଛିତ<br>ଶ୍ରୀ ନାରାୟଣ ବଡଯେନା ସାମନ୍ତ<br>ହେଡ୍‌ଦେଓ୍ୱାନ ଅଫ୍ ମନ୍ତ୍ରୀ

ଉତ୍କଳ ଖ୍ୟାତ ମାନ୍ୟବର ଶ୍ରୀଯୁତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ଏ କେନ୍ଦ୍ରାପଡ଼ା ସବ୍‌ଡିଭିଜନର ଅବକାରୀ ଦାରୋଗା ବ୍ରଜକିଶୋର ଦାସ ଅବକାରୀ ଇଲାକାର ଗଞ୍ଜା, ଅଫିମ ମଦକ, ତାଡି ଓ ଦେଶୀୟ ମଦ୍ୟ ପଟ୍ଟାଦାରମାନଙ୍କଠାରୁ ଦୁଇ ଓ ତିନି ଟଙ୍କା ଲେଖାଏଁ ପଟ୍ଟାକଲମି ଅର୍ଥାତ୍ ଖର୍ଚ୍ଚା ଓଗେର ନେଇ ସେମାନଙ୍କୁ ପଟ୍ଟା ଦେଇଥିବାର ଅମ୍ଭେ ସନ୍ଧାନ ପାଇ ଶ୍ରୀଯୁତ ଶ୍ରୀ ଅସିଷ୍ଟାଣ୍ଟ କଲେକ୍ଟର ଫିଲିପ୍ ସାହେବଙ୍କ ହଜୁରରେ ଜବାନି ରପୋର୍ଟ କଲାରୁ ପ୍ରଶଂସିତ ସାହେବ ତଦାରଖ କରିବା ନିମନ୍ତେ ଆଦେଶ ଦେଲାରୁ ଅମ୍ଭେ କେତେକ ପଟ୍ଟାଦାରମାନଙ୍କୁ ସାହେବ ମଉସୁଫଙ୍କ ହଜୁରରେ ହାଜର କରାଇବାରୁ ପଟ୍ଟାଦାରମାନେ ଦାରୋଗାକୁ ରସିଦ୍ ସ୍ୱରୂପେ ପଟ୍ଟାକଲମି ଦେଇଥିବା ପ୍ରକାଶ କଲାରୁ ପ୍ରଶଂସିତ ସାହେବ ଦାରୋଗାଙ୍କୁ ସସ୍‌ପେଣ୍ଡ କରିଅଛନ୍ତି, ମୋକଦ୍ଦମା ନିଷ୍ପତ୍ତି କରି ଯାହା ଶେଷ ଆଜ୍ଞା କରିବେ ତାହା ମହାଶୟଙ୍କୁ ଜ୍ଞାତ କରାଇବୁଁ କିମଧିକଂ ମିତି ତା ୫ ଋଖ ମାହେ ଜୁନ ସନ ୧୮୭୭ ମସିହା ।

କେନ୍ଦ୍ରାପଡ଼ା<br>୨ । ୬ । ୭୭ } ମହାଶୟଙ୍କ ନିତାନ୍ତ ବାଧ୍ୟ<br>ଶ୍ରୀ ଶ୍ୟାମସୁନ୍ଦର ଦତ୍ତ<br>ପୁଲିସ ଇନ୍‌ସ୍ପେକ୍ଟର ।

☞ ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବା ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

102



ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ସଖାବିୟୋଗ ବିଳାପ ।

କୁସୁମସନ୍ତରଭ ବାଣୀ ।

ଆହା ପ୍ରାଣସଖା ! ବାମଦେବ ଗଲ କାହିଁ ।
ଅମିୟ ବଚନ ପଦେ କାହାକୁ ନ କହି ହେ । ୧ ।
( ଆହା ମୋ ସଖା ହେ ) । ଧ୍ରୁବ ।
ପ୍ରାତଃସ୍ନାନ ନଦୀରେ ବିଧାନ କରି ନିତି ।
ଆଜ କପାଁଇ ହୋଇଲା ଏମନ୍ତ ଦୁର୍ଗତି । ୨ ।
ନିତି ନ ଡାକଲେ କେହି ନ ଉଠ ଶେଯରୁ ।
କାଳବଳେ ଉଠି ଗଲ ଶେଷରଜନୀରୁ । ୩ ।
ସ୍ନାନ କରି ଗଲ ଆଉ ଲେଉଟି ନଇଲ ।
ତୁମ୍ଭ ମୁଖଚନ୍ଦ୍ର କାହିଁ ଲୁଚିଇ ରହିଲ । ୪ ।
ଯେତେବେଳେ ନଦୀ ଦୁଇକୂଳ ଖାଉଥାଇ ।
ତେତେବେଳେ ସୁଖେ ସନ୍ତରଣ କର ଯାଇଁ ।୫।
ପହଁରିବା ପରକୁ ଶିଖାଇ ଦେଉଥିଲ ।
ଆଜ କି ଦୁର୍ଯୋଗ ନକେ ଜଳମଗ୍ନ ହେଲ । ୬ ।
ସୁବୋଧ ଦୟାଳୁ ଶାନ୍ତ ସୁଜନ ଚତୁର ।
ଆଜଠାରୁ ସବୁଗୁଣ ହୋଇଲା ଅନ୍ତର । ୭ ।
ତବ ସୁଶୀଳତାଗୁଣେ ବଶ ଯେତେ ଜନ ।
ବିଶେଷ ବ୍ୟାକୁଳେ କରୁଅଛନ୍ତି ରୋଦନ । ୮ ।
ପରିବାର କଷ୍ଟ ନେତ୍ରେ ଦେଖିଲେ କଷ୍ଟତ ।
ତାଙ୍କ ଶୁଭ କରିବାରେ ପ୍ରାଣପଣେ ରତ । ୯ ।
ଭାର୍ଯ୍ୟା ପୁତ୍ର ଭାଇଆଦି କାତର ସ୍ୱରରେ ।
କାନ୍ଦନ୍ତି ନ ଆସ ଏବେ ଶାନ୍ତ୍ୱନା ଦାନରେ ।୧୦।
କିଶୋରବୟସେ ତବ ଅକାଳମରଣ ।
ଦାରୁଣ ବିହି ବିଧାନ କଲା ଅକାରଣ । ୧୧ ।
ବନ୍ଧୁଗଣ ମେଳ ଛଡ଼ ହୋଇଲ ନିଶ୍ଚିନ୍ତ ।
ତବ ଗୁଣ ଗୁଣି ହୃଦ ଫାଟଇ ନିୟତ । ୧୨ ।
ଯେଣିକି ଚାହିଁଲେ ତୁମ୍ଭ ରୂପ ଦୃଶ୍ୟ ହୋଇ ।
ଅଶନ ବସନ ବିଷପରାୟେ ଲାଗଇ । ୧୩ ।
ବସିବା ହସିବା ଯିବା ଆସିବାର ଠାଣି ।
ନେତ୍ରେ ନାଚେ ବିରାଜି ହୃଦ ହୋଏ ହାଣି । ୧୪ ।
ଭାବି ଭାବି ରଜନୀରେ ନିଦ ନ ଆସଇ ।
ଡାକିବା ପରାୟେ ଭ୍ରମ ମାନସେ ଜନ୍ମଇ । ୧୫ ।
ନିଦାରୁଣ ଲୋକେ ତୁମ୍ଭ ସଙ୍ଗେ ଯାଇଥିଲେ ।
ଥରେହେଁ ତୁମ୍ଭ ଉଦ୍ଧାରେ ଯତନ ନ କଲେ ।୧୬
କେହିତ ପୁଲିସ କଳାଗିଜହଂସ ବଂଶ ।
କେ, ସେ ପକ୍ଷଅଧ୍ୟାସୀ ଲୋକରେ ପ୍ରଶଂସ୍ୟ !!!
ଅଟନ୍ତି ସେମାନେ ସନ୍ତରଣ-ବିଦ୍ୟାବିତ ।
ନିଜ ସୁଖେ ସୁଖୀ ନ ଜାଣନ୍ତି ପରହିତ । ୧୮ ।
ସାହାଯ୍ୟ ଦାନେ ଅକ୍ଷମ ଶ୍ରେଷ୍ଠ ଯେବା ଥିଲେ ।
ବଡ଼ଙ୍କୁ ସେ ଯାଇ ଧରି ବିକଳେ କହିଲେ । ୧୯ ।
ରୁଷ୍ଟ ହୋଇ ନିଷ୍ଠୁର-ଶେଖର ! ବୋଲେ ବାଣୀ ।
ତାକୁ ଧରି ଯାଇଁ ଆମ୍ଭେ ମରିବୁଁ କି ପୁଣି ? । ୨୦ ।
ମାଝି ମାଝି ବୋଲି ଅରକେତେ ଡାକ ଦେଇ ।
ନିଜ ନିଜ ପ୍ରାଣ ଘେନି ଗଲେ ସେ ପଳାଇ ! ୨୧।
ରଖ ରଖ ବୋଲି ଡାକ ଡାକ ଆରତରେ ।
କାନ୍ଦି କାନ୍ଦି ବୁଡିଗଲ ଗଭୀର ନୀରରେ !! ୨୨ ।
କାପୁରୁଷ ତାଙ୍କ ସମ ନାହିଁ ଏ ମହୀରେ ।
ଭଦ୍ର ବୋଲି ବୋଲାଉ ଅଛନ୍ତି ସବୁଠାରେ । ୨୩।
ଜଳଧିରେ ଯେ ନ ପଡ଼େ ପ୍ରିୟଜନ ପାଁଇ ।
ତାହାଠାରୁ ଶଠମିତ୍ର ବଳି କେ ଅଛଇ ? । ୨୪ ।
ବିଧିର ଲେଖନ କେବେ ନୁହଇ ଖଣ୍ଡନ ।
ତେବେହେଁ କି ପ୍ରତିକାର ନୁହେ ପ୍ରୟୋଜନ? ୨୫
ଜଗତରେ ଚିରକାଳ ନ ରହିବେ କେହି ।
ଯେତେ ବୁଝାଇଲେ ମନ କେବେ ନ ବୁଝଇ ।୨୬
ଆଉ ନ ମିଳିବ ବନ୍ଧୁ ତୁମ୍ଭର ସୁସଙ୍ଗ ।
ଆଜଠାରୁ ବିଧି ତାହା କରିଲା ବିରଙ୍ଗ । ୨୭ ।
ଜୀବ ଥିବାଯାଏ ତୁମ୍ଭେ ନୋହିବ ପାସୋର ।
କଲିଜାରେ ଦାଗ ଦେଇ କରିଗଲ ପର । ୨୮ ।

୧୮।୬।୭୭ ନଃ କେହି ଶୋକାତୁର ବନ୍ଧୁ

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ ଗ
ସଂ ୨୫ ଖ୍ୟା

ତା ୨୩ ରଖ ମାହେ ଜୁନ ସନ ୧୮୭୭ ମସିହା । ମୁ। ଅଷାଢ ଦ ୧୧ ନ ସନ ୧୨୮୪ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୦
ମଫସଲଥିଁାଇ ଡାକମାସୁଲ ଟ୦।୯

ମହାରାଜା ରମାନାଥଠାକୁର ବାହାଦୁର ସି, ଏସ, ଆଇ, ଚଳିତମାସ ତା ୧୦ ରଖରେ ସଂସାରଲୀଳା ସମାପ୍ତ କରିବାର ସଂବାଦ ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ । ମହାରାଜା କଲିକତାର ଜଣେ ଅତ୍ୟନ୍ତ ସମ୍ଭ୍ରାନ୍ତ ଲୋକ ଓ ହନୁମାନଙ୍କର ମୁକୁଟ ଥିଲେ । ସ୍ୱଦେଶର ହିତଚେଷ୍ଟା ଏହାଙ୍କର ବ୍ରତ ଥିଲା ଓ ସାଧାରଣ ଉପକାରଜନକ ବିଷୟମାନଙ୍କରେ ଅଗ୍ରସର ଓ ସାହାଯ୍ୟ କରିବାକୁ କିଞ୍ଚିନ୍ମାତ୍ର ଆଳସ୍ୟ କରୁ ନ ଥିଲେ । ମୃତ୍ୟୁସମୟରେ କ ୭୭ ବର୍ଷ ବୟଃକ୍ରମ ହୋଇଥିଲା ଓ ଏହାଙ୍କ ଲାଗି ବଙ୍ଗଳାବାସୀ ସମସ୍ତେ ଦୁଃଖିତ ଅଛନ୍ତି ।

---

ଏଥର ବର୍ଷାଋତୁ ଏକପ୍ରକାର ହେରଣିଆ ପଣରେ ଉପସ୍ଥିତ ହେଲା । ଅନ୍ୟାନ୍ୟ ବର୍ଷ ମୌସୁମ ଆରମ୍ଭ ହେବା କାଳରେ ଅଧିକ ବୃଷ୍ଟି ଓ ବତାସ ଓ ତହିଁ ପଛେ ନଦୀବଢି ହେଉଥିଲା ଏବର୍ଷ ଅଳ୍ପ ବୃଷ୍ଟି ଓ ନଦୀବଢି ସହିତ ଏହା ଆରମ୍ଭ ହୋଇଅଛି ଏକମତରେ ମଇମାସ ଶେଷ ଭାଗରେ କ ଯେଉଁ ସମୟରେ ମାନ୍ଦ୍ରାଜରେ ତୋଫାନ ହୋଇଥିଲା ମୌସୁମ ଆରମ୍ଭ ହେବାର ବୁଝାଯାଇ ପାରେ ମାତ୍ର ତହିଁ ଉତ୍ତାରୁ ପ୍ରଖର ଖରା ଓ ଅତ୍ୟନ୍ତ ଗ୍ରୀଷ୍ମ ହେବାରୁ ତାହା ଜଣା ପଡିଲା ନାହିଁ । ଏସପ୍ତାହରେ ପ୍ରକୃତ ବର୍ଷାକାଳ ଏଠାରେ ଆରମ୍ଭ ହେଲା ମାତ୍ର ଅତ୍ୟନ୍ତ ବୃଷ୍ଟି ହୋଇ ଅଛି ଓ ନଦୀରେ ମଧ୍ୟ ଅଳ୍ପ ଜଳ ଆସିଅଛି । ଯାହା ହେଉ କ୍ଷେତ୍ର ସକାଶେ ପାଗଟି ମନ୍ଦ ହୋଇ ନାହିଁ ।

---

ନୂତନ ପବଲିକ ଓର୍କସ୍ ସେସବାଲ ବି ଯଦ୍ଦ୍ୱାରା ରୋଡସେସ ନିୟମରେ ଟଙ୍କା ପ୍ରତି ଅଉ ଦୁଇ ପଇସା ଲେଖାଏଁ ବଙ୍ଗଳାରେ କର ବସାଇବାର ନିୟମ ହୋଇଅଛି ସନ ୧୮୭୭ ମସିହାର ଦୁଇଆଇନ ନାମରେ ମହାମାନ୍ୟ ଗବର୍ଣ୍ଣର ଜେନରେଲଙ୍କର ସମ୍ମତି ସହିତ ବିଧିବଦ୍ଧ ହୋଇ ଗବର୍ଣ୍ଣମେଣ୍ଟ ଗେଜେଟମାନଙ୍କରେ ବାହାରିଅଛି । ଶୀଘ୍ର ଏ ଆଇନ ପ୍ରଚଳିତ ହେବ । କଲିକତାର ଜମିଦାରମାନେ ଏଥି ବିରୁଦ୍ଧରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟରେ ଯେଉଁ ଆବେଦନ କରିଥିଲେ ତାହା ସୁତରାଂ ନିଷ୍ଫଳ ହୋଇଥିବାର ଜଣାଯାଏ । ଫଳତଃ ଏଥିରେ କିଛି ନାହିଁ କାରଣ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଏକପ୍ରକାର ଆଦେଶ କ୍ରମେ ଏ ଟାକ୍ସ ବସିଅଛି । ଶୁଣାଯାଏ ଯେ ଜମିଦାରମାନେ ପାର୍ଲିମେଣ୍ଟ ସଭାକୁ ଆବେଦନପତ୍ର ପଠାଇବେ ଓ ଅମ୍ଭେମାନେ ଭରସା କରୁଁ ଯେ ଜମିଦାରମାନେ ଶୀଘ୍ର ଏହା କରିବେ ତାହା ହେଲେ ଗୋଟାଏ ଚୂଡାନ୍ତ ନିଷ୍ପତ୍ତି ହେବ ।

---

ଲଣ୍ଡନ ଗେଜେଟରେ ଶ୍ରୀମତୀ ମହାରାଣୀଙ୍କର ଗୋଟିଏ ଘୋଷଣାପତ୍ର ଏହି ମର୍ମରେ ବାହାରିଅଛି କି ତାହାଙ୍କର ପ୍ରଜାମାନେ ତୁରସ୍କ ଓ ରୁସିଆର ଯୁଦ୍ଧରେ ସମ୍ପୂର୍ଣ୍ଣରୂପେ ନିରପେକ୍ଷ ଭାବ ରକ୍ଷା କରିବେ ଓ ଯେ କେହି ଏଥିର ଅନ୍ୟଥା କରିବ ସେ ଅତ୍ୟନ୍ତ ଅସନ୍ତୋଷର ଭାଜନ ହେବ । ଏଥି ସମ୍ପର୍କରେ ଇଣ୍ଡିଆନ ଡେଲିନିଉସ ଲେଖିଅଛନ୍ତି ଯେ ଲାହୋର ଓ ପଞ୍ଜାବର ମୁସଲମାନମାନଙ୍କୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଜଣାଇ ଦେଇଅଛନ୍ତି କି ସେମାନେ ଯେ ତୁରସ୍କ ସାହାଯ୍ୟ ସକାଶେ ଚାନ୍ଦା ସଂଗ୍ରହ କରୁଅଛନ୍ତି ତାହା ଗବର୍ଣ୍ଣମେଣ୍ଟ ଅନୁମୋଦନ କରନ୍ତି ନାହିଁ ଓ ଏ ସମାଚାର ଶୁଣି ମୁସଲମାନମାନେ ଚାନ୍ଦା ସଂଗ୍ରହ କରିବା ବନ୍ଦ କରିଅଛନ୍ତି । ଏରୂପ ହୋଇଥିଲେ ବଡ କଠିନ କଥା ହେଲା କାରଣ ଭାରତବର୍ଷୀୟ ମୁସଲମାନମାନେ କେବଳ ଅର୍ଥ ନାହିଁ କି ଯୁଦ୍ଧ କରିବା ସକାଶେ ଲୋକ ପଠାଇବାକୁ ମଧ୍ୟ ଉଦ୍ୟମ କରୁଅଛନ୍ତି ଓ ଏ କାର୍ଯ୍ୟକୁ ଆପଣା ଧର୍ମରକ୍ଷା ସକାଶେ ଅତ୍ୟନ୍ତ କର୍ତ୍ତବ୍ୟ ବୋଲି ବିବେଚନା କରନ୍ତି । ଯେବେ ସେମାନେ ଏଥିରୁ ନିବୃତ୍ତ ହେବେ ତେବେ ତାହାଙ୍କର ଅତ୍ୟନ୍ତ ମନସ୍ତାପ ହେବ ଓ ଈଶ୍ୱର ନ କରନ୍ତୁ ଏଥିରୁ ଗୋଳମାଲ ଜାତ ହୋଇ ପାରେ ।

---

ଗତ ଅପ୍ରେଲମାସରେ କଟକରୁ ସମୁଦ୍ରବାଟେ ସର୍ବସୁଦ୍ଧା ଟ ୧୨୪୭୧୮୨୦ ର ମୂଲ୍ୟର ବାଣିଜ୍ୟ ଦ୍ରବ୍ୟ ଆମଦାନୀ ହୋଇଥିଲା । ଏଥି ମଧ୍ୟରେ

Digitized by srujanika@gmail.com

Split by PDF Splitter



ଲିଖିତ ଦ୍ରବ୍ୟମାନ ପ୍ରଧାନ ଓ ଏଥିର ଅଧିକାଂଶ କେବଳ କଲିକତାରୁ ଆସିଥିଲା ଯଥା—

| | |
|---|---|
| ସୂତାଲୁଗା | ଟ ୪,୯୬,୦୭୩ |
| ମଦ | ଟ ୧୧,୦୧୬ |
| ରେସମିଲୁଗା ଓ ସୂତା | ଟ ୬,୭୮,୦୦୦ |
| ପସମି ଲୁଗା | ଟ ୮୦୦୦ |
| ଅଗା | ଟ ୪୧୬୦୦ |
| ଲୁହା ତମ୍ବା ଇତ୍ୟାଦି ଧାତୁ | ଟ ୩୭୧୬୪ |
| ଘିଅ | ଟ ୪୧୬୬୦ |
| ଗୁଅ | ଟ ୧୯୮୮୩୭ |
| ଅନ୍ୟାନ୍ୟ ମସଲା | ଟ ୬୭୦୦୦ |
| କାଗଜ | ଟ ୪୦୦୦ |
| ଥାନରୂପା | ଟ ୪୬୦୦୦ |

ଏହିମାସ ମଧ୍ୟରେ କଟକ ବନ୍ଦରଠାରୁ ଭାରତବର୍ଷର ନାନାସ୍ଥାନକୁ ଟ ୩୦୯୭୩୮୯ ଙ୍କାର ବାଣିଜ୍ୟଦ୍ରବ୍ୟ ରପ୍ତାନି ହୋଇଥିଲା ତହିଁ ମଧ୍ୟରେ ଲିଖିତ ଦ୍ରବ୍ୟମାନ ପ୍ରଧାନ । ଯଥା—

| | |
|---|---|
| ଚାଉଳ ଓ ଅନ୍ୟାନ୍ୟ ଶସ୍ୟ (ଏସମସ୍ତ ମାନ୍ଦ୍ରାଜକୁ ଯାଇଅଛି) | ଟ ୩୦୬୬୪୩ |
| କାଠ | ଟ ୬୩୯୦ |
| ଛତ | ଟ ୬୦୯୪ |

---

ବାଲେଶ୍ୱରର ଗତ ଦୌରାରେ ୭ ଟା ମକଦ୍ଦମା ହୋଇଥିଲା ତହିଁମଧ୍ୟରେ କେବଳ ଦୁଇଟାରେ ଦଣ୍ଡ ଓ ବାକି ୫ ଟା ଖଲାସ ହୋଇଅଛି । ଏ ଦୌରାର ପ୍ରଧାନ ମକଦ୍ଦମା ଓଡ଼ିଆ ଜାହାଜର ଗର୍ଡନ ସାହେବଙ୍କ ନାମରେ ଥିଲା । ଏଥିପାଇଁ କଲିକତାରୁ ଜଣେ ବାରିଷ୍ଟର ଆସିଥିଲେ । ଶ୍ରୀ ଗନ୍ସ ସାହେବ ଓ ବାର୍ଟାଇସ୍ ସାହେବ ଏଥିରେ ଅସେସର ଥିଲେ । ଅସେସରଙ୍କ ମତରେ ଜଜସାହେବ ଐକ୍ୟ ହୋଇ ଆସାମିକୁ ଖଲାସ କଲେ । ଏ ମକଦ୍ଦମାରେ ଫରିୟାଦୀ ପକ୍ଷରୁ କଥିତ ହୋଇଥିଲା ଯେ ଜ ୭ ଣ କୁଲି ସକାଳୁ ବେଳ ଦୁଇଟା ପର୍ଯ୍ୟନ୍ତ ଜାହାଜରେ କର୍ମ କରି ଜାହାଜରୁ ଓହ୍ଲାଇ ଗଣ୍ଡେ ନୌକାରେ କୂଳକୁ ଆସିବାକୁ ଉଦ୍ୟତ ଥିଲେ । ନୌକା ଜାହାଜ ପାଖରେ ଥିଲା । ତାହାଙ୍କର କର୍ମ ସରି ନ ଥିଲା ବୋଲି କୁଲିଙ୍କୁ ଫେରାଇ ନେବା ସକାଶେ ଗର୍ଡନ ସାହେବ ନୌକା ଉପରକୁ ଆସି ସେମାନଙ୍କୁ ମାରପିଟ କରିବାରୁ ସେମାନେ ଅସ୍ତବ୍ୟସ୍ତ ହୋଇ ପାଣିକୁ ଡେଇଁ ପଡ଼ିଲେ ଜଣେ ନଦୀରେ ବୁଡ଼ିମଲା ଆଉ ଜ ୬ ଣ ପହଁରି କୂଳରେ ପହଞ୍ଚିଲେ । ଆସାମିର ପ-ବାଦ ଏହି ଯେ ସେ କୁଲିଙ୍କୁ ମାରପିଟ କରି ନାହାନ୍ତି କୁଲିମାନେ କର୍ମ ନ ସାରି ପଳାଇ ଯିବାକୁ ବସିଥିଲେ ଓ ସେ ତାହାଙ୍କୁ ଫେରାଇ ନେବା ସକାଶେ ନୌକା ଉପରକୁ ଆସି ଅଟକ କରିବାରୁ ସେମାନେ ପଳାଇବା ମାନସରେ ଇଚ୍ଛାପୂର୍ବକ ନଦୀକୁ ଡେଇଁ ପଡ଼ିଲେ । ଦୁଇ ଜଣ ଇଂରେଜ ସାକ୍ଷୀ ଏଥି ପୋଷକତାରେ ଗୁହାରି ଦେଲେ ଓ ଅନେକ ଜଣ ଦେଶୀୟ ଗୁହା ଫରିୟାଦିପକ୍ଷରୁ ସାକ୍ଷ ଦେଇଥିଲେ । ଜଜସାହେବ ସେମାନଙ୍କୁ ବିଶ୍ୱାସ କରି ନାହାନ୍ତି । ସେ ସିଦ୍ଧାନ୍ତ କରିଅଛନ୍ତି କି ଗର୍ଡନ ସାହେବ ମାଡ଼ ମାରିବାର ପ୍ରମାଣ ନାହିଁ ସେ ବହୁ ଉଚ୍ଚ ହୋଇଥିବେ ମାତ୍ର କୁଲିମାନେ ପଳାଇବାକୁ ଆଗଠାରୁ ମତଲବ କରିଥିବାରୁ ପାଣିକୁ ଡେଇଁ ପଡ଼ିଲେ । ଅତଏବ ଗର୍ଡନ ସାହେବଙ୍କର କିଛି ଦୋଷ ନ ହେବାରୁ ସାହେବ ତାହାଙ୍କୁ ଖଲାସ ଦେଲେ । ଅଦାଲତର ବିଗ୍ଭର ଉପରେ ଆମ୍ଭମାନଙ୍କର କିଛି କହିବାର ଅଧିକାର ନାହିଁ ମାତ୍ର ଦେଶୀୟ ଲୋକମାନେ ଏ ବିଷୟରେ ନିସ୍ତବ୍ଧ ହୋଇ ନାହାନ୍ତି । ବୁଢ଼ବାଲ ନଦୀରେ କୁମ୍ଭୀର ଭୟ ଅତ୍ୟନ୍ତ ଏ ସକାଶେ ତହିଁରେ ଲୋକେ ସ୍ନାନ କରିବାକୁ ବଡ଼ ସାହସ କରନ୍ତି ନାହିଁ । କୁଲିମାନଙ୍କ ଉପରେ କୌଣସି ଅତ୍ୟାଚାର ହୋଇ ନ ଥିଲେ ସେମାନେ ପଳାଇବାକୁ ଚେଷ୍ଟା କରନ୍ତେ ନାହିଁ ଓ ଅତ୍ୟନ୍ତ ଭୟ ପାଇ ନ ଥିଲେ ସହସା ଏମନ୍ତ ନଦୀମଧ୍ୟକୁ ଡେଇଁ ପଡ଼ନ୍ତେ ନାହିଁ । ଗବର୍ଣ୍ଣମେଣ୍ଟ ଯେବେ ହାଇକୋର୍ଟକୁ ଏ ମକଦ୍ଦମା ପଠାଇବେ ତେବେ ସମସ୍ତଙ୍କର ସନ୍ଦେହ ଭଞ୍ଜନ ହେବ !

---

ଶ୍ରୀଯୁକ୍ତ ବୀମସ୍ ସାହେବଙ୍କ ଅଭ୍ୟର୍ଥନା ।

ବାଲେଶ୍ୱର ନଗରବାସିମାନେ ଶ୍ରୀଯୁକ୍ତ ବୀମସ୍ ସାହେବଙ୍କୁ ଆଣ୍ଡି ପଠାଇ ନେଇଅଛନ୍ତି । ଗତ ଶନିବାର ତାହାଙ୍କ ଅଭ୍ୟର୍ଥନା ବଡ଼ ଆଡ଼ମ୍ବର ସହିତ ହୋଇଥିଲା । ସାହେବଙ୍କ କୋଠିଠାରୁ ଆରମ୍ଭ କରି ନଗର ମଧ୍ୟରେ ସଡ଼କର ଦୁଇ ପାଖରେ ଫୁଲ ଓ ଗିଲାସ ଗଛମାନ ପୋତା ହୋଇ ବତିର ରୋଷନାଇ ହୋଇଥିଲା । ଦୁଇଟା ଫାଟକମଧ୍ୟ ନିର୍ମାଣ ହୋଇଥିଲା ଓ କେତେକ ଗବର୍ଣ୍ଣମେଣ୍ଟ ଗୃହ ଏବଂ କେହି୨ ଧନଲୋକଙ୍କ ଘର ଅତି ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା । ସନ୍ଧ୍ୟା ଘ ୯ ଟା ସମୟରେ ସାହେବ ପ୍ରଶଂସିତ ସେଠା କଲେକ୍ଟର ସାହେବଙ୍କ ସଙ୍ଗେ ସେନ ବଗିରେ ବସି ରୋଷନାଇ ଦେଖି୨ ଶ୍ରୀ ଶ୍ୟାମାନନ୍ଦ ଦେଙ୍କ ନୂତନ କୋଠାଠାରେ ପ୍ରବେଶ ହେଲେ ଓ କେତେ ଭଦ୍ରଲୋକମାନେ ତାହାଙ୍କ ଗହଣରେ ଅଛିଥିଲେ । କୋଠାଠାରେ ନୃତ୍ୟ ଗୀତ ଓ ଅତସବାଜି ହୋଇଥିଲା ସାହେବ ଘଣ୍ଟାଏ ଏଠାରେ ଅବସ୍ଥିତ କରି ଉପସ୍ଥିତ ଭଦ୍ରଲୋକଙ୍କ ସହିତ ମିଷ୍ଟାଲାପ ଓ ଅତର ପାନ ଗ୍ରହଣ କରି ପ୍ରସ୍ଥାନ କଲେ ଓ ଯିବା ପୂର୍ବେ ଗୋଟିଏ ବକ୍ତୃତା ଦ୍ୱାରା ସଭାଜନଙ୍କୁ ଆପ୍ୟାୟିତ କଲେ । ବକ୍ତୃତାଟି ହିନ୍ଦୀ ଭାଷାରେ ହୋଇଥିଲା ତହିଁର ମର୍ମ ଉତ୍କଳଦର୍ପଣରେ ଏହିରୂପ ଲେଖାଅଛି । ଯଥା;—

"ଉପସ୍ଥିତ ସଭ୍ୟ ମହୋଦୟଗଣ ଆପଣମାନଙ୍କର ଅଭ୍ୟର୍ଥନାରେ ଅମ୍ଭେ ଅତିଶୟ ସନ୍ତୁଷ୍ଟ ହେଲୁଁ । ଅମ୍ଭେ ୪ ବର୍ଷକାଳ ବାଲେଶ୍ୱରରୁ ଅନ୍ତରିତ ହୋଇଅଛୁଁ । ଏଠାରେ ଅବସ୍ଥାନ କାଳରେ ସଦତ ରାଜକାର୍ଯ୍ୟ ଏବଂ ସାଧାରଣର ଉପକାର ସାଧନ ବିଷୟରେ ଯଥାସାଧ୍ୟ ଯତ୍ନ କରିଅଛୁଁ ତଥାପି ଅମ୍ଭେ ଯାହା କରିଅଛୁଁ ତାହା ଅମ୍ଭ ବିବେଚନାରେ ଏମନ୍ତ କିଛି ଅଧିକ ନୁହେ ଯେ ସେଥି ନିମନ୍ତେ ଚିରବର୍ଷ କାଳ ପରେ ଏପରି ପ୍ରୀତିକର ସ୍ମରଣଚିହ୍ନ ପ୍ରାପ୍ତ ହେଲୁଁ । ଏଠାରେ ଅନେକ ଭଦ୍ରବ୍ୟକ୍ତି ସମାଗତ ହୋଇଅଛନ୍ତି । ଏମାନଙ୍କ ମଧ୍ୟରେ କେତେକ ବ୍ୟକ୍ତି ଅମ୍ଭଠାରେ ପରିଚିତ ନୁହନ୍ତି, ମାତ୍ର ସେମାନେ ଯେ ଅମ୍ଭପ୍ରତି ଯଥେଷ୍ଟ ସ୍ନେହ କରନ୍ତି ସେମାନଙ୍କର ଉପସ୍ଥିତି ସେହିର ପରିଚୟ ଦେଉଅଛି । ସେମାନେ ପରିଚିତ ସେମାନଙ୍କ ମଧ୍ୟରେ ଅଧିକାଂଶ ଏପରି ଲୋକ ଅଛନ୍ତି ଯେ ସେମାନଙ୍କୁ ଅମ୍ଭେ ନିତାନ୍ତ ସ୍ନେହାସ୍ପଦ ବନ୍ଧୁ ଅଥବା ବନ୍ଧୁରୁ ଅଧିକ (ଭ୍ରାତା) ଜ୍ଞାନ କରୁ । ବାଲେଶ୍ୱରରେ ଅମ୍ଭେ ଯେତେଦିନ ଥିଲୁଁ ସେଥି ମଧ୍ୟରେ ବାଲେଶ୍ୱରବାସୀଙ୍କ ପ୍ରତି ଅମ୍ଭର ଅତ୍ୟନ୍ତ ଭକ୍ତି ଜନ୍ମିଥିଲା । ଏମାନେ ଅମ୍ଭର ଆଜ୍ଞା ପାଳନରେ ଯେମନ୍ତ ତତ୍ପରତା ଦେଖାଇଅଛନ୍ତି ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ପାଳନ ବିଷୟରେ ଏବଂ ସ୍ୱେଚ୍ଛାରୂପେ ରାଜକାର୍ଯ୍ୟ ସାଧନ ବିଷୟରେ ମଧ୍ୟ ସେହିପରି ଅମ୍ଭର ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ଫଳତଃ ଅମ୍ଭେ ବାଲେଶ୍ୱର ପରି ଭଲ ସ୍ଥାନରେ ଦେଖି ନାହୁଁ । ବାଲେଶ୍ୱରବାସୀଙ୍କ ହୃଦୟରେ କୃତଜ୍ଞତା ନିତ୍ୟ ଜାଗରୁକ ଅଛି । ପରନ୍ତୁ ଏଠାରେ ଏମନ୍ତ ଅନେକ ଲୋକ ଅଛନ୍ତି ଯେ ସେମାନେ ସ୍ୱାର୍ଥାନ୍ୱେଷୀ ନ ହୋଇ ଯେପରି କାର୍ଯ୍ୟରେ ସାଧାରଣର ହିତ ସମ୍ପାଦନ ହେବ ଏମନ୍ତ ସଦନୁଷ୍ଠାନରେ ନିଯୁକ୍ତ ରହିଥାନ୍ତି । ପରିଶେଷରେ ଅମ୍ଭର ବକ୍ତବ୍ୟ ଏହି ଯେ ଅମ୍ଭେ ଏ ପ୍ରଦେଶରେ ଥାଉଁ ଅବା ନ ଥାଉଁ ବାଲେଶ୍ୱରକୁ ଏବଂ ବାଲେଶ୍ୱରଲୋକଙ୍କୁ କଦାଚ ପାଶୋରିବୁଁ ନାହିଁ । ବାଲେଶ୍ୱର ଅମ୍ଭଙ୍କୁ ମନରେ ରଖୁ ଅବା ନ ରଖୁ ବାଲେଶ୍ୱର ଅମ୍ଭ ମନରୁ କଦାଚ ଅନ୍ତହିତ ହେବ ନାହିଁ । ଅମ୍ଭର ଏହି ବାସନା ଯେ ଅମ୍ଭ ହୃଦୟରେ ବାଲେଶ୍ୱର ଏବଂ ବାଲେଶ୍ୱର ହୃଦୟରେ ଅମ୍ଭେ ଯେମନ୍ତ ଚିରକାଳ ଥାଉଁ ।"

ପାଠକମାନେ ଅନୁମାନ କରି ପାରନ୍ତି ଯେ ଅମ୍ଭେମାନେ ଗତସପ୍ତାହରେ ବାଲେଶ୍ୱରରେ ଏହି ଉପଲକ୍ଷରେ ଯେଉଁ ସଭା ହେବାର କଥା ଲେଖିଥିଲୁଁ ସେହି ସଭାଦ୍ୱାରା ଉପରଲିଖିତ

Digitized by srujanika@gmail.com

Split by PDF Splitter



ବନ୍ଦୋବସ୍ତମାନ ହୋଇଥିଲା ମାତ୍ର ତାହା ଠିକ ବୋଲି ଜଣା ଯାଉ ନାହିଁ କାରଣ ବାହିକାରେ ପାଠ କଲୁଁ ଯେ ଉକ୍ତ ସଭାସ୍ଥ ଉଦ୍ଦେଶ୍ୟ ହୋଇଗଲା ( କେଉଁ କାରଣରୁ ସ୍ପଷ୍ଟ ବୁଝା ଯାଉ ନାହିଁ ) ରାଜା ଶ୍ୟାମାନନ୍ଦ ଦେ ବିଶେଷ ଯତ୍ନ କରି ହେବା ସତ୍ତ୍ୱପୂର୍ବକ ଏ ମହତ୍କାର୍ଯ୍ୟଟି ସମ୍ପନ୍ନ କଲେ । ଅମ୍ଭେମାନେ ଭରସା କରୁଁ ତାହାଙ୍କର ଶ୍ରମ ବ୍ୟର୍ଥ ହୋଇ ନାହିଁ ।

---

## ବାଲେଶ୍ୱର ଟାଉନଟାକ୍ସ ବନ୍ଦୋବସ୍ତ

ବାଲେଶ୍ୱରର ଟାଉନଟାକ୍ସ ବନ୍ଦୋବସ୍ତରେ ସେଠା ଲୋକଙ୍କର ଭାରି ଅସନ୍ତୋଷ ଜାତ ହୋଇ ଥିବାର ଜଣାଯାଏ । ଅମ୍ଭେମାନେ ଏ ବିଷୟରେ ଦୁଇଖଣ୍ଡ ପତ୍ର ପାଇଅଛୁଁ ଏକଖଣ୍ଡ ଅନେକ ମହାଜନ ଓ ଭଦ୍ରଲୋକଙ୍କଦ୍ୱାରା ସ୍ୱାକ୍ଷରିତ ଓ ଅନ୍ୟଖଣ୍ଡ ଯାହାଙ୍କୁ ବିଶ୍ୱାସ କରାଯାଇ ପାରେ ଏପରି ଜଣେ ଭଦ୍ରଲୋକଦ୍ୱାରା ପ୍ରେରିତ ହୋଇଅଛି । ଉଭୟ ପତ୍ର ଅତ୍ୟନ୍ତ ଦୀର୍ଘ ଥିବାରୁ ସ୍ଥାନାଭାବରୁ କୌଣସି ଏକଖଣ୍ଡକୁ ଅବିକଳ ପ୍ରକାଶ ନ କରି ଉଭୟର ସାରକଥା ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରୁଅଛୁଁ ।

ଟାକ୍ସ ବିରୁଦ୍ଧରେ ପତ୍ରପ୍ରେରକଙ୍କର ତିନୋଟି ଆପତ୍ତି ଦେଖାଯାଏ ଯଥା;—

ପ୍ରଥମ ଆପତ୍ତି ଏହି ଯେ ପୂର୍ବ ବର୍ଷମାନଙ୍କରେ ଆଦାୟ ହୋଇଥିବା ଟାକ୍ସ ମଧ୍ୟରୁ ସେ ସବୁ ବର୍ଷର ଖର୍ଚ୍ଚ ଯାଇ ପ୍ରାୟ ଟ ୨୬୫୫୷ ଏ ବର୍ଷାରମ୍ଭରେ ବାକି ଥିଲା ଓ ଏ ବର୍ଷ ଏମନ୍ତ କୌଣସି ବିଶେଷ କାର୍ଯ୍ୟ ମିଉନିସିପାଲ କମିଟୀ କରିବେ କି ଯହିଁରେ ଅଧିକ ଟଙ୍କା ଖର୍ଚ୍ଚ ପଡ଼ିବ ତାହା ପ୍ରଦର୍ଶିତ ହୋଇ ନାହିଁ ଏ ଅବସ୍ଥାରେ ଗତବର୍ଷ ଅପେକ୍ଷା ପ୍ରାୟ ଦେଢ଼ହଜାର ଟଙ୍କା ଟାକ୍ସ ବୃଦ୍ଧି ହୋଇଅଛି । ଅକାରଣରେ ଏପ୍ରକାର ଟାକ୍ସ ବୃଦ୍ଧି କରିବା ଅତ୍ୟନ୍ତ ଅନ୍ୟାୟ ଅଟଇ ଓ ତହିଁପାଇଁ ଟାକ୍ସଦାୟକମାନେ ଅସନ୍ତୁଷ୍ଟ ହେବେ ଏଥିରେ କପଟ କି ଅଛି ? ଯେବେ କମିଟୀ ପ୍ରତିବର୍ଷ ସେତେଟଙ୍କା ଉସୁଲ କରନ୍ତି ତାହାସବୁ ଖର୍ଚ୍ଚ କରି ପାରନ୍ତି ନାହିଁ ତେବେ ଆହୁରି ଅଧିକା ଟାକ୍ସ ବନ୍ଦୋବସ୍ତ କରିବା ଅତ୍ୟନ୍ତ ଅନ୍ୟାୟ ସନ୍ଦେହ ନାହିଁ । ଅମ୍ଭେମାନେ ଅନୁମାନ କରୁଁ ଯେ କମିଟୀ କୌଣସି ବିଶେଷ ଖର୍ଚ୍ଚର ପ୍ରସ୍ତାବ କରି ଟାକ୍ସ ବଢାଇବାକୁ ପ୍ରବୃତ୍ତ ହୋଇଥିବେ ତାହା ହେଲେ ସେ ବିଷୟ ମିଉନିସିପାଲିଟୀର ବାର୍ଷିକ ବଜେଟ ବା ଅନୁମାନର ହେସାବରେ ଲେଖାଥିବ କିନ୍ତୁ ଦୁଃଖର ବିଷୟ ଯେ ଟାକ୍ସଦାୟକଙ୍କୁ ତାହା ବୁଝାଇ ଦେବାର ଚେଷ୍ଟା ହୋଇ ନାହିଁ କାରଣ ସେପରି ହୋଇଥିଲେ ସେମାନେ ଅନ୍ୟାୟ ଟାକ୍ସ ବୃଦ୍ଧିର ଆପତ୍ତି କରନ୍ତେ ନାହିଁ ।

ଦ୍ୱିତୀୟ ଆପତ୍ତି ଏହି ଯେ କୌଣସି ନିର୍ଦ୍ଦିଷ୍ଟ ନିୟମାନୁସାରେ ଟାକ୍ସ ବନ୍ଦୋବସ୍ତ ହୋଇ ନାହିଁ । କମିଟୀଦ୍ୱାରା ଟାକସ ବନ୍ଦୋବସ୍ତ ନ ହୋଇ ଏକଜଣ ମେମ୍ବର ବାବୁ ବୈକୁଣ୍ଠନାଥଦେଙ୍କଦ୍ୱାରା ଉକ୍ତ କାର୍ଯ୍ୟ ସମ୍ପନ୍ନ ହୋଇଅଛି ସେ ସ୍ୱୟଂ ପ୍ରାର୍ଥନା କରି ଏ ଭାର ନେଇଅଛନ୍ତି । ତାହାଙ୍କ ବିଚାରରେ କାହାର ଟାକ୍ସ ଊଣା ଓ କାହାର ଅସଙ୍ଗତ ବୃଦ୍ଧି ହୋଇଅଛି ସ୍ଥଳରେ ଅମଲାମାନଙ୍କ ଟାକ୍ସ କିଛି ଊଣା ଓ ମହାଜନ ଓ ଦୋକାନଦାରଙ୍କ ଟାକ୍ସ ଅତ୍ୟନ୍ତ ବୃଦ୍ଧି ହୋଇଅଛି । ଯାହାଙ୍କ ଉପରେ ଅନ୍ୟାୟ ଟାକ୍ସ ହେଲା ସେମାନେ ଅପିଲ କରି ସୁବିଚାର ପାଇ ନାହାନ୍ତି । ସବ୍‌କମିଟୀ ଓ ମାଜିଷ୍ଟ୍ରେଟ ସାହେବ ପ୍ରାୟ ସମସ୍ତ ଅପିଲ ଅଗ୍ରାହ୍ୟ କରି ବୈକୁଣ୍ଠବାବୁଙ୍କ ବନ୍ଦୋବସ୍ତକୁ ସ୍ଥିର ରଖିଅଛନ୍ତି । ମାଜିଷ୍ଟ୍ରେଟସାହେବଙ୍କୁ ଲୋକେ ସହରର ଏକମାତ୍ର ହର୍ତ୍ତା କର୍ତ୍ତା ଜାଣନ୍ତି ସେ ଯେବେ ଏ ବିଷୟରେ ସୁବିଚାର ନ କଲେ ତେବେ ତାହାଙ୍କର ଦୁଃଖ ଆଉ କିଏ ଶୁଣିବ ଏହିକଥା ଭାବି ଟାକ୍ସଦାୟକମାନେ ଅତିଶୟ ଦୁଃଖିତ ହୋଇଅଛନ୍ତି ।

ତୃତୀୟ ଆପତ୍ତି ଏହି ଯେ ନଗରର ଅବସ୍ଥା ପୂର୍ବଠାରୁ ପରିଷ୍କୃତ ବା ଉନ୍ନତ ହୋଇଥିଲେ ଅଧିକା ଟାକ୍ସ ଗ୍ରହଣ କରିବା ଯୁକ୍ତିସିଦ୍ଧ ହୁଅନ୍ତା ମାତ୍ର ସେପରି କିଛି ହୋଇ ନାହିଁ । ପୂର୍ବେ ଗାୟଲ୍ସ ବୀମ୍ସସାହେବଙ୍କ ସମୟରେ ଅଳ୍ପ ଟାକ୍ସ ଆଦାୟ ହୋଇ ନଗର ଯେମନ୍ତ ପରିଷ୍କୃତ ଓ ସୁବନ୍ଦୋବସ୍ତରେ ଥିଲା ତହିଁରୁ ଅଧିକ କିଛି ହୋଇ ନାହିଁ ଓ ଏ ଉତ୍ତାରୁ ଅଧିକ କିଛି ହେବ ଏମନ୍ତ ଆଶା ହେଉ ନାହିଁ ତେବେ ଅଧିକ ଟଙ୍କା ଦେଇ କି ଉପକାର ହେଲା ? ବାସ୍ତବରେ ପତ୍ରପ୍ରେରକମାନେ କହିଅଛନ୍ତି କି ଅଧିକା ବନ୍ଦୋବସ୍ତଦ୍ୱାରା କେବଳ 'ସାପ ମାରି ଶୁଆ ପୋଷିବାର' ନ୍ୟାୟ ହୋଇଅଛି । କାରଣ ଢ ୫ ଣଙ୍କୁ ପୀଡା ଦେଇ ସେହି ଟଙ୍କାରୁ କିଛି ରାଜା ଶ୍ୟାମାନନ୍ଦ ଦେଙ୍କ ଡାକ୍ତରଖାନାକୁ କିଛି ଟାକ୍ସ ଦାରୋଗାକୁ କିଛି ଜଣେ ନୂଆ ମୋହରିରକୁ ଓ କିଛି ମେହେନ୍ତର ଓ ମତକ ପ୍ରଭୃତିରେ ଦିଆଯାଇଅଛି । ଏଥିରୁ ଡାକ୍ତରଖାନା ରାଜା ଶ୍ୟାମାନନ୍ଦ ଦେ ସ୍ଥାପିତ କରି ତହିଁର ନିୟମିତ ବ୍ୟୟ ସକାଶେ ବ୍ୟବସ୍ଥା କରିଦେଇଅଛନ୍ତି ସେ ଟଙ୍କାରେ ତହିଁର କାର୍ଯ୍ୟ ଚଳୁ ନ ଥିଲା ବା ନ ଚଳିବ ଏମନ୍ତ କିଛି ଜଣା ପଡ଼ି ନାହିଁ ଓ ଗବର୍ଣ୍ଣମେଣ୍ଟ ଏଥି ଉପରେ ବର୍ଷକୁ ଟ ୨୦୦ ଙ୍କା ଲେଖାଏ ଦେଉଅଛନ୍ତି । ଏ ଅବସ୍ଥାରେ ସାଧାରଣ ଟାକ୍ସଦ୍ୱାରା ତହିଁର ସାହାଯ୍ୟ ହେଲେ ତହିଁରେ ରାଜାଙ୍କର କିଛି ଗୌରବ ରହିଲା ନାହିଁ ବରଂ ତାହା ସାମାନ୍ୟ ସାଧାରଣ ଡାକ୍ତରଖାନା ପରି ହେଲା ଟାକ୍ସଦାରୋଗା ପୂର୍ବେ ଯେପରି କାର୍ଯ୍ୟ କରୁଥିଲେ ବର୍ତ୍ତମାନ ମଧ୍ୟ ସେହିପରି କାର୍ଯ୍ୟ କରିବେ ଓ ଯେବେ କିଛି ଅଧିକା କାର୍ଯ୍ୟର କଳ୍ପନା କରାଯାଏ ମାତ୍ର ତହିଁର କୌଣସି କାରଣ ନାହିଁ ତେବେ ତାହାଙ୍କୁ ଜଣେ ମୋହରିର ଦିଆଯାଇଅଛି ଆଉ ଅଧିକା ବେତନ ଦେବାର ପ୍ରୟୋଜନ କି ?

ଏହିରୂପେ ଟାକ୍ସଦାୟକମାନେ ବିଶ୍ୱାସ କରିନ୍ତି କି ମିଉନିସିପାଲ ଟାକ୍ସ ବୃଦ୍ଧି ହେବାଦ୍ୱାରା କୌଣସି ସାଧାରଣ ଉପକାର ବା ପ୍ରକୃତ ଅଭାବ ପୂର୍ତ୍ତି ହେବାର କଥା ନାହିଁ କେବଳ ଡାକ୍ତର ଦାରୋଗା ପ୍ରଭୃତିଙ୍କ ଉପକାର ସକାଶେ ତାହା ହୋଇଅଛି ।

ପ୍ରଥମ ଆପତ୍ତି ସମ୍ପର୍କରେ ଅମ୍ଭେମାନେ ଯେମନ୍ତ ଅନୁମାନ କରୁଅଛୁଁ କି ବଜେଟ ପ୍ରସ୍ତୁତ ବା ପ୍ରଚାରିତ ହୋଇ ନ ଥିବାରୁ ଟାକ୍ସଦାୟକଙ୍କର ସନ୍ଦେହ ହୋଇଅଛି ତୃତୀୟ ଆପତ୍ତି ସମ୍ପର୍କରେ ମଧ୍ୟ ସେହିରୂପ ନ କହି ଅନ୍ୟ କିଛି ମତ ଦେଇ ନ ପାରୁଁ । କାରଣ କିପରିମାଣରେ ଟାକ୍ସ ଆଦାୟ ହେବାର ସ୍ଥିର ହୋଇଅଛି ଓ ତହିଁର କେତେ ଅଂଶ ଡାକ୍ତର ଦାରୋଗା ଇତ୍ୟାଦିଙ୍କ ଉନ୍ନତି ସାଧନ ନିମିତ୍ତ ଦିଆଯାଇଅଛି ତାହା ଠିକ କରି ନ ଜାଣିଲେ ନ୍ୟାୟ ଅନ୍ୟାୟ ବୁଝିବାର କଠିନ । ଆମ୍ଭମାନଙ୍କର ଏରୂପ ଅନୁମାନ ମଧ୍ୟ ଅସଙ୍ଗତ ନୁହଇ ଯେ ଏକ ପକ୍ଷରେ ବୈକୁଣ୍ଠ ବାବୁଙ୍କଦ୍ୱାରା ଟାକ୍ସ ବନ୍ଦୋବସ୍ତ ହେବା ଓ ପକ୍ଷାନ୍ତରେ ତାହାଙ୍କ ପିତାଙ୍କର ସ୍ଥାପିତ ଡାକ୍ତରଖାନା ସକାଶେ ଟଙ୍କା ସାହାଯ୍ୟ ଦିଆଯିବାର ଟାକ୍ସଦାୟକମାନେ କେଉଁ ଆୟବ୍ୟୟର ସବିଶେଷ ନ ଜାଣିବା ସ୍ଥଳରେ ଭ୍ରମରେ ପଡ଼ିଥିବେ ଯେ ବାବୁ ଆପଣା ଡାକ୍ତରଖାନା ପାଇଁ ଅଧିକ ଟାକ୍ସ ବସାଇଅଛନ୍ତି

Digitized by srujanika@gmail.com

Split by PDF Splitter



କିନ୍ତୁ କେଉଁ ବିଷୟରେ କେତେ ବ୍ୟୟ ହେବ ତାହା ଜାଣିଲେ ଲୋକଙ୍କର ସେ ଭ୍ରମ ରହି ପାରିବ ନାହିଁ । ବାସ୍ତବରେ ଅମ୍ଭେମାନେ ବିବେଚନା କରୁଁ ଯେ ସାଧାରଣ ଚିକିତ୍ସାଳୟ ସଙ୍କାଶେ ମିଉନିସିପାଲିଟିରୁ ସାହାଯ୍ୟ କରିବା ଅଧିକ ସଙ୍ଗତ ଅଟଇ ମାତ୍ର ଅଧିକ କରିଁଷ୍ଣୁ ମିଉନିସିପାଲିଟିର ଅନ୍ୟାନ୍ୟ ଖର୍ଚ୍ଚା ଅପେକ୍ଷା ଡାକ୍ତରଖାନାକୁ ଅକସ୍ମାତ୍ ସାହାଯ୍ୟ ଦିଆଯାଇଥିଲେ ବମ୍ବା ଦାରୋଗା ମୋହରରଙ୍କର ବେତନ ବୃଦ୍ଧି ଦ୍ୱାରା ଉଠିସିଲ୍ ଖର୍ଚ୍ଚା ଅନ୍ୟାୟ ରୂପେ ବୃଦ୍ଧି ହୋଇଥିଲେ ସର୍ବସାଧାରଣଙ୍କର ପ୍ରତିବାଦ କରିବାର କ୍ଷମତା ଅଛି । ଏ ସ୍ଥଳେ ତାହା ଘଟିଅଛି କି ନାହିଁ ଆୟ ବ୍ୟୟର ହିସାବ ନ ଦେଖିଲେ ବୋଲିଯାଇ ନ ପାରେ ଅତଏବ ଅମ୍ଭେମାନେ ବିବେଚନା କରୁଁ ଯେ ମିଉନିସିପାଲିଟି ସଭା ଏପରି ହିସାବ ଶୀଘ୍ର ସ୍ଥାନୀୟ ପତ୍ରିକାମାନଙ୍କରେ ପ୍ରକାଶ କରାଇ ଦେଉନ୍ତୁ ଓ ସ୍ଥାନୀୟ ସଂବାଦ ପତ୍ରିକାମାନେ ଅନିଶ୍ଚିତ କଥାରେ ବୃଥାକୁ ତର୍କବିତର୍କ ନ କରି ସେପରି ଅଙ୍କ ଦେଖାଇବାଦ୍ୱାରା ଆପଣା ମତ ସ୍ଥାପନ କରନ୍ତୁ ।

ଦ୍ୱିତୀୟ ଆପତ୍ତି ସମ୍ପର୍କରେ ଗତ ଉତ୍କଳ ଦର୍ପଣରେ ମହାଜନ ଓ ଦୋକାନଦାରଙ୍କ ଉପରେ ଅଧିକା ଟାକ୍ସ ବସାଇବାର ହେତୁ ପ୍ରଦର୍ଶିତ ହୋଇଅଛି । ଏ ପ୍ରସ୍ତାବ ଦୀର୍ଘ ହେବ ରୁ ତହିଁର ଉଲ୍ଲେଖରୁ ଅମ୍ଭେମାନେ ଏସ୍ଥାନରେ କ୍ଷାନ୍ତ ରହିଲୁଁ । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ଅମ୍ଭେମାନେ ତହିଁରେ ସନ୍ତୁଷ୍ଟ ହୋଇ ନାହୁଁ । ମହାଜନ ଓ ଧନୀଲୋକ ଉପରେ ଅନ୍ୟ ଲୋକଙ୍କ ଅପେକ୍ଷା କିଛି ଅଧିକ ଟାକ୍ସ ହେବା ଅସଙ୍ଗତ ନୁହଇ ମାତ୍ର ସବୁ ଶ୍ରେଣୀର ଲୋକର ଅବସ୍ଥା ସହିତ ଟାକ୍ସର ସାମଞ୍ଜସ୍ୟ ରହିବାର ଉଚିତ ଓ ସେରୂପ ହୋଇଅଛି କି ନାହିଁ ଉକ୍ତ ପତ୍ରିକାରୁ ତାହା ପ୍ରକାଶ ପାଉ ନାହିଁ ।

— — —

# ସାପ୍ତାହିକସଂବାଦ ।

ଗତ ଶନିବାର କାଠଯୋଡି ବାଲିରେ ସୁନ୍ଦରୀର ଗୋଲକ ବାବୁ ପଞ୍ଜାବ ଓ ପଶ୍ଚିମା ମାଲଙ୍କର କୁସ୍ତି କରାଇଥିଲେ । ପ୍ରାୟ ୫।୬ ହଜାର ଲୋକ ଦେଖିବାକୁ ଯାଇଥିଲେ । ଦୁଇ ଘଣ୍ଟା କୁସ୍ତି ଲଢିଲେ କିନ୍ତୁ ଫଳ କିଛି ହେଲା ନାହିଁ ଓ ଦର୍ଶକମାନେ ଯେମନ୍ତ ଉତ୍ସାହିତ ହୋଇ ଦେଖିବାକୁ ଯାଇଥିଲେ ତେମନ୍ତ ହତାଶ ହୋଇ ଫେରି ଆସିଲେ ।

ସେଦିନ ସୁପ୍ରସିଦ୍ଧ ସିରସ୍ତାଦାର ବାବୁ ହରମୋହନ ମିଶ୍ରଙ୍କ ବସାଠାରେ ଚୋରୀ ହୋଇଥିଲା ମାତ୍ର ସୌଭାଗ୍ୟ କ୍ରମେ ବାବୁଙ୍କର କଣି ମାଲ କିଛି ଯାଇ ନାହିଁ ତାହାଙ୍କର ଚାକରର ସିନ୍ଦୁକଟି ଉଠିଯାଇ ଥିଲା । ଉକ୍ତ ସିନ୍ଦୁକଟି ପୋଖରୁ ପ୍ରାପ୍ତ ହୋଇଅଛି । ସହରର ଅନ୍ୟ କେତେ ଜାଗାରେ ସିନ୍ଧି ହୋଇଥିବାର ମଧ୍ୟ ଶୁଣାଯାଏ ।

ଅମ୍ଭମାନଙ୍କର ଜଣେ କମ୍ପୋଜିଟର ଗତ ସୋମବାର କାଠଯୋଡିକୁ ଗାଧୋଇ ଯାଇ ପହିଁବାରୁ ନଦୀର ସ୍ରୋତ ମୁହଁରେ ପଡି ଏମନ୍ତ ବଳହୀନ ହୋଇଗଲା ଯେ ଅନ୍ତ କୂଳକୁ ଫେରିଆସି ନ ପାରି ବୁଡି ମରିଗଲା । କେହି ତାହାକୁ ଜଳରୁ ଟାଣି ଆଣିବାର ଚେଷ୍ଟା କଲେ ନାହିଁ । ଏ ଦୁର୍ଘଟନାରେ ନଗରବାସୀଙ୍କର ଅତ୍ୟନ୍ତ ଦୁଃଖ ହୋଇଅଛି ଓ ନଦୀ ବଢି ନ ଥିବା ପ୍ରତ୍ୟକ୍ଷେ ଏମନ୍ତ ଅପମୃତ୍ୟୁ ହେବା ଅଧିକ ଶୋକର କାରଣ ହୋଇଅଛି ।

ଏ ନଗରର ଜଣେ ପ୍ରଧାନ ମୁକ୍ତାର ବାବୁ ଦାମୋଦର ଦାସ ଗତ ମଙ୍ଗଳବାର ବାତଜ୍ୱର ରୋଗରେ ପ୍ରାଣ ହରାଇଲେ । ଏହାଙ୍କ ବୟସ ପ୍ରାୟ ବ ୬୦ ବର୍ଷ ହୋଇଥିଲା ମାତ୍ର ସବଳ ଥିଲେ ଓ ଅଳ୍ପଦିନର ରୋଗରେ ମୃତ୍ୟୁ ଘଟିଲା ।

ଏ ନଗର କଦମରସୁଲ ନାଏବଙ୍କ ନାମରେ ସଦାବର୍ତ୍ତ ଧନ ଅପବ୍ୟୟ କରିବାର ନାଲିସର ସୂତ୍ରପାତ ହେଲଣି । ସନ ୧୮୬୩ ସାଲର ଅ ୨୦ ଉଣା ଏଣିକି ତାହାର ହେବାର ଯାହା ଅମ୍ଭେମାନେ ଅନୁମାନ କରିଥିଲୁଁ ତାହା କ୍ରମେ ଦେଖିବାରେ ଆସୁଅଛି ।

କଟକ ତେଲେଙ୍ଗାବଜାର ହତ୍ୟାକାଣ୍ଡପର କଲିକତାରେ ଗୋଟିଏ ଖୁନ ହୋଇଅଛି । ମଚ୍ଛୁଅବଜାରରେ ଜଣେ ପଠାଉଣୀ ବେଶ୍ୟା ଥିଲା । ଗୃହରେ ତାହାର ଉପପତି ସଙ୍ଗରେ ବାସ କରୁଥିଲା । ତହିଁ ଅରଦିନ ପ୍ରଭାତର ଦିନ ବେଳେ ଦେଖାଗଲା ଯେ ଉପପତି ନାହିଁ ଓ ଗୃହରେ ତାହାର ଛିନ୍ନି କଟା ହୋଇ ମରି ପଡିଅଛି । ଓ ଅଳଙ୍କାରାଦି ଅପହରଣ ହୋଇଅଛି । ପୁଲିସ ଅନୁସନ୍ଧାନରେ ଅଛନ୍ତି ଅସାମୀ ଅବଶ୍ୟ ଧରା ପଡି ନାହିଁ । ସୁତରାଂ କଲିକତା ପୁଲିସର ଅବସ୍ଥା ଯେସ୍ଥଳେ ଏପରି ସେସ୍ଥଳେ କଟକ ପୁଲିସକୁ କି ଦୋଷ ଦିଆ ଯିବ ।

ମାନ୍ଦ୍ରାଜଠାରେ ଗତ ମାସରେ ଯେଉଁ ତୋଫାନ ହୋଇଥିଲା ତହିଁରେ ଅନ୍ୟାନ୍ୟ ଅନେକ ସମ୍ପତ୍ତି ମଧ୍ୟରେ ପ୍ରାୟ ଏକଲକ୍ଷ ବସ୍ତା ଚାଉଳ ନଷ୍ଟ ହୋଇଅଛି । ଦୁର୍ଭିକ୍ଷ ସମୟରେ ଏତେ ଚାଉଳ ନଷ୍ଟ ହେବା ଅତ୍ୟନ୍ତ ଦୁଃଖର ବିଷୟ ଅଟଇ କିନ୍ତୁ ଈଶ୍ୱର ଇଚ୍ଛାପ୍ରତି ବଳ କାହାର ! ଯେଉଁଠାରେ ସେ ଦୁର୍ଭିକ୍ଷରୂପ ଦାରୁଣଦଣ୍ଡର ବିଧାନ କରୁଅଛନ୍ତି ସେଠାରେ ଥିବା ଚାଉଳକୁ ନଷ୍ଟ ନ କଲେ ତାହାଙ୍କର ଇଚ୍ଛା ସମ୍ପୂର୍ଣ୍ଣ କିପରି ହୁଅନ୍ତା !

ପାର୍ଲିମେଣ୍ଟରୁ ବାହାରିଥିବା ଖଣ୍ଡିଏ ତାଲିକାରେ ଲେଖାଅଛି ଯେ ଇଂରେଜ ଶାସିତ ଭାରତବର୍ଷର ଆୟତନ ୯,୦୭,୦୮୬ ବର୍ଗମାଇଲ ଏହା ୨୩୫ ଜିଲାରେ ବିଭକ୍ତ ଓ ଏଥିର ଲୋକ ସଂଖ୍ୟା ୧୯,୦୫,୬୩,୦୪୮ । କରଦ ରାଜାଙ୍କର ଅଧୀନ ରାଜ୍ୟର ଆୟତନ ୩,୪୬,୬୯୫ ଓ ଲୋକସଂଖ୍ୟା ୪,୮୨,୭୭,୯୧୦ ଖାଏ ଉଭୟଦିକୁ ଲୋକସଂଖ୍ୟା ୨୩,୮୮,୪୦,୯୫୮ । ଇଂରେଜଙ୍କ ଶାସିତ ଭୂମିଖଣ୍ଡର ଲୋକସଂଖ୍ୟା ମଧ୍ୟରୁ ୧୩,୯୨,୪୮,–୫୬୮ ହିନ୍ଦୁ, ୧୧,୭୪,୫୩୬ ସିଖ, ୪୦,୮,୮୨,–୫୩୭ ମୁସଲମାନ, ୨୮,୩୨,୮୫୨ ବୌଦ୍ଧ, ୮,୧୬,୬୫୮ ଖ୍ରୀଷ୍ଟିୟାନ, ୫୧,୦୨,୮୨୯ ଅନ୍ୟାନ୍ୟ ଧର୍ମାବଲମ୍ବୀ ଓ ଅବଶିଷ୍ଟ ୪,୨୫,୧୭୫ ଜଣର ଧର୍ମ ଜଣା ନାହିଁ ।

ସମ୍ବଲପୁରଠାରୁ ଟେଲିଗ୍ରାଫ ଶୁଣିଅଛନ୍ତି କି ଗତମାସ ତା ୨୫ ତାରିଖରେ ମହାନଦୀ ଏକାବେଳକେ ୧୪ ଫୁଟ ବଢିଗଲା । ନଦୀ ଅସିଲାବେଳେ ତ ୧୪ ଣ ସ୍ତ୍ରୀଲୋକ ନଦୀ ପାର ହେଉଥିଲେ ଅକସ୍ମାତ୍ ଜଳ ମାଡିଆସିଲାରୁ ସେମାନେ ପଳାଇଯାଇ ନ ପାରି ବୁଡିମଲେ । ଏ ବଢିଟା ଏ ନଗରକୁ ତେତେ ପ୍ରବଳରେ ଆସି ନାହିଁ ।

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀ ଶ୍ରୀ ରାଜା କଙ୍କେ ବଡମ୍ବା ବନ୍ଧାସ୍ଥା | ୫୬୧ |
| „ „ ସୋନପୁର | „ ୫୭୷ |
| „ „ ମଠପୁର | „ ୫୬ |
| ବାବୁ ଶ୍ୟାମମୋହନଦାସଖଗଲପୁର | „ ୫୭୷ |
| „ କୃଷ୍ଣମୋହନ ଘୋଷ କଟକ | „ ୫୨ |
| „ ସକେନ୍ଦ୍ରନାଥ „ „ | „ ୫୨ |

---

☞ ଏହି ଉତ୍କଳଦୀପିକା ସହରକଟକ ତଉଲବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୨ଗ
ସଂ ୨୬ ସଂଖ୍ୟା

ତା ୩୦ ଏଣ ମାହେ ଜୁନ ସନ ୧୮୬୭ ମସିହା । ମୁ । ଅଷାଢ ର ୧୮ ର ସନ ୧୨୭୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଇଁ ଡାକମାସୁଲ ଟ୧୲୵

ଅଳ୍ପ କାଳ ଏ ନଗରରେ ଚାଉଳ ଓ ଅନ୍ୟ ସର୍ବ୍ବୋ ଅନ୍ନାଦ୍ୟ ଶସ୍ୟର ଦର ଏପ୍ରକାର ବୃଦ୍ଧି ହୋଇଅଛି ଯେ ବର୍ତ୍ତମାନ କାଳକୁ ଏକ ପ୍ରକାର ଛୋଟଦୁର୍ଭିକ୍ଷ ବୋଲି ଯାଇ ପାରେ । ପ୍ରତିଟଙ୍କାରେ ମୋଟଚାଉଳ ସେ ୧୨।୧୩ ର ମିଳୁଅଛି ତଥାଚ ବ୍ୟାପାରୀ ସବାସେ ମହାଜନମାନେ ଚାଉଳ ଗଞ୍ଜନ ଇତ୍ୟାଦ ଶରବ କରୁ ଅଛନ୍ତି । ଏହା ଦେଖି ବୋଧ ହୁଅଇ ଯେ ସମ୍ବଲପୁର ଅବ ଲୁପର ଦଟରୁ କଟି ସଙ୍ଗେ ଶସ୍ୟ ଆମଦାନି ହେଲେ ସୁଦ୍ଧା ଦର ଊଣା ହେବାର ବଡ଼ ଭରସା ନାହିଁ । ଟଙ୍କାକୁ ୧୨ ସେର ଚାଉଳ ଦଣି ଏଠା ଲୋକେ ଅଧିକ ଦନ କାଳାକ ହେବା କଠିନ ଓ ଏଥି ମଧ୍ୟରେ କେତେ ଲୋକଙ୍କୁ ଏମନ୍ତ ବାଧିଲାଣି ଯେ ଦୁଇଓଳ ପେଟ ପୂରି ଖାଇ ପାର ନାହାନ୍ତି । ନୂତନ ଫସଲ ହେବା ପର୍ଯ୍ୟନ୍ତ ଏ ଅବସ୍ଥା ପରିବର୍ତ୍ତନ ହେବାର ଦଶା ନାହିଁ ।

---

ନାଦବ୍ୟାସୀ ନାମକ ସମ୍ବାଦପତ୍ରରେ ଲେଖାଅଛି କି କଲେକ୍ଟର ଓ ତାହାଙ୍କର ଅଧୀନ ନିଯୁକ୍ତ କର୍ମଚାରୀମାନେ ମଫସଲ ଭ୍ରମଣ କରିବା ସମୟରେ କେତେକ ଲୋକ ପ୍ରଜାମାନେ ସାମାନ୍ୟ ଅତ୍ୟାଚାର ଓ ବଳାତ୍କାର ଅପହରଣବ୍ୟାସ ପ୍ରପୀଡ଼ିତ ହୁଅନ୍ତି । ଏ କଥା ଓଡ଼ିଶା ଓ ବଙ୍ଗଳା ପକ୍ଷରେ ନୂତନ ନୁହଇ କାରଣ ଓ ତାହାଙ୍କ ସମ୍ପର୍କୀୟମାନଙ୍କ ଅମଲାମାନଙ୍କ ଡାଲ ଓ ରସଦପ୍ରାପ୍ତ ସମ୍ମାନ କରିବା ଅଭ୍ୟାସ ଅବଶ୍ୟକ ବୋଲି ଏଠା ଜମିଦାରମାନେ ଜାଣନ୍ତି କରୁ ଏସବୁ ଜମିଦାରମାନେ ଆପଣା ଘରୁ ଦଅନ୍ତି ନାହିଁ । ପ୍ରାୟ ଏଥିର ଅଧିକାଂଶ ପ୍ରଜାଙ୍କଠାରୁ ନିଅନ୍ତି ଓ ଯେବେ କିଛି ମୂଲ୍ୟ ପାନ୍ତି ତାହା ଅଳ୍ପ ପ୍ରଜାପର୍ଯ୍ୟନ୍ତ ପ୍ରାୟ ପହୁଞ୍ଚଇ ନାହିଁ କରୁ ନ ଦେଲେ ହଇରାଣ ହେବା ଭୟରୁ । ରସଦ ଓ ଡାଲିରେ କେବଳ ପ୍ରଜାଙ୍କର ପୀଡ଼ା ହେବାର ସମ୍ଭାବନା ନୋହିଲେ ଜମିଦାରଙ୍କର ଏଥିରେ ଗୌରବ ରକ୍ଷା ହୁଅଇ ଓ କେତେକ ଜମିଦାର ଏପରି ଅଛନ୍ତି କି ତାହାଙ୍କୁ ରସଦ କି ଡାଲିର ମୂଲ୍ୟ ଯାଚିଲେ ବା ବଜାରମୂଲ୍ୟରେ ନ ନେଲେ ଦୁଃଖିତ ହୁଅନ୍ତି । ଫଳତଃ ଡାଲି ଓ ରସଦ ଉଠିଗଲେ ମଫସଲର ଲୋକମାନେ ବିପଦରୁ ଖାଲସ ଓ ତାହାଙ୍କ ସଙ୍ଗର ଅମଲାଙ୍କୁ ସନ୍ତୋଷ କରିବେ । ଭେଟନାଇ ମଙ୍ଗଳସ ଇତ୍ୟାଦ ସବୁଠାରେ କରିବା ସହଜ ବ୍ୟାପାର ନୁହଇ ।

---

ଉତ୍କଳଦର୍ପଣରୁ ଅବଗତ ହେଲୁ ଯେ ଗତଜୁନମାସ ତା ୨୧ ଦିନ ଶହରେ ଶ୍ରୀଯୁକ୍ତ କମିଶ୍ନର କାମ୍ପ ସାହେବଙ୍କୁ ବାଲେଶ୍ୱରର ଜଣେ ପ୍ରଧାନ ଜମିଦାର ବାବୁ ବୃନ୍ଦାବନଚନ୍ଦ୍ର ମଣ୍ଡଳ ଆପଣା ବଗିଚା କୋଠିଠାକୁ ଆମନ୍ତ୍ରଣ କରି ତଦୁପଲକ୍ଷରେ ବଡ ଧୂମଧାମ କରିଥିଲେ । ନଗରର ସମସ୍ତ ଭଦ୍ରଲୋକଙ୍କୁ ସେଠାକୁ ଆମନ୍ତ୍ରଣ କରାଇଥିଲେ ଓ ବଗିଚାଘର ସମସ୍ତବତିରେ ଏବଂ ଗଣ୍ଡେଦୂର ଯାଏ ନାନା ଆଲୋକରେ ଝଲମଲ ହେଉଥିଲା । ବାବୁ ଏସମସ୍ତକୁ ସୁସଜ୍ଜିତ କରିବାପାଇଁ କୌଣସି ବିଷୟରେ ତ୍ରୁଟି କରି ନ ଥିଲେ । କମିଶ୍ନର ସାହେବ ସେଠାକୁ ଆଗମନ କରି ପ୍ରଥମେ କୋଠା ଭିତରେ ଥିବା ଭଦ୍ରଲୋକଙ୍କ ସହିତ 'ସେକହାଣ୍ଡ' କରି କିଛିକ୍ଷଣ ବସି ପ୍ରସନ୍ନଚିତ୍ତରେ ମିଷ୍ଟାଲାପ କଲେ ଓ ଛାତ ଉପରୁ ବାହଘରକୁ ଅସି ବାଣପୋଡ଼ା ଦେଖିଲେ । ଏହିସମୟରେ ସେ ନାନାବ ଆମୋଦପୂର୍ଣ୍ଣ କଥା କହିବାରେ ମତ୍ତ ହେଲେ ଓ କେତେ ଅବା ଗଜଲ ଅର୍ଥାତ ପାରସ୍ୟଭାଷାର ପଦ୍ୟ ପାଠ କଲେ । ବାଣପୋଡ଼ା ଶେଷ ହେବାରୁ ସାହେବ ଅତ୍ୟନ୍ତ ଅପ୍ୟାପ୍ୟିତ ବଦନରେ ସମସ୍ତଙ୍କଠାରୁ ବିଦାୟ ହୋଇ ପ୍ରାୟ ରାତ୍ରି ଘ ୧୧ ଟା ସମୟରେ ଆପଣା କୋଠିଠାକୁ ଫେରି ଗଲେ । ଧନ୍ୟ ବୃନ୍ଦାବନ ବାବୁ ! ରାଜା ଶ୍ୟାମାନନ୍ଦ ଦେ ସର୍ବସାଧାରଣଙ୍କ ସାହାଯ୍ୟରେ ଯାହା କଲେ ସେ ଏକାକୀ ପ୍ରାୟ ତେତିକି କଲେ ଅତଏବ ଶ୍ରୀଯୁକ୍ତ କାମ୍ପ ସାହେବଙ୍କ ପ୍ରତି ତାହାଙ୍କର ଭକ୍ତି ଓ ଶ୍ରଦ୍ଧା ସର୍ବାପେକ୍ଷା ଅଧିକ ଏଥିରେ କିଛିମାତ୍ର ସନ୍ଦେହ ନାହିଁ ଏହା ଯଦି ତାହାଙ୍କ ଇଷ୍ଟାମରାରି ହୋଇ ନ ଥିଲେ ( ଇଷ୍ଟାମରାରି ପ୍ରାୟ ଆଗାମୀର ଶୂନ୍ୟ ହୁଅଇ ) ଏଥିର ଫଳ ଶୀଘ୍ର ଫଳିବ ।

---

Digitized by srujanika@gmail.com

Split by PDF Splitter



ଓଡ଼ିଶାଅଞ୍ଚଳର ଜଣେ ସମ୍ଭ୍ରାନ୍ତ ଲୋକ ବମ୍ବେଇ, ବରୋଦା, କଲିକତା, ପଞ୍ଜାବ, ଜୟପୁର ଇତ୍ୟାଦି ଭ୍ରମଣ କରି ରେଲଗାଡ଼ିର ବନ୍ଦୋବସ୍ତ ସମ୍ପର୍କରେ ଲେଖିଅଛନ୍ତି ଯେ ତୃତୀୟ ଭାଗର ଗାଡ଼ିପାଇଁ ଯେତେ ଲୋକ ଟିକଟ ମାଗନ୍ତି ତାହାଙ୍କୁ ଦିଆଯାଏ ମାତ୍ର ଗାଡ଼ିରେ ବସାଇ ଦେବା ପକ୍ଷରେ କୌଣସି କର୍ମଚାରୀଙ୍କର ମନୋଯୋଗ ନ ଥାଏ । ଯେଉଁ ଜବରଦସ୍ତ ଲୋକ ତୃତୀୟଭାଗ ଗାଡ଼ିର ବେଞ୍ଚରେ ଶୋଇ ଥାଏ ଅନ୍ୟ ଲୋକ ବସିବାକୁ ଗଲେ ତାହାକୁ ଗାଳି ଦିଅଇ ସୁତରାଂ ପ୍ରାଣୀଅନେକେ ବେଞ୍ଚକଲେ ଛିଡ଼ା ହୋଇ ରହନ୍ତି । ଲୋକଙ୍କ ସୁସାରପ୍ରତି କେହି ଦୃଷ୍ଟି କରଇ ନାହିଁ । ଏପରି ବମ୍ବେଇ ଓ ବରୋଦା ରେଲରେ ଚତୁର୍ଥଭାଗର ଗାଡ଼ି ଅଛି ତହିଁପାଇଁ ଟିକଟ ଦିଅନ୍ତି ମାତ୍ର ସେ ତୃତୀୟ ଭାଗରେ ବସୁ କି ଚତୁର୍ଥଭାଗରେ ବସୁ କେହି କିଛି ପଚାରନ୍ତି ନାହିଁ । ଏଣୁ ୨ ସମୟରେ ଚତୁର୍ଥ ଭାଗର ଟିକଟ ନେଇ ତୃତୀୟ ଭାଗ ଗାଡ଼ିରେ ଯେଉଁମାନେ ବସିଥାନ୍ତି ତାହାଙ୍କଠାରୁ ରେଲର କର୍ମଚାରୀମାନେ ଅଧିକା ଭଡ଼ା ଆଦାୟ କରି ନିଅନ୍ତି । କେତେକ୍ଷଣି ଅଧିକ ଲୋକ ଆସିଲେ ଚତୁର୍ଥଶ୍ରେଣୀର ଲୋକଙ୍କୁ ତୃତୀୟ ଗାଡ଼ିରେ ଆଗେ ବସାଇ ଦିଅନ୍ତି ଓ ତୃତୀୟଶ୍ରେଣୀର ଲୋକ କେତେ ଆପଣା ମହତ୍ତ୍ୱ ରକ୍ଷା ନିମନ୍ତେ ଚତୁର୍ଥଭାଗରେ ବସିବାକୁ ବାଧ୍ୟ ହୁଅନ୍ତି । ଷ୍ଟେସନମାଷ୍ଟର ଅବା ପୁଲିସ ଟିକିଏ ଯତ୍ନ ସ୍ୱୀକାର କରି ଲୋକଙ୍କୁ ଯେ ଯାହାର ଶ୍ରେଣୀ ଅନୁସାରେ ବସାଇ ଦେଉଥିଲେ ଓ ଅଧିକା ଲୋକଙ୍କୁ କାଢ଼ି ଦେଉଥିଲେ ଅନେକ ସୁବିଧା ହୋଇଥାନ୍ତା ଓ ମାନ୍ୟ ଲୋକଙ୍କ ହାତରେ [illegible] ଅପମାନ ହେବା ଅବଶ୍ୟ ନିବାରଣ ହୁଅନ୍ତା । ରେଲଓ୍ୱେର ସାହେବମାନେ ଏବିଷୟରେ କାହିଁକି ଦୃଷ୍ଟି ଦେଉ ନାହାନ୍ତି କହି ନ ପାରୁ ଓ ଏହି କାରଣରୁ ଦେଶୀୟ ଲୋକଙ୍କ ମଧ୍ୟରେ ରେଲଗାଡ଼ିର ଯେତେ ଆଦର ହୁଅନ୍ତା ତାହା ହୋଇ ପାରୁ ନାହିଁ ।

---

ପାଠକମାନେ ଅବଶ୍ୟ ବେତାଳପଞ୍ଚବିଂଶତି କାହାଣିମାନ ପଢ଼ିଅଛନ୍ତି ବା ଶୁଣିଅଛନ୍ତି । ବର୍ତ୍ତମାନ କାଳରେ ସେପରି କାହାଣି ଶୁଣିବା ଅତି କଠିନ ମାତ୍ର ଏଥିପାଇଁ କେହି ଏମନ୍ତ ମନେ କରିବେ ନାହିଁ ଯେ ସେପ୍ରକାର ଘଟଣା ହେଉ ନାହିଁ । ଆମ୍ଭେମାନେ ସମ୍ପ୍ରତି ଗୋଟିଏ କାହାଣି କହୁଅଛୁ । ଗଙ୍ଗାଗୋବିନ୍ଦ ବାବୁ ଏକ ଭଗତଠାରୁ ଟଙ୍କା କରଜ ନେବାର ସ୍ଥିର କରି ତମସୁକ ରେଜିଷ୍ଟ୍ରି କରାଇ ଦେଲେ ଓ ରେଜିଷ୍ଟ୍ରି ଅଫିସରୁ ମିଳିଥିବା ରସିଦ ମହାଜନଙ୍କୁ ଦେଇ ଟଙ୍କା ଆଣିବେ ବୋଲି ପ୍ରକାଶ କଲେ । କିଛିଦିନ ଉତ୍ତାରୁ ଉକ୍ତ ଟଙ୍କାକୁ ସୁଝି ଦେବା ଉଦ୍ଦେଶରେ ଚୌଧୁରିଙ୍କଠାରୁ ବାବୁ ଟଙ୍କା କରଜ କଲେ ଓ ଭଗତଙ୍କ ଲେଖି ଦେଇଥିବା ତମସୁକ ରେଜିଷ୍ଟ୍ରି ଅଫିସରୁ ଆପେ ଫେରାଇ ନେଲେ । ଏଥିଉତ୍ତାରୁ ଭଗତଙ୍କ ଏକଖଣ୍ଡ ରସିଦ ରେଜିଷ୍ଟ୍ରି ଅଫିସରେ ଦେଖାଇ ଉକ୍ତ ତମସୁକ ଫେରାଇ ନେବାକୁ ପ୍ରାର୍ଥନା କଲେ । ଅମଲାମାନେ ଦେଖିଲେ ଯେ ଏ ରସିଦ ଜାଲ ପୂର୍ବରୁ ତମସୁକ ଫେରାଇ ହୋଇଅଛି । ସୁତରାଂ ଫଉଜଦାରୀ ମକଦ୍ଦମା ହେଲା ଭଗତଙ୍କ କହନ୍ତି ଯେ ବାବୁ ତାହାଙ୍କଠାରୁ ଟଙ୍କା ନେଇ ଏହି ଜାଲ ରସିଦ ତାହାଙ୍କୁ ପ୍ରକୃତ ରସିଦ ବୋଲି ଦେଇ ଅଛନ୍ତି ଓ ବାବୁ କହନ୍ତି ଯେ ସେ ଭଗତଙ୍କୁ ରସିଦ ଦେଇଥିଲେ ମାତ୍ର ଚୌଧୁରିଙ୍କଠାରୁ ଟଙ୍କା ଆଣି ଭଗତଙ୍କୁ ସୁଝି ଦେଇ ଆପଣା ରସିଦ ଫେରାଇ ଆଣିଲେ ଓ ସେହି ରସିଦ ରେଜିଷ୍ଟ୍ରି ଅଫିସରେ ଦେଇ ଆପଣା ଲେଖିଦିଅ ତମସୁକ ଫେରାଇ ନେଇ ଅଛନ୍ତି । ଏଥିକୁ ବେତାଳ ପ୍ରଶ୍ନ କରୁଅଛୁ ଯେ କେଉଁ ରସିଦ ଜାଲ ଓ ତାହା କିଏ କରିଅଛି । ଯାର ବୁଦ୍ଧିମତ୍ତ୍ୱ ଥିଲେ ଏଥିର ଉତ୍ତର ଦେଉଥାନ୍ତୁ ଯାହା ହେଉ ମାଜିଷ୍ଟ୍ରେଟ ସାହେବ ଗଙ୍ଗାଗୋବିନ୍ଦ ବାବୁଙ୍କୁ ଦୌରା ସୁପୋର୍ଦ୍ଦ କରି ଅଛନ୍ତି ।

---

କଲିକତାର ଗଣ୍ଡିଏ ସାମୟିକ ପତ୍ରିକାରେ ଭାରତବର୍ଷରେ ଥିବା ଇଂରେଜମାନଙ୍କର ଛଡ଼ୀ ପିଟା ଇଂରାଜୀ ଭାଷା ପ୍ରସଙ୍ଗରେ ସମ୍ପାଦକ ଲେଖିଅଛନ୍ତି କି ଏମାନଙ୍କ ମଧ୍ୟରେ ମାଜିଷ୍ଟ୍ରେଟ ସାହେବଙ୍କ ମିଜାଜ ବୁଝିବାକୁ ଅଭ୍ୟାସ କରିବା ବଡ଼ ମାନବର କାର୍ଯ୍ୟ ଅଟଇ । ଯଦ୍ୟପି ସେ ଜାଲିମ ଅଥବା ଜବରଦସ୍ତ ହୁଅନ୍ତି ତେବେ ଯହିଁରେ ତାହାଙ୍କର କ୍ରୋଧ ହେବ ଏମନ୍ତ କାର୍ଯ୍ୟ ନ କରିବାକୁ ଲୋକେ ଅତ୍ୟନ୍ତ ସାବଧାନ ହୁଅନ୍ତି । କେଉଁ କେଉଁ ବିଷୟରେ ତାହାଙ୍କର ସଉକ ଅଧିକା ଥିବା ଅଛି ଏହା ଆଗ ଯତ୍ନସହିତ ଅନୁସନ୍ଧାନ କରନ୍ତି ଓ ପକ୍ଷୀଶିକାର ବା ସ୍ତ୍ରୀବିଦ୍ୟାଳୟ ମୂର୍ତ୍ତି ଖୋଲା ହୋଇଥିବା ପଥର ବା ପୁରାତନ ମୁଦ୍ରା ଇତ୍ୟାଦି ଯହିଁପାଇଁ ତାହାଙ୍କର ଲୋଭ ତାହା ପୂର୍ଣ୍ଣ କରିବାକୁ ସାଧ୍ୟାନୁସାରେ ଲୋକେ ପରିଶ୍ରମ କରନ୍ତି । ଫଳରେ ଯେତେଦିନ ମଙ୍ଗଳ ତାହାଙ୍କ ସନ୍ତୋଷରେ ସବୁ ତାହାଙ୍କ ଏକବାଲ ଅର୍ଥାତ୍ ସୌଭାଗ୍ୟରୁ ସମ୍ପାଦିତ ହେବାର କଥିତ ହୁଅଇ । ତହିଁର ଉଦାହରଣ ସ୍ୱରୂପ ଲେଖା ଯାଇଅଛି ଯେ ଉତ୍ତର ପଶ୍ଚିମର କଗତ ଲେଫ୍ଟେନାଣ୍ଟ ଗବର୍ଣ୍ଣର ଟାମସନ ସାହେବ ଗୋଟିଏ ଦେଶୀୟ ଲୋକର ବିଦ୍ୟାଳୟ ଦେଖିବାକୁ ଯାଇ ଅନ୍ୟାନ୍ୟ ପ୍ରଶ୍ନ ମଧ୍ୟରେ ଛାତ୍ରମାନଙ୍କୁ ପଚାରିଲେ ଯେ ପୃଥିବୀ କାହିଁକି ଉତ୍ତାକାର ପଥରେ ଭ୍ରମଣ କରଇ । ଛାତ୍ରମାନେ ଏଥିର ଉତ୍ତର ଦେଇ ପାରିଲେ ନାହିଁ ଏହି ସମୟରେ ଜଣେ କନେଷ୍ଟା ଶିକ୍ଷା ସାହେବଙ୍କ ସମ୍ମୁଖକୁ ଆସି ସଲାମ କରି କହିଲା କି ' ହଜୁରଙ୍କ ଏକବାଲରେ ' ଅର୍ଥାତ୍ ଆପଣଙ୍କ ସୌଭାଗ୍ୟରୁ ପୃଥିବୀ ଏପରି ଗତି କରୁଅଛି ।

ଉପର ଲିଖିତ କଥାମାନ ସର୍ବାଂଶରେ ସତ୍ୟ ଅଟଇ । ଜଗତ ଲୋକମାନେ ଯେତେ କାର୍ଯ୍ୟ କରନ୍ତି ତହିଁର ଅଧିକାଂଶ କେବଳ ହାକିମଙ୍କ ମନ ଯୋଗାଇବା ନିମନ୍ତେ ଅର୍ଥାତ୍ ଯେଉଁ ହାକିମର ମନ ଯହିଁରେ ସନ୍ତୁଷ୍ଟ ହୁଅଇ ସେ ହାକିମ ପାଖରେ ତାହା କରନ୍ତି । ବାସ୍ତବିକ ଇଚ୍ଛା ଓ ଭକ୍ତିରୁ ଅତ୍ୟଳ୍ପ କାର୍ଯ୍ୟ ହେବାର ଦେଖାଯାଏ । କୌଣସି ହିତକାର୍ଯ୍ୟ ନିମନ୍ତେ କେହି ଲୋକ ଯେତେ ଚେଷ୍ଟା କରୁ ଟଙ୍କାଟିଏ କେହି ଚାନ୍ଦା ଦେବାକୁ ପ୍ରବୃତ୍ତ ହେବେ ନାହିଁ ମାତ୍ର ହାକିମର ସଂଯୋଗ ତହିଁରେ ହେଲେ ଅନାୟାସରେ ଚାନ୍ଦା ହେବ । ଏସମସ୍ତ ତୋଷାମଦର କାର୍ଯ୍ୟ ଅଟଇ ମାତ୍ର ଦୁଃଖର ବିଷୟ ଯେ ଅନେକ ହାକିମ ଏହା ବୁଝି ପାରନ୍ତି ନାହିଁ ଓ ଲୋକେ ଯାହା ଭୟରେ ବା ଅନୁଗ୍ରହ ଲାଭର ଆଶାରେ କରନ୍ତି ତାହାକୁ ସେମାନେ ଯଥାର୍ଥ ଇଚ୍ଛା ବା ଭକ୍ତିର କାର୍ଯ୍ୟ ବୋଲି ଜ୍ଞାନ କରନ୍ତି । ବୁଦ୍ଧିମାନ ବ୍ୟକ୍ତିମାନେ ଏପ୍ରକାର କପଟଜାଲରେ ପଡ଼ନ୍ତି ଏଥିରୁ ବଳବତ୍ତର ଆଶ୍ଚର୍ଯ୍ୟର ବିଷୟ ଅଳ୍ପ କି ଅଛି ।

---

## ତୁରସ୍କର ଯୁଦ୍ଧ ।

ରୁଷିୟା ଓ ତୁରସ୍କ ଯୁଦ୍ଧରେ ଇଂଲଣ୍ଡ ଅତି ସ୍ପଷ୍ଟାକ୍ଷରରେ ଅସମ୍ମତି ପ୍ରକାଶ କରିଅଛନ୍ତି । ରୁଷିୟ ଗବର୍ଣ୍ଣମେଣ୍ଟ ଯୁଦ୍ଧ କରିବାର ଯେଉଁ ଘୋଷଣାପତ୍ର ପ୍ରଚାର କରିଥିଲେ ତହିଁର ଉତ୍ତରରେ ଲର୍ଡଡର୍ବୀ ଲେଖିଅଛନ୍ତି କି ଶ୍ରୀମତୀ ମହାରାଣୀଙ୍କ ଗବର୍ଣ୍ଣମେଣ୍ଟ ଏଥିରେ ଅତ୍ୟନ୍ତ

Digitized by srujanika@gmail.com

ଦୁଃଖିତ ହୋଇଅଛନ୍ତି । ତୁରଷ୍କର ଅଧିକୃତ ଖ୍ରୀଷ୍ଟୀୟାନ ପ୍ରଜାଙ୍କ ରକ୍ଷାର୍ଥେ ରୁଷୀୟା ଯେଉଁ ପ୍ରସ୍ତାବ କରି ଇଉରୋପର ସମସ୍ତ ରାଜାଙ୍କ ନିକଟକୁ ପଠାଇଥିଲେ ଯେତେବେଳେ ଇଂଲଣ୍ଡ ତହିଁର ଏକପକ୍ଷ ହେବାକୁ ସମ୍ମତ ହେଲେ ସେତେବେଳେ ସୁଲତାନଙ୍କଠାରୁ ତାହାଙ୍କ ରାଜ୍ୟର ସୁଶାସନ ବ୍ୟବସ୍ଥା କରିବା ପକ୍ଷରେ କୌଣସି ନୂତନ ମାତବର ନେବାର କଥା ହୋଇ ନ ଥିଲା । ତୁରଷ୍କ ଆପଣା ରାଜ୍ୟ ସୁଶାସନ ପକ୍ଷରେ ଯାହା ଅଙ୍ଗୀକାର କରିଥିଲେ ତାହା ସୁରୂପେ ପ୍ରତିପାଳନ କରିବେ ଏଥି ଉପରେ ଦୃଷ୍ଟି ରଖିବା ସକାଶେ ରାଜାମାନେ ଏକମେଳ ହୋଇ ସ୍ୱୀକାର କରିଥିଲେ ଓ ସେ ଅଙ୍ଗାରେ ନିଷ୍ଫଳ ହେଲେ ତୁରଷ୍କର ଖ୍ରୀଷ୍ଟୀୟାନ ପ୍ରଜାଙ୍କର ରକ୍ଷା ଏବଂ ଇଉରୋପର ସାଧାରଣ ଶାନ୍ତିରକ୍ଷା ସକାଶେ ଯାହା କରିବାକୁ ହୁଅନ୍ତା ତହିଁର ବିଷୟ ସମସ୍ତେ ମିଶି କରିବାର କ୍ଷମତା ଆପଣା ହାତରେ ରଖିଥିଲେ । ତୁରଷ୍କ ଉକ୍ତ ପ୍ରସ୍ତାବର ସମ୍ମତପକ୍ଷ ନ ଥିଲେ ତଥାତ ଇଉରୋପର ଅନ୍ୟ ରାଜାମାନଙ୍କ ପକ୍ଷରେ ତାହା ପ୍ରବଳ ଥିଲା ରୁଷୀୟା ଯୁଦ୍ଧ ଆରମ୍ଭ କରି ତହିଁର ଅନ୍ୟଥା କରିଅଛନ୍ତି । ରୁଷୀୟା କହନ୍ତି କି ସୁଲତାନ ଯେ ଉତ୍ତର ଦେଲେ ତହିଁରୁ ସୁଶାସନର ଭରସା ନ ହେବାରୁ ଯୁଦ୍ଧ କରିବା ଅନିବାର୍ଯ୍ୟ ହେଲା ମାତ୍ର ଇଂଲଣ୍ଡ ଏ କଥା ସ୍ୱୀକାର କରୁ ନାହାନ୍ତି । ଲର୍ଡଡର୍ବି କୋହନ୍ତି ଯେ ଉଭୟପକ୍ଷ ସ୍ଥିର ହୋଇ କାର୍ଯ୍ୟ କରିଥିଲେ ସମସ୍ତଙ୍କର ଆଶା ପୂର୍ଣ୍ଣ ହୋଇଥାନ୍ତା ଆଉ ରୁଷୀୟାର ଧମକରେ ବୋଧ ହୁଅଇ ତୁରଷ୍କ ଆପଣା ଅଙ୍ଗୀକୃତ ସଂସ୍କାର କାର୍ଯ୍ୟମାନ ସମ୍ପନ୍ନ କରିବାକୁ ଅବକାଶ ପାଇଲେ ନାହିଁ । ଲର୍ଡଡର୍ବି ଶେଷରେ କହି ଅଛନ୍ତି କି ରୁଷୀୟା ଏ ଯୁଦ୍ଧରେ ପ୍ରବୃତ୍ତ ହେବାରେ ଇଉରୋପର ସମସ୍ତ ରାଜାଙ୍କଠାରୁ ପୃଥକ୍ ହୋଇ ଯାଇଅଛନ୍ତି ଓ ଅପେ ଯେଉଁ ଉଦ୍ୟମ କରିଥିଲେ ତହିଁରୁ ଅନ୍ତର ହୋଇଅଛନ୍ତି । ଶ୍ରୀମତୀମହାରାଣୀଙ୍କ ଗବର୍ଣ୍ଣମେଣ୍ଟ ଇଚ୍ଛାପୂର୍ବକ ଆପଣା ଅସମ୍ମତି ଏରୂପ ପ୍ରକାଶ କରିବାକୁ ପ୍ରବୃତ୍ତ ହୁଅନ୍ତେ ନାହିଁ ମାତ୍ର ଯେ ସ୍ଥଳେ ରୁଷୀୟା ଏମନ୍ତ ପ୍ରକାଶ କରି ଅଛନ୍ତି କି ଇଂଲଣ୍ଡ ଓ ଅନ୍ୟାନ୍ୟ ରାଜାଙ୍କ ହିତରେ ସେ ଏ କାର୍ଯ୍ୟ କରୁଅଛନ୍ତି ସେ ସ୍ଥଳେ ଇଂଲଣ୍ଡର ଅସମ୍ମତି ପ୍ରକାଶ କରିବାର ଆବଶ୍ୟକ ହେଲା ।

ଇଂଲଣ୍ଡଙ୍କ ଅସମ୍ମତି ଅତ୍ୟନ୍ତ ନ୍ୟାୟସଙ୍ଗତ ଅଟଇ ଏଥିରେ ରୁଷୀୟା କି ବିବେଚନା କରିବେ ଶୁଣିବାରେ ଆସିବ ମାତ୍ର ଲର୍ଡଡର୍ବି ତାହାଙ୍କର ଭ୍ରମ ସୁଲକ୍ଷଣରୂପେ ଦେଖାଇ ଦେଇ ଅଛନ୍ତି ।

ଏଣେ ଯୁଦ୍ଧର ସମାଚାର ଯାହା ଭାରତରେ ଆସୁଅଛି ତାହା କୌଣସି ପ୍ରକାରରେ ସନ୍ତୋଷଜନକ ନୁହଇ ଓ ତହିଁରୁ ପ୍ରକୃତ ଅବସ୍ଥା ଜାଣିବା କଠିନ ତୁରଷ୍କ ସମ୍ପ୍ରତି ରୁଷୀୟା ଓ ମଣ୍ଟିନିଗ୍ରୀୟଙ୍କ ସଙ୍ଗେ ଯୁଦ୍ଧ କରୁଅଛନ୍ତି । ମଣ୍ଟିନିଗ୍ରୀୟମାନେ ତୁରଷ୍କ ହାତରେ ପରାଭବ ପାଉଅଛନ୍ତି ଏହି କଥା ସାର ବୋଧ ହୁଅଇ କେବେ ସେମାନେ ଥରେ୨ ତୁରଷ୍କରୁ ଜିତିଥିବାର କହନ୍ତି ମାତ୍ର ତାହା କହିବାର ଛଟା । ରୁଷୀୟା ସଙ୍ଗରେ ତୁରଷ୍କର ଇଉରୋପ ଓ ଆସିଆ ଦୁଇଅଡ଼ୁ ଯୁଦ୍ଧ ଲଗିଅଛି । ଏଥିମଧ୍ୟରେ ଆସିଆର ଯୁଦ୍ଧ ପ୍ରଧାନ କାରଣ ଇଉରୋପରେ ଡାନ୍ୟୁବନଦୀ କୂଳରେ ଅନେକ ରୁଷୀୟ ସେନା ଏକତ୍ରିତ ହୋଇଥିଲେହେଁ କେବଳ ଶୋଇ ପଡ଼ି ରହିଅଛନ୍ତି ନଦୀ ପାର ହେବାର ଉପାୟ ପାଉ ନାହାନ୍ତି ଏକପକ୍ଷରେ ନଦୀ ବଢ଼ି ଓ ଅନ୍ୟ ପକ୍ଷରେ ତୁରଷ୍କ ସେନା ଜଗି ରହିଅଛନ୍ତି । ଆସିଆରେ ପ୍ରାୟ ନିତ୍ୟ ଯୁଦ୍ଧ ହେଉଅଛି ଓ ଅଧିକାଂଶ ସ୍ଥଳରେ ତୁରଷ୍କମାନେ ଜୟ ଲଭ କରିବାର ସମାଚାର ଆସୁଅଛି ରୁଷୀୟମାନେ ମଧ୍ୟ କେତେ ସ୍ଥାନରେ କୃତକାର୍ଯ୍ୟ ହେବାର ସମ୍ବାଦ ଆସୁଅଛି । ଫଳତଃ ଏପର୍ଯ୍ୟନ୍ତ କୌଣସି ପକ୍ଷ ପ୍ରବଳ ବା ଦୁର୍ବଳ ହେବାର ବୁଝା ଯାଇ ନ ପାରେ । ତୁରଷ୍କକୁ ସମସ୍ତେ ରୁଷୀୟାଠାରୁ ଦୁର୍ବଳ ଜ୍ଞାନ କରନ୍ତି ବାସ୍ତବରେ ରୁଷୀୟାର ସେନା ସଙ୍ଗେ ତୁରଷ୍କର ତୁଳନା ନାହିଁ ତଥାଚ ତୁରଷ୍କ ଯେ ଏପର୍ଯ୍ୟନ୍ତ ଆପଣା ସ୍ୱରାଜ୍ୟ ରକ୍ଷା କରିବାକୁ ସମର୍ଥ ହୋଇଅଛି ଏହା ସାମାନ୍ୟ କଥା ନୁହଇ ।

ଏ ପ୍ରବନ୍ଧ ଲେଖା ହେଲା ଉତ୍ତାରୁ ତାରସମ୍ବାଦରୁ ଜଣାଗଲା ଯେ ତିନିହଜାର ରୁଷୀୟ ସେନା ଡାନ୍ୟୁବନଦୀ ପାର ହୋଇ ତୁରଷ୍କ ମଧ୍ୟରେ ପ୍ରବେଶ ହୋଇଅଛନ୍ତି ଓ ଅନ୍ୟ ସୈନ୍ୟ ଶୀଘ୍ର ପାର ହେବାର ବନ୍ଦୋବସ୍ତ ଲଗିଅଛି ଅତଏବ ପ୍ରକୃତ ଯୁଦ୍ଧ ଲଗିବାର ବିଳମ୍ବ ନାହିଁ ।

---

# ସାପ୍ତାହିକସଂବାଦ ।

ମାହାଙ୍ଗାର ନାଗବୃଣ ଅଗ୍ରର୍ଯ୍ୟ କଟକଜିଲର ଅବଧାନମାନଙ୍କୁ ଠକାଇ ଟଙ୍କା ନେଇଥିବାରୁ ମା ୬ ସ କାରାବାସ ଦଣ୍ଡ ପାଇଅଛି । ଏବ୍ୟକ୍ତି ପୁର୍ବ୍ବକାଳରେ ମଧ୍ୟ ଏପ୍ରକାର କରି ମା ୬ ସୁ ଦଣ୍ଡ ପାଇଅଛି ।

ଏ ସପ୍ତାହରେ ପ୍ରକୃତ ବୃଷ୍ଟିକାଳ ଅନୁଭବ ହୋଇଅଛି ଓ ଗତ ଗୁରୁବାରଠାରୁ ନଦୀମାନ ସୁଲକ୍ଷଣରୂପେ ବୃଦ୍ଧି ହୋଇଅଛି ।

ଶ୍ରୀଯୁକ୍ତ କଏଣ୍ଟ ମାଜିଷ୍ଟ୍ରେଟ ହାଣ୍ଡଲିସାହେବ ସ୍ୱୟଂ ଏ ନଗରର ସଡ଼କ ଓ ନର୍ଦ୍ଦମା ପରିଷ୍କାର କାର୍ଯ୍ୟ ଦେଖି ବୁଲୁଅଛନ୍ତି । ଏଥିରେ ଅନୁମାନ ହୁଅଇ ଏବର୍ଷ ଏସମସ୍ତ କାର୍ଯ୍ୟ ଉତ୍ତମରୂପେ ହେବ ମାତ୍ର ଅବଧି ସହରର ଅଧିକାଂଶ ନର୍ଦ୍ଦମା ପରିଷ୍କାର ହୋଇ ନାହିଁ ।

ଶ୍ରୀଯୁକ୍ତ କମିଶନର ସାମ୍ସ୍ ସାହେବ ଅଦ୍ୟ ବାଲେଶ୍ୱର ଗସ୍ତରୁ ଏ ନଗରକୁ ଫେରି ଆସିବାର କଥା ଅଛି ।

ଭଦ୍ରକରେ ଶ୍ରୀଯୁକ୍ତ ସାମ୍ସ୍ ସାହେବଙ୍କ ଅଭ୍ୟର୍ଥନା ଉପଲକ୍ଷରେ ରୋଷନାଇ ଇତ୍ୟାଦି ହୋଇଥିଲା । ବାବୁ ରାମାଇଚରଣ ବୋଷ ରାୟବାହାଦୁର ଏଥିର ପ୍ରଧାନ ଉଦ୍ୟମକର୍ତ୍ତା ଥିଲେ ।

ନୂତନ ପ୍ରଦେଶୀୟ କର ଜାରି ହେବାର ବିଜ୍ଞାପନ ଗବର୍ଣ୍ଣମେଣ୍ଟ ବଙ୍ଗାଲ ଦେଇଅଛନ୍ତି ଓଡ଼ିଶାର ସମସ୍ତ ଜିଲ୍ଲାରେ ଟଙ୍କା ପ୍ରତି ଦୁଇପଇସା ଲେଖାଏଁ କର ଆଦାୟ ହେବ ।

କଥିତ ହୁଅଇ ଯେ ତୁରଷ୍କରୁ ଆସିଥିବା ରାଜଦୂତଙ୍କୁ କାବୁଲର ଅମୀର ଉତ୍ତର ଦେଲେ ଯେ ବର୍ତ୍ତମାନ ସମୟରେ ସେ ସେନା ଓ ଅର୍ଥଦ୍ୱାରା ତୁରଷ୍କର ସାହାଯ୍ୟ କରି ନ ପାରନ୍ତି କାରଣ ଏ ଦୁଇ ତାହାଙ୍କର ଲୋଡ଼ା ଅଛି ମାତ୍ର ସେ ସୁଲତାନଙ୍କ ସକାଶେ ପ୍ରାର୍ଥନା କରିବାକୁ ତ୍ରୁଟି କରିବେ ନାହିଁ, ଏ କଥା ଦୂତଙ୍କୁ ଦୃଢ଼ରୂପେ ବୁଝାଇ ଦେଇଅଛନ୍ତି ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଗତମାସ ତା ୧୦ ରିଖ ରାତ୍ରରେ ମେଦନୀପୁରଠାରୁ ଖଡ଼୍ଗେପୁର ଛଡ଼ାରେ କେତେଜଣ ପ୍ରଜା ଏକତ୍ର ହୋଇ ବାବୁ ଜଗନ୍ନାଥ ଦାସ ନାମକ ଜଣେ ଧନବାନ୍ ଜମିଦାରଙ୍କୁ ବାଟରେ ଧରି ପାଲଙ୍କିଭିତରୁ ଟାଣିଆଣି ଖଣ୍ଡ୨ କରି କାଟି ପକାଇଅଛନ୍ତି । ଗୋଳମାଲରେ କେତେ୨ ବେ-

Split by PDF Splitter
Digitized by srujanika@gmail.com

Split by PDF Splitter



ହେବା ମଧ୍ୟ ଅସାଇ ଯାଇଅଛନ୍ତି କଥିତ ହୁଅଇ ଯେ ଜମିଦାର ଅତ୍ୟନ୍ତ ନଜଣା ନେବାରୁ ପ୍ରଜାମାନେ ନେଲକର ଏପରି କରିଅଛନ୍ତି । ପ୍ରଜାପୀଡ଼କ ଜମିଦାରମାନେ ସାବଧାନ ହେ- ଉନ୍ତୁ ଅନ୍ୟାନ୍ୟ ବିଷୟ ପରି ସହିବା ଗୁଣର ମଧ୍ୟ ସୀମା ଅଛି ।

ଉକ୍ତ ପତ୍ରିକା ଶୁଣିଅଛନ୍ତି କି ଟେଲେଗ୍ରାଫ ଝଙ୍କାର ଗନ୍ଧ ବାଙ୍କିପୁର ଓ ଦାନାପୁରର ରେଲଷ୍ଟେସନରେ ବର୍ଷାହେତୁ ନଷ୍ଟ ହୋଇଅଛି କି ଆଶ୍ଚର୍ଯ୍ୟ ଏକ ସ୍ଥାନରେ ଦାନା ପାଁଇ ଲୋ- କେ ମରୁଅଛନ୍ତି ଅନ୍ୟ ସ୍ଥାନରେ ବୃଷ୍ଟିରୁ ଦାନା ନଷ୍ଟ ହେଉଅଛି ଜାହାର ମାତ୍ରା ହେଉ ନାହିଁ !

ମହାରାଜା ରମାନାଥ ଠାକୁର ସି, ଏସ୍, ଆଇଙ୍କ ମୃତ୍ୟୁରେ ମହାମାନ୍ୟ ଗବର୍ଣ୍ଣରଜେନ- ରେଲ ଓ ମାନ୍ୟବର ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବମାନେ ଅତ୍ୟନ୍ତ ଦୁଃଖିତ ହୋଇ ଶୋ- କପତ୍ରମାନ ଲେଖି ପଠାଇଅଛନ୍ତି ।

ଏକଜଣ ଫରାସି ଡାକ୍ତର ଲେଖିଅଛନ୍ତି ଯେ ପଟାସିୟମର କ୍ଲୋରାଇଡ ଅବ୍ ଲାଇମ ଅଧ- ପାଇଣ୍ଟ ପାଣିରେ ମିଶାଇ କୁକୁର କାମୁଡ଼ିବା ସ୍ଥାନକୁ ବରାବର ସେହି ଜଳରେ ବୁଡ଼ାଇ ରଖିଲେ ବିଷ କଟିଯାଏ ଓ ବାତୁଳ କୁକୁର କାମୁଡ଼ିବା ହେତୁରେ ପ୍ରାୟ ମୃତ୍ୟୁ ଘଟଇ ନାହିଁ ଏରୂପ ଅନେକ ପରୀକ୍ଷା କରି ଦେଖା ଯାଇଅଛି । କାମୁଡ଼ିବା ଉତ୍ତାରୁ ଶୀଘ୍ର ଏ ଔଷଧ ଲଗାଇବାର ଉଚିତ ବିଳମ୍ବ ହେଲେ ଆଦୃଷ୍ଟ ଫଳ ହୁଅଇ ନାହିଁ ।

ମାଇମନସିଂହ ଜିଲା ଜହିରାବାଦରେ ଥିବା ଦାତବ୍ୟ ଚିକିତ୍ସାଳୟ ସକାଶେ ଶେରିପୁରର ଜମିଦାର ଶ୍ରୀମତୀ ଭବେଶ୍ୱରୀ ଦେବ୍ୟା ଚୌଧୁ- ରାଣୀ ୨୫୦୦୦ଙ୍କା ଏବଂ ଅମ୍ବାରୟାର ଜମି- ଦାର ଶ୍ରୀମତୀ କରଦୁର୍ଗା ଦେବ୍ୟା ଚୌଧୁରାଣୀ ୫୧୦୦୦ଙ୍କା ଦାନ କରିଅଛନ୍ତି ।

### ପ୍ରେରିତପତ୍ର ।

ମାନ୍ୟବର ଶ୍ରୀ ଉତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତି ଆପଣଙ୍କ ପତ୍ରିକାରେ ସ୍ଥାନ ଦେଲେ ଅମ୍ଭେ ଅତ୍ୟନ୍ତ ବାଧିତ ହେବୁ ।

ଖୋରଧାର ଉଦ୍ୟୋଗୀ ଜଗନ୍ନାଥ ବିଦ୍ୟାଧର (ନଗରବନ୍ଧ ବୋଧାର) ଙ୍କ ସମ୍ବନ୍ଧରେ ବିଶେଷ ବୃତ୍ତାନ୍ତ ଜାଣିବାକୁ ଆମ୍ଭର ଅତ୍ୟନ୍ତ କୌତୁହଳ ଅତଏବ ବୁଦ୍ଧିମନ୍ତ ମହୋଦୟମାନଙ୍କୁ ଅନୁ- ରୋଧ କରୁଅଛୁଁ ଯେ ବିଦ୍ୟାଧରଙ୍କ ବିଷୟରେ ବିଶେଷ ବିବରଣ ଅର୍ଥାତ୍ ତାଙ୍କର ଜନ୍ମ- ତିଥି, ପାରିବାରିକ ଇତିହାସ, ବଂଶାବଳୀ, ତାଙ୍କ ନାମର ଗୀତ ଓ ବୁଦ୍ଧି କୌଶଳ ପରିଚ- ୟକ ବିବରଣ ଇତ୍ୟାଦି ଯେ ଯାହା ଜାଣନ୍ତି ଆମ୍ଭଙ୍କୁ ଲେଖି ଦେବେ । ଶ୍ରୀଯୁତ ହଣ୍ଟର ଓ ଷ୍ଟର୍ଲିଙ୍ଗ ସାହେବଙ୍କ ଇତିହାସରେ ଯାହା ଲେଖା ଅଛି ତହିଁରୁ ଅଧିକ ଯାହା ମିଳିବ ତହିଁରେ ଆମ୍ଭର ବିଶେଷ ପ୍ରୟୋଜନ ।

ପୁଣି ଯେ କେହି ବିଶେଷ ଯତ୍ନ କରି ଆମ୍ଭର ପ୍ରୟୋଜନ ସାଧନ କରିବେ ଅମ୍ଭେ ତାଙ୍କୁ ଯଥାସାଧ୍ୟ ପୁରସ୍କାର ଦେବୁଁ । ଇତି ।

କଟକ 20-6-77. } ଶ୍ରୀ କ୍ଷୀରୋଦଚନ୍ଦ୍ର ରାୟ ଚୌଧୁରୀ
KIROD CHUNDER RAI CHUDORI.
*Head Master, C. C. School.*

ଉତ୍କଳଦୀପିକାର ସମ୍ପାଦକ ମହାଶୟ ସମୀପେଷୁ ।

ଅନୁଗ୍ରହ ପ୍ରକାଶପୂର୍ବକ ନିମ୍ନଲିଖିତ ବିଷୟଟି ଆପଣଙ୍କ ସୁବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନ ପ୍ରଦାନ କରି ଚିରବାଧିତ କରିବାହେବେ ।

ତା ୨୨ ରଣ ଜୁନ ଶୁକ୍ରବାର ଦିବସ ପୂର୍ବା- ହ୍ନରେ ଅତ୍ର ପଞ୍ଚାମୃତ୍ତି ବିଦ୍ୟାଳୟର ଛାତ୍ରମା- ନଙ୍କୁ ବାର୍ଷିକ ପାରିତୋଷିକ ପ୍ରଦାନ କରାଗଲା । ପୁରସ୍କାର ଦାନ ବିଦ୍ୟାଳୟରେ ହୋଇ ଥିଲା । ସେ ସ୍ଥଳରେ ପ୍ରାୟ ୬୦ ଜଣ ଅମଲି ସଭ୍ୟ ଭିନ୍ନ ଅନ୍ୟାନ୍ୟ ଦର୍ଶକ ଅନେକ ଉପସ୍ଥିତ ଥିଲେ । କେନ୍ଦ୍ରାପଡ଼ା ସବ୍‌ଡିଭିଜନର ବିଦ୍ୟାଳୟ ସମୂହର ସବଇନସ୍ପେକ୍ଟର ଶ୍ରୀଯୁତ ପ୍ରସନ୍ନକୁ- ମାରଙ୍କ ମହାଶୟ ସଭାପତିର ଆସନ ପରି- ଗ୍ରହଣ କରିଥିଲେ । ପୁସ୍ତକାଧାରଟି ପୁଷ୍ପ ଦାମ- ରେ ମଣ୍ଡିତ ହୋଇଥିବାରୁ ଅତିଶୟ ନୟନ- ରଞ୍ଜନ ହୋଇଥିଲା ।

ପ୍ରଥମତଃ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଗତ ବର୍ଷର ବାର୍ଷିକ ବିବରଣ ପାଠ କଲେ ତାହା ପରେ ସମାପ୍ତ ହେଲାରୁ ସୁକୁମାରମତି ବାଳକମାନେ ସୁବିଖ୍ୟାତ କବିମାନଙ୍କ ବିରଚିତ ପୁସ୍ତକର ପଦ୍ୟ- ଚୟ ସୁମଧୁରସ୍ୱରରେ ମୌଖିକ ପାଠ କରି ତାହାବିଷୟଗୁଡ଼ିକ ଶ୍ରୋତାମାନଙ୍କ ଅନ୍ତଃକରଣକୁ ଆନନ୍ଦ ସଲିଳରେ ଅଭିଷିକ୍ତ କଲେ । ସେ ସମୟରେ ଶ୍ରୋତାମାନଙ୍କ ଉନ୍ମେଷଣୀୟ ନୟନ- ଜଳରେ ଦର୍ଶନ ଓ ସ୍ଥିରକର୍ଣ୍ଣରେ ଶ୍ରବଣ କରିବା ଦେଖି ବୋଧ ହେଲା ଯେମନ୍ତ ସୁଶିକ୍ଷଣ ଚିତ୍ର- କରିମ୍ବାର ବିଦ୍ୟାଳୟରେ କତିପୟ ପ୍ରତିମା ସ୍ଥାପିତ ହୋଇଅଛି । ଏରୂପର ଦର୍ଶକବୃନ୍ଦ ବାଳକମା- ନଙ୍କ କଣ୍ଠନିଃସୃତ ବୀଣାବିନିନ୍ଦିତ ମଧୁର ଧ୍ୱନି- ରେ କିଛିକାଳ ବିମୋହିତ ଥିଲେ । ଛାତ୍ରମାନଙ୍କ ମଧ୍ୟରେ କେହି ୨ ଶକୁନ୍ତଳା କାଦମ୍ବରୀ ପ୍ରଭୃତି ପ୍ରସିଦ୍ଧ ଗ୍ରନ୍ଥରୁ ଚିହ୍ନିତ ଗଦ୍ୟ ମୌଖିକ ପାଠ କରିଥିଲେ ତାହା ମଧ୍ୟ ଶ୍ଲାଘ୍ୟ ହୋଇଥିଲା । ବାଳକମାନଙ୍କ ମୌଖିକ ପାଠ ଶେଷ ହେଲା ଉତ୍ତାରେ ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁତ କାମଯାଦ ବସୁ ମହାଶୟ ଛାତ୍ରମାନଙ୍କ ବିଦ୍ୟୋ- ଯାଚ ନିମନ୍ତେ ଗୋଟିଏ କ୍ଷୁଦ୍ର ବକ୍ତୃତା କଲେ । ତତ୍ପରେ ସଭାପତି ମହାଶୟ ଗୋଟିଏ ସୁଦୀର୍ଘ ବକ୍ତୃତାକଲେ ତାହା ନାନାପ୍ରକାର ଶବ୍ଦାଳଙ୍କାର ଓ ଅର୍ଥା- ଲଙ୍କାରରେ ବିଭୂଷିତା ହୋଇଥିଲା ପୁନଶ୍ଚ ଛାତ୍ର- ମାନଙ୍କ ଅଧ୍ୟୟନ ଶିକ୍ଷକମାନଙ୍କ ଅଧ୍ୟାପନା ସମ୍ପାଦକଙ୍କ ବିଦ୍ୟାଳୟ ପ୍ରତି ଯତ୍ନ ଓ ସଭ୍ୟମା- ନଙ୍କ ଦେଶୋନ୍ନତି ବିଷୟରେ ଉତ୍ସାହଦାତ୍ରୀ ହୋଇଥିଲା । ବସ୍ତୁତଃ ସେହି ବକ୍ତୃତା ସଭାପତି ମହାଶୟଙ୍କ ବିଶେଷ ବହୁଦର୍ଶିତାର ପରିଚାୟିକା ହୋଇଥିଲା । ପରେ ପାରିତୋଷିକ ପାଇବାର ଉପଯୁକ୍ତ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନାନନ୍ତର ସଭା ଭଙ୍ଗ ହେଲା ।

ପଞ୍ଚାମୃତ୍ତି ତା ୨୩ ରଣ ଜୁନ ୧୮୭୭ ମସିହା } କନୈକ ଦର୍ଶକ ଶ୍ରୀଃ——

### ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ବର୍ତ୍ତମାନ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | | |
|---|---|---|
| ବସ୍ତ୍ରହରଣ ... ... | ମୂଲ୍ୟ ସିଲାଇ ବନ୍ଧା | ଟ ୦/୧୦ |
| ଜୟଦ୍ରଥବଧ ... ... | ” ” | ଟ ୦/ |

### ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଜନାର୍ଦ୍ଦନ ଦାସ ଡେପୁଟି କଲେକ୍ଟର ... | ଟ ୩୲ ଙ୍କା |
| ” ” ଐ ଅଗ୍ରିମ ... | ଟ ୪୲ ଙ୍କା |
| ” ଗୋବିନ୍ଦବଲ୍ଲଭ ରାୟ ବାହାଦୁର ଅଗ୍ରିମ ... | ଟ ୩୲/ |
| ବକ୍ସୀ ଗୋପୀନାଥ ପଟ୍ଟନାୟକ ଥାନାଦାର ବିଜୟ | ଟ ୩୲/ |
| ବାବୁ ରାଧାକୃଷ୍ଣ ପଟ୍ଟନାୟକ ” ଅଗ୍ରିମ | ଟ ୩୲/ |

☞ ଏହି ଉତ୍କଳଦୀପିକା କଟକ ନଗରସ୍ଥ ବାଲୁବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୨ଶ
ସଂ ୨୭ ସଂଖ୍ୟା

ତା ୭ ଋଶ ମାହେ ଜୁଲାଇ ସନ ୧୮୭୭ ମସିହା । ମୁ । ଅଷାଢ଼ ବ ୨୫ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଇଁ ଡାକମାସୁଲ ଟ୧୲୵

ବାଲେଶ୍ୱର ନଗରରେ ବେଞ୍ଚମାଜିଷ୍ଟ୍ରେଟଙ୍କ ଦ୍ୱାରା ବାଲେଶ୍ୱର ଥାନା ଅନ୍ତର୍ଗତ ମୋକଦ୍ଦମାମାନ ବିଚାର ହେବାର ଆଜ୍ଞା ଗବର୍ଣ୍ଣମେଣ୍ଟ ବଙ୍ଗାଲରୁ ହୋଇଅଛି ଓ ତାହା ଗତ ପ୍ରକାଶିତ କଲିକତା ଗଜେଟରେ ଘୋଷଣା ଦିଆ ଯାଇ ଅଛି । ବେଞ୍ଚର ଭାର ସେଠା ଜଏଣ୍ଟମାଜିଷ୍ଟ୍ରେଟଙ୍କୁ ଦିଆ ଯାଇ ଅଛି ଓ ତାହାଙ୍କ ସଙ୍ଗେ ବେଞ୍ଚରେ ବସି ବିଚାର କରିବା ଲାଗି ବାବୁ ରାଧାରମଣ ଦାସ, ବାବୁ ଭଗବାନଚନ୍ଦ୍ର ଦାସ, ବାବୁ ପ୍ରସନ୍ନକୁମାର ଘୋଷାଲ ଓ ମୁନସି ଅବଦୁଲ ସୋଭାନ ଖାନ୍ ଏମାନେ ଅନରେରିମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇ ଅଛନ୍ତି ।

---

ଦଶପଲ୍ଲାକୁ କିଛିକାଳ ସକାଶେ ଖାସ କରିବା ପାଇଁ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଯେଉଁ ପତ୍ର ଗବର୍ଣ୍ଣମେଣ୍ଟ ବଙ୍ଗାଲକୁ ଲେଖିଥିଲେ ତହିଁର ଉତ୍ତର ଆସିଅଛି ଓ ତଦନୁସାରେ କର୍ମକାରକ ହେବା ସକାଶେ ସାହେବ ରାଜାଙ୍କୁ ଏ ନଗରକୁ ଡକାଇ ଅଛନ୍ତି । ଶୁଣାଯାଏ ଯେ ଗବର୍ଣ୍ଣମେଣ୍ଟ ଖାସ କରିବା ମତରେ ସମ୍ମତ ହୋଇ ନାହାନ୍ତି ଶ୍ରୀଯୁକ୍ତ ରେବନ୍‌ସାସାହେବ ଏଥିପୂର୍ବେ ଉକ୍ତ କିଲ୍ଲାର କାର୍ଯ୍ୟ ନିର୍ବାହ ସକାଶେ ଯେଉଁ ବନ୍ଦୋବସ୍ତ କରି ଯାଇ ଥିଲେ ସେହି ବନ୍ଦୋବସ୍ତରେ କାର୍ଯ୍ୟ ଚଳିବ ଓ କିଲ୍ଲାର ଖଜଣା ବନ୍ଦୋବସ୍ତ ସକାଶେ ଜଣେ ଉପଯୁକ୍ତ ଲୋକ ଏଠାରୁ ନିଯୁକ୍ତ ହୋଇ ଯିବ । ରାଜା ଏଠାରେ ଆସି ପହଞ୍ଚିଲେ ଅଳ୍ପଦିନରେ ବିଶେଷ କଥା ଜଣା ପଡ଼ିବ ।

---

ଗବର୍ଣ୍ଣମେଣ୍ଟ ଓଡ଼ିଆଗଜେଟ ଗତମାସର ତା ୨୯ ରିଖ ପର୍ଯ୍ୟନ୍ତ ବାହାରିଅସିଲଣି ଅର୍ଥ ପୂର୍ବପ୍ରାୟ ବିଳମ୍ବ ହେଉନାହିଁ । ଏଣିକି ପ୍ରତି ସପ୍ତାହରେ ନିୟମିତରୂପେ ବାହାରିବାର ଚେଷ୍ଟା ହେଲେ ବଡ ଭଲ ହେବ ମାତ୍ର ଗଜେଟରେ ଅନେକଗୁଡ଼ିଏ ଅପ୍ରୟୋଜନୀୟ ବିଷୟ ଅବଧି ଲକ୍ଷିତ ହେଉଅଛି । ଯଥା ଗତ ଗଜେଟରେ ଡାକ୍ତରୀର ଟିକଟ ରକ୍ଷିବା ଓ ବିକ୍ରୟର ତଥ୍ୟମାନ ଛାପିବାରେ ପୃ ୯ ଷ୍ଠା ଯାଇଅଛି । ଏ ବିଧି ଛାପିବା ଅପେକ୍ଷା ନିଷ୍ପ୍ରୟୋଜନ ଓ ଯଦ୍ୟପି ତହିଁରେ କାହାର ପ୍ରୟୋଜନ ଥିବାର ବୋଲାଯାଇପାରେ ତଥାପି ତାହା ଦୁଇପୃଷ୍ଠାରୁ ଅଧିକ ନୁହଇ ଓ ତହିଁସଙ୍ଗେ ବୃଥାରେ ପୃ ୧୧ ଷ୍ଠା କେବଳ ନକ୍ସା ଛାପା ହୋଇଅଛି । ଏପରି ବୃଥା ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ଟଙ୍କା କାହିଁକି ବ୍ୟୟ ହେଉଅଛି କମିଶନରସାହେବ ଥରେ ଗଜେଟର ଅବସ୍ଥା ପ୍ରତି ଦୃଷ୍ଟି କଲେ ବଡ ଭଲ ହେବ ।

---

ଜନରବ ଶୁଣାଯାଏ ଯେ ବାବୁ ବରଦାକାନ୍ତ ମଜୁମଦାର ଡେପୁଟୀକଲେକ୍ଟର ବାଲେଶ୍ୱରରୁ କଟକକୁ ବଦଳିହୋଇ ଆସିବେ । ଯାଜପୁରର ଡେପୁଟୀକଲେକ୍ଟର ବାବୁ ଅତୁଳଚନ୍ଦ୍ର ମୁଖର୍ଯ୍ୟା ବାଲେଶ୍ୱରକୁ ଯିବେ ଏବଂ କଟକର ଆସିଷ୍ଟାଣ୍ଟ କଲେକ୍ଟର ଫେଗ୍ରର ସାହେବ ଯାଜପୁର ସବଡିଭିଜନର ଭାର ନେବେ । ଯାଜପୁର ସବଡିଭିଜନଟି ଏ ଜିଲ୍ଲା ମଧ୍ୟରେ ଅତ୍ୟନ୍ତ କଠିନ ସ୍ଥାନ ଓ ଅତୁଳବାବୁ ସେ ସ୍ଥାନ ଶାସନ କରିବାର ଯୋଗ୍ୟ ଥିଲେ । ଫେଗ୍ରରସାହେବ ଜଣେ ଭଲ ହାକିମ ଏଥିରେ ସନ୍ଦେହ ନାହିଁ ମାତ୍ର ତାହାଙ୍କର ବହୁଦର୍ଶିତା ହୋଇ ନ ଥିବାରୁ ସେ ଦୁଷ୍ଟଲୋକମାନଙ୍କୁ ଦମନ କରିବେ ଏମନ୍ତ ସମ୍ଭବ ବୋଧ ହେଉ ନାହିଁ । କେନ୍ଦ୍ରାପଡ଼ାରେ ଫିଲିପସ୍ ସାହେବଙ୍କ ଶାସନ ବିରୁଦ୍ଧରେ ଅନେକ କଥା ଶୁଣାଯାଉ ଅଛି । ବାସ୍ତବରେ ଅଳ୍ପଦିନ ଚାକିରି କରିଥିବା ଆସିଷ୍ଟାଣ୍ଟ କଲେକ୍ଟରଙ୍କଠାରୁ ପ୍ରବୀଣ ଡେପୁଟୀକଲେକ୍ଟରମାନେ ସବଡିଭିଜନର ଭାର ଗ୍ରହଣ କରିବାକୁ ଅଧିକ ଯୋଗ୍ୟ ମାତ୍ର ଦୁଃଖର ବିଷୟ ଯେ କର୍ତ୍ତୃପକ୍ଷମାନେ ଏହା ବିଚାରି ନ କରି କେବଳ ଆସିଷ୍ଟାଣ୍ଟମାନଙ୍କୁ ସବଡିଭିଜନର ଭାର ଦେବାର ଚେଷ୍ଟା କରନ୍ତି ।

---

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ଗତ ମାସ ତା ୨୬ ରିଖ ଅପରାହ୍ନ କାଳରେ ବାବୁ ମଦନମୋହନ ଦାସଙ୍କ ବୈଠକଖାନାରେ ଉକ୍ତ ବାବୁଙ୍କ ସ୍ଥାପିତ ବିଦ୍ୟାଳୟ ଏବଂ ହିନ୍ଦୁ ବାଳିକା ବିଦ୍ୟାଳୟର ବାର୍ଷିକ ପାରିତୋଷିକ ବିତରଣ ଉପଲକ୍ଷରେ ସଭା ହୋଇଥିଲା । ଶ୍ରୀଯୁକ୍ତ ବିମ୍ସ ସାହେବ ଏ ସଭାର ସଭାପତି ହେବାକୁ

Digitized by srujanika@gmail.com

Split by PDF Splitter



ସମ୍ପନ୍ନ ହୋଇଥିବାରୁ ଏ ଥରର ସଭାକୁ ବର୍ତ୍ତ-ପ୍ରକାରରେ ଅଧିକ ସୁନ୍ଦର କରିବାର ଯତ୍ନ ହୋଇଥିଲା ଓ ତାହା ଅତ୍ୟନ୍ତ ସଫଳ ମଧ୍ୟ ହୋଇଥିଲା । ସଭା ଗୃହ ଅତି ରମଣୀୟରୂପେ ସୁସଜ୍ଜିତ ହୋଇଥିଲା ଏବଂ ନଗରର ଦେଶୀୟ ବିଦେଶୀୟ ଅନେକ ଭଦ୍ରଲୋକ ଓ ଉଚ୍ଚ କର୍ମଚାରୀମାନେ ଉପସ୍ଥିତ ହୋଇଥିଲେ । ବାଳକମାନଙ୍କର ଅଭିନୟ ଓ ଇଂରାଜୀ ଉଚ୍ଚାରଣ ଦେଖି ଶୁଣି ସଭ୍ୟମାନେ ବଡ଼ ଆନନ୍ଦିତ ହୋଇଥିଲେ ଓ ବାଳକ ବାଳିକାଙ୍କର ଉତ୍ସାହ ବର୍ଦ୍ଧନ ସକାଶେ ବାବୁଙ୍କର ପୁରସ୍କାର ଛଡ଼ା ଉପସ୍ଥିତ ଭଦ୍ରଲୋକମାନେ ପ୍ରାୟ ୫୧୫୦/ ଙ୍କା ପାରିତୋଷିକ ଦାନ କରିଥିଲେ । ଶ୍ରୀଯୁକ୍ତ ବାମ୍ସ ସାହେବ ସଭାପତି ସ୍ୱହସ୍ତରେ ପାରିତୋଷିକ ବିତରଣ କରି ସାରି ଗୋଟିଏ ସୁନ୍ଦର ବକ୍ତୃତା କରିଥିଲେ । ପାଠକଙ୍କ ଜାଣିବା କାରଣ ଉକ୍ତ ବକ୍ତୃତାଟି ଏଠାରେ ଉଦ୍ଧୃତ କଲୁଁ ।

" ପୂର୍ବେ ଏ ଦେଶୀୟ ଲୋକମାନଙ୍କର ଏପରି ଏକ ଜ୍ଞାନ ଥିଲା ଯେ, କି ଶିକ୍ଷାକାର୍ଯ୍ୟ କି ସ୍ୱଦେଶ ହିତକର ଅନ୍ୟ କୌଣସି କାର୍ଯ୍ୟ ଗଭର୍ଣ୍ଣମେଣ୍ଟଙ୍କ ବିନା ସାହାଯ୍ୟରେ ସମ୍ପାଦିତ ହୋଇ ନ ପାରେ, ମାତ୍ର ସେ ଜ୍ଞାନ ଅଧୁନା ଏମାନଙ୍କ ମନରୁ କ୍ରମଶଃ ଦୂରୀଭୂତ ହେଉ ଅଛି । ସ୍ୱଦେଶର ଉନ୍ନତି ସ୍ୱଦେଶୀୟ କୃତବିଦ୍ୟ ଧନୀ ଓ ଉତ୍ସାହୀ ପୁରୁଷଙ୍କ ହାତରେ ଅଛି । କେବଳ ଆପଣା ମଧ୍ୟରେ ଚେଷ୍ଟା ସେମାନଙ୍କର ସବୁ ଅଭାବକୁ କ୍ଷୟ କରିବ । ଆମ୍ଭେ ବାଲେଶ୍ୱରର ଲୋକଙ୍କ ମଧ୍ୟରେ ଯେପରି ସ୍ୱଦେଶାନୁରାଗ ଦେଖୁଁ ଭାରତବର୍ଷର ଅନ୍ୟ କୌଣସି ଠାରେ ସେପରି ଦେଖି ନାହୁଁ । ବାବୁ ମଦନମୋହନ ଦାସଙ୍କର ଏହି ବିଦ୍ୟାଳୟ ଗଭର୍ଣ୍ଣମେଣ୍ଟରୁ କିଛି ମାତ୍ର ସାହାଯ୍ୟ ନ ପାଇ ସୁଦ୍ଧା କେମନ୍ତ ଉନ୍ନତି ଲଭି ଅଛି ! ଏ ବିଦ୍ୟାଳୟର ଛାତ୍ରମାନେ କେତେଦୂର ଶିକ୍ଷିତ ଅଛନ୍ତି ତାହା ଆମ୍ଭେ ଜାଣୁ ନା ମାତ୍ର ଏହି ଅଭିନୟରୁ ଜାଣିଲୁଁ ଯେ ସେମାନଙ୍କର ଇଂରାଜୀ ଉଚ୍ଚାରଣ ଅତି ଉତ୍ତମ, ଆଶା କରୁଁ ଅନ୍ୟାନ୍ୟ ଜମିଦାରମାନେ ବାବୁଙ୍କ ଉଦାହରଣର ଅନୁବର୍ତ୍ତୀ ହେଉନ୍ତୁ, ସେମାନେ ଆପଣା ଜମିଦାରିରେ ଏହିପରି ବିଦ୍ୟାଳୟମାନ ସ୍ଥାପନ କରି ପ୍ରଜାମାନଙ୍କୁ ଜ୍ଞାନଚକ୍ଷୁ ପ୍ରଦାନ କରନ୍ତୁ । ବାଳିକାବିଦ୍ୟାଳୟ ସମ୍ବନ୍ଧରେ ଆମ୍ଭର ବକ୍ତବ୍ୟ ଏହି ଯେ, ମାତା ଶିକ୍ଷିତ ନ ହେଲେ କୌଣସି ଜାତିର ଶିକ୍ଷାର ପ୍ରକୃତ ଉନ୍ନତି ହେବାକୁ ନ ପାରେ, ଆମ୍ଭମାନଙ୍କର ଏତେଦୂର ଉନ୍ନତିର ଗୋଟିଏ କାରଣ ଆମ୍ଭମାନଙ୍କ ଶିକ୍ଷିତା ମାତା, ଅତଏବ ସ୍ତ୍ରୀଶିକ୍ଷା ବିଷୟରେ ବିଶେଷ ଯତ୍ନବାନ ହେବା ଉଚିତ ।

ଉପସଂହାର ସ୍ଥଳରେ ଆମ୍ଭର ବକ୍ତବ୍ୟ ଏହି ଯେ ବାରବାଟୀ ବିଦ୍ୟାଳୟ ପ୍ରତି ବାବୁ ମଦନମୋହନ ଦାସ ଓ ତାଙ୍କ ପୁତ୍ର ବାବୁ ଭଗବାନଚନ୍ଦ୍ର ଦାସ ଏବଂ ବାଳିକାବିଦ୍ୟାଳୟ ପ୍ରତି ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ଯେପରି ଯତ୍ନ ଓ ପରିଶ୍ରମ ସ୍ୱୀକାର କରି ଉନ୍ନତି କରୁଅଛନ୍ତି ସେଥି ନିମନ୍ତେ ଏମାନଙ୍କୁ ଧନ୍ୟବାଦ ପ୍ରଦାନ କରୁଁ । "

ଏହାପରେ ଗୃହରେ ବାବୁ ଉପେନ୍ଦ୍ର ମଣ୍ଡଳଙ୍କ ଘରଠାରେ ଶ୍ରୀଯୁକ୍ତ ବାମ୍ସ ସାହେବଙ୍କର ଅଭ୍ୟର୍ଥନା ହୋଇଥିଲା । ଏ ଅଭ୍ୟର୍ଥନାର କାର୍ଯ୍ୟସବୁ ହିନ୍ଦୁ ରୀତିମତ ଅନୁସାରେ ସମ୍ପାଦିତ ହୋଇଥିଲା ଓ ତହିଁ ସଙ୍ଗେ କିଛି ଭୋଜନାଦି ଓ ନାଚ ମଧ୍ୟ ଥିଲା । ନଗରବାସୀ ସମସ୍ତ ସମ୍ପ୍ରଦାୟର ଦେଶୀୟ ଭଦ୍ରଲୋକମାନେ ସେଠାରେ ସମବେତ ହୋଇଥିଲେ । ସାହେବମହୋଦୟ ସନ୍ଧ୍ୟା ଘ ୯ ଘଣ୍ଟା ସମୟରେ ସଭାରେ ଉପସ୍ଥିତ ହୋଇ ଅଭ୍ୟର୍ଥନା ଲକ୍ଷଣପୂର୍ବକ ସଭ୍ୟମଣ୍ଡଳଙ୍କୁ କୃତାର୍ଥକରି ପ୍ରସ୍ଥାନ କଲେ ।

ଏହିରୂପେ ପାଠକମାନେ ଦେଖିବେ ଯେ ବାଲେଶ୍ୱର ଭଦ୍ରଲୋକମାନେ ଶ୍ରୀଯୁକ୍ତ ବାମ୍ସ ସାହେବଙ୍କର ଯେମନ୍ତ ସମ୍ମାନ କରିଅଛନ୍ତି ଏମନ୍ତ ଭାରତବର୍ଷର କୌଣସି ନଗର ଲୋକ କୌଣସି କମିଶନରସାହେବଙ୍କ କରି ନାହାନ୍ତି ଓ ଏଥିରେ ସାହେବପ୍ରଶଂସିତ ଏପ୍ରକାର ସନ୍ତୋଷ ହୋଇ ଅଛନ୍ତି ଯେ ବାଲେଶ୍ୱରପରି କୌଣସି ସ୍ଥାନ ଭାରତବର୍ଷରେ ଦେଖି ନ ଥିବାର ପୁନଃ ପୁନଃ ସ୍ୱୀକାର କରି ଅଛନ୍ତି । ବାସ୍ତବରେ ଯେବେ ଶ୍ରୀଯୁକ୍ତ ବାମ୍ସ ସାହେବ ଓଡ଼ିଶାର କମିଶ୍ନର ହୋଇ ନ ଥାନ୍ତେ ତେବେ ବାଲେଶ୍ୱରବାସିଙ୍କର ତାହାଙ୍କପ୍ରତି ଏତାଦୃଶ ଭକ୍ତି ଓ ସ୍ନେହ ଥିବା ବୋଲି ଆମ୍ଭେମାନେ ଜାଣିପାରି ନ ଥାନ୍ତୁ ।

## ଓଡ଼ିଶା ଗଡ଼ଜାତ ।

ଶ୍ରୀଯୁକ୍ତ ବାମ୍ସ ସାହେବ ଓଡ଼ିଶାର କମିଶ୍ନର ଓ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ହେବାରେ ଗଡ଼ଜାତର ମଙ୍ଗଳ ହେବାର ଅନେକ ସୂଚନା ଦେଖାଯାଇଅଛି । ସାହେବ ପ୍ରଶଂସିତଙ୍କର ଶୁଭକାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ଅନେକ ଗଡ଼ଜାତର ପ୍ରଜାମାନେ ଏଠାକୁ ଆସି ଅନେକଦିନପତ୍ର ଦ୍ୱାରା ଆପଣା ଦୁଃଖ ଜଣାଇଲେ ଓ ଅବଧି ତହିଁର ସ୍ରୋତ ବନ୍ଦ ହୋଇ ନାହିଁ । କେହି କେହି ଅନୁମାନ କରୁଥାନ୍ତି ଯେ ଶ୍ରୀଯୁକ୍ତ ବାମ୍ସ ସାହେବ ବାଲେଶ୍ୱରରେ ଥିଲାବେଳେ ପ୍ରଜାଙ୍କର ମଙ୍ଗଳାକାଂକ୍ଷୀ ବୋଲି ସ୍ପଷ୍ଟ ହୋଇଥିଲେ ସେହି ହେତୁରୁ ପ୍ରଜାମାନଙ୍କର ପ୍ରକୃତ ଦୁଃଖ ଥାଉ ବା ନ ଥାଉ ସେମାନେ ଉତ୍ସାହିତ ହୋଇ ରାଜାଙ୍କ ବିରୁଦ୍ଧରେ ଗୁହାରି କରୁଅଛନ୍ତି ମାତ୍ର ଏକାରଣ ସମ୍ଭବ ନୁହଇ ଯେହେତୁ ଗଡ଼ଜାତର ପ୍ରଜାମାନେ ଏସବୁ ସମାଚାର ପାଇଥିବାର ଅନୁମାନ ହୋଇ ନ ପାରେ ଏବଂ ଶ୍ରୀଯୁକ୍ତ ରେବେନସା ସାହେବଙ୍କ ସମୟରେ ମଧ୍ୟ ସେମାନେ ଅନେକଥର ଆପଣା ଦୁଃଖ ଜଣାଇ ପ୍ରତୀକାର ନ ପାଇବାରୁ ଶେଷକୁ ତୁନି ହୋଇ ରହିଥିଲେ । ଏଥିରୁ ବୋଧ ହୁଅଇ ଯେ ଅନେକସ୍ଥଳରେ ସେମାନଙ୍କର ପ୍ରକୃତ ଗୁହାରି କରିବାର ହେତୁ ଅଛି ବୋଲି ଏପରି କରୁଅଛନ୍ତି । ଶ୍ରୀଯୁକ୍ତ ରେବେନସା ସାହେବ ଯେ ଗଡ଼ଜାତର ମଙ୍ଗଳାକାଂକ୍ଷୀ ଥିଲେ ଓ କେତେକ ମଙ୍ଗଳସାଧନ କରିଅଛନ୍ତି ଏଥିରେ ସନ୍ଦେହ ନାହିଁ । କେବଳ ତାହାଙ୍କର ନୀତି ଏକପ୍ରକାର ଥିଲା । ସେ ରାଜାମାନଙ୍କୁ ଆପଣା ପୁତ୍ରବତ୍ ସ୍ନେହ କରୁଥିଲେ ଓ ତାହାଙ୍କର ଗୌରବ ସର୍ବଦା ଲୋଡ଼ୁଥିଲେ । ଏମନ୍ତ କି ରାଜାଙ୍କର କୌଣସି ବାର୍ତ୍ତେ ଯେମନ୍ତ ତ ପଣେ ଅନର୍ଥକ ବ୍ୟୟ ନ ହୁଅଇ ଓ ସେମାନେ ସମସ୍ତେ ଧନବାନ ହୋଇ ଆପଣା ରାଜ୍ୟ ସ୍ୱାଧୀନରୂପେ ପାଳନ କରନ୍ତୁ ସର୍ବଦା ଏହିକଥା ସେ ମନାସୁ ଥିଲେ । ମାତ୍ର ଯେମନ୍ତ ବୃଦ୍ଧ ପିତା ଆପଣା ସନ୍ତାନକୁ ଅତ୍ୟନ୍ତ ସ୍ନେହ କରେ ଓ କୌଣସି କଥାରେ ତାଡ଼ନା କରିବାକୁ ମନ ପାଏ ନାହିଁ ସେହିପରି ସେ ରାଜାମାନଙ୍କ ସଙ୍ଗେ ବ୍ୟବହାର କରୁଥିଲେ । ରାଜାଙ୍କର ବହୁ ଅନ୍ୟାୟ କାର୍ଯ୍ୟ ଶୁଣିଲେ ତହିଁପାଇଁ ତାହାଙ୍କୁ ତାଡ଼ନା ନ କରି ମିଷ୍ଟବାକ୍ୟ ଓ ସଦୁପଦେଶଦ୍ୱାରା ସେମାନଙ୍କୁ ସୁପଥରେ ଆଣିବାର ଚେଷ୍ଟା କରୁଥିଲେ । ଏଥିରୁ ବର୍ତ୍ତମାନ ଗଡ଼ଜାତ ରାଜାମାନେ ପ୍ରାୟ ସମସ୍ତେ ତରୁଣବୟସ୍କ ସୁତରାଂ କେବେ ଏହାଙ୍କୁ ରକ୍ତଚକ୍ଷୁ ନ ଦେଖାଇଲେ କେବଳ ଉପଦେଶରେ ଶାସିତ ହେବା ଅନେକଙ୍କ ପକ୍ଷରେ ଏକପ୍ରକାର ଅସମ୍ଭବ ଥିଲା । ଏହି ଅପରିମିତ ବାତ୍ସଲ୍ୟ ସ୍ନେହର ବଶବର୍ତ୍ତୀ ହୋଇ ରାଜାଙ୍କ ବିରୁଦ୍ଧରେ କୌଣସି ପ୍ରଜା

Digitized by srujanika@gmail.com

ଗୁହାରି କଲେ ସେ ତାହା ନ ଶୁଣି ପ୍ରଜାଙ୍କ ନିକଟରେ ଗୁହାରି କରିବାକୁ ଉକ୍ତ ପ୍ରଜାଙ୍କୁ ଆଜ୍ଞା ଦେଇଥିଲେ । ଏ ନ୍ୟାୟ ଯେ ମନ୍ଦ ଥିଲା ତାହା ମାନ୍ୟବର ଇଡନ ସାହେବ କଟକ ଜିଲାର କଲେକ୍ଟର ଥିବାବେଳେ ଅତ୍ୟନ୍ତ କୌତୁକ ପ୍ରକାରରେ ବୁଝାଇ ଦେଇ ଯାଇଅଛନ୍ତି ଓ ଯେଉଁ ଉପଲକ୍ଷରେ ସେ ତାହା କହିଥିଲେ ସେହି ଘଟନା ପାଠକଙ୍କୁ କହି ଦେଲେ ଆମ୍ଭମାନଙ୍କର ଭାବ ବୁଝାଯିବ । ଉକ୍ତ ଘଟନା ଏହି ଯେ ଏକ ତାଳଗଡ଼ଜାତର କେତେକ ପ୍ରଜା ମିଶି ରାଜାଙ୍କ ବିରୁଦ୍ଧରେ ସେସନ୍ସର କମିଶନରଙ୍କ ନିକଟରେ ଦରଖାସ୍ତ କଲେ । କମିଶନର ସାହେବ ପ୍ରଜାଙ୍କ କଥା କିଛି ନ ବୁଝି ସେ ଦରଖାସ୍ତ ଉପରେ ଏହି ଆଜ୍ଞା ଲେଖି କଲେକ୍ଟର ସାହେବଙ୍କ ନିକଟକୁ ପଠାଇ ଦେଲେ ଯେ ଦରଖାସ୍ତକାରିଙ୍କୁ ସାହେବ ବୁଝାଇ ଦେବେ ଯେ ସେମାନେ ରାଜାଙ୍କ ନିକଟରେ ଦରଖାସ୍ତ କରି ଆପଣା ୨ ଗୁହାରି ସବୁ ନିକାଶ କରି ନେବେ । ମାନ୍ୟବର ଇଡନ ସାହେବ ଏହାକୁ ଦେଖି କହିଲେ " ଏକ ବଡ଼ ବିଚିତ୍ର ଆଜ୍ଞା ଅଟଇ । ଛେଳିମାନେ ବାଘର ଅତ୍ୟାଚାର ସହି ନ ପାରି ହାକିମ ପାଖରେ ଗୁହାରି କଲେ ଯେ ବାଘ ଜ୍ୱାଳାରେ ଆମ୍ଭେମାନେ ରହିପାରୁଁ ନାହିଁ, ଆମ୍ଭଙ୍କୁ ରକ୍ଷା କର, ତହୁଁ ହାକିମ ବାଘକୁ ଡକାଇ କହିଲେ ତୁ ପାଡ଼ି ନେଇ କର ଓ ଛେଳିମାନଙ୍କୁ ଟିକି ୨ କରି ତାହା ମୁହଁରେ ପକାଇ ଦେଲେ" । ଏଥିରୁ ପାଠକମାନେ ଅନୁମାନ କରନ୍ତୁ ଯେ ପ୍ରଜାମାନେ ଗୁହାରି କଲେ ତାହାଙ୍କ କଥା ନ ବୁଝି ରାଜା ପାଖରେ ଗୁହାରି କରିବାକୁ ସେମାନଙ୍କୁ କହି ଦେବା କେମନ୍ତ ବିଚିତ୍ର ନ୍ୟାୟ ଅଟଇ । ସୁଖର ବିଷୟ ଯେ ଶ୍ରୀଯୁକ୍ତ ବାମ୍ସ ସାହେବ ଏହିଭଳି ନ୍ୟାୟକୁ ଅବଲମ୍ବନ କରି ନାହାନ୍ତି ତାହାଙ୍କ ନିକଟରେ ପ୍ରଜାମାନେ ଦରଖାସ୍ତ ଦେଲେ ସେ ରାଜାଙ୍କ ଠାରୁ କୈଫିୟତ ତଲବ କରୁଅଛନ୍ତି ଏବଂ ତହିଁର ବିଚାର କରିବାକୁ ପ୍ରସ୍ତୁତ ଅଛନ୍ତି । ରାଜାମାନେ କୈଫିୟତ ତଲବ ହେବାର ଦେଖି ବ୍ୟସ୍ତ ହେଲେଣି ସେମାନେ ଜାଣିଲେଣି ଯେ ବାମ୍ସ ସାହେବଙ୍କ ଠାରେ କରମ ଧରମ ଦର କଥା ଅଛି ଓ ଦଶପଲ୍ଲା ରାଜାଙ୍କ ବିରୁଦ୍ଧରେ ଯେଉଁ ରିପୋର୍ଟ ହୋଇଥିଲା ସେଥିର ସମ୍ବାଦ ଶୁଣି ସେମାନେ ସ୍ପଷ୍ଟ ବୁଝିଅଛନ୍ତି ଯେ ଏହାଙ୍କ ଅମଳରେ ଆଉ ପୂର୍ବକାଳର ଅଳସ୍ୟ ଓ ଅମନୋଯୋଗିତା ଚଳିବ ନାହିଁ ଏଥିର ସେଲ କୌଣସିମାନ ଶାନ୍ତ ସ୍ୱଜଧର୍ମମାନ ସୁରୂପେ ପାଳନ କରିବାକୁ ହେବ । ଏଥିମଧ୍ୟରେ ଆମ୍ଭେମାନେ ଶୁଣିଲୁଣି ଯେ କେହି ୨ ରାଜାଙ୍କର ଉତ୍ତମ ବ୍ୟବହାର ଅନେକ ସୁମାର୍ଗକୁ ଆସିଲାଣି ଓ ଅପର ରାଜାମାନେ ମଧ୍ୟ ସେହି ଚେଷ୍ଟାରେ ଅଛନ୍ତି । କାଲଗିର ରାଜାଙ୍କ ବିରୁଦ୍ଧରେ ଅନେକ ପ୍ରଜା ଦରଖାସ୍ତ ଦେଇଥିଲେ ଓ ସେସବୁରେ ରାଜାଙ୍କୁ କୈଫିୟତ ତଲବ ହୋଇ ବାଲେଶ୍ୱର ମୁକାମରେ ବିଚାର ହେବାର ଥିଲା ଏଥିରୁ ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ରାଜା ସ୍ୱବିବେଚନା ପୂର୍ବକ ପ୍ରଜାମାନଙ୍କ ରାଜି କରି ନେବାରେ ଆଉ ମୋକଦ୍ଦମା ବୁଝିବାର ଦରକାର ହେଲା ନାହିଁ ଓ ଏମନ୍ତ ଭରସା ହୁଏଇ ଯେ ସେଠାରେ ରାଜା ପ୍ରଜାଙ୍କର ଅମେଳ ଆଉ ରହିବ ନାହିଁ । ଏହି ଅମେଳର କଥା ଆମ୍ଭେମାନେ କେତେକାଳରୁ ଶୁଣି ଆସୁଅଛୁଁ । ପୂର୍ବ ହାକିମଙ୍କ ଅମଳଦଶା ଯାକ ଏହା ଚାଲି ଆସିଲା କହିଲେ ଅତ୍ୟୁକ୍ତି ହେବ ନାହିଁ କିନ୍ତୁ ଶ୍ରୀଯୁକ୍ତ ବାମ୍ସ ସାହେବ ଥରେ ମାମଲା ବୁଝିବାକୁ ପ୍ରସ୍ତୁତ ହେବାରୁ ତାହା ପରେ ୨ ନିଷ୍ପତ୍ତି ହୋଇଗଲା । ଆଉ ତାହାଙ୍କୁ ମାମଲା ବୁଝିବାକୁ ହେଲା ନାହିଁ । ଆମ୍ଭେମାନେ ଏସମସ୍ତ ଫଳ ଦେଖି ବଡ଼ ଆନନ୍ଦିତ ହୋଇଅଛୁଁ ଓ ଯେବେ ଏହି ନ୍ୟାୟନୀତି ସୀମା ଲଙ୍ଘନ କରି କୌଣସି ଏକଆଡ଼କୁ ମାତି ନ ଯାଏ ତେବେ ଗଡ଼ଜାତର ଅବସ୍ଥା ଅନେକ ଭଲ ହେବ ସନ୍ଦେହ ନାହିଁ ।

---

ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଏଥିପୂର୍ବେ ଶାଣିଅ ପ୍ରଗଣାର ଯେଉଁ ବିଷଖିଆ ମକଦ୍ଦମା ଓ ଦର୍ପଣୀ ଇଲାକାରେ ବଳାତ୍କାରୀ ମକଦ୍ଦମା ବିଷୟ ଏ ସମ୍ବାଦପତ୍ରରେ ତଦନ୍ତ ହେଉଥିବାର ଲେଖାଥିଲା ସେ ମକଦ୍ଦମାମାନ ପ୍ରମାଣ ହେବାରୁ ଏଠା ଡେପୁଟୀ ମାଜେଷ୍ଟ୍ରେଟ ଆସାମିମାନଙ୍କୁ ଦଉରା ସପୋର୍ଦ କରି ଅଛନ୍ତି । ଶ୍ରୀଯୁକ୍ତ ହରେକୃଷ୍ଣଦାସ ଜମିଦାରଙ୍କ ନାଏବ ବମ୍ବାଧରଦାସ ପ୍ରଭୃତି ଉପରୋକ୍ତ ବିଷଖିଆ ମକଦ୍ଦମାରୁ ପୁଲିସ ହେଡକନଷ୍ଟବଲ ନିକଟରେ ସାପକାଟି ଇସ୍ତାହାର କରାଇ ଆସାମିଙ୍କଠାରୁ ଘୁଷବଲ୍ଲ ନେଇ ପ୍ରକୃତ ମକଦ୍ଦମା ଲୁଚାଇଥିବା ଅପରାଧ ସାକ୍ଷିଙ୍କ ଯୋବାନବନ୍ଦୀରୁ ପ୍ରମାଣ ହେବାରୁ ନାଏବ ପ୍ରଭୃତି ଦଣ୍ଡବିଧି ଆଇନର ଦ ୨୦୧ ଧାରାରେ ଦଉରା ସପୋର୍ଦ ହୋଇ ଅଛନ୍ତି । ଏ ଅଞ୍ଚଳରେ ଗତ ମାସ ତା ୧୨ ରିଖଠାରୁ ତା ୨୮ ରିଖ ପର୍ଯ୍ୟନ୍ତ ବିଶେଷ ଅର୍ଥାତ ୧୨ ଇଞ୍ଚ ପରିମାଣ ବୃଷ୍ଟି ହୋଇ ବୈତରଣୀ ନଦୀ ପ୍ରବଳରୂପେ ବଢ଼ିଅଛି । ନଦୀ, ବିଲ ଓ ଖାଲସବୁ ଜଳପୂର୍ଣ୍ଣ ହୋଇ ସମାନ ହୋଇଅଛି । ଦୁଃଖର ବିଷୟ ଯେ ଏ ଯାଜପୁର ସହରଠାରୁ ଏକମାଇଲ ଦୂରରେ ଜଗତେଶ୍ୱର ନାମକ ପୋଲ ଯାହା ୪ । ୫ ବର୍ଷ ହେବ ବଢ଼ିପାଣି ସ୍ରୋତରେ ଭଙ୍ଗି ଯାଇଅଛି ସେଠାରେ ଏକଖଣ୍ଡ ଛୋଟ କିସ୍ତିଯୋଗେ ଦଶଜଣ ମନୁଷ୍ୟ ପାର ହେବା ସମୟରେ ଦୁର୍ଭାଗ୍ୟକ୍ରମେ ମଲ୍ଲାଙ୍କ ହାତରୁ ନାଉ ଖସିଯିବାରୁ ଉକ୍ତ କିସ୍ତି ବେଗସ୍ରୋତରେ ପଡ଼ି ଭଙ୍ଗା ପୋଲର କାନ୍ଥରେ ପିଟିହୋଇ ବୁଡ଼ିଯିବାରୁ ଆଠଜଣ ପହଁରି ପ୍ରାଣ ରକ୍ଷା କରି ଅଛନ୍ତି ବାକି ଦୁଇଜଣ ବୁଡ଼ି ମରି ଅଛନ୍ତି ଉପର ଉକ୍ତ ପୋଲର ଅବସ୍ଥା ଏପରି ମନ୍ଦ ଥିବାରୁ ବର୍ଷାକାଳରେ ପଥିକମାନେ ଉକ୍ତ ସ୍ଥାନରେ ଅକଥନୀୟ କ୍ଳେଶ ପ୍ରତିବର୍ଷ ସହ୍ୟ କରନ୍ତି ଯଦି ଗବର୍ଣ୍ଣମେଣ୍ଟ କିଛି ଅଧିକ ପରିମାଣ ଅର୍ଥ ବ୍ୟୟ କରି ଉକ୍ତ ପୋଲ ଦୃଢ଼ରୂପେ ପ୍ରସ୍ତୁତ କରନ୍ତି ତାହା ହେଲେ ଉକ୍ତ ସ୍ଥାନରେ ପୋଲ ସ୍ଥାୟୀ ହେବ ଓ ଲୋକମାନେ କ୍ଳେଶରୁ ରକ୍ଷା ପାଇବେ । ଏ ସମ୍ବାଦଦାତାଙ୍କ ଇଲାକାରେ ବହୁସଂଖ୍ୟକ ଲୋକ ଜ୍ୱରବେମାରରେ ମରୁଅଛନ୍ତି ବର୍ତ୍ତମାନ ହୋଇଥିବା ବଢ଼ି ଶୀଘ୍ର ଶୁଖିଯାଉଥିବାରୁ ଧାନଫସଲପ୍ରତି କିଛି କ୍ଷତି ହୋଇ ନାହିଁ ।

ଦେଓାନୀ ଅଦାଲତର ନୂତନ ଆଇନରେ ବିଧି ହୋଇଅଛି ଯେ ମୁଦ୍ଦେଇ କୌଣସି ଏକ ମୁଦ୍ଦାଲା ନାମରେ ନାଲିଶ କଲେ ଅଦାଲତ ଦାଖଲ ଅର୍ଜି ସହିତ ମୁଦ୍ଦାଲାକୁ ଓ୍ୟାକିବ କରାଇବା ନିମନ୍ତେ ଉକ୍ତ ଅର୍ଜିର ଏକପରସ୍ତ ନକଲ ଦାଖଲ କରିବାକୁ ହେବ କିନ୍ତୁ ଏକ ମକଦ୍ଦମାରେ କେତେଏକଜଣ ମୁଦ୍ଦାଲାଙ୍କୁ ଦେବାନିମନ୍ତେ ଏକ ୨ କପି ଅର୍ଜିର ନକଲ ମୁଦ୍ଦେଇ ପ୍ରସ୍ତୁତକରି ଦାଖଲ କଲେ ତାକୁ ବିଶେଷ କ୍ଷତିଗ୍ରସ୍ତ ହେବାକୁ ହେବ ଓ ଉକ୍ତ ନକଲମାନ ପ୍ରସ୍ତୁତ କରାଇବା ଖର୍ଚ୍ଚା ବାଦୀ ପ୍ରତିବାଦୀଠାରୁ ପାଇବାର କିଛି ବିଧି ଦେଖାଯାଉ ନାହିଁ ।

---

Split by PDF Splitter

Digitized by srujanika@gmail.com

Split by PDF Splitter



# ସାପ୍ତାହିକସଂବାଦ ।

ବାବୁ କେଶବ ଚନ୍ଦ୍ର ମହାପାତ୍ର କଲିକତା ଭାମ୍ବଲ ମେଡିକେଲ କଲେଜରେ ୫ ବର୍ଷ ଅଧ୍ୟୟନ କରି ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏଠାକୁ ଆସି ଅଛନ୍ତି । ଏ ବ୍ୟକ୍ତି ଛାତ୍ରବୃତ୍ତି ସହିତ ଏ ଜିଲାରୁ ଉକ୍ତ ସ୍କୁଲକୁ ପ୍ରେରିତ ହୋଇଥିଲେ ଓ ପ୍ରଥମ ଥର ଶେଷ ପରୀକ୍ଷାରେ ଅତି ପ୍ରଶଂସନୀୟରୂପେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏମନ୍ତ କି କୃତକାର୍ଯ୍ୟ ଲଭିଥିବା ୩୩ ଜଣ ଛାତ୍ର ମଧ୍ୟରେ ଅନେକ ବିଷୟରେ କେଶବ ବାବୁ ପ୍ରଥମ ନମ୍ବର ହୋଇଅଛନ୍ତି । ଏଥିରେ ଓଡ଼ିଶାର ଗୌରବ ହୋଇଅଛି ସ୍ୱୀକାର କରିବାକୁ ହେବ ।

ଗତ ଶନିବାର ବାବୁ ଗୋକୁଳଚନ୍ଦ୍ର ଘୋଷଙ୍କ ଉଦ୍ୟାନରେ ଦୁଇ ଦଳ ପକ୍ଷୀୟ ମଲ୍ଲଙ୍କର ଯୁଦ୍ଧ ହୋଇଥିଲା । ଅନ୍ୟୁନ ୩ ହଜାର ଦର୍ଶକ ଏକତ୍ରିତ ହୋଇଥିଲେ । କାଠଯୋଡ଼ି ନଦୀକୂଳ ଉପରେ ପଡ଼ିଆ ନିକଟରେ ଏ ବ୍ୟାପାରଟି ହୋଇଥିଲା । ପ୍ରଥମରେ ଦୁଇଜଣ ମଲ୍ଲ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଲଢ଼ିଲେ ମାତ୍ର କେହି କାହାକୁ ପରାସ୍ତ କରି ନ ପାରିବାରୁ ତହିଁ ଏତସମାନ ଥିବାର ସମସ୍ତେ ଏକ ମତ ହୋଇ ବିଚାର କରି ଏହାଙ୍କ ଯୁଦ୍ଧ କ୍ଷାନ୍ତ କରାଇଲେ ଓ ଏହାଙ୍କ କାର୍ଯ୍ୟରେ ଦର୍ଶକ ମଣ୍ଡଳୀଙ୍କର ସୁଖ ହୋଇ ନ ଥିଲା । ଦ୍ୱିତୀୟରେ ଯେଉଁ ୨ ଜଣ ଲଢ଼ିଲେ ତାହାଙ୍କ କାର୍ଯ୍ୟ କୌଶଳ ଓ ଚଞ୍ଚଳତା ଦେଖି ସମସ୍ତଙ୍କର ଚିତ୍ତର ଅନନ୍ଦତାର ହେଲା ଏମାନେ ଅର୍ଦ୍ଧଘଣ୍ଟାରୁ ଅଧିକ କ୍ଷଣ ଲଢ଼ାଇ କଲେ ଏକଜଣ ଅନ୍ୟଜଣକୁ ଏମନ୍ତ ମାଡ଼ି ବସିଲା ଯେ ତାହାକୁ ଆଉ ଛିଡ଼ା ହେବାକୁ ଦେଲା ନାହିଁ । ପରିଶେଷରେ ଚିତକରି ପକାଇ ଦେବା ମାତ୍ରକେ ସେ ଉଠି ବାହାର ଗଲା । ଜିଣିବା ଲୋକର ନାମ ହଲ୍ଲୁ । ଏ ବ୍ୟକ୍ତି ମୟୂରଭଞ୍ଜ ରାଜାଙ୍କ ନିକଟରେ ଚାକିରି ଥିବାର ଶୁଣିଲୁ । ତାହାର ମତରେ ଏ ସମ୍ପୂର୍ଣ୍ଣ ଜିତିଲା ନାହିଁ ତଥାପି ସମସ୍ତେ ଏକମତ ହୋଇ ଏହାକୁ ଜଣେ ଉତ୍କୃଷ୍ଟ ପହିଲମାନ ବୋଲି ସ୍ୱୀକାର କରିଅଛନ୍ତି ।

ଗତ ବୁଧବାରଠି ବିଲକ୍ଷଣରୂପ ପ୍ରବଳ ହୋଇଥିଲା । ଘ ୨୪ ଘଣ୍ଟା ମଧ୍ୟରେ କାଠଯୋଡ଼ୀ ନଦୀ ୨୧ ଫୁଟ ବଢ଼ିଥିଲା ମାତ୍ର ଏକଦିନ ଉତ୍ତାରୁ ଘଟିବାକୁ ଆରମ୍ଭ ହେଲା ।

ଓଡ଼ିଶାର ସର୍ବତ୍ରରେ ପ୍ରଚୁର ବର୍ଷା ହେବାର ସମ୍ବାଦ ଆସୁଅଛି କେବଳ କଟକଜିଲ୍ଲାରେ ତାହା ହୋଇ ନାହିଁ । ଏଠାରେ ଅବଶ୍ୟ କୌଣସି ପୋଖରୀ କି ଗାଡ଼ରେ ଟିକିଏ ସୁଦ୍ଧା ପାଣି ଜମା ହୋଇ ନାହିଁ । କେବଳ ନଦୀ ଜଳପୂର ବୃଦ୍ଧି ହୋଇଅଛି ।

ଏଠାରେ ଚାଉଳର ଦର ପୂର୍ବାପେକ୍ଷା ଅତ୍ୟନ୍ତ ଉଚ୍ଚ ରହିଅଛି ଓ ମଧ୍ୟମଶ୍ରେଣୀର ଲୋକଙ୍କର ବଡ଼ କ୍ଲେଶ ହେଉଅଛି ।

ତୁରସ୍କର ଯୁଦ୍ଧ ସମ୍ପର୍କରେ ଏ ସପ୍ତାହ ମଧ୍ୟରେ ଆସିଥିବା ତାରସମ୍ବାଦରୁ ଜଣାଯାଏ ଯେ ରୁଷୀୟମାନେ ଆରମିନିଆରେ ଅବଶ୍ୟ କ୍ଷେତ୍ର ଲାଭ କରି ନାହାନ୍ତି । ଅପରେ ଯୁଦ୍ଧରେ ଯେମନ୍ତ ଜୟୀ ହେଉ ଅଛନ୍ତି ତେମନ୍ତ ଅପରେ ତୁରସ୍କଙ୍କ ହାତରେ ବିଲକ୍ଷଣ ପରାଭବ ମଧ୍ୟ ହେଉଅଛନ୍ତି ମୋଟରେ ତୁରସ୍କମାନେ ଏପାଖରେ ଆପଣାର ସୀମା ରକ୍ଷା କରିବାକୁ ଯଥାର୍ଥରୂପେ ବଳବାନ୍ ଅଛନ୍ତି । ଇଉରୋପ ପାର୍ଶ୍ୱରେ ତିନିଗ ହଜାରରୁ ଅଧିକ ସେନା ଡେନ୍ୟୁବ ନଦୀ ପାର ହୋଇ ଗଲେଣି । ପାରହେବା ସମୟରେ କେବଳ ଏକହଜାର ସେନା ଗଣ୍ଡ ତାଙ୍କରେ ମରି ପଡ଼ିଥିଲେ ଏଥାଉଗରେ ତୁରସ୍କମାନେ ବଡ଼ ପରାକ୍ରମ ଦେଖାଇ ପାରି ନାହାନ୍ତି । ନଦୀ ପାରହୋଇ ରୁଷୀୟମାନେ ତୁରସ୍କର ଗୋଟିଏ ଦୁର୍ଗ ଅଧିକାର କରି ବଲଗରିଆର ଗ୍ରୀଷ୍ଟିଆନଙ୍କ ସଙ୍ଗେ ମିଶିବା କରିବା ଏବଂ ତୁରସ୍କ ହାକିମଙ୍କ ପରିବର୍ତ୍ତେ ରୁଷୀୟ ହାକିମଙ୍କୁ ନିଯୁକ୍ତ କରି ସୁଶାସନ ଅନୁଷ୍ଠାନ କରିବାର ଘୋଷଣା ଦେଇ ଅଛନ୍ତି ।

ଗତମାସ ତା ୨୧ ରଖ ପର୍ଯ୍ୟନ୍ତ ଶସ୍ୟର ଅବସ୍ଥା ଓ ଖାଦ୍ୟର ଆଗମ ସମ୍ପର୍କରେ ଯେ ସମାଚାର ଗବର୍ଣ୍ଣମେଣ୍ଟ ପ୍ରକାଶ କରି ଅଛନ୍ତି ତହିଁରୁ ଜଣାଯାଏ ଯେ କେବଳ ଉତ୍ତରପଶ୍ଚିମ ଓ ଅଯୋଧ୍ୟା ଛଡ଼ା ଭାରତବର୍ଷର ସର୍ବତ୍ରରେ ବୃଷ୍ଟି ହୋଇ ଥିଲା । ମାନ୍ଦ୍ରାଜ ଓ ବମ୍ବେଇର ଅନେକ ସ୍ଥଳରେ ଉତ୍ତମ ବର୍ଷା ହେବାରୁ ଘାସପତ୍ର ବୃଦ୍ଧି ହୋଇ ଗୋରୁଙ୍କ କଷ୍ଟ ନିବାରଣ ହୋଇଅଛି ଏବଂ ମନୁଷ୍ୟର ମଧ୍ୟ ଅନେକ ସୁବିଧା ହୋଇଅଛି । ତଥାପି ଦୁର୍ଭିକ୍ଷର ଦାଉ ଅବଶ୍ୟ ଯାଇ ନାହିଁ ବରଂ ପୂର୍ବଠାରୁ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଳ୍ପ ବଢ଼ିଅଛି । ଗୋଟିଏ ଫସଲ ହସ୍ତଗତ ନ ହେଲେ ତାହା ନିବାରଣ ହେବାର ଆଶା ନାହିଁ । ଭାରତବର୍ଷର ଅନ୍ୟ ସକଳ ସ୍ଥାନରେ ଶସ୍ୟର ଅବସ୍ଥା ଭଲ ଦେଖାଯାଏ ।

ମାନ୍ୟବର ବଙ୍ଗଦେଶର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ଗତମାସ ତା ୧ ରଖରେ ଦାର୍ଜିଲିଂଠାରୁ ଯାତ୍ରା କରି ଯଲ୍‌ପାଇଗୁଡ଼ି ମୟମନସିଂହ ଢାକା ପ୍ରଭୃତି ପୂର୍ବାଞ୍ଚଳର ଜିଲ୍ଲାମାନ ପରିଦର୍ଶନରେ ପ୍ରାୟ ଏମାସଟି ଶେଷ କରିବେ ଓ ତହିଁ ଉତ୍ତାରୁ କଲିକତାକୁ ଆସିବେ ।

ତେଲଙ୍କସୂବ ପଦକର ହୋଇ ଅଛନ୍ତି କି ଇଙ୍ଗ୍ଲଣ୍ଡର ନିଉକାସ୍ତଲ ଜିଲାରେ ୫୦୦୦୦ ଟଙ୍କା ଉଣା ପଡ଼ିଅଛି । ଦେଖାଯାଉଅଛି ଯେ ପୂର୍ବଥର କେତୋଟି ବିଲମାନ ପ୍ରସ୍ତୁତ ହୋଇ ଟଙ୍କା ଦିଆଯାଇଅଛି । ମିତ୍ରବିଶେଷ ପାଞ୍ଚିର ଦୁର୍ଦ୍ଦଶା ବହୁତ ସ୍ଥାନରେ ଏପରି ହେବାର କାରଣ କି ? ଏଟଙ୍କା କି କେଉଁ ରକ୍ଷକ ନାହିଁ ?

ମାନ୍ଦ୍ରାଜ ଓ ବମ୍ବେଇର ଦୁର୍ଭିକ୍ଷ ହେତୁରୁ ପ୍ରାୟ ୭|୮ କୋଟି ଟଙ୍କାର ଚାଉଳ ବିଦେଶ ହୋଇ ସେ ଦେଶକୁ ଆମଦାନୀ ହୋଇଅଛି । ଏଟଙ୍କା ସମସ୍ତ ଭାରତବର୍ଷରେ ଏକ ଏଥିର ଅଧିକାଂଶ ବଙ୍ଗଦେଶରେ ବ୍ୟୟ ହୋଇଅଛି । ଅତଏବ ଦେଖାଯାଏ ଯେ ମାନ୍ଦ୍ରାଜର ଅନ୍ନକଷ୍ଟରେ ବଙ୍ଗଳାର ବିଲକ୍ଷଣ ଲାଭ ହୋଇଅଛି । କୃଷୀ ଓ ମହାଜନମାନଙ୍କର ଲାଭ ହୋଇଅଛି ସତ୍ୟ ମାତ୍ର କିଣିଲିଆମାନେ ବର୍ତ୍ତମାନ ବଡ଼ କଷ୍ଟରେ ପଡ଼ିଅଛନ୍ତି ।

ଏରୂପ କହୁଇ ଶୁଣିଅଛୁ ଯେ ଭାରତବର୍ଷରୁ ଇଜିପ୍ଟକୁ ଯିବା ନିମନ୍ତେ ୫୦୦୦୦ ଦେଶୀୟ ସେନା ଏଠାରେ ପ୍ରସ୍ତୁତ ରହିବା ସକାଶେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଆଜ୍ଞା ଦେଇ ଅଛନ୍ତି । କଣ୍ଟ୍ରିପ୍ ଆଜ୍ଞା ପ୍ରକାଶ ହେବାର ଏକମାସ ମଧ୍ୟରେ ଯେମନ୍ତ ଏମାନେ ଯାଇ ପାରିବେ ।

ମାନ୍ୟବର ଉଡନ ସାହେବ ବଙ୍ଗଳାର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ପଦରେ ନିଯୋଗ ହେବା ବିଷୟ ସେକ୍ରେଟାରି ଅଫ୍ ଷ୍ଟେଟ ଫର ଇଣ୍ଡିଆ ମଞ୍ଜୁର କରିଥିବାର କଥା ଇଣ୍ଡିଆ ଗେଜେଟରେ ପ୍ରକାଶ ହୋଇଅଛି ।

ପାଠକେ ନିଶ୍ଚୟ ଶୁଣିଅଛନ୍ତି କି କାବୁଲର ଅମୀର ଆପଣା ପୁତ୍ରକୁ କାରାଗାରରୁ ମୁକ୍ତ କରି ଏକଦଳ ସେନା ସହିତ ହିରାତକୁ ପଠାଇଅଛନ୍ତି କାରଣ କଥିତ ହୁଏ ଯେ ପାରସ ଉକ୍ତ ନଗର ଉପରେ ଚଢ଼ାଉ କରିବାର ମାନସ ରଖିଅଛି ।

---

☞ ଏହି ଉତ୍କଳଦୀପିକା [illegible] କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ ଗ | ସଂ ୨୮ ଖ୍ୟା

ତା ୧୪ ରିଖ ମାହେ ଜୁଲାଇ ସନ ୧୮୭୭ ମସିହା । ମୁ । ଶ୍ରାବଣ ଦି ୧ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩॥୦
ମଫସଲପାଇଁ ଡାକମାସୁଲ ଟ୧୵୦


ଗତ ମଙ୍ଗଳବାର ଗ୍ରେଡସେସ କମେଟୀର ଅଧିବେଶନ ହୋଇଥିଲା । ଏଥିରେ ଆଗାମି ବର୍ଷ ସକାଶେ ପଥକରର ଦର ପ୍ରତିଟଙ୍କାରେ ଦୁଇପଇସା ନେଇଁବା ଧାର୍ଯ୍ୟ ହେଲା । ଆମ୍ଭମାନଙ୍କ ବିବେଚନାରେ "ପବଲକଓର୍କସ ସେସର" ଦୁଇପଇସା ଦର ହୋଇଥିବା ଦୃଷ୍ଟିରେ ପଥକରର ଦର ଏକପଇସା କରିବାର ଉଚିତ ଥିଲା । ଏପରି ହୋଇଥିଲେ ଦୁଃଖିଲୋକଙ୍କୁ ତାଦୃଶ ବାଧନ୍ତା ନାହିଁ । ସାହେବମାନେ ରଯ୍ୟତଙ୍କପ୍ରତି ଦୟାର ବଡ ଆଡମ୍ବର କରନ୍ତି କିନ୍ତୁ ଏସବୁ କାର୍ଯ୍ୟରେ ଦୟାର ଚିହ୍ନ ଲେଶମାତ୍ର ଦେଖା ନ ଯାଏ ।

---

ଗତ ମଇମାସରେ ବାଲେଶ୍ୱରକୁ ଟ୩୦୭୧୮୨ ଙ୍କାର ଦ୍ରବ୍ୟ ଆମଦାନୀ ହୋଇଥିଲା । ଏଥିମଧ୍ୟରୁ ନଗଦଟଙ୍କା ଆମଦାନୀ ଟ ୧,୩୨,୧୫୦୯ ଙ୍କା ମିହା ଦେଲେ ଅବଶିଷ୍ଟଟଙ୍କାର କେବଳ ଦ୍ରବ୍ୟ ଆମଦାନୀ ହୋଇଅଛି ବୋଲିବାକୁ ହେବ । ଆମଦାନୀ ଦ୍ରବ୍ୟ ମଧ୍ୟରେ ନିମ୍ନଲିଖିତ ପ୍ରଧାନ ଯଥା;—

| | |
|---|---|
| ସୁତା ଓ ଲୁଗା | ଟ ୫୭୫୦୦ |
| ଧାତୁ | ଟ ୪୧୩୨୭ |
| ଗରମମସଲା | ଟ ୨୧୦୮୦ |
| ତମାଖୁ | ଟ ୧୭୨୦୦ |

ଏହିମାସରେ ରପ୍ତାନୀ ବାଣିଜ୍ୟର ମୂଲ୍ୟ ଟ ୨,୦୮,୫୭୮୯ ଙ୍କା ହୋଇଥିଲା । ଏଥିମଧ୍ୟରେ ନଗଦଟଙ୍କା ଟ ୨୮୦୦୦୯ ଙ୍କା ଅଟେ ବାକିସବୁ ବାଣିଜ୍ୟଦ୍ରବ୍ୟ ବାବତ୍ ଅଟଇ । ରପ୍ତାନୀଦ୍ରବ୍ୟ ମଧ୍ୟରେ ଧାନ ଚାଉଳ ସର୍ବପ୍ରଧାନ ଓ ଏମାସରେ ତାହା କେବଳ ଟ ୭୭୦୦୦୯ ଙ୍କାର ହୋଇଥିଲା ।

---

ଇଉରୋପର ଯୁଦ୍ଧ ସମ୍ପର୍କରେ ଯେସମସ୍ତ ସମ୍ବାଦ ତାରଡାକଯୋଗେ ଆସିଅଛି ସେସମସ୍ତ ପୂର୍ବପ୍ରାୟ ଅନିଶ୍ଚିତପ୍ରକାରର ଅଟଇ । ତୁରକମାନଙ୍କର ପଠାଇଥିବା ସମ୍ବାଦମାନଙ୍କୁ ବିଶ୍ୱାସ କଲେ ଜଣାଯାଏ ଯେ ସେମାନେ ରୁଷୀୟ ସେନାକୁ ଅନେକ ସ୍ଥଳରେ ପରାସ୍ତ କରିଅଛନ୍ତି । ରୁଷୀୟଙ୍କ ପକ୍ଷରୁ ବିଶେଷ ସମ୍ବାଦ କିଛି ଆସି ନାହିଁ । ମୋଟରେ ଜଣାଯାଏ ଯେ ଏପର୍ଯ୍ୟନ୍ତ ରୁଷୀୟମାନେ ଆସିଆରେ ତୁରଷ୍କକୁ ଆକ୍ରମଣ କରିବାରେ ସଫଳ ହୋଇ ନାହାନ୍ତି ଓ ଏହିକାରଣ ଇଂଲଣ୍ଡର ସମ୍ବାଦପତ୍ରମାନେ ଏକମତ ହୋଇ କହୁଅଛନ୍ତି କି ଆସିଆରେ ରୁଷୀୟଙ୍କର ଚଢ଼ାଉ କରିବା ସମ୍ପୂର୍ଣ୍ଣରୂପେ ବିଫଳ ହୋଇଅଛି ଇଉରୋପଦିଗରେ ରୁଷୀୟ କୃତକାର୍ଯ୍ୟ ହେବେ ବୋଲି ସମସ୍ତେ ଅନୁମାନ କରୁଅଛନ୍ତି ମାତ୍ର ଅଦ୍ୟାପି କାର୍ଯ୍ୟରେ ତାହା ଦେଖାଯାଇ ନାହିଁ । ବୁଲଗେରିଆରେ ରୁଷୀୟ ଗବର୍ଣ୍ଣମେଣ୍ଟ ସ୍ଥାପନ ହେବାର ଯେଉଁ ସମ୍ବାଦ ଆସିଥିଲା ତାହା ମିଥ୍ୟା ଥିବାର ପ୍ରକାଶ ପାଇଅଛି । ଏଣିକି ଆଉ କିଛି ସମ୍ବାଦ ଆସି ନାହିଁ ।

---

ଜଗନ୍ନାଥ ସଡକପାଖରେ ଥିବା ଚଟିଘରମାନଙ୍କର ଅବସ୍ଥା ପ୍ରସଙ୍ଗରେ ଗତ ପ୍ରକାଶିତ ଉତ୍କଳଦର୍ପଣରେ ଗୋଟିଏ ଦୀର୍ଘ ପ୍ରସ୍ତାବ ବାହାରିଅଛି । ଏସବୁ ଚଟିଘରର ଅବସ୍ଥା ଲେଖକ ଯାହା ବର୍ଣ୍ଣନା କରିଅଛନ୍ତି ତହିଁରେ କିଛିମାତ୍ର ଅତ୍ୟୁକ୍ତି ନାହିଁ । ବାସ୍ତବରେ ଚଟିଘରମାନଙ୍କର ଅବସ୍ଥା ଅତ୍ୟନ୍ତ ମନ୍ଦ ଓ ଏକ୨ ସ୍ଥାନ ଏପରି ଯେ ବର୍ଷାକାଳରେ ଯମଦୂତ ସେଠାକୁ ଯିବ ନାହିଁ । ପୁଣି ଚଟିଘରସବୁର ଅବସ୍ଥା ଭଲ କରିବାର ଯେଉଁ ଉପାୟ ଉକ୍ତ ଲେଖକ କହିଦେଇ ଅଛନ୍ତି ତାହା ମଧ୍ୟ ସହଜ ଅଟଇ । ସେ କହୁଅଛନ୍ତି କି "କଲର ମାଜିଷ୍ଟ୍ରେଟ କି ନ କରିପାରନ୍ତି ? ଗ୍ରେଡସେସ ଟଙ୍କାରେ କି ଚଟିର ସଡକ ଦୁରସ୍ତ ହୋଇ ପାରନ୍ତା ନାହିଁ ? ପୁଲିସର ହୁକୁମରେ କି ମୁଦିମାନେ ଚଟିଘର ଉତ୍ତମ ଓ ପାର୍ଶ୍ୱସ୍ଥ ମଇଲାମାନ ପରିଷ୍କାର କରାଇ ଦିଅନ୍ତେ ନାହିଁ ?" ଯଥାର୍ଥକଥା, ମାଜିଷ୍ଟ୍ରେଟ ସାହେବମାନେ କିଞ୍ଚିତ୍ ମନୋଯୋଗୀ ହେଲେ ଅନେକ ଭଲ ହୋଇ ପାରିବ ଓ ଗ୍ରେଡସେସ ଟଙ୍କା ଯେମନ୍ତ ସଡକ ନିର୍ମାଣରେ ବ୍ୟୟ ହେବ ତଦ୍ରୂପ ସଡକପାଖ ଚଟିଯାଗାରେ ବ୍ୟୟ ହେବା ନ୍ୟାଯ୍ୟ ଅଟଇ କାରଣ ଭଲଚଟି ବିନା ସଡକଦ୍ୱାରା ସମ୍ପୂର୍ଣ୍ଣ ଉପକାର ହୁଅଇ ନାହିଁ ।

---

ଏଥି ପୂର୍ବେ ଆମ୍ଭେମାନେ ଲେଖିଥିଲୁଁ ଯେ ଚାଉଳର ଦର ଏଠାରେ ଦିନ୨ ଉଚ୍ଚ ହେଉ-

Split by PDF Splitter

Digitized by srujanika@gmail.com

Split by PDF Splitter

116



ଅଛି ଓ ଆହୁରି ଅଧିକ ହେବାର ସମ୍ଭାବନା । ଫଳତଃ ସେହି କଥା ପ୍ରତ୍ୟକ୍ଷ ହେଲାଣି ଓ ଲୋକେ ଏ ସମୟକୁ ଗୁପ୍ତ ଦୁର୍ଭିକ୍ଷ କାଳ ବୋଲି ସ୍ଥିର କରିଅଛନ୍ତି । ଅତି ମୋଟ ଚାଉଳ ଟଙ୍କାରେ ୧୬ ସେର ବିକ୍ରୟ ହେଉଅଛି ଧାନ ଓ ଅନ୍ୟାନ୍ୟ ଶସ୍ୟ ଏହି ଅନୁପାତରେ ବିକ୍ରୟ ହେଉଅଛି । ସମ୍ବଲପୁର ଅଞ୍ଚଳରୁ ଗଙ୍ଗ୍ରେ ଚାଉଳ ଓ ଅନ୍ୟାନ୍ୟ ଶସ୍ୟର ନୌକା ଆସୁଅଛି ସତ୍ୟ ମାତ୍ର ମହାଜନମାନେ ରପ୍ତାନି ସକାଶେ ତାହା ନଦୀକୂଳରେ କାଟ କରି ନେଉଅଛନ୍ତି ଅଧିକ ଆମଦାନିଦ୍ୱାରା ଦର କିଞ୍ଚିନ୍ମାତ୍ର ହ୍ରାସ ହୋଇ କାହିଁ କମି ହେବାର ସମ୍ଭାବନା ନାହିଁ । ମାନ୍ଦ୍ରାଜର ଦୁର୍ଭିକ୍ଷ ଏଥିର କାରଣ ଅଟଇ । ସେଠାରେ ଚାଉଳର ଦର ଟଙ୍କାରେ କଟକି ସେ ୫।୬ ରରୁ ଅଧିକ ନାହିଁ ସୁତରାଂ ଏଠାରୁ ସେ ୧୦।୧୧ ଦରରେ କିଣି ମହାଜନମାନେ ରପ୍ତାନି କଲେ ସୁଦ୍ଧା ତାହାଙ୍କର ଯଥେଷ୍ଟ ଲାଭ ଅଛି । ଏହି ସକାଶେ ଏବେ କଟକରୁ କାହିଁକି ଓଡ଼ିଶାର ଅନ୍ୟାନ୍ୟ ବନ୍ଦର ଓ କଲିକତାକୁ ବିସ୍ତର ପରିମାଣରେ ଚାଉଳ ରପ୍ତାନି ହେଉଅଛି ଓ ଆଗାମୀ ଫସଲ ହେବା ପର୍ଯ୍ୟନ୍ତ ଏହି ପରି ହେଉଥିବ । ଏ ଅବସ୍ଥାରେ ଏ ପ୍ରଦେଶରେ ଶସ୍ୟାଦି ସୁଲଭ ହେବାର କିଞ୍ଚିନ୍ମାତ୍ର ଆଶା ନାହିଁ । କୃଷି ଓ ମହାଜନମାନଙ୍କ ସକାଶେ ଏ ସମୟଟି ବଡ଼ ଭଲ ପଡ଼ିଅଛି କିନ୍ତୁ ଦୁଃଖୀ କାଙ୍ଗାଳିଆଙ୍କର ବଡ଼ କଷ୍ଟ ହେଉଅଛି ।

---

ନୂତନ ପ୍ରଦେଶୀୟ କର ବିରୁଦ୍ଧରେ କଲିକତାର ଭାରତବର୍ଷୀୟ ସଭା ଗବର୍ଣ୍ଣମେଣ୍ଟ ଇଣ୍ଡିଆରେ ଯେଉଁ ଦରଖାସ୍ତ କରିଥିଲେ ମହାମାନ୍ୟ ଲର୍ଡ ଲିଟନ ତାହାକୁ ଅଗ୍ରାହ୍ୟ କରି ଅଛନ୍ତି । ଉକ୍ତ ମହାତ୍ମା କହିଅଛନ୍ତି କି ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବଙ୍ଗଳାକୁ ସ୍ୱକାର୍ଯ୍ୟର ସୁଯୋଗ ସକାଶେ ଅଧିକଟଙ୍କା ଉଠାଇବାକୁ ଆବଶ୍ୟକ ବିବେଚନା କରିବାରୁ ଏ କର ବସାଇବାକୁ ଦାୟଗ୍ରସ୍ତ ହୋଇ ଅଛନ୍ତି ଓ ଯଦ୍ୟପି କି ବଙ୍ଗଳାର ଲେଫ୍ଟେନେଣ୍ଟ ଗବର୍ଣ୍ଣର ପ୍ରକାଶ୍ୟରେ ଏ କର ବସାଇ ଅଛନ୍ତି ମାତ୍ର ତାହା ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ପରାମର୍ଶାନୁସାରେ ହୋଇଅଛି । ସୁତରାଂ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏଥିପାଇଁ ପ୍ରଧାନରୂପେ ଦାୟଗ୍ରସ୍ତ ଅଟନ୍ତି ଓ ଦରଖାସ୍ତକାରମାନଙ୍କର ବର୍ତ୍ତମାନ ପ୍ରାର୍ଥନା କେବଳ ଲେଫ୍ଟେନେଣ୍ଟ ଗବର୍ଣ୍ଣର କିମ୍ବା ସ୍ଥାନୀୟ ବ୍ୟବସ୍ଥାପକ ସଭାର କାର୍ଯ୍ୟ ରହିତ କରିବା ସକାଶେ ହୋଇଥିବାର ବୋଲାଯାଇ ନ ପାରେ ମାତ୍ର ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଯାହା ବିବେଚନାପୂର୍ବକ ସ୍ଥିର କରି ଅଛନ୍ତି ତାହା ରହିତ କରିବାସକାଶେ ହୋଇଅଛି ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ପ୍ରଧାନ ଗବର୍ଣ୍ଣମେଣ୍ଟ ଯାହା କରିବେ ତହିଁ ବିରୁଦ୍ଧରେ କେହି ଆପତ୍ତି କରିବ ନାହିଁ କିମ୍ବା କଲେ ତାହା ଗ୍ରାହ୍ୟ ହେବ ନାହିଁ ଏ ରୀତିମତି ବଡ଼ କଠିନ ଅଟଇ ଓ ଏହା ଇଂରାଜ ଶାସନ ପ୍ରଣାଳୀ ସଙ୍ଗେ କଦାଚ ସଙ୍ଗତ ନୁହଇ । ଏପରି ହେଲେ ଲୋକଙ୍କର ଗୁହାରି କରିବାର ଆଉ ବାଟ ରହିଲା ନାହିଁ । ଗବର୍ଣ୍ଣମେଣ୍ଟ ଯେବେ ଯୁକ୍ତିକି ଛାଡ଼ି ବଳର ଆଶ୍ରୟ ନେବେ ତେବେ ପ୍ରଜାଙ୍କର ସାଧ୍ୟ କି ଯେ ଗବର୍ଣ୍ଣମେଣ୍ଟଙ୍କର କୌଣସି ନିୟମ ବିରୁଦ୍ଧରେ ପଦେ କଥା କହିବେ ।

---

## ଦାଖଲଖାରଜ ମକଦ୍ଦମା ।

ଦାଖଲଖାରଜ ମକଦ୍ଦମା ସମ୍ପର୍କରେ ମାମଲତକାରମାନେ ଖର୍ଚ୍ଚାନ୍ତ ନ ହେଉନ୍ତୁ ଏଥିପାଇଁ ଏକପକ୍ଷରେ ବୋର୍ଡରେଭିନ୍ୟୁ ଏମନ୍ତ ସାବଧାନ ହୋଇଅଛନ୍ତି କି ଇସ୍ତାହାର ଯେଉଁଥିବା ପିଆଦାକୁ କେହି କିଛି ଦେଉଅଛି କି ନାହିଁ ପ୍ରତ୍ୟେକ ମାମଲା ସମୟରେ ତହିଁର ତଦନ୍ତ କରିବାପାଇଁ ହାକିମଙ୍କପ୍ରତି ଆଜ୍ଞା ଦେଇଅଛନ୍ତି ମାତ୍ର ପକ୍ଷାନ୍ତରେ ମାମଲତକାରଙ୍କର ଦୁଃଖ ପ୍ରତି ବୋର୍ଡ ଏମନ୍ତ ଉଦାସୀନ ଯେ ଯାହାର ସଂପୂର୍ଣ୍ଣ କି ବିଶ୍ୱାଏ ଭୂମି ଅଛି ତାହାକୁ ସୁଦ୍ଧା ମକଦ୍ଦମା କରିବାରୁ ଛାଡ଼ ଦେଇ ନାହାନ୍ତି । ଯାହାଙ୍କର ବିଷୟ ଅଧିକ ତାହାଙ୍କୁ ଦାଖଲଖାରଜ ମକଦ୍ଦମା ଚଳାଇବାର ଖର୍ଚ୍ଚା ବଡ଼ ବାଧିବ ନାହିଁ କିନ୍ତୁ ସାମାନ୍ୟ ଲୋକ ପକ୍ଷରେ ମକଦ୍ଦମା କରିବା କେତେ ହରବର କଥା ତାହା ବୋର୍ଡର ହାକିମମାନେ ଅନ୍ୟ ଲୋକଙ୍କ ପରି ଅବଶ୍ୟ ଜାଣିଥିବେ ମାତ୍ର, ଜାଣିକରି ଯାହା ତହିଁ ପକ୍ଷରେ କିଛି ବିଧାନ କରି ନାହାନ୍ତି ବଡ଼ ଦୁଃଖର କଥା ଅଟଇ । ଇସ୍ତାହାର ଯେଉଁଥିବା ପିଆଦାକୁ କେହି କିଛି ଦେଲେ ତାହା ଦୁଇ ଚାରିଅଣା ବା ଆଠଅଣାରୁ ଅଧିକ ହେବ ନାହିଁ କିନ୍ତୁ ଦୁଇ ଚାରିଗୁଣ୍ଠ ଜମି ସକାଶେ ଆପଣା ଘର ଛାଡ଼ି ଓ ସାକ୍ଷୀମାନଙ୍କୁ ଖୁଆଇ ପିଆଇ ସଙ୍ଗରେ ଆଣି କଚେରିରେ ହାଜର ରହିଲେ କେତେ ଟଙ୍କା ଖର୍ଚ୍ଚ ହେବ ତହିଁର କିଛି ଅନୁମାନ ଯାହା ବୋର୍ଡର ସାହେବମାନେ କରି ନାହାନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ । ପ୍ରଥମେ ଯେ ଲୋକ ଆସିବ ସେ ଯେତେଦିନ କଚେରିରେ ବସି ରହିବ ସେତେଦିନ ତାହାର ଧନ୍ଦା ମାଟିଯିବ ଓ ସହରର ଅଧିକ ଖର୍ଚ୍ଚ ସହିବାକୁ ହେବ । ଦ୍ୱିତୀୟରେ ସାକ୍ଷୀଙ୍କୁ ଖୋରାକି ଦେବ ଓ ଅନେକ ସ୍ଥଳରେ ସେମାନଙ୍କୁ ଦୁଃଖ ମଗ୍ନ କରିବାର କ୍ଷତିପୂରଣ ସ୍ୱରୂପ ମଧ୍ୟ କିଛି ଦେବ । ତୃତୀୟରେ ଅମଲା ମୁକ୍ତାରମାନଙ୍କ ଅନୁଗ୍ରହ କିଣିବ ନୋହିଲେ ସୁହା ଦୁଇ ଚାରିଦିନ ପଡ଼ି ରହିବ ଓ ତହିଁରେ ଖର୍ଚ୍ଚାନ୍ତ ହେବ ଏସବୁ ଖର୍ଚ୍ଚାନ୍ତ ସମସ୍ତଙ୍କ ଉପରେ ପଡ଼ିବ ଏଥିଉତ୍ତାରୁ ଆଉ କେତେ ଅଛି ତାହା ଅନୁଭବୀମାନେ ଏକା ଜାଣିପାରିବେ ଯେତିକି ତାହାନ୍ତ ଆବଶ୍ୟକୀୟ ଖର୍ଚ୍ଚା । ଆମ୍ଭେମାନେ ଲେଖିଲୁଁ ତେତିକି ମିଶାଇ ଦେଖିଲେ ଏକା ସ୍ଥଳରେ ଭୂମିର ମୂଲ୍ୟଠାରୁ ଅଧିକ ହେବ ଏଥିରେ କିଛି ସନ୍ଦେହ ନାହିଁ । ଅଥଚ ଆଇନାନୁସାରେ ଏସବୁ ପ୍ରୟୋଜନ ଓ ଅନିବାର୍ଯ୍ୟ । ମୁକାହେମି ସ୍ଥଳେ ଆହୁରି କେତେ ଅଧିକ ଖର୍ଚ୍ଚା ହେବ ତାହା କହିବାର ନୁହଇ । ଏସମସ୍ତ ବ୍ୟୟରୁ ଲୋକଙ୍କୁ ମୁକ୍ତ କରିବାର କୌଣସି ଉପାୟ ଅତ୍ୟନ୍ତ ପ୍ରୟୋଜନ ହୋଇଅଛି । ବୋର୍ଡ ରେଭିନ୍ୟୁ ଅଥବା ଗବର୍ଣ୍ଣମେଣ୍ଟ ଚିନ୍ତା କଲେ ଅବଶ୍ୟ ତାହାର କରିପାରିବେ ଓ ଆପାତତଃ ଆମ୍ଭମାନଙ୍କ ମନରେ ଯାହା ଉଦୟ ହେଉଅଛି ତାହା ଏଠାରେ ପ୍ରକାଶ କରୁଅଛୁଁ ଯଦ୍ୟପି କର୍ତ୍ତୃପକ୍ଷଙ୍କ ଦୃଷ୍ଟିରେ ତାହା ପଡ଼ଇ ତେବେ ଯେଉଁ ଦୁଃଖର କଥା ଆମ୍ଭେମାନେ ଲେଖୁଅଛୁଁ ତହିଁର ଅନେକ ପ୍ରତୀକାର ହେବ । ଆମ୍ଭମାନଙ୍କର ମତ ଏହି ଯେ ଅତ୍ୟନ୍ତ ପକ୍ଷରେ ମା ୧୦ ଣ ଭୂମି ପର୍ଯ୍ୟନ୍ତ ଦାଖଲଖାରଜ ମକଦ୍ଦମା ପକ୍ଷରେ ଏମନ୍ତ ନିୟମ ହେଉ କି ଯେଉଁ ସ୍ଥଳରେ କେହି ମୁକାହେମ ହେଉ ନାହିଁ ଏବଂ ଅନ୍ୟ କୌଣସି ବିଶେଷ ସନ୍ଦେହ ହାକିମଙ୍କର ଜାତ ହେଉ ନାହିଁ ସେ ସ୍ଥଳରେ ସୁଦ୍ଧା ତଲବ ନ କରି କେବଳ ଦାଖଲଖାରଜ ଦରଖାସ୍ତମତେ ନାମ ଜାରି କରିବାର ଆଜ୍ଞା ଦେଇ ଡିଂରକର୍ତ୍ତା ମକଦ୍ଦମା ନିଷ୍ପତ୍ତି କରିବେ ଓ ଏହି ସୀମା ମଧ୍ୟରେ ଯେସମସ୍ତ ମକଦ୍ଦମାରେ ମୁକାହେମି ହୋଇଥିବ ସେସମସ୍ତ ମକଦ୍ଦମା ସଦର କଚେରିରେ ତଲବ ନ କରି ହାକିମ ଶୀତକାଳରେ ମୋଫସଲକୁ ସେଠି ଯାଇ ଯେଉଁ ଏଲାକାର ମକଦ୍ଦମା ସେ ଇଲାକାର ନିକଟସ୍ଥ କୌଣସି ମୁକାମରେ ତଦନ୍ତ ଓ ଫଇସଲ କରିବେ । ଏ ଉପାୟଟି ସବୁଠାରୁ

Digitized by srujanika@gmail.com

Split by PDF Splitter



ସହଜ ଅଟଇ ମାତ୍ର ଯେବେ ଆଇନାନୁସାରେ ସକଳ ସ୍ଥଳରେ ଦଖଲକାରର ପ୍ରମାଣ ନେବାର ଉଚିତ ବୋଧ ହୁଅଇ ତେବେ ମଧ୍ୟ ଆମ୍ଭେମାନେ ଏହି ପ୍ରସ୍ତାବ କରୁଁ କି ଉପରଲିଖିତ ସୀମା ମଧ୍ୟର ମକଦ୍ଦମାମାନଙ୍କର ବିଚାର ସଦରକଚେରୀରେ ନ ହୋଇ ମୋଫସଲରେ ଦରଖାସ୍ତକାରଙ୍କ ଘର ନିକଟରେ ହେଲେ ଭଲ ହେବ। ଯେବେ ଦୁଇ ତିନିଜଣ ଡିପୋଟୀ ଶୀତକାଳରେ ପ୍ରତି ତାଲୁକ ଓ ପରଗନାରେ ବୁଲି ଏହିସବୁ ମକଦ୍ଦମା ବିଚାର କରିବେ ତେବେ ତିନିମାସକୁ କର୍ମନିଅଣ୍ଟ ହେବ ଓ ଏଥିରେ ଗବର୍ଣ୍ଣମେଣ୍ଟଙ୍କର ଗସ୍ତଖର୍ଚ୍ଚା ଇତ୍ୟାଦି ଦେବାରେ କିଞ୍ଚିତ ଅଧିକା ବ୍ୟୟ ହେବ ମାତ୍ର ମାମଲତକାରଙ୍କର ଯେ କେତେ ସୁବିଧା ହେବ ଓ କେତେପ୍ରକାର ତହଖର୍ଚ୍ଚାରୁ ସେମାନେ ରକ୍ଷା ପାଇବେ ତାହା ଲେଖିବାର ବାହୁଲ୍ୟ। ଆମ୍ଭମାନଙ୍କ ମନକୁ ଏକଥା ବଡ ଘେନଅଛି ଓ ବିଶ୍ୱାସ ହେଉଅଛି ଯେ ଗବର୍ଣ୍ଣମେଣ୍ଟରେ ଏରୂପ କିଛି ପ୍ରସ୍ତାବ ହେଲେ ତାହା ବ୍ୟର୍ଥ ହେବ ନାହିଁ।

# ସାପ୍ତାହିକସଂବାଦ।

କଟକର ଡେପୁଟୀକଲେକ୍ଟର ମୌଲବୀ ଅବଦୁଲକାଦର ଛୁଟୀ ନେବାପାଇଁ ପ୍ରାର୍ଥନା କରିଥିଲେ ଗବର୍ଣ୍ଣମେଣ୍ଟ ବଙ୍ଗାଲ ତାହାଙ୍କର ଉକ୍ତ ପ୍ରାର୍ଥନା ଅଗ୍ରାହ୍ୟ କରି ତାହାଙ୍କୁ ମୁରଶିଦାବାଦକୁ ବଦଳ କରିଅଛନ୍ତି। ଏଥି ପୂର୍ବ ଶ୍ରୀଯୁକ୍ତ ଟ୍ୱେନବୀ ସାହେବ ଏକଟିଂ କଲେକ୍ଟର ଏହାଙ୍କର ବଦଳ ସକାଶେ ପ୍ରସ୍ତାବ କରିଥିଲେ ମାତ୍ର କମିଶନର ସାହେବ ତହିଁରେ ସମ୍ମତ ହେଲେ ନାହିଁ। ଏଥର ଗବର୍ଣ୍ଣମେଣ୍ଟରୁ ଆଜ୍ଞା ଅସିଲା ଆଉ କାହାର ବଳ ଅଛି!

ଶୁଣିଲୁଁ ଯେ ଖୋରଧାରେ ଓଲାଉଠାରୋଗ ଉପସ୍ଥିତ ହୋଇ ଦଶ ପନ୍ଦର ଜଣ ମନୁଷ୍ୟ ନଗ୍ରପଡ ଅଛନ୍ତି। ଲୋକମାନେ ଠାକୁରାଣୀ ପୂଜା ଓ ସପ୍ତାହ ଭାଗବତ ଇତ୍ୟାଦି ଦୈବୀ କାର୍ଯ୍ୟର ଅନୁଷ୍ଠାନ କରୁଅଛନ୍ତି।

ମୋଫସଲରୁ ଏକବ୍ୟକ୍ତି ଆମ୍ଭମାନଙ୍କ ନିକଟକୁ ଲେଖିଅଛନ୍ତି କି ସେ ଗୋଟିଏ ବିଦ୍ୟାଳୟ ଘର ନିମିତ୍ତ କୌଣସି ଧନୀଲୋକ ନିକଟରେ କିଛି ଚେନ୍ଦା ପ୍ରାର୍ଥନା କରିଥିଲେ ମାତ୍ର ସେ କିଛି ଚେନ୍ଦା ନ ଦେଇ କଟୂକ୍ତି ପ୍ରୟୋଗ କଲେ। ଏଥିରେ ପତ୍ରପ୍ରେରକ ଦୁଃଖିତ ହୋଇ କହୁଅଛନ୍ତି କି ଏପରି ବ୍ୟକ୍ତି କେବେ ସଭ୍ୟ ହେବେ? ଆମ୍ଭେମାନେ କହୁଁ ଯେ ଧରି ବାନ୍ଧି ଧର୍ମ କରାଇବା ହୁଅଇ ନାହିଁ। ଆଉ ଜଣେ ନ ଦେଲାତ ନି ହେଲା ସେ ଚେଷ୍ଟା କଲେ ଅବଶ୍ୟ କାହାରଠାରୁ ସାହାଯ୍ୟ ପାଇବେ।

ଏ ନଗରରେ ଅନେକଦିନ ଅତ୍ୟନ୍ତ ଗ୍ରୀଷ୍ମ ଉତ୍ତାରୁ ଏ ସପ୍ତାହରେ ଉତ୍ତମବୃଷ୍ଟି ହୋଇଅଛି। ଅବଧି ପୋଖରୀ ଗଡିଆରେ ବର୍ଷାକାଳ ପ୍ରାୟ ପାଣି ଜମା ହୋଇ ନାହିଁ। ମୋଫସଲରେ ପ୍ରାୟ ପ୍ରତିଦିନ ବର୍ଷା ହେଉଅଛି ଓ ଫସଲର ଆଗମ ଭଲ ଦେଖାଯାଏ।

ଆମ୍ଭେମାନେ ଶୁଣିଲୁଁ ଯେ ତାଲପତ୍ରର ଦସ୍ତାବିଜ ମକଦ୍ଦମାରେ ଗ୍ରହଣ ନ କରିବା ସକାଶେ ବୋର୍ଡ଼ରୁ କଲେକ୍ଟରମାନଙ୍କ ପ୍ରତି ଆଦେଶ ହୋଇଅଛି। କେବଳ ତାଲପତ୍ରର ଯେଉଁ ଦସ୍ତାବିଜ ନେବାର ଆଇନରେ ବିଧି ଅଛି ତାହା ଗ୍ରାହ୍ୟ ହେବ ତଭିନ୍ନ ଅନ୍ୟ କିଛି ନିଆ ଯିବ ନାହିଁ। ଛପା ପତ୍ର ଇତ୍ୟାଦି ପ୍ରଚଳ କରାଇବା ଉଦ୍ଦେଶ୍ୟରେ ବୋର୍ଡ଼ ଏପରି ଆଜ୍ଞା ଦେଇଅଛନ୍ତି କି?

ଟ୍ୱେନବୀ ସାହେବ ଗ୍ରାମ୍ୟସ୍ୱାସ୍ଥ୍ୟର ଉନ୍ନତି ସକାଶେ ଯେପରି ଇଚ୍ଛୁକ ଥିଲେ ଆମ୍ଭମାନଙ୍କର ନୂତନ କଲେକ୍ଟର ବିଡନ ସାହେବ ମଧ୍ୟ ସେହିପରି ଇଚ୍ଛୁକ ହୋଇ ଏ ଜିଲାର ସମସ୍ତ ଗ୍ରାମ୍ୟରାସ୍ତା ମରାମତିରେ ନଅହଜାର ଟଙ୍କା ବ୍ୟୟ କରିବେ ବୋଲି ସଂକଳ୍ପ କରିଅଛନ୍ତି।

ଓଡିଶାର ବୈତରଣୀ ଡିବିଜନର ବାରକମାଷ୍ଟରୀ ମହକୁମା କଟକ ଡିବିଜନ ସଙ୍ଗେ ମିଶିବାର କଥା ହେଉଅଛି। ଏଥିରେ ସରକାରଙ୍କର କିଛି ବ୍ୟୟ ଊଣା ହେବାର ସମ୍ଭାବନା।

ଯେମନ୍ତ ଏ ପ୍ରଦେଶରେ ତେମନ୍ତ ବଙ୍ଗାଳାରେ ମଧ୍ୟ ଶସ୍ୟ ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇ ଅଛି। କିନ୍ତୁ ବଙ୍ଗଳାର ସର୍ବତ୍ରରେ ପ୍ରାୟ ସୁବୃଷ୍ଟି ହୋଇ ଫସଲର ଆଶା ଭଲ ଦେଖା ଯାଉଅଛି ବିଆଲି ଧାନ ଯଥେଷ୍ଟ ପରିମାଣରେ ଶୀଘ୍ର ହସ୍ତଗତ ହେବାର ଲୋକେ ଆଶା ରଖିଅଛନ୍ତି ଓ ତାହା ହେଲେ ବର୍ତ୍ତମାନ ମାସେ ଦେଢମାସ ସେଠା ଲୋକଙ୍କୁ କଷ୍ଟ ସହିବାକୁ ହେବ ଓ ତହିଁ ଉତ୍ତାରୁ ଧାନ ଚାଉଳ ଶସ୍ତା ହେବ।

କଥିତ ହୁଅଇ ଯେ ଆଗାମୀ ନବମ୍ବର ମାସରେ ମହାମାନ୍ୟ ଲର୍ଡ ଲିଟନ ସାହେବ ମାନ୍ଦ୍ରାଜପ୍ରଦେଶ ସନ୍ଦର୍ଶନ କରିବାକୁ ମନସ୍ଥ କରିଅଛନ୍ତି।

ଚନ୍ଦକାଲରେ ଏକଜଣ ବେଶ୍ୟା ଲାଗି ଦୁଇଜଣ ତାହାଙ୍କର ଖଲାସି ଜଣେ ଶରକାରି ଚ-କରକୁ ହତ୍ୟା କରିବାକୁ ବସିଥିଲେ ମାତ୍ର ପୁଲିସ ଓ ବଜାରଙ୍କର ସାହାଯ୍ୟରେ ତାହା ମେଣ୍ଟିଗଲା। ହତ୍ୟାଦନାତକର୍ତ୍ତା ଖଲାସି ସେଠାର ଅନରେରୀ ମାଜିଷ୍ଟ୍ରେଟଙ୍କ ବିଚାରରେ ଟ ୨୦୯ ଙ୍କା ଅର୍ଥଦଣ୍ଡ ପାଇଅଛି।

ଋଣ ପରିଶୋଧ କରି ନ ପାରିବା ହେତୁ କାରାଗାରରେ କଏଦ ରହିବାର ନିୟମ ଋଷୀୟାରୁ ଉଠିଯିବାର ପ୍ରସ୍ତାବ ହେଉଅଛି। ଖାତକମାନଙ୍କର ଏଥିରେ ବିଶେଷ ଉପକାର ହେବାର ଦେଖାଯାଏ।

ସୁଲଭସମାଚାର ଶୁଣିଅଛନ୍ତି ଯେ ଦେୱାନୀ ମୋକଦ୍ଦମା ବେଞ୍ଚଦ୍ୱାରା ବିଚାର ହେବାର ଯେଉଁ ପ୍ରସ୍ତାବ ହୋଇଅଛି ଆପାତତଃ ଚାରିଜିଲା ଅର୍ଥାତ୍ କଲକତା ପାଟନା କଟକ ଓ ଢାକାରେ ତାହା ସ୍ଥାପିତ ହେବ। ପ୍ରତ୍ୟେକ ବେଞ୍ଚରେ ଜଣେ ସିବିଲିୟାନ ଏବଂ ଜଣେ ଦେଶୀୟ ବିଚାରକ ରହିବେ। ସିବିଲିୟାନଙ୍କର ବେତନ ମାସି ଅଢେଇହଜାର ଏବଂ ଦେଶୀୟ ଜଜଙ୍କର ଦେଢହଜାର ଲେଖାଏଁ ହେବ। ଏ ଦେଶୀୟଙ୍କର ବେତନ ବୃଦ୍ଧି ହେବ ଶୁଣି ମନ ବଡ଼ ଆନନ୍ଦିତ ହେଉଅଛି।

ଦାରୁଠେଙ୍ଗ ନିକଟ ଜଙ୍ଗଲରେ ଶ୍ରୀଯୁକ୍ତ ଟେଲର ସାହେବ ଡେପୁଟୀକଲେକ୍ଟର ଏକଖଣ୍ଡି ବାହାର କରିଅଛନ୍ତି। ଏହାର ଆୟତନ ୧୪ ହସ୍ତ ଏକମାଣ ହେବ ତହିଁରେ ଚାଉଳ ଜମାଥିଲା ମାତ୍ର ବର୍ତ୍ତମାନ ତାହା ଅଙ୍ଗାର ହୋଇ ଭସ୍ମ ହୋଇଅଛି। ଓଡିଶାର କୌଣସି ପ୍ରାଚୀନ ରଜା ଏହା ରଖିଥିଲେ।

ବିଲାତରେ ଗୋଟିଏ ନୂଆ ପ୍ରକାରର ମକଦ୍ଦମା ହୋଇ ଯାଇଅଛି। ଏକ ବ୍ୟକ୍ତି ଉପରେ ଏହି ଅଭିଯୋଗ ହୋଇଥିଲା କି ସେ କୌଣସି ଉପଯୁକ୍ତ କାରଣ ବିନା ଆପଣା ପୁତ୍ରକୁ ବିଦ୍ୟାଶିକ୍ଷା ଦେବାରେ ତ୍ରୁଟି କରିଥିଲା ଅର୍ଥାତ୍ ପିଲାଟିକୁ ବିଦ୍ୟାଳୟକୁ ପଠାଇ ନ ଥିଲା। ଏ ଅପରାଧ ତାହା ଉପରେ ପ୍ରମାଣ ହୋଇ ତାହାର ଦଣ୍ଡ ହୋଇଅଛି।

ବୋର୍ଡ଼ ଆଜ୍ଞା କରିଅଛନ୍ତି କି ଇନ୍ତମାଲୀ ସମ୍ପତ୍ତିର ଦାଖଲଖାରଜ ମକଦ୍ଦମାରେ ପୃଥକ୍ ଥିବା ସମସ୍ତ ସରିକଦାରଙ୍କର ଏକ ମୁକ୍ତିଆର ନାମ ଦାଖଲ ହୋଇଥିଲେ ତାହା ଅଗ୍ରାହ୍ୟ ନ କରି ପ୍ରତ୍ୟେକ ସରିକଦାରଠାରୁ ଗୋଟିଏ ଲେଖାଏଁ ଆଠଅଣିଆ କୋର୍ଟଫିସ ଟିକଟ ନେଇ ତହିଁରେ ଲଗାଇ ଦେବାକୁ ହେବ ଅଉ ପୃଥକ୍ ମୁକ୍ତିଆରନାମା ନିଆ ଯିବ ନାହିଁ।

Digitized by srujanika@gmail.com

"ପବଲକୱର୍କସେସ" ନାମକ ନୂତନକରର ଦର ପ୍ରତିଟଙ୍କାରେ ଦୁଇପଇସା ଲେଖାଏ ଧାର୍ଯ୍ୟ ହୋଇଥିବାର ଏଥିପୂର୍ବେ ଲେଖିଥିଲୁଁ । ଶୁଣିଲୁଁ ଯେ ଉକ୍ତ କର ଉସୁଲର ନୋଟିସ ଜାରି କରିବା ସକାଶେ ବୋର୍ଡରୁ ଆଜ୍ଞା ଆସିଅଛି । ତାହାଁର ପ୍ରଥମ କିସ୍ତି ଆସନ୍ତା ନବମ୍ବର ମାସ ଲାଟବନ୍ଦୀରେ ଆଦାୟ କରିବାକୁ ହେବ ଏ କର ଓ ପଥକର ମୋଟରେ ଟଙ୍କାରେ ଅଣାଏ ଲେଖାଏ ଦେଣ ପଡିବ । ଏଥିରେ ପ୍ରଜାଙ୍କର ଅଂଶ ଦୁଇପଇସା ଉଠାଇ ତାହା ସେମାନଙ୍କୁ ଓ ସାମାନ୍ୟ ଜମିଦାରଙ୍କୁ ବାଧିବ ସନ୍ଦେହ ନାହିଁ ।

ଏକପଞ୍ଚା ଦେଶୀୟ ବାଜାକର ଲଣ୍ଡନ ନଗରକୁ ଯାଇ ସେଠାରେ କୁହକ ବିଦ୍ୟା ଦେଖାଉ ଅଛନ୍ତି । ଏମାନଙ୍କ ବାଜି ଦେଖିବାରେ ସେଠା ଲୋକଙ୍କର ଆମୋଦ ହୋଇଅଛି ମାତ୍ର ଏହାକୁ ସେମାନେ ଆଶାନୁରୂପ ବିଚକ୍ଷଣ ବା ନୂତନ ଜ୍ଞାନ କରୁ ନାହାନ୍ତି । ଉକ୍ତ ବାଜିକରମାନେ ସାହସ କରି ଭେଳେଭରି ଯାଇ ଅଛନ୍ତି ଏହି ଗୋଟିଏ ପ୍ରଶଂସାର ବିଷୟ ଅଟଇ ।

ବମ୍ବେର ଗଜେଟରେ ଲେଖାଅଛି ଯେ ବମ୍ବେଇର ଟାଙ୍କଶାଲରେ ଗତ କେତେକମାସରେ ଭଲଲିଖିତରୂପେ ରୂପାର ଅଲଙ୍କାର ଓ ଅଉଟା ହୋଇଥିବା ରୂପା ପ୍ରାପ୍ତ ହୋଇ ଅଛି । ଯଥା;— ଜାନୁଏରିରେ ଟ ୧,୩୧,୯୦୦ ଫେବୃଏରିରେ ଟ ୧୬୩୭୦୦ ମାର୍ଚ୍ଚରେ ଟ ୨,୭୬,୪୦୦ ଅପ୍ରେଲରେ ଟ୪୧୭୯୦୦ ଏବଂ ମଇରେ ଟ୮,୧୧,୩୦୦ ଏଥି ପୂର୍ବବର୍ଷମାନଙ୍କରେ ଏହି ସମୟରେ ମାସେ ହାରାହାରି ଦଶହଜାର ଟଙ୍କାର ରୂପା ଆସୁ ନ ଥିଲା । ଏଥିରୁ ବମ୍ବେଇର ଦୁର୍ଭିକ୍ଷ କେତେ ଭୟଙ୍କର ହୋଇଅଛି ପାଠକମାନେ ଅନୁମାନ କରନ୍ତୁ । ଲୋକେ ଅନ୍ନସଙ୍କାଶେ ଆପଣାର ଅଲଙ୍କାରମାନ ନ ଦେଇଥିଲେ ଏପରି ଘଟଣା ହୋଇ ନ ଥାନ୍ତା ।

୧ । ଏଡୁକେଶନ ଗେଜେଟରୁ ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଗତ ଜାନୁୟାରି ମାସ ତା ୧ ରଖର ଦରବାରରେ ଯେଉଁ ସକଳ ଦେଶୀୟ ରାଜାମାନେ ରାଜ୍ୟର ମନ୍ତ୍ରିପଦରେ ଅଭିଷିକ୍ତ ହୋଇଥିଲେ । ସେମାନଙ୍କ ଯୋଗ ଅଳ୍ପଦିନ ମଧ୍ୟରେ ସିମଲାରେ ଗୋଟିଏ ସଭା ହେବ । ଦେଶୀୟ ରାଜାମାନଙ୍କର ରାଜ୍ୟର ଗୃହସ୍ଥ ଓ ଶାସନ ସମ୍ବନ୍ଧରେ କେତେଗୁଡିଏ ଗୁରୁତର ବିଷୟର ବିବେଚନା କରିବା ସଭାର ଉଦ୍ଦେଶ୍ୟ । ସଭାରେ ସିନ୍ଧିୟା, ହଲକାର, ଜୟପୁର, ରେଓ୍ୱା ଏବଂ ଅନ୍ୟାନ୍ୟ ବଡ ବଡ ରାଜାମାନେ ଉପସ୍ଥିତ ହେବେ ।

୨ । ଜୟପୁରର ମହାରାଜା ବାଲ୍ୟବିବାହ ପ୍ରଚଳିତ କରିବା ନିମନ୍ତେ ସଭା ସଂସ୍ଥାପନ କରିଅଛନ୍ତି, ଏଥିରେ ଦେଶୀୟ ଗୃହଜଣ ଏବଂ ଇଉରୋପୀୟ ଏକଜଣ ପଣ୍ଡିତ ନିଯୁକ୍ତ ହୋଇଅଛନ୍ତି, ସେମାନେ ତାହାଙ୍କର ଦେଶୀୟ ପ୍ରଜାବର୍ଗଙ୍କୁ ବୁଝାଇ ଦେବେ ଯେ, ହିନ୍ଦୁଶାସ୍ତ୍ରରେ କୌଣସିଠାରେ ବାଲ୍ୟବିବାହ ନିଷେଧ ନାହିଁ ।

୩ । ପୃଥିବୀ ମଧ୍ୟରେ ଇଂରାଜମାନଙ୍କ ପରି ଜଳଯୁଦ୍ଧରେ କୌଣସି ଜାତି ଉନ୍ନତି ଲାଭ କରିପାରି ନାହାନ୍ତି । ରୁଷ ଜଳଯୁଦ୍ଧରେ ଇଂରାଜମାନଙ୍କ ତଳେ । କିନ୍ତୁ ଟରପିଡୋ ନାମକ ଯାହାଜନାଶକ ଯନ୍ତ୍ର ନିର୍ମାଣ ହେଲା ଦିନୁ ଜଳଯୁଦ୍ଧ ପ୍ରାୟ ରହିତ ହେବାକୁ ଲାଗିଲା । ରୁଷୀୟମାନେ ବର୍ତ୍ତମାନ ଡାନିଉବ ନଦୀରେ ଅନେକ ଟରପିଡୋ ଜଳମଗ୍ନ କରି ରଖିବାରୁ କେତେକ ଖଣ୍ଡ ତୁରସ୍କର ରଣତରୀ ଯୁଦ୍ଧାସ୍ତ୍ର ଓ ଅନେକ ଗୁଡିଏ ଆରୋହୀ ସହିତ ଏକାବେଳକେ ଜଳମଗ୍ନ ହୋଇଅଛି । ତୁରସ୍କ ନୌ-ସେନା ବିଭାଗର ସେନାପତି ସ୍ପ୍ରିଙ୍ଗ ଇଂରାଜ ହୋବର୍ଟ ପାଶା ଜାଲିଅ ନିଯୁକ୍ତ କରି ସେହିସବୁ ଟରପିଡୋ ପାଣିରୁ ବାହାର କରି ପକାଇବାକୁ ଆଜ୍ଞା ଦେଇ ଅଛନ୍ତି ।

୪ । ଭାରତବର୍ଷରେ ୨୫ କୋଟି ଲୋକଙ୍କ ମଧ୍ୟରୁ ପ୍ରତିବର୍ଷ ପ୍ରାୟ ୨୦ ହଜାର ଲୋକ ସର୍ପଦଂଶନରେ ପ୍ରାଣତ୍ୟାଗ କରୁ ଅଛନ୍ତି । ଯେଉଁ ଦଂଶନରେ ପ୍ରାଣନାଶ ହୁଏ, ତହିଁରେ କେବଳ ଦୁଇଟି ଦନ୍ତର ଚିହ୍ନ ଥାଏ । ଯେଉଁ ସାପର ବିଷ ନାହିଁ ସେମାନଙ୍କ କାମୁଡିବାରେ ଅନେକ ଦାନ୍ତର ଚିହ୍ନ ପଡେ । ବିଷାକ୍ତ ସର୍ପ ଦଂଶନ କଲେ ତହିଁରେ ଯଦି ଚୋବାଇ ମଲେ ଦୁଇଦନ୍ତର ଚିହ୍ନ ନ ଥାଇ ଅନେକଦନ୍ତର ଚିହ୍ନ ହୁଏ, ତେବେ ପ୍ରାଣନାଶର ସମ୍ଭାବନା ଅଳ୍ପ, କାରଣ ସେସ୍ଥଳେ ସର୍ପର ବିଷଦନ୍ତ ପ୍ରାୟ ପ୍ରଯୋଗ ହୁଏ ନାହିଁ । ଦୁଇଟି କେବଳ ବିଷଦନ୍ତ, ଏବଂ ସର୍ପ ଯେତେବେଳେ ସେହି ଦନ୍ତଦ୍ୱାରା ଦଂଶନ କରେ ସେତେବେଳେ ଅନ୍ୟଦନ୍ତ ଶରୀରରେ ପ୍ରବେଶ ହୁଏ ନାହିଁ ।

୫ । ଯେଉଁ ସ୍ଥାନରେ ସାପ ଥିବାର ସମ୍ଭାବନା ସେ ସ୍ଥାନକୁ ଯିବାକୁ ପଡିଲେ ବୁଟଯୋତା ଓ ପଗଳୀ ମୋଟା ମୋଜା ବ୍ୟବହାର କରିବା ଉଚିତ । କାରଣ ତାହା ଭେଦ କରି ସର୍ପର ବିଷଦନ୍ତ ଦେହରେ ଲାଗି ନ ପାରେ । ସାଧାରଣତଃ ସର୍ପ ଭଇଁଡ଼ଙ୍କାରେ, ଇଟା ଇଟାଘରେ ଲମ୍ବା ତୃଣକ୍ଷେତ୍ରରେ, ଅରଣ୍ୟରେ ଏବଂ ଅତି ଅନ୍ଧକାର ଶୀତଳ ସ୍ଥାନରେ ଥାନ୍ତି ଅତ୍ୟନ୍ତ ଗ୍ରୀଷ୍ମ ସମୟରେ ସନ୍ଧ୍ୟା ଉତ୍ତାରୁ ଶୀତଳବାୟୁ ସେବନ ନିମନ୍ତେ ବାହାର ହୁଅନ୍ତି । ଏବଂ ପ୍ରାୟ ବାଟରେ ପଡିଥାନ୍ତି ଓ ଇତସ୍ତତଃ ଆହାର ଖୋଜି ବୁଲନ୍ତି । ପକ୍ଷିଛୁଆ, ବେଙ୍ଗ, ମୂଷା, ଝିଟିପିଟି, ଏଣ୍ଡୁଅ, ପତଙ୍ଗ, କୀଟ ପ୍ରଭୃତି ଏମାନଙ୍କର ଖାଦ୍ୟ । ଯେଉଁ ସ୍ତ୍ରୀ ଅଥବା ମାଈକୁକୁରକୁ ସାପ କାମୁଡି ଥାଏ ତାହାର ଦୁଧ ମଧ୍ୟ ବିଷାକ୍ତ ହୁଏ । ଯେଉଁ ମୂଷା ସାପମୁହଁରୁ ପଳାଇଯାଏ ତାହାକୁ ଦୂଦର ଦହନ୍ତି । ଦୂଦର ମନୁଷ୍ୟଙ୍କୁ କାମୁଡିଲେ ତାହାର ପ୍ରାଣ ସଂଶୟ ହୁଏ କିନ୍ତୁ ତହିଁରେ ସେହିକ୍ଷଣେ ପ୍ରାଣ ନାଶ ନ ହୋଇ ପ୍ରାୟ କର୍ଷେଯାଏ କ୍ୟାପି ଉତ୍ପାଦକ ଜ୍ୱର ରୋଗ ହୋଇଥାଏ ।

୬ । ଗୋଖୁର ବା ଗହମ ଜଲ୍ଲବୋଡା ଚନ୍ଦ୍ରବୋଡା ଶୋଷ୍ୟାଡିଙ୍ଗା କେଉଟେକେଲେ ଓ ଡୋମନାଡ଼ି ଏବଂ ଓଡିଶାପ୍ରଦେଶରେ ହେଁସ୍ରା (ଅହିରାଜ) ଏହିସମସ୍ତ ସର୍ପର ବିଷ ଉଗ୍ର ଓ ଶୀଘ୍ର ପ୍ରାଣନାଶକ ।

## NOTICE.

Wanted a Head master for the Nimapara Middle Class English school in Pooree Salary Rs. 35 Applications will be received by the undersigned up to 20th instant.

Dated 6th July, 1877. Cuttack.

N. K. Dass.
*Joint Inspr. of schools Orissa Division.*

## ବିଜ୍ଞାପନ ।

ନିମାପଡ଼ା ଗବର୍ଣ୍ଣମେଣ୍ଟ ସ୍କୁଲର ପ୍ରଧାନ ପଣ୍ଡିତଙ୍କ ପଦଶୂନ୍ୟ ଅଛି, ବେତନ ଟ ୧୦୲ ଜା ଚଳିତ ମାସ ତା ୨୦ ରଖ ପର୍ଯ୍ୟନ୍ତ ଦରଖାସ୍ତ ନିଆଯିବ ଯେଉଁମାନେ ନର୍ମାଲ ସ୍କୁଲ ପରୀକ୍ଷାରେ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି କେବଳ ସେମାନଙ୍କର ଦରଖାସ୍ତ ଗ୍ରହଣ କରାଯିବ ।

କଟକ ୧୦।୭।୭୭

N. K. Dass.
ଓଡିଶାସ୍କୁଲ ସମୂହର ଜଃ ଇନ୍‌ସ୍ପେକ୍ଟର

☞ ଏହି ଉତ୍କଳଦୀପିକା ମହଲ୍ଲା ଟଉନ୍ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଶ
ସଂ ୨୯ ଖ୍ୟା

ତା ୨୧ ଋଣ ମାହେ ଜୁଲାଇ ସନ ୧୮୭୭ ମସିହା । ମୁ । ଶ୍ରାବଣ ଶୁ ୮ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଇଁ ଡାକମାସୁଲ ଟ୧୪୶

କଟକର ଏକ୍‌ଟିଂ କଲେକ୍ଟର ଶ୍ରୀଯୁକ୍ତ ଟଏନବୀ ସାହେବ ଦାଖଲଖାରଜ ସମ୍ପର୍କରେ ଯେମନ୍ତ ଲୋକଙ୍କର ନାନା ସୁବିଧା କରି ଦେଇ ଥିଲେ ତେମନ୍ତ କଲିକତାର କଲେକ୍ଟର ଶ୍ରୀଯୁକ୍ତ ମାକଞ୍ଜି ସାହେବ ସେଠାରେ ଗୋଟିଏ ଭାରି ସୁବିଧା କରି ଦେଇଅଛନ୍ତି । ଦୁଃଖୀ ବିଧବା ଓ ଅନ୍ୟ ସ୍ତ୍ରୀମାନେ ମୁକ୍ତାରନାମା ଲିଖି କଚେରୀକୁ ଯାଇ ଦରଖାସ୍ତ ଦେଇ ନ ପାରନ୍ତି ଓ ସେମାନଙ୍କ ମୁକ୍ତାରନାମା ପୁଲିସ କଚେରୀରେ ତସଦିକ କରିବାରେ ପ୍ରାୟ ଟ ୪୧ ଙ୍କା ଖର୍ଚ୍ଚ ପଡଇ । କଲେକ୍ଟର ସାହେବ ଏହା ଦେଖି ଆଜ୍ଞା ଦେଇଅଛନ୍ତି କି କେବଳ ଗାଡିଭଡା ଦେଲେ ସବଡେପୋଟୀ ପ୍ରତ୍ୟେକ ଦରଖାସ୍ତକାରୀର ଘରଠାକୁ ଯାଇ ମୁକ୍ତାରନାମା ତସଦିକ କରିଦେବେ । ଗାଡିଭଡା ଜଣକେ ଟ ୧୶ ଲେଖାଏଁ ପଡିଅଛି । କିନ୍ତୁ ଏକାବେଳକେ ଲିକଟି୨ ବାସୀ ଅନେକ ବ୍ୟକ୍ତିର ଘରକୁ ଗଲେ ଏକଭଡାରେ କର୍ମ ଚଳିପାରେ ଓ ଏହା ସମସ୍ତେ ଭାଗକରି ଦେଲେ ଆହୁରି ଊଣା ବ୍ୟୟ ପଡିବ । କଲେକ୍ଟର ସାହେବଙ୍କର ଏ ବନ୍ଦୋବସ୍ତି ଅତି ଉତ୍ତମ ହୋଇଅଛି ଓ ଦୁଃଖୀଙ୍କ ଉପରେ ତାହାଙ୍କର କେମନ୍ତ ଦୟା ତାହା ଏଥିରୁ ପ୍ରକାଶ ପାଉଅଛି । ଏହି ନିୟମକୁ କିଛି ବିସ୍ତାର କଲେ ଆମ୍ଭେ ମଫସଲରେ କ୍ଷୁଦ୍ର୨ ଦାଖଲଖାରଜ ମକଦ୍ଦମା ଫଇସ ହେବା ବିଷୟରେ ଯାହା ପ୍ରସ୍ତାବ କରିଥିଲୁଁ ତାହା ସହଜରେ ହୋଇ ପାରିବ ଓ ଏଥିରେ ଅସଙ୍ଗତ କିଛି ହେବ ନାହିଁ ।

---

ଏଥର କଟକର ଫୌଜଦାରୀ ସେସନ୍ ବଡ଼ ଭାରି ହୋଇଅଛି । ଚଳିତମାସ ତା ୭ ରଖରୁ ସେସନ୍ ଆରମ୍ଭ ହୋଇ ଅଦ୍ୟାପି ଶେଷ ହୋଇ ନାହିଁ । ଯାଜପୁରର ବିଷ ଖୁଆଇ ହତ୍ୟା କରିବା ମୋକଦ୍ଦମାରେ ଅସଲ୍ ଅସାମିମାନେ ଖଲାସ ପାଇଲେ କାରଣ ଦୁଇଜଣ ଆସାମୀ ମଧ୍ୟରୁ ପ୍ରକୃତରେ କିଏ ବିଷ ଖୁଆଇଥିଲା ତାହା ନିଶ୍ଚୟରୂପେ ପ୍ରମାଣ ନ ହେବାରୁ ସେମାନେ ସନ୍ଦେହର ଫଳଭୋଗୀ ହେଲେ । କିନ୍ତୁ ହରି ବାବୁଙ୍କ ନାଏବ ଓ ଅପର ଯେଉଁମାନେ ଏମୋକଦ୍ଦମାକୁ ସାପକାଠିରେ ଦେଇ ପ୍ରକୃତ କଥା ଗୋପନ କରିବାରେ ସାହାଯ୍ୟ କରିଥିଲେ ତାହାଙ୍କ ମଧ୍ୟରୁ ନାଏବ ପ୍ରତି ମାତ୍ର କାରାବାସ ଓ ଟ୨୫୦ଙ୍କା ଅର୍ଥଦଣ୍ଡ ଓ ଅନ୍ୟ ଆସାମିମାନେ ତିନିବର୍ଷ ଲେଖାଏ କାରାବାସର ଦଣ୍ଡ ପାଇଅଛନ୍ତି । ରେଜେଷ୍ଟରୀ ମହଲ୍ଲମାରେ ଜାଲ ରସିଦ ଧରା ପଡିଥିବା ମୋକଦ୍ଦମାରେ ଗଙ୍ଗାଗୋବିନ୍ଦ ଉପରେ ଅପରାଧ ପ୍ରମାଣ ହେବାରୁ ତାହା ପ୍ରତି ପାଞ୍ଚବର୍ଷ କାରାବାସ ଦଣ୍ଡ ବିଧାନ ହୋଇଅଛି । ଯାଜପୁରରେ ଗୋଟିଏ ବ ୧୧ ବର୍ଷ ବୟସ୍କା ଟୋକୀ ଉପରେ ବଳାତ୍କାର କରିବା ମୋକଦ୍ଦମାରେ ଆସାମୀ ଚାରିବର୍ଷ କାରାବାସ ଦଣ୍ଡ ପାଇଅଛି । ଟୋକୀର ଏପ୍ରକାର ପୀଡ଼ା ହୋଇଥିଲା ଯେ ତାହାକୁ ପ୍ରାୟ ଦେଢ଼ମାସ ଡାକ୍ତରଙ୍କ ଚିକିତ୍ସାରେ ରହିବାକୁ ହୋଇଥିଲା । ପୁରୀର ବଳାତ୍କାର ମୋକଦ୍ଦମାରେ ତିନିବର୍ଷ କାରାବାସର ଦଣ୍ଡ ହୋଇଅଛି ।

---

ଗତ ମଇମାସରେ କଟକ ବନ୍ଦରକୁ ସର୍ବସୁଦ୍ଧା ଟ୧୧୯୧୬ଙ୍କା ମୂଲ୍ୟର ଦ୍ରବ୍ୟ ଆମଦାନି ହୋଇଥିଲା । ଏଥିମଧ୍ୟରେ ବିଦେଶୀଯୁତାଜାତ ଦ୍ରବ୍ୟର ମୂଲ୍ୟ ଟ ୩୪୪୩୭୬ ଙ୍କା ଓ ତହିଁମଧ୍ୟରେ ପ୍ରଧାନ ଯଥା—

| | |
|---|---|
| କପାସୂତା ଓ ଲୁଗା | ଟ ୩,୩୭,୪୭୫ |
| ନାନାପ୍ରକାର ମଦ | ଟ ୫୦୪୬ |

ଏବଂ ଭାରତବର୍ଷଜାତ ଦ୍ରବ୍ୟର ମୂଲ୍ୟ ମୋଟ ଟ୨,୬୭,୫୪୦ଙ୍କା ମଧ୍ୟରୁ ନଗଦ ଟଙ୍କା ଆମଦାନୀ ହୋଇଥିବା ଟ ୧,୩୦,୦୦୦ ଙ୍କା କାଟି ଦେଲେ ଅବଶିଷ୍ଟ ଦ୍ରବ୍ୟର ମୂଲ୍ୟ ଟ୧୩୭୫୪୦ ହେଉଅଛି । ଏଥିମଧ୍ୟରେ ପ୍ରଧାନ ଯଥା;—

| | |
|---|---|
| ଅଫିମ | ଟ ୩୬,୪୫୭ |
| ଧାତୁ ଓ ଧାତୁନିର୍ମିତଦ୍ରବ୍ୟ | ଟ ୪୨୬୦୦ |
| ମସଲା | ଟ ୧୬୨୭୨ |
| ଘିଅ | ଟ ୩୫୩୦ |

ଅଫିମଟି ଦେଶରେ ଖାଇ ନ ହୋଇ ଗ୍ଭଷଲ ଭରତି କରି ନେବା ନିମନ୍ତେ ଆସିବାର ବୋଧ ହୁଅଇ ସୁତରାଂ ଭାରତବର୍ଷଜାତ ଦ୍ରବ୍ୟ କେବଳ ଏକଲକ୍ଷ ଟଙ୍କାର ଆସିଥିବାର ବୋଲିଯାଇ ପାରେ । ମାତ୍ର ଏତେଟଙ୍କାର ଅଫିମ ଆମଦାନି

Digitized by srujanika@gmail.com

Split by PDF Splitter



ହେବାର ଦେଖି ମନେ ହେଉଅଛି ଯେ ଏଠାରେ ଅଧିକ ପରିମାଣରେ ଷ୍ଟୋର୍ ଓ ଲୁଣପଥର ଦୃଷ୍ଟ ହେଲେ ବିଲକ୍ଷଣ ଲାଭ ହେବାର ସମ୍ଭାବନା ଅଛି କାରଣ ଏଠାର ପ୍ରଧାନ ରପ୍ତାନି ଦ୍ରବ୍ୟ ଚାଉଳ ଓ ଅନ୍ୟାନ୍ୟ ଶସ୍ୟ ଓ ସେସବୁ ଅଣାଇନ୍ଦିବାର ସ୍ପୃହା ନାହିଁ ।

ଏହିମାସରେ କେବଳ ଏଦେଶଜାତ ଦ୍ରବ୍ୟ ଏଠାରୁ ଟ ୧୮୮୦୬୫ ଙ୍କା ମୂଲ୍ୟର ରପ୍ତାନି ହୋଇଥିଲା ଏଥିମଧ୍ୟରୁ ବିଦେଶକୁ ଯାଇଥିଲା ଯଥା—

| | |
|---|---|
| ପେଷିମନ୍ତ୍ରି | ଟ ୭୪୪୪୦ |
| ଗୃହିଲ | ଟ ୭୯୧୧୮ |
| | ଟ ୧୫୩୫୫୮ |

ଏଦ୍ରବ୍ୟ ଉପରେ କଷ୍ଟମ ମାସୁଲ ଟ ୧୮୭୦ ଆଦାୟ ହୋଇଥିଲା ଅବଶିଷ୍ଟ ଟ୧୮୪୫୦୭ ଙ୍କା ମୂଲ୍ୟର ଦ୍ରବ୍ୟ ଭାରତବର୍ଷୀୟ ବନ୍ଦରମାନଙ୍କୁ ରପ୍ତାନି ହୋଇଥିଲା । ଏଥିମଧ୍ୟରେ ପ୍ରଧାନ ରପ୍ତାନି ଦ୍ରବ୍ୟ ଚାଉଳ ଓ ଅନ୍ୟାନ୍ୟ ଶସ୍ୟ । ଏସବୁର ମୂଲ୍ୟ ଟ ୧,୭୭,୧୧୫ ଙ୍କା ଓ ତାହା ସମୁଦାୟ ମାନ୍ଦ୍ରାଜ ଓ ବମ୍ବେକୁ ଯାଇଥିଲା ।

---

ଗତ ସପ୍ତାହର ବର୍ଷା ଏ ନଗରରେ ଅଧିକ ହୋଇ ନାହିଁ । ପ୍ରାୟ ଦ ୩ ଦିନ ଅନବରତ ଧାରାପତନ ହୋଇଥିଲା ମାତ୍ର ବର୍ଷାର ପରିମାଣ ଅଧିକ ନୁହଇ ଓ ଏ ପ୍ରାନ୍ତରେ ଶସ୍ତ ହେବାରୁ ପ୍ରାୟ ସବୁ ଶୁଷ୍କ ଗଲାଣି । ଏ ନଗର ମଧ୍ୟରେ ଅଧିକ ବର୍ଷା ନ ହେବା ଏକପ୍ରକାର ସୌଭାଗ୍ୟର ବିଷୟ ଅଟଇ କାରଣ ନଗର ମଧ୍ୟରେ ଅଧିକ ବୃଷ୍ଟି ନାହିଁ କେବଳ ବାଣିଜ୍ୟ ଦ୍ୱାରା ସାୟର ଧୂମ ଏଠାରେ ଅଧିକ ବର୍ଷା ହେଲେ କାର୍ଯ୍ୟର ବ୍ୟାଘାତ ହୁଅଇ ପୁଣି ଗତ ବର୍ଷରୁ ସଡକ ଓ ତହିଁ ଦୁଇପାଶ ନାଲ ମରାମତି ହୋଇ ନାହିଁ । ବଳେ ବର୍ଷା ହେଲେ ସଡ଼ାସଡ଼କ ମଧ୍ୟରେ ଠାବରେ କ୍ଷୁଦ୍ର ଜଳାଶୟ ହୋଇଯାଏ ଅନ୍ୟ ବାଟର କଥା କିଏ ପଚାରେ ଅରକ୍ଷିତ ଦୈବ ସହାୟ ପ୍ରାୟ ଇନ୍ଦ୍ର ଦେବତା ଏ ନଗରକୁ କୃପା କରିଅଛନ୍ତି । କିନ୍ତୁ ମଫସଲର ସ୍ଥାନେ ପ୍ରଚୁର ବର୍ଷା । ବାଲେଶ୍ୱରରେ ଅତ୍ୟନ୍ତ ବୃଷ୍ଟି ହେଉ ବୁଢାବଳଙ୍ଗ ଦୁଇକୂଳ ଉଛୁଳି ପଡ଼ିଥିଲା ଓ ଏଥିରେ ଦ ୧ ଦିନ ଡାକ ବନ୍ଦ ହୋଇଥିଲା । ଯାଜପୁର ଅଞ୍ଚଳରେ ବୃଷ୍ଟି ଓ ବନ୍ୟା ତହୁଁ ଅଧିକ ଏଥିରେ ୨ଦିନ ଡାକ ବନ୍ଦ ହୋଇଥିଲା ।

ଆମ୍ଭେମାନେ ଅତି ଦୁଃଖର ସହିତ ଅବଗତ ହେଲୁଁ ଯେ ବୈତରଣୀନଦୀ ଅତି ପ୍ରବଳରୂପ ବହି କ୍ଷତି କରିଅଛି । ଚଳିତମାସ ତାଂ— ରିଖରେ ବଢି ଆରମ୍ଭ ହେଲା । ବୈତରଣୀ ଉଦ୍ଧକନର ବାଉକମାଷ୍ଟର ସାହେବ ବନ୍ଧ ରକ୍ଷା କରିବାରେ ତତ୍ପର ହେଲେ ମାତ୍ର ନଦୀ ଏପରି ଚଞ୍ଚଳ ବଢିଲା ଯେ ତାଙ୍କର ଉପାୟମାନ ବିଫଳ ହେଲା । ଦେଖୁଁ ୨ ନଦୀ ଉଚ୍ଛୁଳିପଡ଼ି ବନ୍ଧ ଭାଙ୍ଗି ଦେଲା । ତାଙ୍କର କେତେକ କର୍ମଚାରୀ ବୃକ୍ଷଉପରେ ଚଢି ପ୍ରାଣ ରକ୍ଷା କଲେ ସେମାନଙ୍କ ଦିନେ ଗଛ ଉପରେ ରହିବାକୁ ପଡ଼ିଥିଲା ସାହେବ ନୌକା ଅଣାଇ ସେମାନଙ୍କୁ ଉଦ୍ଧାର କଲେ । ଏଥିପୂର୍ବ ସର୍ବୋଚ୍ଚ ବଢି ଅପେକ୍ଷା ଏଥର ଚାରିଫୁଟ ଜଳ ଅଧିକ ହୋଇଥିଲା । ଏବଡ଼ା ଜଳବନ୍ଦ ରହି ଛାଡ଼ିବାର ଆରମ୍ଭ ହେଲା । ଏଥିରେ ନଦୀବନ୍ଧ ଓ ନାଲବନ୍ଧସବୁ ଓ ସଡ଼କ ଅନେକ ସ୍ଥାନରେ ଭାଙ୍ଗିଅଛି, ଅକ୍ଷୟପଦା କୋଠି ଓ ବଜାର ଭାସି ଯାଇଅଛି ଅଉ କେଉଁଠାରେ କେତେ କ୍ଷତି ହୋଇଅଛି ନିଶ୍ଚୟ ଜଣାଯାଇ ନାହିଁ ମାତ୍ର ଅନେକ ଗ୍ରାମ ନଷ୍ଟ ହୋଇଥିବାର ଅନୁମାନ ହୋଇଅଛି । ନାଲ ଓ ବନ୍ଧ ଉଭୟ ଇଲାକାର କାର୍ଯ୍ୟ ବିପରିମାଣରେ କ୍ଷତ ହୋଇଅଛି ତାହା ଦେଖିବାନିମନ୍ତେ ସୁପ୍ରିଣ୍ଟେଣ୍ଡିଙ୍ଗ ଇଞ୍ଜିନିୟର ଓକିଲସାହେବ ସ୍ୱୟଂ ଗସ୍ତକୁ ଯାଇଅଛନ୍ତି ।

---

ଏବର୍ଷ ପୁରୀର ରଥଯାତ୍ରା ଅତି ସାମାନ୍ୟରୂପେ ହୋଇଅଛି । ଯାତ୍ରୀଙ୍କ ସଂଖ୍ୟା ଅତ୍ୟନ୍ତ ଊଣା ଓ ଗୋବିନ୍ଦଦ୍ୱାଦଶୀ ସମୟରେ ଏବର୍ଷ ଅନେକ ଯାତ୍ରୀ ଆସିଥିବାରୁ ଏପରି ଘଟିଅଛି । ସ୍ନାନଯାତ୍ରା ପର୍ଯ୍ୟନ୍ତ ପ୍ରାୟ ୨ ୩ ହଜାର ଯାତ୍ରୀ ହୋଇଥିଲେ ଓ ତହିଁଉତ୍ତାରୁ ଅନୁମାନିକ ୫।୬ ହଜାର ଆସିଲେ ମୋଟରେ ଗୁଣ୍ଡିଚା ବେଳକୁ ଦଶହଜାର ଯାତ୍ରୀ ସୁଦ୍ଧା ଏକତ୍ରିତ ହୋଇ ନ ଥିଲେ । ଯାତ୍ରୀ ଅଧିକ ନ ହେବାରୁ ଘର ଭଡ଼ା ଅନେକ ସସ୍ତା ହୋଇଥିଲା ଏମନ୍ତ କି ଗତ ବର୍ଷ ତାହା ଏକଟଙ୍କାରୁ ପାଞ୍ଚଟଙ୍କା ପର୍ଯ୍ୟନ୍ତ ହେବା ସ୍ଥଳେ ଏବର୍ଷ ଦୁଇଅଣାଠାରୁ ଦୁଇଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ସୁତରାଂ ଯାତ୍ରିଙ୍କର ବସ୍ତୁ ବିଷୟରେ ସୁବିଧା ହୋଇଥିଲା ଓ ରୋଗର ପ୍ରାଦୁର୍ଭାବ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ନବଯୌବନ ଦର୍ଶନ ସକାଶେ ପ୍ରାତଃକାଳରୁ ମନ୍ଦିରର ଦ୍ୱାର ଫିଟିଲା ଓ ବାବୁ କମଳନାଥ ଘୋଷ ଦର୍ଶନ କରିବାର ଝର ପାଇଥିଲେ । ଦୁଇଘଣ୍ଟା ମଧ୍ୟରେ ସମସ୍ତ ଯାତ୍ରୀ ସୁଖରେ ଦର୍ଶନ କରି ଚାଲିଗଲେ । ମାତ୍ର ଗୁଣ୍ଡିଚା ଯାତ୍ରାରେ ଅତ୍ୟନ୍ତ ବିଳମ୍ବ ହୋଇଥିଲା । ରଥମାନ ନିର୍ମିତ ହୋଇ ପୂର୍ବଦିନରୁ ସିଂହଦ୍ୱାରରେ ପ୍ରସ୍ତୁତ ରହିବାର କଥା କିନ୍ତୁ ଏବର୍ଷ ଗୁଣ୍ଡିଚା ଯାତ୍ରାଦିନ ଅପରାହ୍ଣ କାଳ ପର୍ଯ୍ୟନ୍ତ ତାହା ହୋଇ ନ ଥିଲା । ରଥ ଶୀଘ୍ର ପ୍ରସ୍ତୁତ ନ ହେବାରୁ ଓ ଅନ୍ୟାନ୍ୟ କାରଣରୁ ମହାପ୍ରଭୁମାନେ ରଥକୁ ବିଜେ ହେଉ ୨ ପ୍ରାୟ ରାତ୍ର ଶେଷ ହୋଇଗଲା । ଏ ବିଷୟରେ ଯେତେ ବିଶୃଙ୍ଖଳା ଘଟିଅଛି ସେ ସମସ୍ତ ମହାରଜାଙ୍କର ଅଥବା ତାହାଙ୍କ କର୍ମଚାରୀଙ୍କର ତ୍ରୁଟିରୁ ହୋଇଅଛି ବୋଲିବାକୁ ହେବ । ପୂର୍ବରୁ ସତର୍କ ହୋଇ କାର୍ଯ୍ୟ କରିଥିଲେ ଯଥାସମୟରେ ସମସ୍ତ ବିଷୟ ସମ୍ପାଦିତ ହୋଇ ପାରନ୍ତା ।

ତା ୧୩ ରଖ ଶୁକ୍ରବାର କେବଳ ରଥ ଟଣା ହେଲା ତହିଁ ଉପରନ୍ତ ବଳଦେବଙ୍କ ରଥ ଟଣା ହେବାରୁ କିଛିଦୂର ଆସି କାଶୀନାଥ ମଲ୍ଲିକ ବାଟା କୋଠା ଉଠିଥିବା ଗୃହ ଓ ବଣିଆର କିଛି ପରିମାଣ ଲାଗିବାରୁ ସେ ଦିନ ସେ ରଥ ବନ୍ଦ ହୋଇ ସୁଭଦ୍ରାଙ୍କ ରଥ ଟଣା ହୋଇ ମାଉସୀମା ଘର ପର୍ଯ୍ୟନ୍ତ ଚାଲିଗଲା ।

ତା ୧୪ ରଖ ଶନିବାର ଉପରନ୍ତ ବଳଦେବଙ୍କ ରଥ ଟଣା ହୋଇ ହାବସ ଜାଲ ପର୍ଯ୍ୟନ୍ତ ଗଲା ।

ତା ୧୫ ରଖ ରବିବାର ଉପରନ୍ତ ଜଗନ୍ନାଥଙ୍କ ରଥ ଟଣା ହୋଇ ଗଣେଶ ବୃକ୍ଷ ପର୍ଯ୍ୟନ୍ତ ଗଲା ଇତି ।

---

## ପୁରୀମନ୍ଦିରର ଶାସନ ।

ଗତ ଗୋବିନ୍ଦଦ୍ୱାଦଶୀ ସମୟରେ ପୁରୀକ୍ଷେତ୍ର ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ କେତେ ଗୁଡ଼ିଏ ଯାତ୍ରୀ ଭିଡ଼ରେ ମରି ପଡ଼ିବାରୁ ଗବର୍ଣ୍ଣମେଣ୍ଟଙ୍କ ଆଦେଶାନୁସାରେ ଶ୍ରୀଯୁକ୍ତ କମିଶନର ଶାମସ୍ ସାହେବ ତହିଁର ଅନୁସନ୍ଧାନ କରିଥିଲେ । ଅନୁସନ୍ଧାନର ଫଳ କ ହୋଇଥିଲା ଅଦ୍ୟାପି ପ୍ରକାଶ ପାଇ ନାହିଁ ମାତ୍ର ଗବର୍ଣ୍ଣମେଣ୍ଟ କେତ୍ରିପୁ ପୁରୀର ସନ୍ଥାଳ ପ୍ରତି ଯେଉଁ ଆଜ୍ଞା ଦେଇଅଛନ୍ତି ତହିଁରୁ ଅନୁମାନ ହୁଅଇ ଯେ ମହାରାଜାଙ୍କର ତତ୍ତ୍ୱାବଧାରଣ ଦୋଷରୁ ଉକ୍ତ ଦୁର୍ଘଟନା ଘଟିଥିବାର ସ୍ଥିର ହୋଇଅଛି । ଏଥିପାଇଁ ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି କି ମହାରାଜା ପୁରୀ ମନ୍ଦିର ମଧ୍ୟରେ ଯାତ୍ରୀଙ୍କ ପ୍ରବେଶ ରକ୍ଷା ଓ ଦର୍ଶନ କାର୍ଯ୍ୟମାନ ସୁନ୍ଦରରୂପେ

Digitized by srujanika@gmail.com